E-ISSN No. 3049-2807(O)
January 2026 . Vol- II . Issue- I

# ବିନ୍ଦୁ ବିମର୍ଶ

BINDU BIMARSHA...

ଜାନୁଆରୀ - ମାର୍ଚ୍ଚ ୨୦୨୬

QUARTERLY, PEER REVIEWED



# ବିନ୍ଦୁ ବିମର୍ଶ
BINDU BIMARSHA

ସମୀକ୍ଷିତ ଗବେଷଣାତ୍ମକ ଓଡ଼ିଆ ପତ୍ରିକା

ପ୍ରଥମ ବର୍ଷ, ଚତୁର୍ଥ ସଂଖ୍ୟା
ଜାନୁଆରୀ - ମାର୍ଚ୍ଚ ୨୦୨୬

**Volume No:.** I, **Issue No:.** IV
JANUARY-MARCH 2026

ପ୍ରତିଷ୍ଠାତା, ସମ୍ପାଦକ ଓ ପ୍ରକାଶକ
ଡ. ସୌମ୍ୟଜିତ୍ ପଣ୍ଡା

**Founder, Editor & Publisher**
Dr. Soumyajit Panda

## BINDU BIMARSHA

**ISSN:**3049-2807(O)


***BINDU BIMARSHA*** is a quarterly, peer-reviewed online & print academic journal edited and published by **Dr. Soumyajit Panda** since **2025**. The journal publishes original research and scholarly articles in **Odia language**, **literature**, **folk culture**, **comparative literature**, **literary theory** and research methodology with a focus on **region responsive research**. The publication maintains a rigorous peer-review process and adheres to established academic and ethical standards, continuing its print edition from **2025 to the present**.


**City of publication:** Jajpur ‖ **Language of publication:** Odia ‖ **Year of publication:** 2025



**Permanent Official Address**

At- Karajanga, Po- Rajendrapur, Ps-Kuakhia, Via– Kabirpur Dist- Jajpur, State-Odisha, Pin- 755009

**Contact**

Email_ID: bindubimarsha@gmail.com Mobile No. 9439515579

## ସମ୍ପାଦକ ମଣ୍ଡଳୀ

**ଡ. ସୌମ୍ୟଜିତ୍ ପଣ୍ଡା**
ସହାୟକ ଅଧ୍ୟାପକ, ଦୂରନ୍ତର ଶିକ୍ଷାକେନ୍ଦ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ବନଜା ବାସିନୀ ବାରିକ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

**ଡ. ବିପ୍ଳବ ରଞ୍ଜନ ପ୍ରଧାନ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଏସ୍.କେ.ସି. ଜି. ସ୍ୱୟଂଶାସିତ ମହାବିଦ୍ୟାଳୟ,
ଗଜପତି

**ଡ. ପ୍ରହ୍ଲାଦ ଖିଲ୍ଲା**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ପ୍ରୀତିରଞ୍ଜନ ମାଝୀ**
ସହାୟକ ଅଧ୍ୟାପକ, ସଂସ୍କୃତ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ମନୀଷା ସାହୁ**
ଓଡ଼ିଆ ଅଧ୍ୟାପକ
ଇସ୍ପାତ ମହାବିଦ୍ୟାଳୟ, ରାଉଲକେଲା

**ଡ. ମନୋରଞ୍ଜନ ସାହୁ**
ଓଡ଼ିଆ ବିଭାଗ ମୁଖ୍ୟ,
ବ୍ରାହ୍ମଣୀ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

**ଡ ଶାନ୍ତନୁ କୁମାର ନାୟକ**
ଓଡ଼ିଆ ଅଧ୍ୟାପକ
ଭଦ୍ରକ ମହିଳା ମହାବିଦ୍ୟାଳୟ , ଭଦ୍ରକ

**ଚିନ୍ମୟ ସାମଲ**
ଓଡ଼ିଆ ଅଧ୍ୟାପକ,
ପଟ୍ଟାମୁଣ୍ଡେଇ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

## Editorial Board

**Dr. Soumyajit Panda**
Assistant Professor, (CDOE),
Fakir Mohan University, Balasore

**Dr. Banaja Basini Barik**
Assistant Professor, Department of Odia,
Bhadrak Autonomous College, Bhadrak

**Dr. Biplab Ranjan Pradhan**
Assistant Professor, Department of Odia,
S.K.C.G. Autonomous College, Gajapati

**Dr. Prahlad Khilla**
Assistant Professor, Department of Odia,
Fakir Mohan University, Balasore

**Dr. Pritiranjan Majhi**
Assistant Professor, Department of Sanskrit, Fakir Mohan University, Balasore

**Dr. Manisha Sahu**
Lecturer in Odia,
Ispat College, Rourkela

**Dr. Manoranjan Sahu**
Head, Department of Odia,
Brahmani College, Kendrapada

**Dr. Shantanu Kumar Nayak**
Lecturer in Odia,
Bhadrak Women's College, Bhadrak

**Chinmaya Samal**
Lecturer in Odia,
Pattamundai College, Kendrapada

## ଉପଦେଷ୍ଟା ଓ ସମୀକ୍ଷକ ମଣ୍ଡଳୀ


### ପ୍ରଫେସର ନାରାୟଣ ସାହୁ

ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

### ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ

ସଂଯୁକ୍ତ ପ୍ରଫେସର, ଓଡ଼ିଆ ବିଭାଗ ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

### ପ୍ରଫେସର ମନୋରଞ୍ଜନ ପ୍ରଧାନ

ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

### ପ୍ରଫେସର ଦେବାଶିଷ ପାତ୍ର

ବିଭାଗ ମୁଖ୍ୟ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

### ପ୍ରଫେସର ସନ୍ତୋଷ କୁମାର ରଥ

ସଂସ୍କୃତି ଅଧ୍ୟୟନ ବିଭାଗ
ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

### ଡ. ଗୋପୀନାଥ ବାଗ

ସହାୟକ ଅଧ୍ୟାପକ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

### ଡ. ଜୟନ୍ତ କୁମାର ଦାସ

ସହାୟକ ଅଧ୍ୟାପକ,
ଫକୀରମୋହନ ବିଶ୍ୱବିଦ୍ୟାଳୟ,ବାଲେଶ୍ୱର

### ଡ. ଇନ୍ଦ୍ରମଣି ସାହୁ

ସହାୟକ ଅଧ୍ୟାପକ,
ବିଶ୍ୱଭାରତୀ, ଶାନ୍ତିନିକେତନ

### ଡ. ପରୀକ୍ଷିତ ଭୋଇ

ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

### ଡ. କଳ୍ପତରୁ ନାୟକ

ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ


## Advisory and Review Board


### Professor Narayan Sahu

Retired Professor, Department of Odia,
Utkal University, Bhubaneswar

### Professor Krushna Chandra Pradhan

Associate Professor, Department of Odia,
Fakir Mohan University, Balasore

### Professor Manoranjan Pradhan

Retired Professor, Department of Odia,
Visva-Bharati University, Santiniketan

### Professor Debashish Patra

Head, Department of Language and Literature, Fakir Mohan University, Balasore

### Professor Santosh Kumar Rath

Department of Cultural Studies,
Siksha 'O' Anusandhan University,
Bhubaneswar

### Dr. Gopinath Bag

Assistant Professor,
Sambalpur University, Sambalpur

### Dr. Jayanta Kumar Das

Assistant Professor,
Fakir Mohan University, Balasore

### Dr. Indramani Sahu

Assistant Professor,
Visva-Bharati University, Santiniketan

### Dr. Parikshit Bhoi

Assistant Professor, Department of Odia,
Gangadhar Meher University, Sambalpur

### Dr. Kalpataru Nayak

Assistant Professor, Department of Odia,
Adarsha Degree College, Boudh

## ଆମ ବିଷୟରେ

- ବିନ୍ଦୁ ବିମର୍ଶ ଏକ ତ୍ରୈମାସିକ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଆଧାରିତ ସମାଲୋଚନାଧର୍ମୀ ପତ୍ରିକା ।
- ଏଣୁ ଏଥିରେ କୌଣସି ପ୍ରକାର ସର୍ଜନାତ୍ମକ ରଚନା (ଗଳ୍ପ, କବିତା, ଉପନ୍ୟାସ, ଅନୁବାଦ ବା ନାଟକ ଆଦି) ଗ୍ରହଣୀୟ ନୁହେଁ।
- ଏହି ପତ୍ରିକା ମଧ୍ୟରେ କେବଳ ଓଡ଼ିଆ ଭାଷାରେ ରଚିତ ସାହିତ୍ୟ ଓ ସଂସ୍କୃତି ଆଧାରିତ ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶ ହେବ ।
- ଏହା ବ୍ୟତୀତ ଏହି ପତ୍ରିକାରେ ପୁସ୍ତକ ସମୀକ୍ଷା ଓ ଗବେଷକମାନଙ୍କ ସହିତ ହୋଇଥିବା ପତ୍ରାଳାପ ଓ ଲିଖିତ ସାକ୍ଷାତକାର ସ୍ଥାନ ପାଇବ ।
- ପତ୍ରିକାଟି କେବଳ ମୌଳିକ ସମାଲୋଚନାପାଇଁ ଉଦ୍ଦିଷ୍ଟ । ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ଲେଖା ଏଥିରେ ଗ୍ରହଣୀୟ ହେବନାହିଁ।
- ଲେଖାଗୁଡ଼ିକ କେବଳ ୟୁନିକୋଡ଼ ଅକ୍ଷରରେ ଓ ମାଇକ୍ରୋସଫ୍ଟ ୱାର୍ଡ଼ ଫାଇଲରେ ଗ୍ରହଣୀୟ।
- ଲେଖାର ଅକ୍ଷର ଓଡ଼ିଆ କଳିଙ୍ଗ ଲିପିରେ ରହିବା ଆବଶ୍ୟକ।
- ଲେଖାର ନାମ ୧୬(ବୋଲ୍ଡ), ଲେଖକଙ୍କର ନାମ ୧୩(ବୋଲ୍ଡ) ଓ ତାଙ୍କର ଠିକଣା ୧୧ ଅକ୍ଷର ସାଇଜରେ ରହିବ। ଏହା ସହିତ ଆଲୋଚନାଟି ୧୨ ଅକ୍ଷର ସାଇଜରେ ରହିବ । ଆଲୋଚନା ମଧ୍ୟରେ ଉପଶୀର୍ଷକ ଥିଲେ ଏହା ୧୨ ବୋଲ୍ଡ ଅକ୍ଷର ସାଇଜରେ ରହିବା ବିଧେୟ ।
- ଏହା ଏକ ଦେୟମୁକ୍ତ ପ୍ରକାଶନ ମଞ୍ଚ ଏଣୁ ସମୀକ୍ଷକ ଓ ସମ୍ପାଦକମଣ୍ଡଳୀଙ୍କର ଅନୁମୋଦନ ପରେ ଲେଖାଟି ପ୍ରକାଶ ପାଇବ ।
- ଏହା ତ୍ରୈମାସିକ ଆଧାରରେ ପ୍ରକାଶ ପାଉଥିବାରୁ ଲେଖା ପଠାଇବା ପରେ ପ୍ରେରକଙ୍କୁ ୬ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ ।
- ପ୍ରବନ୍ଧ ପ୍ରେରଣ ସମୟରେ ଲେଖକ ପ୍ରକାଶକଙ୍କୁ ଲେଖାଟି ପ୍ରକାଶ କରିବାପାଇଁ ନିଜର ସ୍ୱୀକୃତି ପତ୍ର ପ୍ରେରଣ କରିବା ଅନିବାର୍ଯ୍ୟ । ଏହା ବିନା ଲେଖାଟି ଗ୍ରହଣୀୟ ନୁହେଁ ।

**-ସମ୍ପାଦକ ମଣ୍ଡଳୀ**

## About Us.

- Bindu Bimarsha is a quarterly Odia literary and cultural criticism magazine. Therefore, it does not accept any form of creative writing such as stories, poems, novels, translations, or plays Etc .
- This magazine publishes research-based articles focused on literatur and culture written only in the Odia language.
- Additionally, the magazine includes book reviews, written interviews, and correspondences with researchers.
- The magazine is dedicated solely to original critiques. Previously published works are not accepted.
- Submissions must be made in Unicode font and in Microsoft Word format.
- The articles should be written in the Odia Kalinga script.
- The title of the article should be in 16-point bold font, the author's name in 13 -point bold font, and the address in 11-point font. The body of the discussion should be in 12-point font. If there are subheadings within the article, they should be in 12-point bold font.
- This is a non-commercial publication platform, and articles are published only after approval from the reviewers and editorial board.
- As the magazine is published quarterly, contributors are requested towait up to 6 months after submission.
- At the time of submission, the author must send a consent letter authorizing the publisher to publish the article. Without this letter, the submission will not be accepted.

**-Editorial Board**

## ଗବେଷଣାରେ ସନ୍ଦର୍ଭିକରଣ: ସମସ୍ୟା ଓ ନିରାକରଣ

ବିବୁଧେ, ଗବେଷଣା କେବଳ ନୂତନ ତଥ୍ୟ ଉଦ୍‌ଘାଟନ କିମ୍ବା ନୂଆ ମତ ପ୍ରତିଷ୍ଠାର ପ୍ରୟାସ ନୁହେଁ। ଏହା ଉତ୍ତର ପିଢି ସହ ଏକ ଦୀର୍ଘକାଳୀନ ଜ୍ଞାନ ପରମ୍ପରା ସ୍ଥାପନ ଓ ଏକ ସଚେତନ ତଥ୍ୟ ନିଷ୍ଠ ସଂବାଦର ମାଧ୍ୟମ। ପୂର୍ବରୁ ଯାହା ଅନୁସନ୍ଧାନ ଯାଇଛି, ଲେଖାଯାଇଛି ଓ ଯାହା ଚିନ୍ତା କରାଯାଇଛି, ତାହା ସହ ପରିଚିତ ନହୋଇ କୌଣସି ଗବେଷଣା ଶାସ୍ତ୍ରୀୟ ମାନ୍ୟତା ଲାଭ କରିପାରେନାହିଁ। ଏଣୁ ଗବେଷଣାକୁ ସ୍ୱଚ୍ଛ, ପ୍ରାମାଣିକ ଓ ନୀତିଗତ ଭାବେ ଚିହ୍ନିତ କରିବାର ଏକମାତ୍ର ଉପାୟ ହେଉଛି ସନ୍ଦର୍ଭର ଉଲ୍ଲେଖ (Citation) କରିବା। ସେହି କାରଣରୁ ସନ୍ଦର୍ଭିକରଣକୁ ଗବେଷଣାର ମୂଳ ଆଧାର ବୋଲି କୁହାଯାଏ।

ସନ୍ଦର୍ଭିକରଣ (Citation) ଗବେଷଣାକୁ ବ୍ୟକ୍ତିଗତ ମତାମତର ସୀମାରୁ ବାହାର କରି ଏକ ସାମୂହିକ ବୌଦ୍ଧିକ ପ୍ରକ୍ରିୟାର ଅଂଶ ଭାବରେ ପରିଚୟ ପ୍ରଦାନ କରେ। ଯେତେବେଳେ ଗବେଷକ ନିଜ ମତକୁ ପୂର୍ବତନ ଗବେଷକଙ୍କ କାର୍ଯ୍ୟ ସହ ସମନ୍ୱିତ କରନ୍ତି, ସେତେବେଳେ ଗବେଷଣା ଏକାକୀ ପ୍ରଜ୍ଞାର ଚିନ୍ତନ ନୁହେଁ, ବରଂ ଜ୍ଞାନର ଏକ ଅବିରତ ଧାରାରେ ପରିଣତ ହୁଏ। ଏହି ଧାରାର ମୂଳ ସୂତ୍ର ହେଉଛି ସନ୍ଦର୍ଭିକରଣ, ଯାହା ଗବେଷଣାକୁ ଐତିହ୍ୟ, ପରମ୍ପରା ଓ ଆଧୁନିକତା ସହ ସଂଯୁକ୍ତ କରେ।

ସନ୍ଦର୍ଭିକରଣର ଆଉ ଗୋଟିଏ ମୂଳ ଭୂମିକା ହେଉଛି ଗବେଷଣାର ପ୍ରାମାଣିକତା ପ୍ରତିଷ୍ଠାପନ। ଗବେଷଣାରେ ଯେତେବେଳେ କୌଣସି ତଥ୍ୟ, ଧାରଣା କିମ୍ବା ନିଷ୍କର୍ଷ ଦିଆଯାଏ, ସେତେବେଳେ ଯଥାଯଥ ସନ୍ଦର୍ଭ ଦେବା ଆବଶ୍ୟକ। Citation ମାଧ୍ୟମରେ ପାଠକ ଜାଣିପାରେ ଯେ ଏହି ତଥ୍ୟ କେଉଁ ସ୍ରୋତରୁ ଗୃହୀତ, ଏବଂ ଆବଶ୍ୟକ ହେଲେ ସେହି ସ୍ରୋତକୁ ପୁନଃପରୀକ୍ଷା ମଧ୍ୟ କରିପାରେ। ଏହି ପୁନରାବଲୋକନର ସମ୍ଭାବନା ଗବେଷଣାକୁ ବୈଜ୍ଞାନିକ ଓ ଭରସାଯୋଗ୍ୟ କରେ।

ଏହା ସହିତ ଏହା ଗବେଷଣା ନୀତିର ଏକ ମୂଳ ଆଧାର। ସନ୍ଦର୍ଭର ଅଭାବରେ ତଥ୍ୟଗତ ତ୍ରୁଟି ଓ ବୌଦ୍ଧିକ ଚୋରି ବଢ଼ାଇଥାଏ। କେହି ଯଦି ଅନ୍ୟର ମତ ଓ ଗବେଷଣାକୁ ନିଜର ବୋଲି ପ୍ରଦର୍ଶିତ କରନ୍ତି ତେବେ ଏହା ଗବେଷଣା ପରମ୍ପରାରେ ଅନୀତିର ସବୁଠାରୁ ଗୁରୁତର ରୂପ ବୋଲି ବିବେଚନା କରାଯାଏ। ସୁସଂଗତ ସନ୍ଦର୍ଭିକରଣ ଏହି ଅନୀତିରୁ ଗବେଷକଙ୍କୁ ସୁରକ୍ଷା ପ୍ରଦାନ କରେ ଏବଂ ତାଙ୍କର ବୌଦ୍ଧିକ ସତ୍ୟନିଷ୍ଠାକୁ ସ୍ଥାପିତ କରେ। ଏହି ସମସ୍ତ ଦୃଷ୍ଟିକୋଣରୁ ଦେଖିଲେ, Citationକୁ କୌଣସି ଔପଚାରିକ ନିୟମ କିମ୍ବା ଅତିରିକ୍ତ କାର୍ଯ୍ୟ ଭାବେ ନୁହେଁ, ଗବେଷଣାର ଅବିଭାଜ୍ୟ ଅଂଶ ଭାବେ ବୁଝିବା ଆବଶ୍ୟକ। Citation ହେଉଛି ସେହି ଆଧାର, ଯାହା ଉପରେ ଗବେଷଣାର ସଠିକ୍ ମୂଲ୍ୟ, ମର୍ଯ୍ୟାଦା ଓ ଭବିଷ୍ୟତ ନିର୍ଭର କରେ।

ଓଡ଼ିଆ ଭାଷା ଓ ସାହିତ୍ୟ ଗବେଷଣାର ଅନ୍ତର୍ନିହିତ ଶକ୍ତି ପ୍ରବଳ ଥିବା ସତ୍ତ୍ୱେ ଯେଉଁ ସମସ୍ୟାଟି ଏହାର ଗବେଷଣାତ୍ମକ ଶାସ୍ତ୍ରୀୟ ଯାତ୍ରାକୁ ସବୁଠାରୁ ଅଧିକ ବାଧାପ୍ରାପ୍ତ କରିଛି, ତାହା ହେଉଛି ଏକ ସର୍ବସ୍ୱୀକୃତ ଓ ମାନକ Citation ପ୍ରଣାଳୀର ଅଭାବ। ଆଧୁନିକ ଗବେଷଣାତ୍ମକ ପରମ୍ପରାରେ MLA, APA କିମ୍ବା Chicago ପରି Citation ଶୈଳୀଗୁଡ଼ିକ କେବଳ ତଥ୍ୟ ଉଲ୍ଲେଖର ଉପକରଣ ନୁହେଁ; ସେଗୁଡ଼ିକ ଗବେଷଣାର ନୀତିଗତ ଶିଷ୍ଟାଚାର, ସ୍ୱଚ୍ଛତା ଓ ବୈଜ୍ଞାନିକ ଭରସାଯୋଗ୍ୟତାର ଆଧାର। କିନ୍ତୁ ଓଡ଼ିଆ ଗବେଷଣାରେ ଏହି ଶୈଳୀଗୁଡ଼ିକର ସୁସଂଗଠିତ ଓ ଭାଷାସମ୍ମତ ଅନୁକୂଳନ ନଥିବାରୁ Citation ଏପର୍ଯ୍ୟନ୍ତ ଏକ ଅବ୍ୟବସ୍ଥିତ ଓ ଅନିର୍ଦ୍ଧାରିତ କ୍ଷେତ୍ର ହୋଇ ରହିଛି।

ଏହି ମାନକ ଅଭାବର ପ୍ରଥମ ପ୍ରଭାବ ଦେଖାଯାଏ Citationରେ ଅସମନ୍ୱୟ ରୂପେ। ଏକ ପୁସ୍ତକ କିମ୍ବା ଏକ ଲେଖକଙ୍କୁ ଭିନ୍ନ ଭିନ୍ନ ଗବେଷଣାରେ ଭିନ୍ନ ଭିନ୍ନ ଭାବରେ ଉଲ୍ଲେଖ କରାଯାଉଛି। କେଉଁଠି ପ୍ରକାଶନ ବର୍ଷ ଅନୁପସ୍ଥିତ, କେଉଁଠି ପ୍ରକାଶକଙ୍କ ନାମ ନାହିଁ, କେଉଁଠି ଲେଖକ ନାମର କ୍ରମ ଭିନ୍ନ। ଏପରି ଅସମନ୍ୱୟ ଗବେଷଣାର ଏକରୂପତାକୁ ଭଙ୍ଗ କରେ ଓ ତାହାର ମୂଲ୍ୟାଙ୍କନୀୟତାକୁ ଗୁରୁତର ଭାବେ ପ୍ରଭାବିତ କରେ। ବିବୁଧେ, ଆମର ଏକ ବର୍ଷର ଗବେଷଣାତ୍ମକ ପ୍ରକାଶନ ଯାତ୍ରାରେ ଆମେ ମଧ୍ୟ ଏହି ସମସ୍ୟାର ଶିକାର ହୋଇଛୁ। ଏହାକୁ ସୁଧାରିବା ପାଇଁ ଚେଷ୍ଟା ମଧ୍ୟ କରୁଛୁ।

ଦ୍ୱିତୀୟତଃ, ମାନକ ସନ୍ଦର୍ଭିକରଣ(Citation) ପ୍ରଣାଳୀ ନଥିବାରୁ ଗବେଷକମାନେ ଦିଗଭ୍ରମିତ ହେଉଛନ୍ତି। କେଉଁ

ସମ୍ପାଦକୀୟ

ଶୈଳୀ ଅନୁସରଣ କରିବେ?, କେଉଁ ଫର୍ମାଟ ଗ୍ରହଣଯୋଗ୍ୟ?, ଏହା ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ନଥିବାରୁ ଗବେଷଣା ବ୍ୟକ୍ତିଗତ ଅନୁମାନ ଓ ମାର୍ଗଦର୍ଶକ(Supervisor)ଙ୍କ ରୁଚି ଉପରେ ନିର୍ଭର କରୁଛି। ଯାହା ଗବେଷଣାକୁ ଶାସ୍ତ୍ରୀୟ ନୀତିଠାରୁ ଅଧିକ ବ୍ୟକ୍ତିକେନ୍ଦ୍ରିକ କରିପକାଉଛି।

ତୃତୀୟତଃ, ସନ୍ଦର୍ଭିକରଣ(Citation)ରେ ଅବ୍ୟବସ୍ଥା ଗବେଷଣା ଆନ୍ତର୍ଜାତୀୟ ଗ୍ରହଣଯୋଗ୍ୟତାକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରୁଛି। ଯେଉଁ ଗବେଷଣାର Citation ଶୈଳୀ ସ୍ପଷ୍ଟ ଓ ସମନ୍ୱିତ ନୁହେଁ, ସେଗୁଡ଼ିକୁ ଆନ୍ତର୍ଜାତୀୟ ଜର୍ନାଲ, ଡିଜିଟାଲ ଡାଟାବେସ୍ ଓ Indexing Platform ଗୁଡ଼ିକ ସହଜରେ ଗ୍ରହଣ କରୁନାହାନ୍ତି। ଫଳସ୍ୱରୂପ, ବିଷୟବସ୍ତୁରେ ସମୃଦ୍ଧ ହୋଇଥିଲେ ମଧ୍ୟ ଓଡ଼ିଆ ଗବେଷଣା ଆନ୍ତର୍ଜାତୀୟ ଗବେଷଣାତ୍ମକ ଶାସ୍ତ୍ରୀୟ ମଞ୍ଚରେ ଅଦୃଶ୍ୟ ହୋଇ ରହିଯାଉଛି।

Citation ସମସ୍ୟାର ଅନ୍ୟ ଏକ କାରଣ ହେଉଛି ସହାୟକ ଗ୍ରନ୍ଥସୂଚୀ(Bibliography) ପ୍ରଦାନରେ ଅବହେଳା। ଅନେକ ଓଡ଼ିଆ ପୁସ୍ତକ ଓ ପତ୍ରିକାରେ ପ୍ରକାଶନ ବର୍ଷ, ପ୍ରକାଶକ, ସଂସ୍କରଣ କିମ୍ବା ISBN/ISSN ପରି ମୌଳିକ ତଥ୍ୟ ଉଲ୍ଲେଖ ହୁଏନାହିଁ। ଏପରି ଅପୂର୍ଣ୍ଣ ଗ୍ରନ୍ଥସୂଚୀ ପରିଚୟ ଥିବା ଗ୍ରନ୍ଥକୁ ସଠିକ୍ ଭାବେ Cita କରିବା ଗବେଷକଙ୍କ ପାଇଁ ପ୍ରାୟ ଅସମ୍ଭବ ହୋଇଯାଏ।

ସେହିପରି ପାଣ୍ଡୁଲିପି ଓ ଅଭିଲେଖୀୟ ସ୍ରୋତ ମଧ୍ୟ ଏକ ଅଦୃଷ୍ଟ କ୍ଷେତ୍ର। ଭଣ୍ଡାର ନାମ, କ୍ୟାଟାଲଗ୍ ସଂଖ୍ୟା, ତାରିଖ ଓ ପୃଷ୍ଠା ସୂଚନା ଉଲ୍ଲେଖ ନ ହେବାରୁ ଏହି ସ୍ରୋତଗୁଡ଼ିକ ପୁନଃଯାଞ୍ଚଯୋଗ୍ୟ ରହୁନାହାନ୍ତି। ଏହା ଗବେଷଣାର ଐତିହାସିକ ସଠିକତାକୁ ପ୍ରଶ୍ନର କାଠଗଡ଼ାରେ ଠିଆ କରିଛି।

ଲୋକସାହିତ୍ୟ ଓ ମୌଖିକ ସ୍ରୋତରେ Citationର ନୀତିଗତ ସଙ୍କଟ ସବୁଠାରୁ ଗଭୀର। ସୂଚନାଦାତାଙ୍କ ପରିଚୟ, ସଂଗ୍ରହ ସ୍ଥାନ ଓ ସମୟ ଉଲ୍ଲେଖ ନକରିବା ମାନେ ସାମୁଦାୟିକ ଜ୍ଞାନକୁ ଅଦୃଶ୍ୟ କରିଦେବା। ଏହା ଶାସ୍ତ୍ରୀୟ ନୀତି ସହ ନୀତିଗତ ଦାୟିତ୍ୱକୁ ମଧ୍ୟ ଭଙ୍ଗ କରେ। ସେହିପରି ଡିଜିଟାଲ ସ୍ରୋତରେ ମଧ୍ୟ Citation ସମସ୍ୟା ନୂଆ ସଙ୍କଟ ଉପସ୍ଥାପିତ କରୁଛି। DOI ଅଭାବ, ଅସ୍ଥାୟୀ URL, ଲେଖକତ୍ୱ ଓ ପ୍ରକାଶନ ତାରିଖର ଅସ୍ପଷ୍ଟତା ଗବେଷଣାର ଦୀର୍ଘକାଳୀନ ଭରସାଯୋଗ୍ୟତାକୁ କ୍ଷୀଣ କରୁଛି। Citation ଶିକ୍ଷାର ଅଭାବ Plagiarism ସଙ୍କଟକୁ ଜନ୍ମ ଦେଉଛି। ସନ୍ଦର୍ଭ ଉଲ୍ଲେଖନ ନୀତି (Citation Ethics) ଓ Reference Management Tools ସମ୍ପର୍କରେ ପ୍ରାୟୋଗିକ ତାଲିମ ନଥିବାରୁ ଅନେକ ତ୍ରୁଟି ଅଜ୍ଞାନତାବଶତଃ ଘଟୁଛି।

ଏହି ସଙ୍କଟର ସମାଧାନପାଇଁ ଏକ ମାନକ ଓଡ଼ିଆ Citation Manual ତିଆରି ହେବ ଆବଶ୍ୟକ। ଏହା ସହିତ ପାଠ୍ୟକ୍ରମରେ ସନ୍ଦର୍ଭିକରଣ(Citation) ଓ ଗବେଷଣା ନୀତି(Research Ethics) ବିଷୟରେ ପଢାଯିବା ବାଧ୍ୟତା ମୂଳକ ହେବ ଆବଶ୍ୟକ। ଏତଦ୍ ବ୍ୟତୀତ ପ୍ରକାଶନ ପରମ୍ପରାର ସୁଧାର ଓ ସଂସ୍ଥାଗତ ଦାୟିତ୍ୱକୁ ଅତ୍ୟନ୍ତ ଗୁରୁତ୍ୱ ଦେବା ଆବଶ୍ୟକ। ସନ୍ଦର୍ଭିକରଣ (Citation) ସୁଧାର କୌଣସି ଅତିରିକ୍ତ କାମ ନୁହେଁ; ଏହା ଓଡ଼ିଆ ଗବେଷଣାର ଶାସ୍ତ୍ରୀୟ ଭବିଷ୍ୟତର ମୂଳ ଆଧାର। ଏଣୁ ଏହିପ୍ରତି ଆମର ବିଶେଷ ଧ୍ୟାନ ଓ ସଯତ୍ନ ପ୍ରଚେଷ୍ଟା ରହିବା ବିଧେୟ।

**-ସମ୍ପାଦକ**

ସୌମ୍ୟଜିତ୍ ପଣ୍ଡା

ବିନ୍ଦୁ ବିମର୍ଶ
BINDU BIMARSHA
ISSN No:. 3049-2807(O)
**Open Access, Peer Reviewed, Quarterly**
Volume No:. I, Issue No:. IV
**JANUARY – MARCH 2026**

# ଏହି ସଂଖ୍ୟାରେ...


| କ୍ର.ସଂ | ଶିରୋନାମା | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା** | | |
| ୧. | ରମେଶ ପାଣିଗ୍ରାହୀଙ୍କ ମହାନାଟକରେ ଲୋକନାଟକ ଶୈଳୀ ଓ ପ୍ରୟୋଗ | ଡ଼. ଆର୍ଯ୍ୟା କୁମାରୀ ପ୍ରଜ୍ଞାପାରମିତା | ୦୯-୧୩ |
| ୨. | ରାମଚନ୍ଦ୍ର ବେହେରାଙ୍କ ଉପନ୍ୟାସରେ ଖଳଚରିତ୍ର : ଏକ ଅଧ୍ୟୟନ | ରୋଜାଲିନ୍ ଜେନା | ୧୪-୧୭ |
| ୩. | ନାରୀ ଜୀବନର ଅଭେଦ୍ୟ କୋଠାରୀ : ଅଖିଳମୋହନଙ୍କ 'ସୁବର୍ଣ୍ଣମୟୀ' ଉପାଖ୍ୟାନ | ଶୁଭଶ୍ରୀ ମହାପାତ୍ର | ୧୮-୨୨ |
| ୪. | ନାଟ୍ୟ ସଫଳତାରେ ମଞ୍ଚର ଭୂମିକା | ସୁଦର୍ଶନ ସାହୁ | ୨୩-୨୬ |
| ୫. | ଭାରତୀୟ ପଲ୍ଲୀ ଜୀବନ : ଅତୀତ ଓ ବର୍ତ୍ତମାନ | ରଞ୍ଜନ କୁମାର ସେଠୀ | ୨୭-୩୩ |
| ୬. | ଏକବିଂଶ ଶତାବ୍ଦୀର ଓଡ଼ିଆ ପତ୍ରିକା ଜଗତରେ 'ସମକାଳ' : ଏକ ଆକଳନ | ରାଜସ୍ମିତା ସାହୁ | ୩୪-୪୧ |
| ୭. | ପ୍ରାବନ୍ଧିକ ଫକୀରମୋହନ : ଏକ ଆକଳନ | ସୁଶ୍ରୀ ସଙ୍ଗୀତ ସ୍ୱାଇଁ | ୪୨-୪୫ |
| ୮. | ଓଡ଼ିଆ ଉପନ୍ୟାସର ପ୍ରେକ୍ଷାପଟରେ 'ଓ ଏକାକୀ ଏବଂ ଜିଗୋଲୋ' : ଏକ ମୂଲ୍ୟାୟନ | ମାନସ କୁମାର ନାୟକ | ୪୬-୪୮ |
| ୯. | କଲ୍ଲୋଳେ କଲ୍ଲୋଳରେ ନାଟ୍ୟକାର ଶୈଳେଶ୍ୱର ନନ୍ଦଙ୍କ ସ୍ୱର | ସରୋଜ କୁମାର ଶତପଥୀ | ୪୯-୫୨ |
| ୧୦. | ଚୈତନ୍ୟ ଚରିତାମୃତ : ଶ୍ରୀରାଧା | ଡ଼. କଳ୍ପତରୁ ନାୟକ | ୫୩-୫୭ |


**ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ।**
ଇ-ମେଲ୍- bindubimarsha@gmail.com
ଫୋନ୍- +୯୧ ୯୪୩୯୫ ୧୫୫୭୯
www.bindubimarsha.in

**ବିନ୍ଦୁ ବିମର୍ଶ**
Bindu Bimarsha
**ISSN NO:. 3049-2807(O)**
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
**VOLUME NO: II, ISSUE NO: I ॥ JANUARY-MARCH 2026**

# ରମେଶ ପାଣିଗ୍ରାହୀଙ୍କ ମହାନାଟକରେ ଲୋକ ନାଟକ ଶୈଳୀର ପ୍ରୟୋଗ

**ଡ଼. ଆର୍ଯ୍ୟ କୁମାରୀ ପ୍ରଜ୍ଞାପାରମିତା**
ବିକ୍ରମପୁର, ଖାଲିକୋଟ, ଗଞ୍ଜାମ

**ARTICLE NO:** BB-II-I-2026-01

**ORC ID:** 0009-0007-0867-5319
**Review Status:** Double-Blind Peer Reviewed
**DOI:** 10.64647/bb.vol.2.issue.1.2026.1
**Language of the Article:** Odia
**E-Mail:** smartrupa2012@gmail.com
**Type of Article:** Research Article
**Submission Date:** 08-09-2025
**Publication Date:** 14-01-2026

**ABSTRACT ॥ ଅଂକ୍ଷିପ୍ତ ସାର**

ମହାନାଟକରେ ଗଞ୍ଜାମର ଦାସକାଠି ଗାୟକ ଓ ପାଳିଆ ଆସି ପ୍ରଥମେ ନାଟ୍ୟକଥାର ପ୍ରସ୍ତାବନା ଦେଲେ ଏବଂ ନାଟକର ବିଭିନ୍ନ ସ୍ତରରେ ସୂତ୍ରଧରର ଭୂମିକାରେ ଅବତୀର୍ଣ୍ଣ ହେଲେ । ଏହା ଭାରତୀୟ "ନଟନଟୀ, ସୂତ୍ରଧର" ପରମ୍ପରାର ଅନୁବର୍ତ୍ତନ । ଏଥି ସହିତ ଏହି ସୂତ୍ରଧର ମାନେ ନାଟକର ବିଦୂଷକ-୧ ଓ ବିଦୂଷକ-୨ ଭୂମିକାରେ ଚରିତ୍ର ଅଭିନୟ କରୁଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଚାଲିଥିବା ଗଣତନ୍ତ୍ର ସ୍ୱେଚ୍ଛାଚାର ଏବଂ ଏକଛତ୍ରବାଦୀ ଏହି ନାଟକର ରୂପକାତ୍ମକ ଭଙ୍ଗୀରେ ଉପସ୍ଥାପନ କରାଇ ଦିଆଯାଇଛି । ନାଟକସ୍ଥିତ ଘଟଣା ଓ ଚିତ୍ର ମୃତ ସମାଜର ତ୍ରୁଟିପୂର୍ଣ୍ଣ ଶାସନ ବ୍ୟବସ୍ଥା ପ୍ରତି ତୀବ୍ର ବିଦ୍ରୁପ ପ୍ରକାଶ ପାଇଛି । ଏଥିରେ ସମାଜବାଦପାଇଁ ଓ ତାହାର ପ୍ରତିଷ୍ଠା ବିରୁଦ୍ଧରେ ଶାଣିତ ସ୍ୱରଟିଏ ଅଛି। ଏହା ଅତି କଳାତ୍ମକ ଢ଼ଙ୍ଗରେ ପ୍ରକାଶ ପାଇଛି । ଏହି ନାଟକରେ ଫାର୍ସଟି ଏବଂ ଆଧୁନିକ କବିତାର ଏକ ରସାଳ ମିଶ୍ରଣ ଘଟିଛି ।

**ମୂଳ ଶବ୍ଦ:** ଓଡ଼ିଆ ନାଟକ, ଶାସନ ବ୍ୟବସ୍ଥା, ସୂତ୍ରଧର, "ଅବୁଝା ରାଜା ଓ ପାଳବିଣ୍ଡୁ ମନ୍ତ୍ରୀ,ଲୋକନାଟକ ଶୈଳୀ, ନାଟକରେ କବିତାର ପ୍ରୟୋଗ ।

ରମେଶ ପାଣିଗ୍ରାହୀଙ୍କ "ମହାନାଟକ" ତାଙ୍କର ସର୍ବଶ୍ରେଷ୍ଠ କୃତୀ । ସମାଲୋଚକମାନଙ୍କ ଭିତରେ ଶ୍ରେଷ୍ଠ ବିବେଚିତ ହୋଇଛି । ଏହି ନାଟକପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଛନ୍ତି। ଏହା କେବଳ ରମେଶ ପାଣିଗ୍ରାହୀଙ୍କ ସୃଜନ ମନନ ଭିତରେ ଶ୍ରେଷ୍ଠ ନୁହେଁ । ଏହା ସମଗ୍ର ଓଡ଼ିଆ ସାହିତ୍ୟରେ ଏକ ମୋଡ଼ ବୁଲାଣି। ଏହି ନାଟକଠାରୁ ଆଧୁନିକ ଓଡ଼ିଆ ନାଟକର ପରିବର୍ତ୍ତନ ଘଟିଛି। ସମଗ୍ର ନବନାଟ୍ୟ ଆନ୍ଦୋଳନର ମୋଡ଼ ପରିବର୍ତ୍ତନ କରି ଶ୍ରୀ ପାଣିଗ୍ରାହୀ ୧୯୭୧ରେ ରଚନା କଲେ 'ମହାନାଟକ' । ମହାନାଟକର ଗଞ୍ଜାମର ଦାସକାଠି ଗାୟକ ଓ ପାଳିଆ ଆସି ପ୍ରଥମେ ନାଟ୍ୟକଥାର ପ୍ରସ୍ତାବନା ଦେଲେ ଏବଂ ନାଟକର ବିଭିନ୍ନ ସ୍ତରରେ ସୂତ୍ରଧରର ଭୂମିକାରେ ଅବତୀର୍ଣ୍ଣ ହେଲେ । ଏହା ଭାରତୀୟ "ନଟନଟୀ, ସୂତ୍ରଧର" ପରମ୍ପରାର ଅନୁବର୍ତ୍ତନ । ଏଥି ସହିତ ଏହି ସୂତ୍ରଧରମାନେ ନାଟକର ବିଦୂଷକ-୧ ଓ ବିଦୂଷକ -୨ ଭୂମିକାରେ ଅଭିନୟ କରୁଛନ୍ତି । ଏକାଧାରରେ ସୂତ୍ରଧରରୁ ଚରିତ୍ରାଭିନେତା ଏବଂ ଚରିତ୍ରାଭିନେତାରୁ ସୂତ୍ରଧରକୁ ଫେରି ଆସିବା କାର୍ଯ୍ୟଟି ଭାରତର କୌଣସି ନାଟ୍ୟକାର କରିନାହାନ୍ତି । ମହାନାଟକରେ ଲୋକଧର୍ମୀ ଦାସକାଠି ଶୈଳୀର ପ୍ରୟୋଗ ଏବଂ ଏକ ଆଧୁନିକ ଫାର୍ସର ମାଧ୍ୟମରେ ସାଂପ୍ରତିକ ବଂଶାନୁକ୍ରମିକ ରାଜନୀତିର ଏକ ଦୁର୍ଭାଗ୍ୟଜନକ ଉତ୍ତରାଧିକାରୀ ସୂତ୍ରର ଶାସନ ବ୍ୟବସ୍ଥାକୁ ବ୍ୟଙ୍ଗାତ୍ମକ ଦୃଷ୍ଟିରେ ଦେଖିବାର ପରୀକ୍ଷା କରାଯାଉଅଛି । ପୁନଶ୍ଚ ମହାନାଟକର ନାୟିକା 'କେତକୀ ଗନ୍ଧା' ଓ ମାତୃତ୍ୱର ସ୍ୱପ୍ନକୁ ସାକାର କରିବାର କ୍ଷମତା ସମ୍ରାଟ ବଜ୍ରବାହୁଙ୍କର ନଥିବାରୁ ରାଣୀ "ଅବନ୍ତୀନଗରୁ" ଆସିଥିବା "ସ୍ୱପ୍ନ ସୌଦାଗର" ପାଖରୁ ମାତୃତ୍ୱର/ ଯୌନ ଉର୍ବରତାର କାଳ୍ପନିକ ସ୍ୱପ୍ନ କ୍ରୟ କରୁଛନ୍ତି । ସମଗ୍ର ଭାରତୀୟ ନାଟ୍ୟ ପରମ୍ପରାରେ ଏଭଳି ଏକ ନାଟକ ଲେଖାଯାଇନାହିଁ ।

ଲୋକନାଟ୍ୟ ଶୈଳୀର ଏହି ନାଟକରେ ଭାରତୀୟ ରାଜନୀତିରେ ଚାଲିଥିବା ଏକଛତ୍ରବାଦୀ ଶାସନର ଏହା ହେଉଛି ଏକ ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତି । ଏହି ନାଟକ ଓଡ଼ିଆ ଲୋକଧାରା "ଅବୁଝା ରାଜା ଓ ପାଳବିଣ୍ଡା ମନ୍ତ୍ରୀ" ଉପାଖ୍ୟାନ ପରି ହାସ୍ୟୋଦ୍ଦୀପକ । ଏହି ନାଟକରେ ରାଜା 'ବଜ୍ରବାହୁ' ତାଙ୍କର ୨ଜଣ ମନ୍ତ୍ରୀ ସବୁ ଅବାନ୍ତର ଆଦେଶ ଗୁଡ଼ିକୁ ପାଳନ କରି ଯିଏ ମନ୍ତ୍ରୀ ପଦବୀକୁ ବଜାୟ ରଖନ୍ତି । ତାଙ୍କ ନାମ ଶୀଳଭଦ୍ର ଏବଂ ନିଜର ବୌଦ୍ଧିକ ଶକ୍ତିକୁ ପ୍ରୟୋଗ କରି ସମଗ୍ର ରାଜ୍ୟକୁ ଯଥା ସମ୍ଭବନ୍ୟାୟ ଦେବାକୁ ସକ୍ଷମ ହୋଇଥିବା ମନ୍ତ୍ରୀ ହେଉଛନ୍ତି ବ୍ରହ୍ମଦତ୍ତ ।

ପ୍ରଥମଥର ପାଇଁ ଜଣେ ମୂର୍ଖ ରାଜା ତ ତାଙ୍କର ଗୋଡ଼ାଣିଆ ମନ୍ତ୍ରୀମାନଙ୍କର ଏକ ଚିତ୍ର ମିଳୁଛି । ଅବୋଲକରା କାହାଣୀମାନଙ୍କର

ଏବଂ ଓଡ଼ିଶାର ବିଭିନ୍ନ ଲୋକଗଳ୍ପମାନଙ୍କ ଏପରି ଅଗାଣ୍ଡିଆ ରାଜା ଓ ପାଳବିଣ୍ଡା ମନ୍ତ୍ରୀ ମାନଙ୍କ କାହାଣୀ ଦେଖିବାକୁ ମିଳିବ । ସେହି ଲୋକକଥା ଗୁଡ଼ିକୁ ଅବଲମ୍ବନ କରି ଡକ୍ଟର ପାଣିଗ୍ରାହୀ ମହାନାଟକର ରାଜା ବଜ୍ରବାହୁ ଚରିତ୍ର ଚିତ୍ରଣ କରିଛନ୍ତି । ବଜ୍ରବାହୁ ନିଜକୁ "ନରବିଷ୍ଣୁ " ବୋଲି ଭାବନ୍ତି । ସେ ଜଣେ ଏକଛତ୍ରବାଦୀ ସମ୍ରାଟ । ତାଙ୍କ ରାଜତ୍ୱ କାଳରେ ରାଜ୍ୟରେ ବର୍ଷା ହେଉନାହିଁ ତେଣୁ କୃଷି କ୍ଷେତ୍ରରେ ଦୁର୍ଭିକ୍ଷ ପଡ଼ିଛି । ଯେତେବେଳେ ବର୍ଷା ହେଉଛି ସହର ଓ ଗ୍ରାମାଞ୍ଚଳ ବନ୍ୟାରେ ବିଧ୍ୱସ୍ତ ହୋଇଯାଉଛି । ରାଜ୍ୟର ମୃତ୍ତିକା ଶୂନ୍ୟଗର୍ଭା ହୋଇଯାଇଛି । ଏହି ରାଜ୍ୟର ମୃତ୍ତିକା ଶୂନ୍ୟଗର୍ଭା ହୋଇଯାଇଛି । ଏହି ରାଜ୍ୟରେ ଯିଏ ଭୋକ ଉପାସରେ ରହି ରାଜାଙ୍କ ପାଖକୁ କିଛି ଖାଇବା ମାଗିବା ପାଇଁ ଆସେ ତାକୁ ରାଜା ଫାଶୀ ଦଣ୍ଡରେ ଦଣ୍ଡିତ କରାନ୍ତି ।

ଦିନେ ବଜ୍ରବାହୁଙ୍କ ରାଜଦରବାରକୁ ଜଣେ ମୃତବ୍ୟକ୍ତି ପହଞ୍ଚିଛନ୍ତି । ଏ ପର୍ଯ୍ୟନ୍ତ ଲେଖାଯାଇଥିବା ଓଡ଼ିଆ ନାଟକରେ ମୃତବ୍ୟକ୍ତିମାନଙ୍କୁ ଚରିତ୍ର ରୂପେ ଚିତ୍ରଣ କରାଯାଇନାହିଁ । ଏହା ସର୍ବପ୍ରଥମ ଅଟେ । ମହରାଜା ରାଜ୍ୟରେ ଅନାହାର ମୃତ୍ୟୁକୁ ସ୍ୱୀକାର କରିନାହାନ୍ତି । ସତ୍ୟର ଅପଳାପ କରିବା ଏବଂ ସତ୍ୟକୁ ସ୍ୱୀକାର ନକରିବା ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ବିଶେଷ ଭାବରେ ଆଲୋଚନା କରାଯାଇନାହିଁ । କିନ୍ତୁ ନାଟ୍ୟକାର ଏହି ପ୍ରସଙ୍ଗଟିକୁ ଏହି ନାଟକରେ ବ୍ୟଙ୍ଗାତ୍ମକ ଭାବରେ ଉପସ୍ଥାପନା କରିଛନ୍ତି । ବଜ୍ରବାହୁ ରାଜାଙ୍କ ଦରବାରକୁ ମୃତ ବ୍ୟକ୍ତିଙ୍କୁ ଟେକି ଟେକି ଅଣାଯାଇଛି । ତାପରର ସଂଳାପ ଏହିପରି –

ବଜ୍ରବାହୁ : ତୁମ୍ଭେ ସେହି କୁତ୍ସିତ ମନୁଷ୍ୟ?

ମୃତବ୍ୟକ୍ତି : ମୁଁ ତ କିଛି ବୁଝିପାରୁନାହିଁ ।

ବଜ୍ରବାହୁ : ଆମ୍ଭେ ପୁଛା କରୁଅଛୁ ତୁମ୍ଭେ ସେହି ମୃତବ୍ୟକ୍ତି?

ମୃତବ୍ୟକ୍ତି : ମୁଁ କିନ୍ତୁ ତୁମ୍ଭଙ୍କୁ ଚିହ୍ନି ପାରୁନାହିଁ ।

ବଜ୍ରବାହୁ : ଅମାତ୍ୟ! ଏହା ଅତି ଆଚମ୍ବିତ କଥା । ହସ୍ତିନା ନଗର ପ୍ରବଳ ପରାକ୍ରମୀ ସମ୍ରାଟ ବଜ୍ରବାହୁଙ୍କୁ ଏ ମୃତବ୍ୟକ୍ତି କିପରି ଚିହ୍ନିନାହିଁ?

ଶୀଳଭଦ୍ର : ମୃତବ୍ୟକ୍ତି ମାନଙ୍କର ମତିଭ୍ରମ ହୋଇଥାଇପାରେ କିମ୍ବା ସ୍ମୃତିଶକ୍ତି ଲୋପ ପାଇଯାଇପାରିଥାଏ ।

ବଜ୍ରବାହୁ : ଏହା କଣ ସତ୍ୟ?

ମୃତବ୍ୟକ୍ତି : ତମେ କିଏ? ମତେ ଏଠାକୁ କାହିଁକି ଅଣାଯାଇଅଛି? ଏହା ଇନ୍ଦ୍ରଙ୍କ ଦରବାର ନା ଯମରାଜଙ୍କର?

ବଜ୍ରବାହୁ : ଅମାତ୍ୟ! ଏ ମୃତବ୍ୟକ୍ତି କି ଭାଷା କହୁଅଛି?

ଶୀଳଭଦ୍ର : ମଣିମା! ଏ ମୃତବ୍ୟକ୍ତି ପଚାରୁଛି ଏହା ସ୍ୱର୍ଗ ନା ମର୍ତ୍ତ୍ୟ?

ବଜ୍ରବାହୁ : ଏହା ହସ୍ତିନା ନଗ୍ରହ ଅଧିପତି ସମ୍ରାଟ ବଜ୍ରବାହୁଙ୍କର ନ୍ୟାୟାଳୟ ।

ମୃତବ୍ୟକ୍ତି : ଆମ୍ଭେ ମୃତ ହେଲାପରେ କାହାରି ପ୍ରଜା ନୋହୁ ।

ବଜ୍ରବାହୁ : ଆମ୍ଭେ ପୁଚ୍ଛା କରୁଅଛୁ ତୁମ୍ଭେ ଜୀବିତ ଥିବା ଅବସ୍ଥାରେ ତୁମ୍ଭର ଅନାହାର ମୃତ୍ୟୁୟ ହୋଇଅଛି କି ନାହିଁ?

ମୃତବ୍ୟକ୍ତି : ଅନେକ ଦିନ ପର୍ଯ୍ୟନ୍ତ ଆମକୁ ଆହାର ମିଳିନଥିଲା କିଛି ଦିନ ଆମ୍ଭେ ପେଜ ପିଇ ଜୀବନଯାପନ କଲୁ । ତାପରେ ଚକୁଣ୍ଡା ପତ୍ର ଶିଝାଇ ଖାଇଲୁ । କିନ୍ତୁ ହସ୍ତିନା ରାଜ୍ୟରେ ଚାକୁଣ୍ଡା ଶାଗ ମଧ୍ୟ ନ ମିଳନ୍ତେ ଆମ୍ଭେ ବଜାର ରାସ୍ତାରେ କୁକୁରମାନଙ୍କ ସାଙ୍ଗରେ ଖଲିପତ୍ର ଚାଟିବା ଆରମ୍ଭ କଲୁ । ଦିନେ ଦେଖିବାକୁ ମିଳିଲା କୁକୁର ମାନେ ସବୁ ଉର୍ଚ୍ଛିଷ୍ଟ ଆହାର କରି ଦେଇଛନ୍ତି, ଏବଂ ସେହିଦିନ ସିଂହଦ୍ୱାର ସମ୍ମୁଖରେ କ୍ଷୁଧାର ଜ୍ୱାଳା ସହି କରି ନପାରି ଆମ୍ଭେ ପ୍ରାଣତ୍ୟାଗ କଲୁ ।

ବଜ୍ର ବାହୁ : କାହିଁକି ପ୍ରାଣତ୍ୟାଗ କଲ? ଏହା ଏକ ଗୁରୁତର ଅପରାଧ ।

ଶୀଳଭଦ୍ର : ଅତି ଗୁରୁତର ମଣିମା ।

ବଜ୍ରବାହୁ : ବର୍ତ୍ତମାନ ଆମ୍ଭ ସାମ୍ରାଜ୍ୟରେ ରଜତ ଜୟନ୍ତୀ ପାଳିତ ହେଉଅଛି । ସମଗ୍ର ହସ୍ତିନାରେ ଏହା ସୁବର୍ଣ୍ଣଯୁଗ ଅଟଇ ଏଇ ଲୋକ ଆତ୍ମାଟାକୁ ଖାଇଲା କାହିଁକି? ଏ ପ୍ରକାର ପ୍ରଳାପ ବନ୍ଦକର ।

ମୃତବ୍ୟକ୍ତି : ମୁଁ ବର୍ତ୍ତମାନ ମୃତ । ସତ୍ୟକଥା କହିବା ପାଇଁ ଆଉ କୁଣ୍ଠା ନାହିଁ ।

ବଜ୍ରବାହୁ : ଆମ୍ଭେ ତୁମ୍ଭର ଧୃଷ୍ଟତା ଦେଖି କ୍ରୁଦ୍ଧ ହୋଇ ଅଛୁ । ଦୂତା ଏହାକୁ ଶୂଳୀ ଦିଅ ।

ମୃତବ୍ୟକ୍ତି : ଦିଅ!ଆଉ କଣ କଣ ଦଣ୍ଡ ଅଛି ଦିଅ । ମୁଁ କୋଉ ସମ୍ରାଟଙ୍କୁ ଭ୍ରୁକ୍ଷେପ କର ନାହିଁ । ତମେ ସବୁ ଗୋଟାଏ ଗୋଟାଏ ସ୍ୱାର୍ଥପର ପଶୁ! କୁକୁକୁର! ମାଟି ହାଣ୍ଡି ଭିତରେ କ୍ଷମତାକୁ ଧରି ରଖିବା ପାଇଁ ଆପ୍ରାଣ ଚେଷ୍ଟା କରୁଛ । କିନ୍ତୁ ମନେରଖ ମୂର୍ଖ ସମ୍ରାଟ । ଏଇ କ୍ଷମତାର ମାଟିହାଣ୍ଡି ଯେତେବେଳେ ଫାଟିଯିବେ, ତୁମେ ମଧ୍ୟ ଆମ ଗୋଷ୍ଠୀରେ ଯୋଗଦେବ। ଆଉ ସେତେବେଳ ମୋ ଭଳି କ୍ଷୁଧାର୍ତ୍ତ ପ୍ରଜାଗଣ ତୁମକୁ ଉଚିତ ଶାସ୍ତି ଦେବେ ।

ବଜ୍ରବାହୁ : "(କ୍ରୁଦ୍ଧ ହୋଇ) ଦୂତ । ଏହାକୁ ଶୂଳୀ ଦିଅ । ଦୁଇଥର ଶୂଳୀ ଦିଅ ।"

ସମ୍ରାଟ ବଜ୍ରବାହୁଙ୍କ ରାଜତ୍ୱରେ ବୁଦ୍ଧିଜୀବିମାନେ ହସ୍ତିନାପୁର ଛାଡ଼ି ବିଦେଶକୁ ଚାଲିଯାଇଛନ୍ତି । ରାଜ୍ୟରେ ବାରମ୍ବାର ବନ୍ୟା ହେବା ଯୋଗୁଁ ରାଜା ଆଦେଶ କରିଛନ୍ତି ରାଜ୍ୟର ଆକାଶରେ ମାଇଲ ମାଇଲ ଲମ୍ବା ଗୋଟେ ଛାତ ନିର୍ମାଣ କରିବା ପାଇଁ। ସେଥିପାଇଁ ରାଜ୍ୟର ସମସ୍ତ ଗୁରୁକୁଳ ଆଶ୍ରମ ବନ୍ଦ କରିଦେଇଛନ୍ତି ଏବଂ ଗୁରୁମାନଙ୍କୁ ଇଟାପଥର ବୋହିବା ପାଇଁ ଆଦେଶ ଦିଆଯାଇଛି। ରାଜ୍ୟରେ ମତ୍ସ୍ୟ ଦର ବଢ଼ିଯିବାରୁ ରାଜ୍ୟର ତରୁଣୀମାନଙ୍କୁ ନଦୀରେ ବୁଡ଼ାଇ ଦେବାପାଇଁ ଆଦେଶ କରାଯାଇଛି। କିନ୍ତୁ ମନ୍ତ୍ରୀ ଶୀଳଭଦ୍ର ରାଜାଙ୍କର ଅନ୍ଧ ସମର୍ଥକ ହୋଇଥିବା ଯୋଗୁଁ ସେ ରାଜାଙ୍କର ଉଦ୍ଭଟ ଯୋଜନା ଗୁଡ଼ିକୁ ସମର୍ଥନ କରନ୍ତି । କିନ୍ତୁ ତାଙ୍କର ଅନ୍ୟତମ ଅମାତ୍ୟ ବ୍ରହ୍ମଦତ୍ତ ରାଜାଙ୍କର

ଶାସନରେ ସନ୍ତୁଷ୍ଟ ନୁହନ୍ତି । ସେ ଏହି ପ୍ରକାର ସ୍ୱେଚ୍ଛାଚାରୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଚାହିଁଛନ୍ତି । କିନ୍ତୁ ବୟସରେ ସାନ ହେଲେ ମଧ୍ୟ ଶୀଳଭଦ୍ର ତାଙ୍କ ପ୍ରଗତିର ପଥକୁ ଏବଂ ବିକାଶଶୀଳ ନୂତନ ଚେତନାଗୁଡ଼ିକୁ କାର୍ଯ୍ୟକାରୀ ହେବାକୁ ଦେଇନାହାନ୍ତି । ରାଜ୍ୟରେ ଘୋର ବିପ୍ଳବ ଉଠିଛି ଏବଂ ବାମ ହୋଇ ବଜ୍ରବାହୁ ସିଂହାସନରୁ ଓହ୍ଲାଇ ଆସିଛନ୍ତି ।

ସବୁଠାରୁ ଦୁଃଖ ଦାୟକ ଘଟଣା ହେଲା । ରାଣୀ ଦୀର୍ଘ ବର୍ଷର ବିବାହିତା ଜୀବନରେ ସନ୍ତାନର ଜନନୀ ହୋଇପାରିନାହାନ୍ତି । ତାଙ୍କର ଏକାକୀତ୍ୱ ମୋଚନ କରିବା ପାଇଁ ସେ ରାଜାଙ୍କର ସଙ୍ଗ ଚାହାନ୍ତି କିନ୍ତୁ ରାଜା ପୁରାଣର ପଣ୍ଡୁ ଚରିତ୍ର ପରି ନପୁଂସକ । ସେ ରାଣୀଙ୍କୁ ଗର୍ଭବତୀ କରିବାପାଇଁ କିମ୍ବା ସନ୍ତାନଟିଏ ପ୍ରସବ ପାଇଁ ଉପଯୁକ୍ତ ତଥା ଯୋଗ୍ୟ ନୁହନ୍ତି। ତେଣୁ ରାଣୀ ତାଙ୍କ ସଖୀମାନଙ୍କୁ ନେଇ ସବୁବେଳେ ରାଜା ଙ୍କର ପୁରୁଷତ୍ୱ ବିରୁଦ୍ଧରେ ଅଭିଯୋଗ କରନ୍ତି । ରାଜା ତାଙ୍କ ନିଜ ଯୌନ ବ୍ୟାଧିର ଚିକିତ୍ସା କରିବା ପାଇଁ ରାଜ ବୈଦ୍ୟଙ୍କୁ ଖବର ଦେଇନାହାନ୍ତି । ଏପରି ଅବସ୍ଥାରେ ରାଜ୍ୟର ମୃତ୍ତିକା ଯେପରି ଶୁଷ୍କ ରାଣୀ ସେହିପରି ବନ୍ଧ୍ୟା । ରାଜାଙ୍କର ଉତ୍ତରାଧିକାରୀ କେହି ନାହାନ୍ତି । ସ୍ୱପ୍ନ ଦେଖିବା ପାଇଁ ରାଣୀ ବ୍ୟଗ୍ର କିନ୍ତୁ ରାଣୀ ସୁଲଭ ସ୍ୱପ୍ନର କାଣିଚାଏ ଗାଲିଚା ଦେବାପାଇଁ ରାଜା ବିଫଳ ।

ଦିନେ ଅବନ୍ତୀ ଦେଶର ସାଧବ ହସ୍ତିନା ପୁରକୁ ସ୍ୱପ୍ନ ବିକିବା ପାଇଁ ଆସିଥିଲେ । ସଖିମାନେ ସ୍ୱପ୍ନ ବିଧିରା ରାଣୀଙ୍କୁ ଅବନ୍ତୀ ସାଧବ ସାଙ୍ଗରେ ପରିଚୟ କରାଇ ଦେଇଛନ୍ତି । ରାଣୀ ଏକ ଜ୍ୟୋତ୍ସ୍ନା ବିଧୌତ ରଜନୀରେ ରାଜଉଦ୍ୟାନ ଭିତରେ ଅବନ୍ତୀ ନଗ୍ରର ସାଧବ ସଙ୍ଗରେ ରତିକ୍ରୀଡ଼ାରେ ନିମଗ୍ନ ହୁଅନ୍ତି । ନିଷ୍ଫଳାରାଣୀ, ଦୁର୍ଭିକ୍ଷଗ୍ରସ୍ତ ରାଜ୍ୟର 'ଟାଙ୍ଗରା ଭୂଇଁ, ଏବଂ ସାମାଜିକ ବିଶୃଙ୍ଖଳା ଅର୍ଥନୈତିକ ବିପର୍ଯ୍ୟୟ ଏବଂ ଆଧ୍ୟାତ୍ମିକ ଅବକ୍ଷୟର ସୁଯୋଗ ନେଇ ରାଜ୍ୟରେ ବିପ୍ଳବ ହୋଇଛି । ଅମାତ୍ୟ ବ୍ରହ୍ମଦତ୍ତ ଏହି ବିପ୍ଳବର ନେତୃତ୍ୱ ନେଇଛନ୍ତି । ନାଟକର ଅନ୍ତିମ କ୍ଷଣରେ ସମ୍ରାଟ ସିଂହାସନରୁ ଓହ୍ଲାଇ ଆସି ଫ୍ରିଜ ହୋଇ ରହିଯାଇଛନ୍ତି ।

ଏଠାରେ ଲକ୍ଷ୍ୟ କରିବା କଥା ସ୍ୱପ୍ନ କିଣିବା ଏବଂ ବାସ୍ତବବାଦୀ ପ୍ରଚେଷ୍ଟା ଏହା ଏକ ରୂପକଳ୍ପିତ ନାଟକ । କେତକୀ ଗନ୍ଧାଙ୍କ ପାଖରେ ସ୍ୱପ୍ନ ଦେଖିବା ପାଇଁ ରାତି ଅଛିକି ନାହିଁ ଜଣାନାହିଁ କିନ୍ତୁ ସେ ସ୍ୱପ୍ନ କିଣିବା ପାଇଁ ଆଗ୍ରହୀ । ଏହାର ଅର୍ଥ ଜଣେ ନାରୀ ଯେଉଁ ଯେଉଁ ବାସ୍ତବବାଦୀ ସ୍ୱପ୍ନ ଦେଖିବାକୁ ଚାହେଁ ସେଗୁଡ଼ିକ ରାଜା ବଜ୍ରବାହୁଙ୍କ ରାଜପ୍ରାସାଦରେ ଉପଲବ୍ଧ ନୁହେଁ । ତାଙ୍କର ପ୍ରଥମ ସ୍ୱପ୍ନ ହେଲା ମା' ହେବାର ସ୍ୱପ୍ନ । ବଜ୍ରବାହୁ କେତକୀ ଗଂଧାଙ୍କୁ ମାତୃତ୍ୱର ବଂଧନ ଦେଇପାରିନାହାନ୍ତି।

ଅବନ୍ତୀ ସାଧକ କେତକୀ ବଂଧାଙ୍କର ପରିଚିତ ବ୍ୟକ୍ତି ନୁହନ୍ତି । ତଥାପି ତାଙ୍କ ପାଖରେ ସେ ପ୍ରେମ ନିବେଦନ କରିଛନ୍ତି। ଏହା ଅନେକ ପରିମାଣରେ କେତକୀ ଗଂଧାଙ୍କର ଦୈହିକ ଆବଶ୍ୟକ ଅଟେ । ଉପରେ ଦିଆଯାଇଥିବା ଉଦ୍ଧୃତିରେ ଅବନ୍ତୀ ରାଜକୁମାର ଓ କେତକୀ ଗଂଧାଙ୍କ ଦୈହିକ ମିଳନକୁ ଗୋଟିଏ ସଂକେତ ଦ୍ୱାରା ଉପସ୍ଥାପନ କରାଯାଇଛି । ଓଡ଼ିଆ ସାହିତ୍ୟରେ ଲେଖାଯାଇଥିବା କୌଣସି ନାଟକରେ ଜଣେ ପତ୍ନୀ ତାଙ୍କ ପ୍ରାଚୁର୍ଯ୍ୟକୁ ବଳିଦାନ ଦେଇ କାବ୍ୟିକ ଭାଷାରେ ଏପରି ନିଜର ଆକାଙ୍କ୍ଷାଂକୁ ପ୍ରକାଶ କରି ନାହାନ୍ତି । ପୁନଶ୍ଚ କୌଣସି ଆଧୁନିକ ନାଟ୍ୟକାର ନିଜ ନାଟକରେ ଏପରି ଆଧୁନିକ କବିତାର ଭାଷା ଏତେ ମାତ୍ରାରେ ପ୍ରୟୋଗ କରାଇ ନାହାନ୍ତି ।

ମହାନାଟକରେ ଉପରୋକ୍ତ ଦୃଶ୍ୟରେ ଯେଉଁ ଭାଷା ପ୍ରୟୋଗ କରାଯାଇଛି ତାହା ପାଖାପାଖି ଅମିତ୍ରାକ୍ଷର ଛନ୍ଦ ପ୍ରୟୋଗର ଏକ ନବ୍ୟ ସଂସ୍କରଣ ଅଟେ । ଏହା ବିଶିଷ୍ଟ ରୂପେ ଗୁରୁପ୍ରସାଦ ମହାନ୍ତିଙ୍କ ସମୁଦ୍ରସ୍ନାନ କବିତା ଗ୍ରନ୍ଥର ଛନ୍ଦକୁ ଅନୁକରଣ କରିବା କୌଣସି ଆପତ୍ତି ନାହିଁ । ଦ୍ୱିତୀୟତଃ ସମୁଦ୍ରସ୍ନାନଠାରୁ ମହାନାଟକର ସର୍ବକାତ୍ମକ ଦୂରତ୍ୱ ବେଶି ନୁହେଁ । ଏହି ଦୃଷ୍ଟିରୁ ମହାନାଟକ ଓଡ଼ିଆ ନାଟ୍ୟ ସାହିତ୍ୟରେ ନୂତନତାର ସଂ.ର କହିବା ବାହୁଲ୍ୟ । ମହାନଟକରେ ବହୁ ଗମ୍ଭୀର ଦୃଶ୍ୟ ଏବଂ ଅନାହାର ଦ୍ୱାରା ମୃତ୍ୟୁୟ ମୁଖରେ ପଡ଼ି ଚରିତ୍ରମାନଙ୍କୁ ହାସ୍ୟ ରସ ମ୍ମମମରେ ଉପସ୍ଥାପନ କରାଯାଇଛି । ୧୯୭୧ ମସିହାରେ କଳାହାଣ୍ଡି ଓ କୋରାପୁଟର ଆଦିବାସୀମାନେ ଆମ୍ବଟାକୁଆ ·କୁଣ୍ଡାଶାଗ ଖାଇ ବଞ୍ଚି ଥିବାର ଉଦାହରଣ ମିଳିଛି । ମହାନାଟକ ସେଥିପାଇଁ ବିଂଶ ଶତାବ୍ଦୀର ସପ୍ତମ ଦଶକର ଏକ ଚିତ୍ର ପ୍ରଦାନ କରିବାରେ ସକ୍ଷମ ଅଟେ।

ସ୍ୱାଧୀନତା ପରବର୍ତ୍ତୀ କାଳରେ ·ଲିଥିବା ଗଣତନ୍ତ୍ର ନାଁରେ ସ୍ୱେଚ୍ଛା·ର ଏବଂ ଏକଛତ୍ରବାଦୀ ଏହି ନାଟକର ରୂପକାତ୍ମକ ଭଙ୍ଗୀରେ ଉପସ୍ଥାପନ କରାଇ ଦିଆଯାଇଛି । ନାଟକସ୍ଥିତ ଘଟଣା ଓ ଚିତ୍ର ମ୍ଳରୁ ସମାଜର ତ୍ରୁଟିପୂର୍ଣ୍ଣ ଶାସନ ବ୍ୟବସ୍ଥା ପ୍ରତି ତୀବ୍ର ବିଦ୍ରୁପ ପ୍ରକାଶ ପାଇଛି। ଏଥିରେ ସମାଜବାଦପାଇଁ ଓ ତାହାର ପ୍ରତିଷ୍ଠା ବିରୁଦ୍ଧରେ ଶାଣିତ ସ୍ୱରଟିଏ ଅଛି। ଏହା ଅତି କଳାତ୍ମକ ଢ଼ଙ୍ଗରେ ପ୍ରକାଶ ପାଇଛି । ଏହି ନାଟକରେ ଫାସଟି ଏବଂ ଆଧୁନିକ କବିତାର ଏକ ରସଳ ମିଶ୍ରଣ ଘଟିଛି।

ମହାନାଟକର ଉପସ୍ଥାପନା ଶୈଳୀ ସମଗ୍ର ଓଡ଼ିଆ ନାଟକ କ୍ଷେତ୍ରରେ ଏକ ସଂପୂର୍ଣ୍ଣ ନୂତନସ୍ୱର ଲିପିବଦ୍ଧ ହୋଇଛି । ମନୋରଞ୍ଜନ ଦାସ ଏବଂ ବିଜୟ ମିଶ୍ରଙ୍କ ପ୍ରଭୃତି ନାଟକରେ ହାସ୍ୟରସ ସଂପୂର୍ଣ୍ଣ ଅନୁପସ୍ଥିତ କିନ୍ତୁ ମହାନାଟକ ସଂପୂର୍ଣ୍ଣ ଭାବେ ହାସ୍ୟରସ ରୂପରେ ଆଧାରିତ । ରାଣୀଙ୍କର ସ୍ୱପ୍ନକ୍ରୟ ଦୃଶ୍ୟଟି ଆଧୁନିକ କବିତା ପରି ମନେହେବ । ମହାନାଟକର ପ୍ରଥମ ଥର ପାଇଁ ଲୋକନାଟକ ଶୈଳୀକୁ ଏକ ଅବଲମ୍ବନ ରୂପେ ନିଆଯାଇଛି । ଦୁଇଜଣ ଦାସକାଠିଆ ଶିଳ୍ପୀ ନାଟକର ଆରମ୍ଭରେ ନଟ ଓ ନଟୀର ଭୂମିକା ନିର୍ବାହ କରିଛନ୍ତି । ସେମାନେ ଦାସକାଠିଆ ଗୀତ ମାଧ୍ୟମରେ ବଜ୍ରବାହୁ ପୁରାଣ ଉପସ୍ଥାପନା କରିଛନ୍ତି । ବିଷୟବସ୍ତୁ ହେଲା ହସ୍ତିନା ନଗର ରାଜା ବଜ୍ରବାହୁଙ୍କ ଶାସନର ସୁବର୍ଣ୍ଣ ଜୟନ୍ତୀ ପାଳିତ ହେଉଛି । ରାସ୍ତାରେ ପାହାଡ଼ ପାହାଡ଼ ରସଗୋଲା ଥୁଆ ହୋଇଛି ପ୍ରଜାମାନେ ମାଗଣାରେ

BINDU BIMARSHA...

ମଦ୍ୟପାନ କରି ଆନନ୍ଦ ବିଭୋର ଏହି ରାଜ୍ୟର ଶାସନ ରାତିରେ ·ଲେ ଦିନ ବେଳା ପ୍ରଜାମାନେ ଶୋଇଯାନ୍ତି ।

ବିଷୟବସ୍ତୁ ଯାହା ହେଉନା କାହିଁକି ନାଟକରେ ଲୋକ ଶୈଳୀର ପ୍ରଥମ ପ୍ରୟୋଗ ହେଉଛି ମହାନାଟକ । ଲୋକନାଟକ ଶୈଳୀର ପ୍ରୟୋଗ ଫଳରେ ଓଡ଼ିଆ ନାଟ୍ୟସାହିତ୍ୟରେ ରଚନା ଶୈଳୀ ବଦଳିଯାଇଛି । ଯେଉଁମାନେ ମନୋରଞ୍ଜନ ଦାସ ଓ ବିଜୟମିଶ୍ରଙ୍କର ଅଧୁନିକତା ଦ୍ୱାରା ପ୍ରଭାବିତ ହୋଇଛନ୍ତି ସେମାନେ ମଧ୍ୟ ନିଜ ନାଟକରେ ଲୋକନାଟକ ଶୈଳୀର ପ୍ରୟୋଗ କରିଛନ୍ତି । ନାଟ୍ୟକାର ସ୍ୱର୍ଗତ ରତି ରଞ୍ଜନ ମିଶ୍ର, ବିଜୟ କୁମାର ଶତପଥୀ, ଧ୍ରୁବ ପଟ୍ଟନାୟକ, ଶଙ୍କର ପ୍ରସାଦ ତ୍ରିପାଠୀ ଏବଂ ପ୍ରମୋଦ ତ୍ରିପାଠୀ ଇତ୍ୟାଦି ନାଟ୍ୟକାରମାନେ ମହାନାଟକର ଅନୁକରଣ କରିଛନ୍ତି । ଏପରି ନାଟକ ଲେଖିଛନ୍ତି ଏହାଛଡ଼ା ପଶ୍ଚିମ ଓଡ଼ିଶାରେ ୧୯୮୦ ପରେ ଯେତେ ନାଟକ ଲେଖାଯାଇଛି ସବୁଗୁଡ଼ିକରେ ମହାନଟକରେ ଶୈଳୀଗତ ପ୍ରତିବିମ୍ବ ଦେଖିବାକୁ ମିଳେ ।

ମହାନାଟକ ଚରିତ୍ର ଚିତ୍ରଣରେ ପ୍ରଥମଥର ପାଇଁ ରୂପାନ୍ତର ଶୈଳୀ ପ୍ରୟୋଗ କରାଯାଇଛି । ନାଟକର ଆରମ୍ଭରେ ଦାସକାଠିଆର ଗାୟକ ଓ ପାଳିଆ ଭୂମିକାରେ ଯେଉଁମାନେ ଅଭିନୟ କରିଛନ୍ତି ସେମାନେ ପରବର୍ତ୍ତୀ ସମୟରେ ଦୁଇଜର ବିଦୁଷକ ଚରିତ୍ରରେ ରୂପାନ୍ତରିତ ହୋଇଛନ୍ତି । ସେତିକି ବେଳେ ସେମାନେ ଦାସକାଠିଆ ବ୍ୟବହାର କରୁନାହାନ୍ତି । କିମ୍ବା ଗୀତର ଆଶ୍ରୟ ନେଉନାହାନ୍ତି । ସେମାନେ ବିଦୂଷକରୁ ଉର୍ତ୍ତୀର୍ଣ୍ଣ ହୋଇ ବିଭିନ୍ନ ରାଜନୈତିକ ପଦବୀରେ ଅବସ୍ଥାପିତ ହେଉଛନ୍ତି । ତାପରେ ପୁଣିଥରେ ମଝିରେ ମଝିରେ ବିଦୁପକମାନେ ଦାସକାଠିଆର ମାୟକ ଓପାଳିଆ ଭୂମିକା ଗ୍ରହଣ କରୁଛନ୍ତି ଏବଂ ନାଟକର ଯେଉଁ ଦୃଶ୍ୟ ଗୁଡ଼ିକ ବର୍ଣ୍ଣିତ ହେଉନାହିଁ ସେଗୁଡ଼ିକୁ ଗୀତ ମାଧ୍ୟମରେ ବର୍ଣ୍ଣନା କରୁଛନ୍ତି । ଏଠାରେ ଗୋଟାପଟେ ନଟନଟୀ ଅନ୍ୟପଟେ ଦାସକାଠିଆର ଗାୟକ ପାଳିଆ ଏବଂ ଅନ୍ୟପଟେ ନାଟକର ବିଦୂଷକ ଚରିତ୍ରରେ ଅଭିନୟ କରିବା ଦ୍ୱାରା ମହାନାଟକ ଚରିତ୍ର ଚିତ୍ରଣରେ ଏକ ବୈପ୍ଲବିକ ପରିବର୍ତ୍ତନ ଅଣାଯାଇପାରିଛି। ଗୋଟିଏ ଚରିତ୍ରରୁ ଅନ୍ୟ ଚରିତ୍ରକୁ ଏକ ଅଙ୍ଗିକ ପରିବର୍ତ୍ତନ ଘଟିଛି । ଏପରି ଚରିତ୍ରକୁ ବିଶ୍ଳେଷଣ କରିବା ଏକ କଠିନ ବ୍ୟାପାର କାରଣ ଏହି ନାୟକମାନଙ୍କର ବ୍ୟକ୍ତିସତ୍ତା ଓ ଜୀବନ ଦର୍ଶନରେ ସ୍ଥିରତା ନାହିଁ । ସେମାନେ କେଉଁ ଶ୍ରେଣୀର ଚରିତ୍ର ତାହା ମଧ୍ୟ ଅସ୍ପଷ୍ଟ ହୋଇ ରହୁଛି । ଏଥିରେ ଏମାନଙ୍କୁ ଚରିତ୍ର ବୋଲି କୁହାନଯାଇ କୁଶଳବ ବୋଲି କୁହାଯାଇପାରେ । କୁଶୀଳବମାନେ କେବଳ ଅଭିନେତା ଅଭିନୟରୁ ସେମାନଙ୍କର ଗତିବିଧି ଓ ଭୂମିକା ନିର୍ଣ୍ଣୟ କରାଯାଇପାରେ ।

ସେହିପରି ରାଜା ବଜ୍ରବାହୁ ଦର୍ଶକ ମଣ୍ଡଳୀରୁ ବାହାରି ମଞ୍ଚ ଉପରକୁ ପ୍ରବେଶ କରିଛନ୍ତି । ଦୂତମାନେ ଗୋଟିଏ ଗୋଟିଏ ବିରାଟ ମୃଣ୍ମୟ ପାତ୍ରରେ ପାଣିରଖି ତାକୁ ଗୋଟିଏ ତିନିକୋଣିଆ ଟେବୁଲ ଉପରେ ଅବସ୍ଥାପିତ କରିଛନ୍ତି । ରାଜା ଯେତେବେଳେ କୌରସି ସଙ୍କଟରେ ପଡୁଛନ୍ତି ଏବଂ ଶାସନ କାଳ ଯଦି କେତେ ବେଳେ ତାଙ୍କର ବିଚାର ବିଭ୍ରାଟ ହୁଏ ସେ ତିନୋଟି ଗୋଡ଼ି ସେଇ ପାଣି ଭର୍ତ୍ତୀ ମୃତ୍ତିକା ଭାଗରେ ପକାନ୍ତି ଏବଂ ଗଧ ବୋବାଇଲା ଭଳି ହସନ୍ତି । ସେତେବେଳେ ତାଙ୍କୁ ଅସ୍ପଷ୍ଟ ଦେଖାଯାଉଥିବା ଦିଗନ୍ତ ଗୁଡ଼ିକ ସ୍ପଷ୍ଟ ଦେଖାଯାଏ । ଏହା ଆଧୁନିକ ଶାସନ କ୍ରିଡ଼ାର ଏକ ଅଙ୍ଗ ବିଶେଷ ହୋଇପାରେ କିମ୍ବା ଏପରି ଏକ ଶୈଳୀ ରାଜାଙ୍କର ବିଚାରହୀନତାର ସାଙ୍କେତିକ ରୂପ ହୋଇପାରେ । ଏହା ଏକ ପ୍ରତୀକାତ୍ମକ ପ୍ରୟୋଗ ମାଧ୍ୟମ ହୋଇପାରେ।

ମୃତ୍ତିକା ଭାଣ୍ଡଟି କ୍ଷମତାର ପ୍ରତିବିମ୍ବ ତାହା କ୍ଷଣଭଙ୍ଗୁର । ନାଟକର ଶେଷ ଦୃଶ୍ୟରେ ବ୍ରହ୍ମଦତ୍ତ ସେ ମୃତ୍ତିକା ଭାଣ୍ଡଟିକୁ ପ୍ରହାର କରି ଭାଙ୍ଗି ଦେଇଛନ୍ତି ଏବଂ ସେଥି ସହିତ ସମ୍ରାଟ ବଜ୍ରବାହୁଙ୍କର କ୍ଷମତା ·ଲିଯାଇଛି ଏବଂ ଦେଶରେ ଅନ୍ୟାୟ, ଏକଛତ୍ରବାଦ, ବିଶୃଙ୍ଖଳା ଏବଂ ମୂର୍ଖତାର ରାଜତ୍ୱ ·ଲିଯାଇଛି । ପରୀକ୍ଷାମୂଳକ ନାଟକ ହିସାବରେ ପ୍ରଥମଥର ପାଇଁ ଏଥିରେ ଲୋକନାଟକର ପ୍ରୟୋଗ ଚରିତ୍ର ଚିତ୍ରଣର ଅଭିନବ ପ୍ରୟୋଗ ଭଙ୍ଗୀ, ସଂଳାପରେ କାବ୍ୟ କାରିତାର ପ୍ରୟୋଗ ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟର ଏକ ବ୍ୟଙ୍ଗଚିତ୍ରର ଏହା ସମଗ୍ର ଓଡ଼ିଆ । ନାଟ୍ୟ ସାହିତ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇଛି ।

ରମେଶ ପାଣିଗ୍ରାହୀଙ୍କ ନାଟକରେ ନୂତନତାର ସଞ୍ଚାର ପ୍ରସଙ୍ଗରେ ଗୋଟିଏ ଭଲକଥା ହେଲା ମହାନାଟକରେ ସେ ଆଧୁନିକ କବିତା ବ୍ୟବହାର କରିଛନ୍ତି । ମହାରାଣୀ କେତକୀ ଗନ୍ଧା ଅବନ୍ତୀ ସାଧବଠାରୁ ସ୍ୱପ୍ନ କିଣୁଛନ୍ତି । ଏହାଦ୍ୱାରା କେତକୀ ଗନ୍ଧା ଏକ ସମୋହିତା ଅବସ୍ଥାରେ ଅବନ୍ତୀ ସାଧବକୁ ଶୁଣୁଛନ୍ତି । ଏହା ପ୍ରଚ୍ଛନ୍ନ ଭାବରେ ଏକ ଯୌନ ସଂଗମ ସହିତ ସମାନ । ଏହା ଦ୍ୱାରା ନାରୀ କୈନ୍ଦ୍ରୀକଣ ଏକ କ୍ଷେତ୍ରଜ ପୁତ୍ରଲାଭ କରିବା ପାଇଁ ଚେଷ୍ଟା କରୁଛନ୍ତି । ସାଧବ କହୁଛନ୍ତି:-

ଅବନ୍ତି ସାଧବ

ଏଇ ଦେଖ ମନ୍ଦିରର ଦ୍ୱାରା ରନ୍ଧ

ଚତୁର୍ଦ୍ଦିଶ ରଂଗର ପ୍ରଲେପ ଏବଂ ଶେଷ ଅନ୍ଧକାର

ଏଇଠି ଜାଗ୍ରତ ହୁଏ ସୁପ୍ତ ସ୍ନାୟୁ ହସ୍ତିନାନଗ୍ରର

ଏ ସ୍ୱପ୍ନରେ ନିବାରିତ ତୃଷ୍ଣା କେତ ମୃତ୍ତିକା ବକ୍ଷର ।

ନାଗ, ଶଙ୍ଖ, ଜାଗ ରକ୍ତ, ଜାଗିରଂ ସୃଷ୍ଟିର ଅଙ୍କୁର

ଏଇଠି ପ୍ରସ୍ତର ଗାତ୍ରେ ଲେଖାହୁଏ ଆନନ୍ଦ ଓ ଯନ୍ତ୍ରଣାର ଅଲିଖିତ ଇତିହାସ

ତୁମ ନୀରବିତ କଣ୍ଠେ ମୁହୂର୍ତ୍ତେ ସଂଗୀତ ପାଇଁ

ମୁଁ ଚଳିବି ଲକ୍ଷ ବର୍ଗ(ସଂଗୀତ)

ବନସ୍ପତି ସାରାଝରୁ ମଧୁର କଣିକା

ମଧୁଝରୁ ଗାଭୀର ସ୍ତନରୁ

ସମୁଦ୍ରରୁ ମଧୁଝରୁ ପାହାନ୍ତି ଉଷାରୁ

ସୃଷ୍ଟି ସାରା ମଧୁଝରୁ ପୁଷ୍ପ ପାଖୁଡ଼ାରୁ

ମଧୁମୟ, ମଧୁମୟ ହେଉ ଅଙ୍ଗସାର ।

ମଧୁମୟ ଛନ୍ଦ ମଧୁମୟ.....

କ୍ରମଶଃ ଉପରୋକ୍ତ ଶବ୍ଦଗୁଡ଼ିକ ମନ୍ତ୍ରପରି ଉଚ୍ଚାରିତ ସ୍ୱରରେ ଆବୃତ୍ତି କଲାବେଳେ ସେମାନଙ୍କ ଉପରେ ଝରି ପଡୁଛି ଆକାଶରୁ ଫୁଲର ପାଖୁଡ଼ା ଏବଂ ଅବନ୍ତୀ ସାଧବ ଓ କେତକୀ ଗନ୍ଧା ଏକ ରମଣୀୟ ତୃପ୍ତିର ମୁଦ୍ରାରେ ସ୍ଥିର ହୋଇଯାଉ ଯାଉ ନଇଁ ଆସୁଛି ପରଦା ସଂଗୀତ କିନ୍ତୁ ପ୍ରସାରିତ ।

**ସଙ୍କେତ ସୂଚୀ:**


୧. ପାଣିଗ୍ରାହୀ, ରମେଶ ପ୍ରସାଦ। *ମହାନାଟକ*। *ତ୍ରିପର୍ଣ୍ଣୀ* ମଧ୍ୟରେ ସଂକଳିତ। କଟକ, ତ୍ରିପୂର୍ଣ୍ଣା ଓଡ଼ିଶା ବୁକ୍ ଷ୍ଟୋର, ୨୦୦୬।

୨. ପାଣିଗ୍ରାହୀ, ରମେଶ ପ୍ରସାଦ। *ମହାନାଟକ*। କଟକ, ଓଡ଼ିଶା ବୁକ୍ ଷ୍ଟୋର।

୩. ପାଣିଗ୍ରାହୀ, ପ୍ରତିମା କୁମାରୀ। "ଓଡ଼ିଆ ନାଟ୍ୟ ଜଗତକୁ ରମେଶ ପାଣିଗ୍ରାହୀଙ୍କ ଦାନ।" ଅପ୍ରକାଶିତ ଗବେଷଣା ସନ୍ଦର୍ଭ।

୪. ପାଣିଗ୍ରାହୀ, ରମେଶ ପ୍ରସାଦ। "ଓଡ଼ିଆ ନବନାଟ୍ୟ ଆନ୍ଦୋଳନ: ସ୍ଥାନ, କାଳ ଓ ପାତ୍ର (ପ୍ରଥମ ଭାଗ)।" *ଇସ୍ତାହାର*, ସଂଖ୍ୟା ୨୮, ପୂଜା ସଂଖ୍ୟା, ୧୯୮୪।

୫. ମହାପାତ୍ର, ସୁଜାତା। "ଜୀବନ ନାଟକରେ ରମେଶ ପାଣିଗ୍ରାହୀ।" *ଜୀବନ ଶଙ୍ଖ*। ସଂପାଦନା: ସୁବ୍ରତ ପ୍ରିୟବ୍ରତ ମହାନ୍ତି, କଟକ, ଓଡ଼ିଶା ବୁକ୍ ଷ୍ଟୋର।

୬. ମିଶ୍ର, ସଂଘମିତା। "ଜଣେ ନାଟୁଆର ନାନାବାୟା: 'ପାହିଲା ପାହିଲା ରାତିର ଖବର ଶୁଣ'।" *ପକ୍ଷୀଘର*, ମହାପୂଜା ସଂଖ୍ୟା, ୨୦୧୮।


«««


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Prajnaparimita, Dr. Arya Kumari. "Ramesh Panigraheenka Mahāṇāṭakare Loka Nāṭaka Shailee Ra Prayoga." Bindu Bimarsha, vol. 2, no. 1, Jan. 2026, pp. 9–13. Crossref, https://doi.org/10.64647/bb.vol.2.issue.1.2026.1. |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ରାମଚନ୍ଦ୍ର ବେହେରାଙ୍କ ଉପନ୍ୟାସରେ ଖଳଚରିତ୍ର : ଏକ ଅଧ୍ୟୟନ

ରୋଜାଲିନ୍ ଜେନା
ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

**ARTICLE NO:** BB-II-I-2026-02

**ORC ID:** 0009-0000-0068-8771
**Review Status:** Double-Blind Peer Reviewed
**DOI:** 10.64647/bb.vol.2.issue.1.2026.2
**Language of the Article:** Odia
**E-Mail:** jrojalin09@gmail.com
**Type of Article:** Research Article
**Submission Date:** 17-09-2025
**Publication Date:** 14-01-2026

ABSTRACT ॥ ସଂକ୍ଷିପ୍ତ ସାର

ରାମଚନ୍ଦ୍ର ବେହେରା ଓଡ଼ିଆ କଥା ସାହିତ୍ୟରେ ଜଣେ ବାସ୍ତବବାଦୀ ଲେଖକ ଭାବେ ସୁନାମ ଅର୍ଜନ କରିଛନ୍ତି। ସେ ତାଙ୍କର ସୃଷ୍ଟିରେ ଚରିତ୍ର ଗୁଡିକର ସକାରାତ୍ମକ ଦିଗ ଦର୍ଶାଇବା ସହ ନାକରାତ୍ମକ ଦିଗଟିକୁ ମଧ୍ୟ ସ୍ପଷ୍ଟ ଦର୍ଶାଇଛନ୍ତି । ସାମ୍ପ୍ରତିକ ସାହିତ୍ୟ ଜଗତରେ ଅନେକ ଲେଖକ ତାଙ୍କ ଲେଖାରେ ସ୍ଥାନିତ ଚରିତ୍ର ଗୁଡିକର ଆଲୋକିତ ଦିଗଟିକୁ ଗୁରୁତ୍ୱ ଦେଇ ଅନ୍ଧକାର ଦିଗଟିକୁ ଅଣଦେଖା କରି ଚରିତ୍ର ମହତ୍ତ୍ୱ ସମ୍ପର୍କରେ ବିଶ୍ଲେଷଣ କରୁଥିବା ବେଳେ ରାମଚନ୍ଦ୍ର ବେହେରା ତାଙ୍କ ଲେଖାରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ଚରିତ୍ର ଗୁଡିକର ପ୍ରକୃତି ଓ ପ୍ରବୃତ୍ତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ତାଙ୍କ ଉପନ୍ୟାସରେ ଥିବା ଚରିତ୍ର ଗୁଡିକର ଭଲ ଗୁଣ ସହ ଖରାପ ଗୁଣ କୁ ଦର୍ଶାଇବା ସହ ଚରିତ୍ରର ଚିନ୍ତା - ଚେତନା, ଆଚରଣ - ଉଚ୍ଚାରଣ ରେ ଥିବା କ୍ରୁରତାକୁ ପ୍ରକାଶ କରିଛନ୍ତି ଖଳ ଚରିତ୍ର ଦ୍ୱାରା । ସାଧାରଣତଃ ପରପୀଡକ , ହିଂଶ୍ରୁକ , କାମୁକ ,ଲମ୍ପଟ୍, ପରଶ୍ରିକାତର ଅସାମାଜିକ ବ୍ୟକ୍ତି ସତ୍ତଗୁଡ଼ିକ ଖଳ ଚରିତ୍ରର ଅନ୍ତର୍ଭୁକ୍ତ । ଖଳ ଚରିତ୍ରର ପ୍ରବୃର୍ତ୍ତିର ବଶବର୍ତ୍ତୀ ହେଇ ନିଜର କ୍ରୁର ମାନସିକତା ଦ୍ୱାରା କିପରି ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବାରେ ମୁଖ୍ୟ କାରଣ ସାଜୁଛି ତାର ଅନୁରୂପ ଚିତ୍ର ଉକ୍ତ ସନ୍ଧର୍ଭରେ ପ୍ରଦର୍ଶିତ ।

**ମୂଳ ଶବ୍ଦ:** ରାମଚନ୍ଦ୍ର ବେହେରା, ଉପନ୍ୟାସ , ଅପରାଧୀ , ଖଳ ଚରିତ୍ର , ଶଠତା , ଦଣ୍ଡ , ଜେଲ୍ , ପାପ , ସ୍ୱାର୍ଥ , ମାନସିକତା , ପ୍ରବୃତ୍ତି , ପଶୁତ୍ୱ ।

ଓଡ଼ିଆ ସାହିତ୍ୟର ଆରମ୍ଭରୁ ଊନବିଂଶ ଶତାବ୍ଦୀର ଶେଷପାଦ ପର୍ଯ୍ୟନ୍ତ ଦୃଷ୍ଟି ନିକ୍ଷେପ କଲେ ଦେଖାଯାଏ ଯେ ପ୍ରାୟ ପ୍ରତ୍ୟେକ ସୃଷ୍ଟି ରାଜା ,ରାଣୀ , ରାଜପୁତ୍ର ,ରାଜକନ୍ୟା ତଥା ନାନା ଦେବା ଦେବୀ ଚରିତ୍ର ଆଧାରରେ ପରିପୃଷ୍ଟ । କିନ୍ତୁ ଊନବିଂଶ ଶତାବ୍ଦୀର ଶେଷ ପାଦରୁ ଓଡ଼ିଆ ସାହିତ୍ୟରେ ସାଧାରଣ ମଣିଷର ଚରିତ୍ର ଦେଖିବାକୁ ମିଳିଲା । ଏହି କାଳଖଣ୍ଡରୁ ଏଯାବତ୍ ସ୍ରଷ୍ଟା ମାନବ ଚରିତ୍ର ତଥା ତାର ପ୍ରବୃତ୍ତି କୁ ସାହିତ୍ୟରେ ରୂପାୟନ କରିବାରେ କଥା ସାର୍ଥକତା ଅର୍ଜ୍ଜନ କରିଛି ।

ଆଦିମ କାଳରୁ ସ୍ରଷ୍ଟା ନିଜର ସୃଷ୍ଟିରେ ଦୁଇଟି ବିପରୀତଧର୍ମୀ ଚରିତ୍ରକୁ କେନ୍ଦ୍ରକରି ସାହିତ୍ୟ ସର୍ଜନା କରିଆସୁଥିଲେ । ସୃଷ୍ଟିରେ ସ୍ୱର୍ଗ ଓ ନର୍କର ପରିକଳ୍ପନା କଲା ଭଳି ମୁଖ୍ୟ ଚରିତ୍ର ଓ ଖଳଚରିତ୍ରର ଅବତାରଣା କରାଯାଇଛି । ଯେଉଁ ଚରିତ୍ରଗୁଡ଼ିକ ସୁଗୁଣ ସମ୍ପନ୍ନ ତାକୁ ସାଧାରଣତଃ ମୁଖ୍ୟ ଚରିତ୍ର କୁହାଯାଉଥିବା ବେଳେ ଦୁର୍ବୃର୍ତ୍ତ, ମଦ୍ୟପ, କାମୁକ , ହିଂସୁକ, ଲମ୍ପଟ, ଅନ୍ୟାୟୀ, ଅତ୍ୟାଚାରୀ ଆଦି କୁଗୁଣରେ ପରିପୂର୍ଣ୍ଣ ବ୍ୟକ୍ତିକୁ ଖଳ ଚରିତ୍ର ଭାବେ ଅଭିହିତ କରାଯାଇଛି । ଭଲ–ମନ୍ଦ, ବିଚାର–ଅବିଚାର, ଶୁଦ୍ଧ–ଅଶୁଦ୍ଧ, ଆଚାର–ଅନାଚାର, ସତକର୍ମ–ଅପକର୍ମ, ସୁନ୍ଦର – କୁତ୍ସିତ, ସରଳତା – ପ୍ରବଞ୍ଚନା ଏପରି ନାନା ବିପରୀତମୁଖୀ ଗୁଣରେ ଖଳଚରିତ୍ରର ସ୍ୱରୂପରେ ପରିଲକ୍ଷିତ ହୁଏ। ସ୍ରଷ୍ଟା ଯଦି ସ୍ୱ-ସୃଷ୍ଟି ମଧ୍ୟରେ କେବଳ ମୁଖ୍ୟଚରିତ୍ରକୁ ନେଇ କାହାଣୀକୁ ଗତିଶୀଳ କରାଏ, ତେବେ ବିଷୟଟି ପାଠକ ମନରେ ହୃଦୟଗ୍ରାହୀ ହୋଇନପାରେ। ଦ୍ୱନ୍ଦ୍ୱ ବିହୀନ ସଫଳତା ଯେପରି ସୁଖର ଲହଡ଼ି ସୃଷ୍ଟି କରାଇ ପାରେନା ଠିକ୍ ସେପରି ଖଳଚରିତ୍ର ବିନା କାହାଣୀ ଅସମ୍ପୂର୍ଣ୍ଣ । ତେଣୁ ସ୍ରଷ୍ଟା ଏ ଦୁଇ ପ୍ରକାର ଚରିତ୍ରର ଅବତାରଣା କରାଇ ସେମାନଙ୍କ ମଧ୍ୟରେ ନାନା ଘାତ–ପ୍ରତିଘାତ ତଥା ସଂଘର୍ଷ ସୃଷ୍ଟି କରି ନ୍ୟାୟର ନିକିତିରେ ସେମାନଙ୍କୁ ତଉଲି ଦୋଷୀକୁ ଦଣ୍ଡ ଦେଇ ସମାଜକୁ ସଚେତନତାର ବାର୍ତ୍ତା ପ୍ରେରଣ କରାଏ ।

ରାମଚନ୍ଦ୍ର ବେହେରାଙ୍କ ଉପନ୍ୟାସରେ ଯେତେ ଖଳ ଚରିତ୍ର ଅଛନ୍ତି, ସେମାନେ ସବୁ ପରପୀଡକ, ସଠ, ପ୍ରବଞ୍ଚକ, କାମୁକ, ପ୍ରତାରକ, ହିଂସୁକ, ଶୋଷକ, ଦୁର୍ବୃତ୍ତ, ଅନ୍ୟାୟୀ ଓ ଅତ୍ୟାଚାରୀ ଅଟନ୍ତି। ଏମାନେ ସବୁ କୁଟିଳ ପଥର ପଥିକ। ଔପନ୍ୟାସିକଙ୍କ ସୃଷ୍ଟ ପ୍ରାୟ ସମସ୍ତ

ଖଳଚରିତ୍ର ଏକ ଏକ ବହୁରୂପୀ ଏଣ୍ଡୁଅ ପରି, ନାନା ବର୍ଣ୍ଣ ପରିବର୍ତ୍ତନ କରିଛନ୍ତି । ତାର କୋମଳ ବଚନ ମଧ୍ୟରେ ତୀବ୍ର ହଳାହଳ। ମୁଖ୍ୟ ଖଳଚରିତ୍ରକୁ ସାହାଯ୍ୟ କରିବା ପାଇଁ ସ୍ରଷ୍ଟା ସୃଷ୍ଟି କରିଛନ୍ତି କେତେକ ଗୌଣ ଖଳ ଚରିତ୍ର।

ସ୍ରଷ୍ଟା କିଛି ଅନୁଭୂତିର ଆଶ୍ରୟ ନେଇ କଳ୍ପନା ସହିତ କିଛିଟା ବାସ୍ତବ ସତ୍ୟକୁ ମିଶାଇ ସ୍ୱ-ସୃଷ୍ଟି ସୌଧକୁ ଗଢ଼ିବାରେ ସଫଳ ହୁଏ । ଏହିପରି ଏକ ବାସ୍ତବିକ ସତ୍ୟକୁ ନେଇ ରାମଚନ୍ଦ୍ର ବେହେରାଙ୍କ ପ୍ରଥମ ଉପନ୍ୟାସ 'ଅଭିନୟର ପରିଧି' ର ସୃଷ୍ଟି । ଏ ଉପନ୍ୟାସର ଖଳ ଚରିତ୍ର ହେଉଛି ଗରିବ ଅନନ୍ତାର ପୁଅ 'ରାଧାକାନ୍ତ'। ସେ ଥିଲା ଏକାଧାରାରେ ଅଶାଳୀନ, ଅଭଦ୍ର, ମଦ୍ୟପ ଓ କାମୁକ। ବାପାର ନାନା ଚେଷ୍ଟା ସତ୍ତ୍ୱେ ଶୃଙ୍ଖଳିତ ହୋଇପାରିନାହିଁ ବରଂ ବେଶୀ ମାତ୍ରାରେ ବିଗିଡି ଯାଇଛି। ବାପାର ଆକଟକୁ ବେଖାତିର୍ କରି ସହରକୁ ଚାଲିଯାଇଛି; ସେଠାରେ କୁସଂଗରେ ପଡ଼ି ମଦ୍ୟପାନ ସହ କାର୍ଯ୍ୟରତ ହୋଟେଲରେ ଦମ୍ପତ୍ତି ଓ ପ୍ରେମୀଯୁଗଳଙ୍କ ଆପତ୍ତି ଜନକ ଅବସ୍ଥାକୁ କବାଟ ଛିଦ୍ରରେ ଦେଖିବାକୁ ତା ଭିତରେ ବ୍ୟାକୁଳତା ବଢ଼ିଛି। ଗାଁକୁ ଫେରି ଦେବ ଆଚାର୍ଯ୍ୟଙ୍କ ପତ୍ନୀକୁ ତା କାମାନଳରେ ଜାଳିଦେଇଛି । ବିବାହିତ ମହିଳାର ସଂସାରକୁ ଏକ ପ୍ରକାର ଭାଙ୍ଗିଦେବାରେ ସେ ସନ୍ତୋଷ ଲାଭ କରିଛି । ଦ୍ୱିତୀୟ ଉପନ୍ୟାସ 'ମୁଁ ଫେରିଆସିଛି' ଉପନ୍ୟାସର ଖଳଚରିତ୍ର 'ଦେବ' ନିଜ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଘର ଓ ପରିବାରର ଦୁଃସ୍ଥିତିକୁ ଭ୍ରୂକ୍ଷେପ ନକରି ନାନା ସାକ୍ଷାତକାର ଆଳରେ ବାପା-ମାଆଙ୍କୁ ଠକି ସଂକ୍ଷିପ୍ତ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାକୁ ଶ୍ରେୟ ମଣିଛି। ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତ ଥିଲେ ହେଁ ଛାତ୍ର 'ଦାମ'ର ସାମାନ୍ୟ ଦୁଷ୍ଟାମିକୁ ସହ୍ୟ ନକରି ପାରି କଠିନ ଦଣ୍ଡ ଦେବାକୁ ଯାଇ ତଣ୍ଟି ଚିପି ହତ୍ୟା କରିଛି ଏବଂ ସହକର୍ମୀ ସୁରେନ୍ଦ୍ର ସହ ମିଶି ତା'ର ଶବକୁ ଗାଁ ପାଖ ମୁଖ୍ୟ ରାସ୍ତା କଡ଼ରେ ଫୋପାଡି ଦେଇଛି । ଦାମର ବୃଦ୍ଧ ଜେଜେ ସନା, ଦେବକୁ ଦୋଷୀ ରୂପେ ସନ୍ଦେହ କରିବାରୁ ଡରରେ ସେ ନିଜର ମାନସିକ ସନ୍ତୁଳନତା ରକ୍ଷା ନ କରିପାରି ଆଧାରାତିରେ ସନା ରହୁଥିବା ଛୋଟ କୁଡ଼ିଆ ବାହାର ପଟୁ କବାଟ ବନ୍ଦକରି ସେଥିରେ ଅଗ୍ନି ସଂଯୋଗ କରିଛି। ଫଳରେ ସନା ଜୀବନ୍ତ ଦଗ୍ଧ ହୋଇଯାଇଛି । ଦେବ ତା'ର ପ୍ରବୃତ୍ତିକୁ ଶ୍ରେୟ ମନେକରି ଦୁଇଟି ସରଳ ଜୀବନ ନେବାକୁ ମଧ୍ୟ ପଛାଇନାହିଁ । ବାସ୍ତବିକ ଏ ଚରିତ୍ରଟି ଖୁବ୍ ନିନ୍ଦନୀୟ ।

ସେହିପରି 'ମୁକ୍ତିର ରୂପରେଖ' ଉପନ୍ୟାସରେ ଖଳ ଚରିତ୍ର ଦମ୍ପତ୍ତି ବିଭୂ ଓ ସୁରଭି ନିଜ ଗର୍ଭଜାତ ବିକଳାଙ୍ଗ ଶିଶୁ କନ୍ୟାଟିକୁ ଏକ ଅଳିଆ ସଦୃଶ୍ୟ ବସ୍ତାରେ ଭର୍ତ୍ତି କରି ଚଳନ୍ତା ଟ୍ରେନରୁ ଯମୁନା ନଦୀକୁ ନିକ୍ଷେପ କରିବାର ଘଟଣାଟି ବେଶ୍ କରୁଣୀୟ ମନେହୁଏ । ଅନ୍ୟ ଏକ ଉପନ୍ୟାସ 'ଧୂସର ସୂର୍ଯ୍ୟାସ୍ତ'ର ଖଳ-ନାରୀ ଚରିତ୍ରଟି ହେଉଛି ମୁଖ୍ୟଚରିତ୍ର ବୃଦ୍ଧ ଶ୍ୱଶୁରଙ୍କର ଏକମାତ୍ର ବୋହୂ ଶୋଭା; ଯାହାକୁ ବୃଦ୍ଧ ଜଣକ ମନୋନୀତ କରି ଆଣିଥିଲେ ନିଜ ଘରକୁ । ତାଙ୍କରି ଶେଷ ସମୟରେ ସେଇ ବୋହୂ ହିଁ ତାକୁ ବୋଝ ଭାବି ଅଣଦେଖା କରିବା ସହିତ ତାଙ୍କର ମରଣ କାମନା କରିବାକୁ ଲଜ୍ଜାବୋଧ କରିନାହିଁ। ପାରାଲାଟିକ୍ ଶ୍ୱଶୁରଙ୍କର ସେବା ଶୁଶ୍ରୁଷା ବଦଳରେ ସେ ତାଙ୍କ ପ୍ରତି ନାନା ଘୃଣା ଭାବ ସୃଷ୍ଟି କରିଛି। ଜେଜେ ଏସବୁ ଜାଣିବା ପରେ କହୁଛନ୍ତି, "ପାଚିଯିବା ଠାରୁ ପଚିଯିବା ବେଶୀ ବାଟ ନୁହଁ ।"[୧] ଏ ଦୃଷ୍ଟିରୁ ଉପନ୍ୟାସଟି ବାସ୍ତବିକ ଖୁବ୍ ମନନଶୀଳ।

'ମନିକା ଏବେ କେଉଁଠି' ଉପନ୍ୟାସରେ ନାୟିକାର ପରିବାର ହିଁ ଏଠାରେ ଖଳ ଚରିତ୍ର ଭାବେ ପରିଗଣିତ । ମନିକା ରଥର ବାପା, ମାଆ ଓ ଭାଇ ମନିକା ପ୍ରେମ କରୁଥିବା ଦଳିତ ସମ୍ପ୍ରଦାୟର ଶେଖର ସାର୍‌-ଙ୍କ ସହ ତାର ବୈବାହିକ ଜୀବନକୁ ସମ୍ପୂର୍ଣ୍ଣ ରୂପେ ଛିନ୍ନ କରାଇଛନ୍ତି । ଭଡ଼ାଟିଆ ଗୁଣ୍ଡାମାନଙ୍କଦ୍ୱାରା ଶେଖରର ପତ୍ନୀ ରୂପେ ସ୍ୱୀକୃତି ପାଇସାରିଥିବା ମନିକାକୁ ଜୋର୍ ଜବରଦସ୍ତି ଉଠାଇ ନେଇଛନ୍ତି । ଶେଖର ପୋଲିସ୍ ଓ କୋର୍ଟରେ ଦୀର୍ଘଦିନ ଧରି ବହୁବାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପ୍ରାଣପ୍ରିୟା ପତ୍ନୀର ଠିକଣା ପାଇବାରେ ସଫଳତା ପାଇପାରିନାହାନ୍ତି । ସେପରି ତାଙ୍କର ଆଉ ଏକ ସୁନ୍ଦର ଉପନ୍ୟାସ ହେଉଛି 'କିପରି ନିଆଯାଏ ନିଷ୍ପତ୍ତି' । ଉକ୍ତ ଉପନ୍ୟାସର ଖଳ ନାୟକ ସୌମ୍ୟ ଯୁବକ 'ଲକି' । ଏଲିଟ୍ ହାଉସ୍ ମାଲିକର ପୁଅ ଲକି ତା'ର ସୁନ୍ଦର ଚେହେରା ଓ ଦେଖାଣିଆ ମନ ମୁଗ୍ଧକାରୀ ବ୍ୟବହାରରେ ଝୁନୁକୁ ତା' ଫିଲ୍ମର ହିରୋଇନ୍ କରାଇ ଦେବାର ସ୍ୱପ୍ନ ଦେଖାଇ ତା'ର ପ୍ରେମ ଜାଲରେ ପକାଏ । ଏପରିକି ପରିବାର ସମ୍ମତିରେ ଝୁନୁର ବିବାହ ସମ୍ପାଦିତ ହୁଏ ହରିଶ୍ ସହ । ତତ୍ପରେ ମଧ୍ୟ ସେ ଝୁନୁ ଲକି ସହ ଯୋଗାଯୋଗ ରକ୍ଷା କରି ନାନା ଉପହାର ଗ୍ରହଣ କରିଛି । ପରେ ଝୁନୁ ଲକିର ଅସଲ ଉଦ୍ଦେଶ୍ୟ ଜାଣିପାରି ଯେତେବେଳେ ତା ମାୟାଜାଲରୁ ବାହାରି ସୁଖରେ ସାଂସାରିକ ଜୀବନ ଗଢ଼ିବାରେ ମନୋନିବେଶ କରେ ସେତେବେଳେ ଲକିଦ୍ୱାରା ବ୍ଲାକମେଲ୍ ହୋଇ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତିକୁ ଆପଣେଇ ନେଇଛି । ଆତ୍ମହତ୍ୟା ପୂର୍ବରୁ ଚିଠିରେ ଲେଖିଯାଇଛି "କାହା ପ୍ରତି ମୋର ତିକ୍ତତା ନାହିଁ। କେହି ମୋତେ ଯନ୍ତ୍ରଣା ଦେଇନାହାନ୍ତି। ମୋର ସ୍ୱାମୀ, ଶାଶୂ, ଶ୍ୱଶୁର ମହାନ୍ ଲୋକ । ବହୁତ ଭାବି ଚିନ୍ତି ନିଜ ଇଚ୍ଛାରେ ଦେହ ତ୍ୟାଗ କରୁଛି । ଏଥିପାଇଁ କେହି ମୋତେ ବାଧ୍ୟ କରିନାହାନ୍ତି ।"[୨] ଏ ଉପନ୍ୟାସ ମାଧ୍ୟମରେ ଯୁବ ପାଠକ ଗୋଷ୍ଠୀକୁ ଲେଖକ ପ୍ରବୃତ୍ତିର ବଶରୁ ନିଜକୁ ମୁକ୍ତ କରି ବିବେକ ମୁତାବକ ନିଷ୍ପତ୍ତି ନେବାକୁ ପରାମର୍ଶ ପ୍ରଦାନ କରିଛନ୍ତି।

ଅନ୍ୟ ଏକ ଉପନ୍ୟାସ 'ଦୁଆର ଟପିଲେ ବାଟ' ର ଖଳ ନାୟକ ସ୍ଥାନୀୟ ମନ୍ତ୍ରୀଙ୍କର ଚାମଚା 'ମଣ୍ଟୁ'; ଯେକି ସହରରେ ଘଟୁଥିବା ସମସ୍ତ ଅଘଟଣର ସୂତ୍ରଧର। ନାୟିକା ଆଭାର ସ୍ୱାମୀ ଉମେଶର ବନ୍ଧୁ ମଣ୍ଟୁ । ସରଳ ବିଶ୍ୱାସୀ ଉମେଶ ମଣ୍ଟୁର ପାଞ୍ଝାର ଉପରେ ନିର୍ଭର କରି ନିଜର ବୃତ୍ତି ଓ ରୋଜଗାର ପଛାକୁ ହେୟ କରି ମଣ୍ଟୁର ବୋଲହାକରେ ସନ୍ତୁଷ୍ଟ ଥାଏ । ମଣ୍ଟୁର ଥାଏ ଆଭା ପ୍ରତି କୁ-ଦୃଷ୍ଟି ବିଡମ୍ବନାର ବିଷୟ ଉମେଶ ପକ୍ଷେ ତାହା ବୁଝିବା ଅସମ୍ଭବ ହୋଇଛି । ଏକଦା ଉମେଶର ଅନୁପସ୍ଥିତିରେ ମଣ୍ଟୁ ଆଭାକୁ ଧର୍ଷଣ କରେ । ଏସବୁ ଜାଣି ସୁଦ୍ଧା ଭୀରୁ ଉମେଶ ଆଭାକୁ ଚୁପ୍ ରହିବାକୁ ନିର୍ଦ୍ଦେଶ ଦିଏ । ଆଭା ନିଜର ସତୀତ୍ୱକୁ ପୁନର୍ବାର କାମୁକ ମଣ୍ଟୁ ପାଖରେ ଅଜାଡ଼ି ଦେଇନି ବରଂ ଏହାକୁ ପ୍ରତିରୋଧ କରିବାକୁ ଯାଇ ଛୁରୀରେ ମଣ୍ଟୁର ଗଳା କାଟି ହତ୍ୟା କରିଛି । ନାରୀ ହଜାର ଶୂନ୍ୟତା ଭିତରେ ତାର ପରିପୂର୍ଣ୍ଣତାକୁ

ଉପଲବ୍ଧି କରେ । କିନ୍ତୁ ଦୁଷ୍ଟ ମଣିଷ ଯେତେବେଳେ ସାମାନ୍ୟ ହୋଇ ତା'ଠାରୁ ଅସାମାନ୍ୟତାକୁ ପାଇବାର ଲାଳସା ରଖେ ସେତେବେଳେ ସେ ନିଜକୁ ପ୍ରତିରୋଧି ଶକ୍ତି ଭାବରେ ପ୍ରସ୍ତୁତ କରିବାକୁ ବାଧ୍ୟ ହୁଏ । ମଣ୍ଟୁର କାମାନଳରେ ତା'ର ଶରୀର ସହ ତାର ସାଂସାର ଓ ଭବିଷ୍ୟତ ଜୀବନ କଳଙ୍କମୟ ହେଇଯାଇଛି। ଦୁଷ୍ଟ ମଣ୍ଟୁକୁ ସଂହାର କରି ଆଭା ତା' ଘର, ସଂସାର, ସ୍ୱାମୀ, ପୁଅ, ପରିଚିତ ପୃଥିବୀ, ଆତ୍ମୀୟ ସ୍ୱଜନ ଏ ସବୁକୁ ହରାଇ ବସିଛି କେତୋଟି କ୍ଷଣରେ । ସେ ମଣ୍ଟୁକୁ ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ବହୁ ବର୍ଷ ଜେଲ ଜୀବନ ଅତିବାହିତ କରି ପୌଢ଼ ବୟସରେ ଖଲାସ ହେଉଛି । ତା ପାଇଁ ପରିତାପର ବିଷୟ କେହି ତାକୁ ପାଛୋଟି ଦେବାକୁ ଧାଇଁ ଆସିନାହାନ୍ତି; ସେତେବେଳେ ସେ ଭାବୁଛି, "ସେ ନିଜେ ଚିହ୍ନି ନଥିବା ବାଟ । କେବେ ସେ ଚିହ୍ନିବ ? ବଡ଼ କଥା ହେଲା , ଆଭା କେଉଁ ବାଟ ବାଛିବ ବର୍ତ୍ତମାନ ପାଇଁ ।" (୩) ବାସ୍ତବିକ ଉପନ୍ୟାସଟିର ଅନ୍ତ ଖୁବ୍ କରୁଣ । ସେପରି 'ପାଦ ତଳର ମାଟି'ରେ ନାୟିକା 'ଶିଖା'ର ବଡ ଭଉଣୀ 'ସୁମି' ସାଜିଛି ଭିଲିଆନ୍ । ବାପା ମାଆ ଚାଲିଯିବାପରେ ଭଉଣୀ ଭିଣୋଇ ପାଖରେ ସେ ଆଶ୍ରିତା । ଶିଖାର ବିବାହ କଲେ ପୈତୃକ ସଂପତ୍ତି ଚାଲିଯିବା ଭୟରେ ଭଉଣୀ ତା ଉପରେ ସଦା ଅସନ୍ତୁଷ୍ଟ ରହୁଥିବାର ଚିତ୍ର ସୁସ୍ପଷ୍ଟ ।

ସେହିପରି ରାମଚନ୍ଦ୍ର ବେହେରାଙ୍କ 'ଚିହ୍ନା ଅଚିହ୍ନା' ଉପନ୍ୟାସଟି ଏକ ବଳିଷ୍ଠ ଉପନ୍ୟାସର ମାନ୍ୟତା ପ୍ରାପ୍ତ କରିବା ସହ ପାଠକ ମହଲରେ ବେଶ୍ ଆଦୃତ । ଏହାର ମୁଖ୍ୟ ଖଳନାୟକ ଛଦ୍ମବେଶୀ 'ଗୁନୁ' । ଏକଦା ଗୁନୁ, ନାୟିକା 'ଆନି'ର ଦୂର ସମ୍ପର୍କୀୟ ମେଘନା ମାଉସୀଙ୍କ ପାଖରୁ ତାଙ୍କ ଘର ପ୍ରତି କିଛି ଉପହାର ଛଳରେ ଆସି ନିଜର କୁହୁକ ଭାଷା ପ୍ରୟୋଗରେ ପରିବାରର ସମସ୍ତଙ୍କୁ ଆଚ୍ଛନ୍ନ କରି ରଖିଛି ଏବଂ ଏହାର କିଛି ଦିନପରେ ଆନିର ପରିବାର ସମତ୍ତିରେ ଦୁହିଁଙ୍କର ବିବାହ ସମ୍ପନ୍ନ ହୋଇଛି। ପରେ ପରେ ଗୁନୁର ବ୍ୟବହାରରେ ଆନିର ପରିବାର ଲୋକେ ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି । ଏହିପରି ଭାବେ କିଛି ଦିନ ସେ ଘରେ ଜ୍ୱାଇଁର ସମ୍ମାନ ପାଇ ଘରର ଲକ୍ଷାଧିକ ଟଙ୍କା ନେଇ ଫେରାର ହୋଇଯାଏ । ଆନିର ଉକ୍ତି ଗୁନୁ ପ୍ରତି, "ଅସଲକଥା ହେଉଛି ବିନା କଷ୍ଟରେ ଗୁନୁ ତୁମମାନଙ୍କୁ ଅଧିକାର କରି ନେଇଆସିଛି। ସେ ଚାହୁଁ ଥିବା ଜିନିଷ ପାଇବାକୁ ଯାଉଚି। ତୁମେ ଚାହୁଁ ଥିବା ଜିନିଷ ତୁମେ ପାଇବନାହିଁ। କାହିଁକି ନା ସେ ଜିନିଷ ଆଦୌ ନାହିଁ।"(୪) ଉକ୍ତ ଅପନ୍ୟାସରେ ଗୁନୁର ଆର୍ଥିକ ଓ ଦୈହିକ ସୁଖର ଲାଳସାରେ ଆନି ପରି ସରଳ ଓ ଶାନ୍ତ ଝିଅର ଜୀବନ ଛାରଖାର ହୋଇଯିବାର ଚିତ୍ର ପ୍ରକାଶିତ । ଗୁନୁର ବିଶ୍ୱାସ ଘଟକତା କାରଣରୁ ଆନିର ବର୍ତ୍ତମାନ ଓ ଭବିଷ୍ୟତ ଜୀବନ ବିପନ୍ନମୁଖୀ। ଗୁନୁର ମୋହ ଓ ଲାଳସା ଯୋଗୁଁ ଏ ନାଟକୀୟ ଲୁଚକାଳି ଖେଳରେ ଏକ ପରିବାର ସହ ଏକ ନିରୀହ ଝିଅ ଓ ତା'ର ଗର୍ଭସ୍ଥ ନିଷ୍ପାପ ଶିଶୁର ଆଗାମୀ ଭବିଷ୍ୟତ ମଧ୍ୟ ନଷ୍ଟ ହୋଇଯାଇଛି। ଗୋଟିଏ ଖଳ ଚରିତ୍ରର ତାଡ଼ନାରେ ଏକ ପରିବାରର ଧ୍ୱଂସ ଚିତ୍ର ସ୍ପଷ୍ଟ ଚିତ୍ରିତ । ଏ ଦୃଷ୍ଟିରୁ ଏଥିରେ ଅଂଶୀଦାର ଥିବା ଚରିତ୍ରଗୁଡ଼ିକ ବାସ୍ତବିକ ପରସ୍ପର ପକ୍ଷେ ପରସ୍ପର ପରିଚିତ ହୋଇ ମଧ୍ୟ ଅଚିହ୍ନା ମନୋଭାବ ପୋଷଣ କରିଛନ୍ତି ।

ଅନ୍ୟ ଏକ ବଳିଷ୍ଠ ଓ ଲୋକପ୍ରିୟ ଉପନ୍ୟାସ 'ନିଖୋଜ ଅପରାଧୀ' । ଏଥିରେ ଶିକ୍ଷୟିତ୍ରୀ ଛାୟାର ଏକମାତ୍ର ପୁଅ 'କିମ୍' ସାଜିଛି ଦୁର୍ଦ୍ଧାନ୍ତ ଖଳନାୟକ । ସ୍ୱାମୀର ଅବର୍ତ୍ତମାନରେ ସଙ୍ଘର୍ଷ କରି ଜିଦ୍ ଖୋର୍ ପୁଅକୁ ମଣିଷ କରିବାକୁ ଚେଷ୍ଟା କରି ସେ ହାର ମାନିଛି । ଅତୀତର ଦୂରାବସ୍ଥାରେ ଯେଉଁ ପୁଅ ମୁହଁକୁ ଚାହିଁ ବଞ୍ଚିବ ବୋଲି ପଣ କରିଥିଲା ସେ ପୁଅର ଅକ୍ଷମଣୀୟ ଅପରାଧ ପାଇଁ ସେ ଜୀଇଁ ଥାଉଥାଉ ମୃତବତ ଅନୁଭବ କରିଛି । ଅତୀତରେ ନୂତନ ଭାବେ ଅନ୍ୟ ଗାଁ ସ୍କୁଲରେ ଯୋଗଦେବାର କିଛି ଦିନ ପରେ ସେହି ଗାଁ'ର କିଛି ଅସାମାଜିକ ଯୁବଗୋଷ୍ଠୀଙ୍କ ଦ୍ୱାରା ଧର୍ଷିତା ହୋଇଛି। ତାର ଏ ଅପୂରଣୀୟ କ୍ଷତି ପାଇଁ ସେ କେବେ ଭାଙ୍ଗିପଡ଼ିନି ବରଂ ଗୁରୁଜନଙ୍କ ବାରଣ ସତ୍ତ୍ୱେ ସାହାସ ଯୁଟାଇ ଅଜ୍ଞାତ ଯୁବକଙ୍କ ବିରୁଦ୍ଧରେ ଏତଲା ଦେଇ ତା'ସହ ଘଟିଥିବା ନିନ୍ଦନୀୟ ଘଟଣାର ନ୍ୟାୟ ସମ୍ପର୍କରେ ଅବଗତ ହେବାକୁ ବହୁବାର ଥାନାକୁ ମଧ୍ୟ ଯାଇଛି । ଧର୍ଷିତା ହେବାପରେ ସମାଜରେ ତାର ପରିଚୟ ବଦଳି ଯାଏ ଲୋକଙ୍କର ସହାନୁଭୂତି ବଦଳରେ ସେ ପାଇଛି ନିନ୍ଦନୀୟ ଅପବାଦ ; ସେ ସବୁକୁ ମଧ୍ୟ ସେ ଭ୍ରୁକ୍ଷେପ କରିନାହିଁ। ସେ ଭୋଗିଥିବା ଜ୍ୱାଳା ଚାହିଁ ମଧ୍ୟ ଭୁଲିପାରିନି। ସେ ତାର ଦୁଃସହ୍ୟ ବେଦନାକୁ ଅନ୍ତର ଭିତରେ ଚାପି ରଖି ଜୀବନ ଅତିବାହିତ କରୁଥିବା ବେଳେ ରିପୋର୍ଟର ଅଭୟ ବାବୁଙ୍କ ସହ ତା'ର ବିବାହ ସମ୍ପନ୍ନ ହୋଇଛି। ବିବାହର କିଛି ବର୍ଷ ପରେ 'କିମ୍'ର ଜନ୍ମ । ପରେ ଅଭୟ ବାବୁଙ୍କର ଏକ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟେ। 'କିମ୍'ର ନିରୀହ ମୁହଁକୁ ଚାହିଁ ଛାୟା ନିଜର ସବୁଦୁଃଖ ଭୁଲି ଯାଇଛନ୍ତି। କିମ୍ କଲେଜ୍ ପଢୁଥିବା ବେଳେ ଜଣେ ଜୈନିକା କଲେଜ୍ ଛାତ୍ରୀକୁ ଧର୍ଷଣ କରି କରେ । ଛାୟା ଏକଥା ଶୁଣିବା ମାତ୍ରେ ତା'ମନରେ ଗଭୀର କ୍ଷତ ସୃଷ୍ଟି କରିଛି ପରେ ଧର୍ଷିତା ନାରୀର କଷଣକୁ ମନେପକାଇ ଅପରାଧୀ ପୁଅକୁ ଖୋଜି ପୋଲିସ ହାତରେ ଧରାଇଦେଇଛି। ସେ ବିଗତ ଦିନରୁ ଧରିରଖିଥିବା ସମସ୍ତ କୋହର ଅବସାନ ଘଟିଛି। ଔପନ୍ୟାସିକଙ୍କ ଭାଷାରେ, "ବଳାତ୍କାର କରିଥିବା ଅପରାଧୀମାନଙ୍କୁ ଧରାଯାଇ ପାରିଥିଲେ, ତାହା ଗୋଟେ ବାର୍ତ୍ତାରେ ପରିଣତ ହୋଇଥାନ୍ତା । ଅପରାଧ କଲେ ଶାସ୍ତି ମିଳେ ବାସ୍ତବିକ।"(୫) ଖଳଚରିତ୍ରର ଅମାନୁଷିକ ପ୍ରବୃତ୍ତିଦ୍ୱାରା ସମାଜର ଶୃଙ୍ଖଳାରେ ବ୍ୟାଘାତ ସୃଷ୍ଟି ହେବା ସହିତ ନିରୀହ ଲୋକମାନେ ପାଉଥିବା କଷ୍ଟ ବାସ୍ତବିକ ଖୁବ୍ ନିନ୍ଦନୀୟ ।

ସେହିପରି 'ଏଇଠି ଆକାଶ ' ଉପନ୍ୟାସର ଖଳ ନାରୀ ଚରିତ୍ରଟି ହେଉଛି ଅଧ୍ୟାପିକା 'ଦିପ୍ତୀ' ମାଡ଼ାମ୍ । ଦୀପ୍ତି ଉପରକୁ ସୁନ୍ଦର ସରଳ ଦେଖାଯାଉଥିଲେ ହେଁ ତାର ମାନସିକତା ଖୁବ୍ ନାରକୀୟ ଓ ଜଟିଳତାପୂର୍ଣ୍ଣ । ନିଜ ସୋନ୍ଦର୍ଯ୍ୟରେ ବହୁ ପୁରୁଷଙ୍କୁ ଫସାଇ ସ୍ୱାର୍ଥ ହାସଲ କରିବା ଥିଲା ତା ଚରିତ୍ରର ଅନ୍ୟ ଏକ ଦିଗ । ସାଧାରଣତଃ ସେ ଥିଲା ସ୍ୱାର୍ଥୀ ଓ ସୁବିଧାବାଦୀ । ନାରୀର ଅମୂଲ୍ୟ ରତ୍ନ ଚରିତ୍ରକୁ ନିଜ ସ୍ୱାର୍ଥ ମୁତାବକ ସେ ବ୍ୟବହାର କରିଛି । ସ୍ଥାନୀୟ କଲେଜରେ ଓଡ଼ିଆ ବିଭାଗରେ ଯୋଗ ଦେବାପରେ ସହକର୍ମୀ ବିବାହିତ ବସନ୍ତ

ସାର୍‌-ଙ୍କ ସାଂସାରିକ ଜୀବନକୁ ଖିନ୍‌-ଭିନ୍ କରିବାରେ ତାର ବଳିଷ୍ଠ ଭୂମିକା ଗ୍ରହଣ କରିଛି। କିଛି କ୍ଷଣପାଇଁ ବସନ୍ତର ଭରସା ହାସଲ କରି ତାଙ୍କ ବୈବାହିକ ଜୀବନରେ ପାଚେରୀ ହୋଇ ଛିଡା ହୋଇଛି। ସ୍ୱାର୍ଥ ହାସଲ ନିମିତ୍ତ ବିବାହ କରିବାର ପ୍ରତିଶ୍ରୁତି ଦେଇ ହଠାତ୍ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଛି। ଏପଟେ ଦୀପ୍ତିର ପ୍ରତାରଣାରେ ଜଳିଜଳି ଦୁର୍ବିସହ ନିସଙ୍ଗ ଜୀବନ ବିତାଇଛି ବସନ୍ତ ଚରିତ୍ର । ସେ ବାପା, ମା'ର ସ୍ନେହ, ସ୍ତ୍ରୀର ପ୍ରେମ ଓ ଶ୍ରଦ୍ଧା , ସମ୍ପର୍କୀୟ ମାନଙ୍କର ସୁକାମନା, ସାଂସାରିକ ସୁଖ ଓ ସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ। କେବଳ ଦୀପ୍ତିପାଇଁ ମାତ୍ର ଧୃତ ଦୀପ୍ତିଠାରୁ ପ୍ରତାରିତ ହୋଇ ଶେଷରେ ମଦ୍ୟପ ଓ ଜରାଗ୍ରସ୍ତ ହୋଇ ନିଃସଂଗ ଜୀବନ ଅତିବାହିତ କରିଛନ୍ତି। ଦୀପ୍ତି ସମ୍ପର୍କରେ ବସନ୍ତଙ୍କ ମୁହଁରେ, "ସେ ଧୁର୍ତ୍ତା ଓ ସୁବିଧାବାଦୀ । ଚୁଡ଼ାନ୍ତଭାବେ ସ୍ୱାର୍ଥପର । ସେ ମୋତେ ଶୋଷଣ ବି କରୁଚି ।ଫାଇଦା ଉଠାଇଛି ।"[୬]

ସେ ସୁ-ଚରିତ୍ର ହେଉ ବା କୁ-ଚରିତ୍ର ହେଉ ଲେଖକ ନିଜ ସୃଷ୍ଟ ଚରିତ୍ର ମାଧ୍ୟମରେ ସମାଜ ସଂସ୍କାରର ଦାୟିତ୍ୱ ତୁଲାଏ। ଏଠାରେ ଶ୍ରୀଯୁକ୍ତ ବେହେରା ଖଳଚରିତ୍ରଦ୍ୱାରା ଅଧୁନା ସମାଜରେ ସଚେତନତା ଆଣିବା ଦିଗରେ ସଫଳତା ଅର୍ଜନ କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ସମୟ ,ସୁବିଧା, ପରିବେଶ ଓ ପରିସ୍ଥିତିକୁ ନେଇ ଚରିତ୍ର ସଦା ପରିବର୍ତ୍ତନଶୀଳ। ଯେଉଁ ଚରିତ୍ର ସ୍ୱାର୍ଥ ହାସଲ ପାଇଁ ଅନ୍ୟକୁ ଅସୁବିଧାରେ ପକାଇବାରେ ସନ୍ତୋଷ ଲାଭ କରେ ତାହାକୁ ହିଁ ସାଧରଣତଃ ଖଳଚରିତ୍ର ବୋଲି କୁହାଯାଏ। ସାଧାରଣ ଚରିତ୍ର ଓ ଖଳ ଚରିତ୍ରର ମାନସିକ ଦ୍ୱନ୍ଦ୍ୱ (conflect)ରୁ ହିଁ ଖଳ ଚରିତ୍ରର ନକାରାତ୍ମକ ଦିଗଟି ପ୍ରତିଫଳିତ ହୁଏ। ସେପରି ରାମଚନ୍ଦ୍ର ବେହେରା ତାଙ୍କ ସୃଷ୍ଟ ଚରିତ୍ରଗୁଡ଼ିକର କେବଳ ସକାରତ୍ମକ ଦିଗଟିକୁ ପାଠକ ସମ୍ମୁଖରେ ଦର୍ଶାଇ ନାହାନ୍ତି, ବରଂ ଏଇ ଖଳ ଚରିତ୍ରମାନଙ୍କ ଦ୍ୱାରା ଅଧୁନା ସ୍ୱାର୍ଥଲିପ୍ତ ସମାଜର ସ୍ୱାର୍ଥପର ମଣିଷର ନକାରାତ୍ମକ ଚିନ୍ତା, ଚେତନା, ଭାବନାର ମୁଖା ଖୋଲିବାରେ ସଫଳ ହୋଇଛନ୍ତି ।

**ସଙ୍କେତ ସୂଚୀ:**


୧. ବେହେରା, ରାମଚନ୍ଦ୍ର। *ଧୂସର ସୂର୍ଯ୍ୟାସ୍ତ*। ପ୍ରଥମ ସଂସ୍କରଣ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୧୯୯୬। ପୃ. ୧୨୧।

୨. ବେହେରା, ରାମଚନ୍ଦ୍ର। *କିପରି ନିଆଯାଏ ନିଷ୍ପତ୍ତି*। ପ୍ରଥମ ସଂସ୍କରଣ, ବିଦ୍ୟାପୁରୀ, ବାଲୁବଜାର, କଟକ, ୨୦୦୨। ପୃ. ୧୫୩।

୩. ବେହେରା, ରାମଚନ୍ଦ୍ର। *ଦୁଆର ଟପିଲେ ବାଟ*। ପ୍ରଥମ ସଂସ୍କରଣ, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ, ୨୦୦୦। ପୃ. ୧୫୬।

୪. ବେହେରା, ରାମଚନ୍ଦ୍ର। *ଚିହ୍ନା ଅଚିହ୍ନା*। ପ୍ରଥମ ସଂସ୍କରଣ, ଅଗ୍ରଦୂତ, ବାଙ୍କବଜାର, କଟକ, ୨୦୦୯। ପୃ. ୯୫।

୫. ବେହେରା, ରାମଚନ୍ଦ୍ର। *ନିଖୋଜ ଅପରାଧୀ*। ପ୍ରଥମ ସଂସ୍କରଣ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ୨୦୧୦। ପୃ. ୧୧୫।

୬. ବେହେରା, ରାମଚନ୍ଦ୍ର। *ଏଇଠି ଆକାଶ*। ପ୍ରଥମ ସଂସ୍କରଣ, ଅରବିନ୍ଦ ପ୍ରିଣ୍ଟିଂ ଫେସ୍, ରାଜାବଗିଚା, କଟକ-୯, ୨୦୧୨। ପୃ. ୨୬୪।


«««


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 1 % |
| Ethical Approval | Not applicable |
| Cite: | Jena, Rojalin. "Ramachandra Beheranka Upanyasare Khalacharitra: Eka Adhyayana." Bindu Bimarsha, vol. 2, no. 1, Jan. 2026, pp. 14–17. Crossref, https://doi.org/10.64647/bb.vol.2.issue.1.2026.2. |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ନାରୀ ଜୀବନର ଅଭେଦ୍ୟ କୋଠରୀ: ଅଖିଳମୋହନଙ୍କ ସୁବର୍ଣ୍ଣମୟୀ ଉପାଖ୍ୟାନ

**ଶୁଭଶ୍ରୀ ମହାପାତ୍ର**
ତକତପୁର, ବାରିପଦା

**ARTICLE NO:** BB-II-I-2026-03

**ORC ID:** 0009-0004-4697-1395
**Review Status:** Double-Blind Peer Reviewed
**DOI:** 10.64647/bb.vol.2.issue.1.2026.3
**Language of the Article:** Odia
**E-Mail:** shubhashreemahapatra003@gmail.com
**Type of Article:** Research Article
**Submission Date:** 04-11-2025
**Publication Date:** 14-01-2026

**ABSTRACT**

ଆଧୁନିକ ଓଡ଼ିଆ ଗଳ୍ପସାହିତ୍ୟରେ ନିଜସ୍ୱ କ୍ରାନ୍ତି ଓ ସିଦ୍ଧି ପ୍ରଦର୍ଶନ କରିଥିବା ଗାଳ୍ପିକମାନଙ୍କ ମଧ୍ୟରେ ଅଖିଳମୋହନ ପଟ୍ଟନାୟକଙ୍କ ସ୍ୱତନ୍ତ୍ରତା ଅନାୟାସରେ ବାରିହୋଇପଡ଼େ। ଅନେକ ଲେଖକ ଓଡ଼ିଆ ସାହିତ୍ୟର ଭିନ୍ନ ଭିନ୍ନ ଦିଗକୁ ନେଇ ପରୀକ୍ଷା ନିରୀକ୍ଷା କରୁଥିବା ବେଳେ ଗାଳ୍ପିକ ଅଖିଳମୋହନଙ୍କ ଗଳ୍ପରେ ମଧ୍ୟ ଏହାର ଭିନ୍ନ ସ୍ୱର୍ଶ ଅନୁଭବ କରେ ପାଠକ। ପ୍ରାଥମିକ ପର୍ଯ୍ୟାୟରେ ବାମପନ୍ଥୀ ଚିନ୍ତାଚେତନାକୁ ଉପଜୀବ୍ୟ କରି ସାହିତ୍ୟ ରଚନା କରିଥିବା ଅଖିଳମୋହନଙ୍କ ଗଳ୍ପରେ ପୁନଶ୍ଚ ଦେଖିବାକୁ ମିଳେ ଜାଗତିକ ପୃଥିବୀର ଅନେକ ଅଦେଖା ଅଶୁଣା କଥା। ମଣିଷ ଜୀବନର ନିଷ୍ଠୁର ବାସ୍ତବତା, ଅସହାୟତା, ଅବଚେତନ ମନର ଆନନ୍ଦ-ବେଦନାକୁ ପାଠକ ମଧ୍ୟରେ ପ୍ରତ୍ୟକ୍ଷୀକରଣ କରାଇବାରେ ଗାଳ୍ପିକଙ୍କର ସିଦ୍ଧହସ୍ତତା ଉଚ୍ଚକୋଟୀର। ଥରେ ଅଖିଳମୋହନ କହିଥିଲେ "କ୍ଷୁଦ୍ରଗଳ୍ପ ହେଉଛି ଏକ ବର୍ଚ୍ଛା। ଯାହାର କ୍ଷେପଣରେ ପାଠକକୁ ବିଦ୍ଧ କରିବାକୁ ଲେଖକକୁ ମାତ୍ର ଗୋଟିଏ ସୁଯୋଗ ମିଳେ, ଯେଉଁଥିରେ ଲେଖକର କ୍ଷେପଣ ଶୈଳୀ ଅପେକ୍ଷା ବର୍ଚ୍ଛାର ବିଦ୍ଧ କରିବାର କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ।"(୧) ଏହି ପରିପ୍ରେକ୍ଷୀରେ ତାଙ୍କ ଗଳ୍ପ ପରିବେଷଣ, ବର୍ଚ୍ଛା କ୍ଷେପଣ ପରି ସବୁବେଳେ ପାଠକର ମର୍ମସ୍ଥଳକୁ ଭେଦି ରସାପ୍ଳୁତ କରିଥାଏ। ଆଲୋଚ୍ୟ 'ସୁବର୍ଣ୍ଣମୟୀ ଉପାଖ୍ୟାନ' ଗଳ୍ପଟି ଏହିପରି ଏକ ତୀକ୍ଷ୍ଣ ବର୍ଚ୍ଛା; ଯାହାକୁ ଧାର ପ୍ରଦାନ କରିଛନ୍ତି ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ। ଗଳ୍ପର ମୁଖ୍ୟ ଚରିତ୍ର ସୁବର୍ଣ୍ଣମୟୀଙ୍କ ଜରିଆରେ ନାରୀ ଜୀବନର କଠୋର ବାସ୍ତବତା, ବିଡ଼ମ୍ବନା, ଅସହାୟତା, ତ୍ୟାଗ, ଧୈର୍ଯ୍ୟ, ସହନଶୀଳତାର ପରିଚୟ ପ୍ରଦାନ କରିବା ସହ ସାମନ୍ତବାଦୀ ଯୁଗର ପ୍ରାଦୁର୍ଭାବ, ପୁନଶ୍ଚ ସାମନ୍ତବାଦ ଓ ସମାଜବାଦ ମଧ୍ୟରେ ଦେଖାଦେଇଥିବା ସଂଘର୍ଷର ଚିତ୍ର ସଙ୍ଗେ ସଙ୍ଗେ ସହରାଭିମୁଖୀ ମାନବର ନିମ୍ନ ଗ୍ରାମ୍ୟଦୃଷ୍ଟି ଏବଂ ଲୋଭ ଲାଳସାର କରୁଣ ଓ ଅକଳ୍ପନୀୟ ପରିଣତିକୁ ଗାଳ୍ପିକ ଏଠାରେ ଅତି ମାର୍ମିକ ଭାବେ ଦର୍ଶାଇଛନ୍ତି।

**ମୂଳ ଶବ୍ଦ:** ସାମନ୍ତବାଦ, ସମାଜବାଦ, ଅବଚେତନ ମନ, ଅସହାୟତା, ଧୌର୍ଯ୍ୟ, ସହନଶୀଳତା, ଅଭେଦ୍ୟତା, ସହରାଭିମୁଖୀ, ବିଳାସମୟତା, କୁଞ୍ଚିକାଠି, ହାତବାକ୍ସ, ଗୁପ୍ତଧନ ।

ଓଡ଼ିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ପତ୍ରିକା 'ଝଙ୍କାର'ର ୨୯ଶ ବର୍ଷ ଦଶମ ସଂଖ୍ୟାରେ ପ୍ରକାଶିତ ଗାଳ୍ପିକ ଅଖିଳମୋହନ ପଟ୍ଟନାୟକ(୧୯୨୭-୧୯୮୨)ଙ୍କ ରଚିତ 'ସୁବର୍ଣ୍ଣମୟୀ ଉପାଖ୍ୟାନ' କେବଳ ଏକ ଗଳ୍ପ ନୁହେଁ; ବରଂ ସାମନ୍ତବାଦ ଯୁଗୀୟ ନାରୀଜୀବନର ଜୀବନ୍ତ ପଟ୍ଟଚିତ୍ର। ଗାଳ୍ପିକ ଅଖିଳମୋହନଙ୍କ ଗଳ୍ପମାନସକୁ ଲକ୍ଷ୍ୟ କଲେ ଆମେ ସେଥିରେ ଏକାଧାରରେ ଦେଖିଥାଉ ବାମପନ୍ଥୀ ଚିନ୍ତାଚେତନାର ପ୍ରତିଫଳନ, ସାଧାରଣ ମାନବର ଦୟନୀୟ ଦୁଃସ୍ଥିତିର ଚିତ୍ର ଏବଂ ସାମାଜିକ ବିଧିବ୍ୟବସ୍ଥା ଓ ପ୍ରଥାପରମ୍ପରା ପ୍ରତି ତୀବ୍ର ବ୍ୟଙ୍ଗବିଦ୍ରୁପ। ମଣିଷର ମାନସିକ, ଦୈହିକ, ଭୌତିକ ଅନୁଭୂତିକୁ ସେ ତାଙ୍କ ଗଳ୍ପମାନଙ୍କରେ ଏତେ ମାର୍ମିକ ଭାବେ ବିଶ୍ଳେଷଣ କରିଛନ୍ତି ଯେ କୌଣସି ଅଭିଜ୍ଞତାଶୂନ୍ୟ ବେଦରଦୀ ଲେଖକ ନିମନ୍ତେ ଏହାକୁ ଲେଖନୀମୁନରେ ଉତାରିବା ଅସମ୍ଭବ ମନେହୁଏ। ତାଙ୍କ ଗଳ୍ପର ମାନଦଣ୍ଡ ଠିଆହୁଏ ପାଠକ ହୃଦୟର କେନ୍ଦ୍ରଭାଗରେ। ପାଠକକୁ ଗଳ୍ପର ଚରିତ୍ରମାନଙ୍କ ସ୍ଥାନରେ ରହି ଭାବିବାକୁ ବାଧ୍ୟ କରିଦିଅନ୍ତି ଗାଳ୍ପିକ ଅଖିଳମୋହନ ନିଜର କଳାସୌଷ୍ଠବ ଓ କଥନଚାତୁରୀ ମଧ୍ୟରେ। ଏହି ପରିପ୍ରେକ୍ଷୀରେ ଗାଳ୍ପିକ ଅଖିଳମୋହନଙ୍କର ପ୍ରକାଶଲାଭ କରିଥିବା ଗଳ୍ପସଂକଳନ ମଧ୍ୟରେ ରହିଛି 'ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର', 'ଓ ଅନ୍ଧଗଳି', 'ନଦୀର ନାମ ଗଣତନ୍ତ୍ର' ଓ

CC BY NC

'ଆରମ୍ଭ ଓ ଶେଷ' ନାମକ ଚାରୋଟି ଗଳ୍ପସଂକଳନ। ତାଙ୍କର ପ୍ରତ୍ୟେକ ଗଳ୍ପ ପାଠକଲେ ମନେହୁଏ ବିଷୟବିନ୍ୟାସ ଓ ଚରିତ୍ରଚିତ୍ରଣରେ ଏକ ଆରେକଠାରୁ ବଳୀୟାନ। ଚରିତ୍ରର ଦୁଃଖ-ସୁଖ, ଯନ୍ତ୍ରଣା-ବେଦନା, ଅସହାୟତାକୁ ଗାଳ୍ପିକ ତାଙ୍କ ଗଳ୍ପରେ ଦେଇଛନ୍ତି ପ୍ରାଥମିକ ଗୁରୁତ୍ୱ। ମଣିଷର ଅବଚେତନ ମନର ଅନେକ ଅବ୍ୟକ୍ତ ଭାବକୁ ବ୍ୟକ୍ତ କରିବାରେ ଗାଳ୍ପିକଙ୍କ ସିଦ୍ଧହସ୍ତତା ଆମେ ଲକ୍ଷ୍ୟ କରିପାରିବା, ତାଙ୍କର 'ସୁବର୍ଣ୍ଣମୟୀ ଉପାଖ୍ୟାନ' ଗଳ୍ପରେ।

'ସୁବର୍ଣ୍ଣମୟୀ ଉପାଖ୍ୟାନ' ଗଳ୍ପଟି ଗାଳ୍ପିକଙ୍କ ଶେଷ ଗଳ୍ପ ସଂକଳନ 'ପ୍ରଥମ ଓ ଶେଷ'(୧୯୯୦)ରେ ସ୍ଥାନିତ ତୃତୀୟ ଗଳ୍ପ। ଗଳ୍ପର ସମଗ୍ର ଭାବମାନସଟି ଗଢିଉଠିଛି ଗଜରାଜପୁର ଗ୍ରାମର ଜମିଦାର ଶ୍ରୀଲୋକନାଥ ରାୟଙ୍କର ଏକମାତ୍ର ଅଲିଅଳ କନ୍ୟା 'ସୁବର୍ଣ୍ଣକୁମାରୀ' ଦେବୀଙ୍କୁ କେନ୍ଦ୍ର କରି। ସାମନ୍ତବାଦର ସାମାଜିକ ପରମ୍ପରାବାଦୀ ସମୟରୁ ଗତିକରି ଗଳ୍ପର କଥାଭାଗଟି ଶେଷରେ ପହଂଚିଛି ସମାଜବାଦର ଆଧୁନିକତା ନିକଟରେ। ପୁଣି ଅନ୍ୟତ୍ର ଗାଳ୍ପିକ ଗ୍ରାମ୍ୟ ଜମିଦାରୀ ସଭ୍ୟତା ସହ ସହରୀ ବିଳାସମୟ ସଭ୍ୟତାର ତୁଳନାତ୍ମକ ଚିତ୍ର ପ୍ରଦାନ କରିଛନ୍ତି। ଏହି ଦିଗଗୁଡ଼ିକ ଗଳ୍ପରେ ଉଲ୍ଲିଖିତ ବିଷୟ ପ୍ରସଙ୍ଗର ସମୟସୀମା ଓ ପୃଷ୍ଠଭୂମିକୁ ଦର୍ଶାଉଥିଲେ ହେଁ ଏହାର ମୁଖ୍ୟ କେନ୍ଦ୍ରବିନ୍ଦୁ କିନ୍ତୁ ପାଲଟିଛନ୍ତି ସୁବର୍ଣ୍ଣମୟୀ ଦେବୀ। ସେ ହିଁ ଗଳ୍ପର ଆଭିମୁଖ୍ୟ ଓ ଫଳପ୍ରସୂ ପ୍ରଭାବର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କୁ ହିଁ କେନ୍ଦ୍ରକରି ସମଗ୍ର ଗଳ୍ପ ଓ ଏହାର ଚରିତ୍ରମାନେ ଗତିକରିଥିଲେ ହେଁ ଶେଷରେ ସମସ୍ତଙ୍କର ହସ୍ତଗତ ହୋଇଛି କେବଳ ଶୂନ୍ୟତା।

ପିତୃଆଜ୍ଞା ପାଳନ କରି ସୁବର୍ଣ୍ଣକୁମାରୀ ରାୟ ଖାନଦାନର ରାଜଜେମାରୁ ପାଲଟିଛନ୍ତି ସୁଦୂର ଅଗରପଡ଼ା ଗ୍ରାମର ମର୍ଦ୍ଦରାଜ ପରିବାରର କୁଳବଧୂ। ମାତ୍ର ଜଣେ ବିବାହିତ ନାରୀ ରୂପେ ତାଙ୍କ ଜୀବନ ହୋଇଛି ବିଡ଼ମ୍ବିତ। ଲୋକନାଥ ରାୟଙ୍କର ଅମାପ ଧନସମ୍ପତ୍ତି ପ୍ରତି ଲାଳାୟିତ ହୋଇ ପ୍ରତାପ ମର୍ଦ୍ଦରାଜ ସୁବର୍ଣ୍ଣକୁମାରୀଙ୍କୁ ବିବାହ କରିଥିଲେ ହେଁ ସ୍ତ୍ରୀର ମର୍ଯ୍ୟାଦା ଓ ଅଧିକାର ପ୍ରଦାନ କରିବାରେ ଅସମର୍ଥ ହୋଇଛନ୍ତି । ବିବାହର ପ୍ରଥମ ରାତ୍ରିରେ ପତ୍ନୀଙ୍କୁ ଅପେକ୍ଷା କରାଇ ସେ ଦାମ୍ପତ୍ୟ ଜୀବନରେ ଟାଣିଦେଇଛନ୍ତି ଅଲିଭା ଲକ୍ଷ୍ମଣରେଖା। ପତ୍ନୀ ସୁବର୍ଣ୍ଣକୁମାରୀ ମଧ୍ୟ ଦିବାଲୋକରେ ଲୋକଲଜ୍ଜାର ସରହଦ ମଧ୍ୟରେ ନିଜକୁ ଅଟକାଇ ରଖି ସ୍ୱାମୀ ପ୍ରତାପ ମର୍ଦ୍ଧାରାଜଙ୍କ ଅପେକ୍ଷାରେ ବିନିଦ୍ର ରଜନୀ ଅତିବାହିତ କରିଛନ୍ତି । ସେପଟେ ପ୍ରତାପ ମର୍ଦ୍ଦରାଜ ଘରର ଚଉପାଢ଼ୀ ଉପରେ ହୁକାରେ ଗୁଡ଼ାଖୁ ପିଉ ପିଉ ଜମିଦାରୀ ସମସ୍ୟାର ସମାଧାନ ବ୍ୟତିରେକ ରାତି ରାତି ପଶା ଖେଳିବା ସହ ରାତ୍ରିର ଅନ୍ଧକାରରେ ସୁରା ଓ ସାକୀ ଗହଣରେ ସମୟ ଅତିବାହିତ କରିଛନ୍ତି। ସବୁ ଜାଣି ସବୁ ବୁଝି ମଧ୍ୟ ସୁବର୍ଣ୍ଣମୟୀ ପାଲଟି ଯାଇଛନ୍ତି ଅନ୍ଧଗାନ୍ଧାରୀ। ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅପେକ୍ଷାର ଦୂରତା କମ୍ ହେବା ବଦଳରେ ଲମ୍ବି ଯାଇଛି ବହୁତ ଦୂର।

ଘରର ଚାରିକାନ୍ଥ ଭିତରେ ଦାସୀ ପୋଇଲି ବେଷ୍ଟିତା ହୋଇ ସୁବର୍ଣ୍ଣମୟୀ କେବଳ କଣ୍ଢେଇ ପିତୁଳାଟିଏ ପରି ରହିଯାଇଛନ୍ତି । ପରିବାର ପରିଜନଙ୍କ ଦୃଷ୍ଟିରେ ସେ କେବଳ ଗୋଟିଏ ସୁନା ଅଣ୍ଡା ଦିଆ କୁକୁଡ଼ା ସଦୃଶ୍। ଗ୍ରାମବଧୂଙ୍କର ଦୃଷ୍ଟିରେ ସୁବର୍ଣ୍ଣକୁମାରୀଙ୍କ ଭଳି କୃଷ୍ଣକାୟା ନାରୀ କେବଳ ପିତୃଧନ ବଳରେ ପ୍ରତାପ ମର୍ଦ୍ଦରାଜଙ୍କ ପତ୍ନୀ ପାଲଟି ପାରିନ୍ତି। କନ୍ୟାସୁନା ବା ଯୌତୁକ ପ୍ରାପ୍ତିର ଲୋଭରେ ପ୍ରତାପ ମର୍ଦ୍ଦରାଜ ଯେ ସୁବର୍ଣ୍ଣମୟୀଙ୍କୁ ବିବାହ କରିଛନ୍ତି ଏହା କାହାକୁ ଅଛପା ହୋଇରହିନାହିଁ। ଶେଷରେ ପ୍ରତାପ ମର୍ଦ୍ଦରାଜ କଲିକତାକୁ ଜରୁରୀ କାମରେ ଯିବାର ସୂଚନା ପ୍ରଦାନ କରି ସୁବର୍ଣ୍ଣକୁମାରୀଙ୍କୁ ଶୀଘ୍ର ଫେରିଆସିବାର ଆଶ୍ୱାସନା ଦେଇ ଯାଇଛନ୍ତି ଯେ, ଫେରିବାର କୌଣସି ଖବର ମିଳିନାହିଁ।

ମାତ୍ର ବିବାହର କିଛିମାସ ପରେ ସ୍ୱାମୀର ନିରୁଦ୍ଦିଷ୍ଟ ହେବା ନବବିବାହିତା ସ୍ତ୍ରୀ ପାଇଁ ଯେ ଜାଣତେ ଅଜାଣତେ ଡାକିଆଣେ କେତେ ଲାଞ୍ଛନା ଓ ଗଞ୍ଜଣା। ପ୍ରତାପ ମର୍ଦ୍ଧାରାଜଙ୍କ କଲିକତାରୁ ଆଉ ପ୍ରତ୍ୟାବର୍ତ୍ତନ ନକରିବା ସୁବର୍ଣ୍ଣମୟୀଙ୍କ ପାଇଁ ଆଣିଦେଇଛି ଏମିତି କେତେ ବାଦ ଓ ଅପବାଦ। ଅଗରପଡ଼ା ମାହାଲାରେ ପ୍ରତାପ ମର୍ଦ୍ଦରାଜଙ୍କ ବିଷୟରେ କିଏ କେତେ ଗୋପନ ସମ୍ବାଦ ପ୍ରଚାର ପ୍ରସାର କରନ୍ତି। ସେଠାରେ କାଳେ ସେ ଗୋଟିଏ ଘର କିଣି, ରକ୍ଷିତା ରଖି ମଦ୍ୟପାନ ଓ ଜୁଆଖେଳରେ ସମୟ ଅତିବାହିତ କରୁଛନ୍ତି। ହେଲେ ସ୍ୱାମୀର ଏପରି ଆକସ୍ମିକ ଗୃହତ୍ୟାଗ ଓ କଲିକତାରେ ଅସାମାଜିକ ଜୀବନଯାପନ ପାଇଁ ସମାଜ ଆଗରେ ଦାୟୀ ହୁଅନ୍ତି ସୁବର୍ଣ୍ଣମୟୀ। ଏହି ଅସହାୟତା ସତ୍ତ୍ୱେ ଏସବୁକୁ ମଧ୍ୟ ସେ ସହିଯାନ୍ତି ବିନା ପ୍ରତିବାଦରେ ନିରବତା ସହକାରେ। ଗାଳ୍ପିକ ନାରୀଜୀବନର ଅସହାୟତାକୁ ସୁନ୍ଦର ଭାବେ ଗଳ୍ପରେ ପ୍ରକାଶ କରି କହନ୍ତି, "ସୁବର୍ଣ୍ଣମୟୀ ନିଜର ଜନ୍ମଗ୍ରହଣ କରିବା, ଗୃହଯୋଗ୍ୟା ହେବା, ବିବାହ କରି ସ୍ଥାନାନ୍ତରିତ ହେବା ପରି ଏହାକୁ ମଧ୍ୟ ସେ ବିନା ପ୍ରତିବାଦରେ ଗ୍ରହଣ କରିନେଇଥିଲେ।"(୨)

BINDU BIMARSHA...

ସମୟଚକ୍ରର ଗତି ଅନୁସାରେ ସୁବର୍ଣ୍ଣମୟୀ ପିତା ଓ ଦିଅର ହରିହରଙ୍କ ଆପସ୍ ବୁଝାମଣାରେ ପୁଣି ଫେରିଯାଆନ୍ତି ପିତ୍ରାଳୟକୁ, କିନ୍ତୁ ଫେରିଲାବେଳେ ନଥିଲା ଯିବାବେଳର ବିଷୟ ସମ୍ଭାର। ଅଗରପଡ଼ାରୁ ଫେରିଥିଲା ସୁବର୍ଣ୍ଣମୟୀଙ୍କ ବ୍ୟକ୍ତିଗତ ପିନ୍ଧାଲୁଗାର ଏକ ପେଟିକା ସହ ଏକ ଅତ୍ୟନ୍ତ ବ୍ୟକ୍ତିଗତ ହାତବାକ୍ସଟିଏ, ଯେଉଁଥିରେ ତାଙ୍କର ଅଳଙ୍କାରାଦି ଗଲାବେଳେ ସାଙ୍ଗରେ ଦିଆଯାଇଥିଲା। ନିଜକୁ ସର୍ବତୋ ଭାବେ ଅଦୃଷ୍ଟ ହସ୍ତରେ ଅର୍ପଣକରି ସୁବର୍ଣ୍ଣମୟୀ ପାଲଟିଯାଇଛନ୍ତି ସମ୍ପୂର୍ଣ୍ଣ ନିରୁଦବିଗ୍ନ ଓ ନିର୍ଲିପ୍ତ। କୌଣସି ଅପଦେବତାର ଅଭିଶାପରେ ସେ ଯେପରି କୈଶୋରରୁ ଯୌବନକୁ ପାଦ ଦେଉ ଦେଉ ହଠାତ୍ ବାର୍ଦ୍ଧକ୍ୟ କବଳିତ ହୋଇପଡ଼ିଛନ୍ତି।

ଇତିମଧ୍ୟରେ କଟିଯାଇଛି ଦୀର୍ଘ ପଇଁତିରିଶ ବର୍ଷ। ହେଲେ ସମୟ ଯେ କେବେ କାହାକୁ ଅପେକ୍ଷା କରି ଅଟକିଯାଏନି; ସେ ଚାଲୁଥାଏ ଯେମିତି ସୂର୍ଯ୍ୟ-ଚନ୍ଦ୍ର ଚାଲୁଥାନ୍ତି ନିରନ୍ତର ଏକ ଅପରିବର୍ତ୍ତିତ ଧାରାରେ।

ଇତିମଧ୍ୟରେ ପୃଥିବୀରେ କିନ୍ତୁ ଅନେକ କିଛି ବଦଳି ଯାଇଛି। ଯେପରିକି ସାମନ୍ତବାଦ ନିଜର ପ୍ରୟୋଜନୀୟତା ହରେଇ ବସିଛି ଓ ସମାଜବାଦ ନିଜର କାୟା ବିସ୍ତାର କରିଛି। ଜମିଦାରୀ ଉଚ୍ଛେଦ ହୋଇଥିବା ବେଳେ ଲୋକନାଥ ରାୟଙ୍କ ଭଳି ଲୋକମାନେ ଇହଲୀଳା ସମ୍ବରଣ କରିଛନ୍ତି। ଆଉ କେତେକ ଅତୀତର ମୂକସାକ୍ଷୀ ପରି ପଡ଼ିରହିଛନ୍ତି କେବଳ। ଏକାନ୍ନବର୍ତ୍ତୀ ପରିବାରମାନ ଭାଙ୍ଗିଯାଇ ସୃଷ୍ଟିହୋଇଛି ଛୋଟ ପରିବାର। ବଡ଼ବଡ଼ ସହରର ସ୍କୁଲ କଲେଜ ହୋଇଛି, ନବଯୁବପୀଢ଼ିଙ୍କ ପାଇଁ ନୂତନ ଜୀବନର ପଥପ୍ରଦର୍ଶକ। ସଂସାରରେ ଏତେ ସାରା ପରିବର୍ତ୍ତନ ହୋଇଥିଲେ ମଧ୍ୟ ସୁବର୍ଣ୍ଣମୟୀଙ୍କ ଜୀବନ କିନ୍ତୁ ସେହିପରି ଅପରିବର୍ତ୍ତନୀୟ ଓ ଗତାନୁଗତିକ ହୋଇ ରହିଯାଇଛି। ପରିବର୍ତ୍ତନ ବା ହୁଅନ୍ତା କେମିତି? ନା ତାଙ୍କର କିଛି ହଜେଇବାର ଆଶଙ୍କା ଅଛି ନା ଆଜିର ଦୁନିଆରୁ କିଛି ପ୍ରାପ୍ତ କରିବାର ଆଶା। ସୁବର୍ଣ୍ଣମୟୀ ଏଇ କିଛି ବର୍ଷ ଭିତରେ ଉଭୟ ଶ୍ୱଶୁରାଳୟ ଓ ପିତ୍ରାଳୟ ନିମନ୍ତେ ପାଲଟି ଯାଇଛନ୍ତି ଯେପରି ଏକ ଅସ୍ମରଣୀୟ କିମ୍ବଦନ୍ତୀ। ତାଙ୍କ ଜୀବନଟି ଯେମିତି ସକାଳର ନିତ୍ୟକର୍ମ, ଠାକୁରପୂଜା, ସାମାନ୍ୟ ଆହାର, ଭାଗବତ ପୋଥି ପାଠର ଗତାନୁଗତିକ ପୌନଃପୌନିକତା ମଧ୍ୟରେ ଗତି କରିଚାଲିଛି।

ଏଇ ଦୀର୍ଘ ବର୍ଷର ବ୍ୟବଧାନ ମଧ୍ୟରେ ଉଭୟ ଲୋକନାଥ ରାୟ ଓ ପ୍ରତାପ ମର୍ଦ୍ଦରାଜଙ୍କ ଉତ୍ତରପୀଢ଼ି ସହରାଭିମୁଖୀ ହେବାଦ୍ୱାରା ଗ୍ରାମ୍ୟ ସଂସ୍କୃତି ଓ ସଭ୍ୟତା ମାଟିଘରର କାନ୍ଥ ପରି ଭୁଶୁଡ଼ି ପଡିବାରେ ଲାଗିଛି। ଗାଳ୍ପିକ ଏଠାରେ ପରୋକ୍ଷରେ ଆଧୁନିକତା ଓ ସହରୀ ସଭ୍ୟତାର ପ୍ରାଦୁର୍ଭାବକୁ ଦର୍ଶାଇଛନ୍ତି। ସହରାଭିମୁଖୀ ମାନବର ଗ୍ରାମ୍ୟ ଦ୍ରବ୍ୟ ଓ ପଦାର୍ଥର ଶୁଦ୍ଧତା ପ୍ରତି ମୋହ ଥିଲେ ସୁଦ୍ଧା ଗ୍ରାମ୍ୟ ସଂସ୍କୃତି ପ୍ରତି ଥିବା ହୀନମନ୍ୟତାକୁ ବ୍ୟଙ୍ଗ କରିବାକୁ ଗାଳ୍ପିକ ପଛାଇ ନାହାନ୍ତି। ସାମନ୍ତବାଦ ଓ ସମାଜବାଦର ଏ ଛକାପଞ୍ଝା 'ଡୁଡୁଖେଳ' ଭିତରେ କିନ୍ତୁ ସୁବର୍ଣ୍ଣମୟୀ କାହାନ୍ତି ? ଏଇ ପ୍ରଶ୍ନର ଉତ୍ତର ପ୍ରଦାନ କରିବାକୁ ଯାଇ ଗାଳ୍ପିକ କହିଛନ୍ତି, "ଏ ଛକାପଞ୍ଝା ଖେଳ ଭିତରେ ସୁବର୍ଣ୍ଣମୟୀ କିନ୍ତୁ ନାହାନ୍ତି। ସେ ଲୋକନାଥ ରାୟଙ୍କ ପରିବାର ଭିତରେ ତାଙ୍କର ପେଟୁଆ ଧାନ କୋଠି ପରି। ନ ହେଲେ ଦାଣ୍ଡ ଦୁଆରେ କାହିଁ କୋ'କାଳୁ ପଡ଼ିଥିବା ଅକର୍ମଶିଳା ପଥର ଖଣ୍ଡକ ପରି, ନ ହେଲେ ତାଙ୍କର ଦୋପୁରିଆ ପାଞ୍ଚପୁରୁଷୀ ଆଟୁ ଘରର ମୋଟା ମୋଟା ଶାଳ କାଠର ଶେଣୀ ପରି ସ୍ଥାବର ହୋଇ ରହିଯାଇଛନ୍ତି। ଅକର୍ମା ପରି ବହୁ ବର୍ଷ ପଡିରହିବା ଭିତରେ କେଉଁଠି ଯେମିତି ଘୁଣ ଧରିଯାଇଛି ହୁଏତ; ନ ହେଲେ ସମସ୍ତ ମୌଳିକ ଗୁଣ ରହିଛି ଅପରିବର୍ତ୍ତନୀୟ।"[୩]

ଏତେ ଦୀର୍ଘଦିନର ବ୍ୟବଧାନ ଏ ସଂସାରରେ ଅତିକ୍ରମ ହୋଇଯାଇଥିଲେ ହେଁ ନାରୀ ଜୀବନର ବାଦ-ଅପବାଦ ଆଜି ମଧ୍ୟ ଅପସରି ଯାଇନାହିଁ। ସୁବର୍ଣ୍ଣମୟୀଙ୍କ ବିବାହର ସେ ଆଡ଼ମ୍ବର, ଭୋଜିଭାତ ଓ ଧନସମ୍ପତ୍ତି ଅଗରପଡ଼ା ଗାଁର ପିଲାଙ୍କ ପାଇଁ ବୁଢ଼ୀମା' ମୁହଁରେ ଆଜିବି ଫୁଟି ଉଠୁଛି। "ସୁବର୍ଣ୍ଣମୟୀଙ୍କର ଐଶର୍ଯ୍ୟ ଆଜିବି ସମାଜବାଦୀ ଯୁଗର ଉତ୍ତରପୀଢ଼ିଙ୍କ ସ୍ମୃତିରେ ଜାଜ୍ୱଲ୍ୟମାନ ହୋଇରହିଛି। ହେଲେ କୁଆଡେ ଗଲା ଏତେ ଐଶ୍ୱର୍ଯ୍ୟ, ସବୁ ସୁନାଗହଣା!"[୪] ଏସବୁ ଭିତରେ ଆଜିବି କିନ୍ତୁ ସୁବର୍ଣ୍ଣମୟୀଙ୍କ କପାଳ ଅପବାଦର କଳଙ୍କରୁ ମୁକ୍ତ ହେଇନି। ଏସବୁ ସମ୍ପର୍କରେ କଥାବାର୍ତ୍ତା ହେଲେ ଆଜିବି ଗ୍ରାମବଧୂମାନଙ୍କ ମୁହଁରେ ଶୁଣାଯାଏ "କୁଆଡ଼େ ଆଉ ସବୁ ଯିବ ? ଘରେ ପଶି ତ ଚାରି ପାଞ୍ଚ ମାସ ଯାଇଛି କି ନାହିଁ ଘଇତାକୁ ଖାଇଲା, ସେ ଦିନରୁ ତ କେବେ କେହି ତାକୁ ଗହଣା ଲଗେଇବାର ଦେଖିନାହିଁ – ପୂରେଇଥିବ ତା ବାକ୍ସ ଭିତରେ, ଆଉ କୁଆଡ଼େ ଯିବ ? କାହାକୁ ଦେଲା ନା ନେଲା"। ଗାଁ ଲୋକଙ୍କ ଏହି ସବୁ ଟାହିଟାପରା ଭିତରେ ଗାଁ ସନ୍ଧ୍ୟାର ଆସର ଜମେ, ଗାଁ ପିଲାଙ୍କ ମନରେ କଳ୍ପନାର ଜମାଟ ବାନ୍ଧେ।

କେବଳ ଅଗରପଡ଼ା କାହିଁକି ଗଜରାଜପୁରରେ ମଧ୍ୟ ସୁବର୍ଣ୍ଣମୟୀଙ୍କ ବିବାହର ଆଡ଼ମ୍ବର ଓ ବୈବାହିକ ଜୀବନକୁ ନେଇ ବହୁ କଳ୍ପନା ଜଳ୍ପନା ଚାଲେ। ତାଙ୍କ ଦୃଷ୍ଟି ଆଢୁଆଳରେ ଆତ୍ମୀୟସ୍ୱଜନଙ୍କ ଟାହି ଟାପରା ଓ ଆଶୁମୃତ୍ୟୁ କାମନା ଯେ ସବୁବେଳେ ଚାଲିଥାଏ ଏକଥା କିନ୍ତୁ ସୁବର୍ଣ୍ଣମୟୀଙ୍କୁ ଅଗୋଚର ରହେନାହିଁ। ସହରାଭିମୁଖୀ ଭାଇ ଓ ପୁତୁରାମାନଙ୍କର ସାମୟିକ ତତ୍ତ୍ୱାବଧାନ ବ୍ୟତୀତ ସୁବର୍ଣ୍ଣମୟୀଙ୍କ ଜୀବନ ଘୁରିବୁଲେ ବିଧବା ନଣନ୍ଦ ଓ ଯାଆଙ୍କ ଚାରିପଟେ। ମୃତ ପିତାଙ୍କର ନିର୍ଦ୍ଦେଶରେ ସେ ଗଜରାଜପୁରରେ ସ୍ଥାନିତ ହୋଇଥିଲେ ହେଁ, ଗଞ୍ଜଣା ଓ ଲାଞ୍ଛନା ସବୁବେଳେ ତାଙ୍କ କାନିରେ ଗଣ୍ଠି ପଡ଼ି ସଙ୍ଗେ ସଙ୍ଗେ ରହିଥାଏ। ସୁବର୍ଣ୍ଣମୟୀଙ୍କ ଅବର୍ତ୍ତମାନରେ ରାୟ ପରିବାରର ଅନ୍ତେବାସୀଙ୍କ ଠାରୁ ଶୁଣିବାକୁ ମିଳେ "ଗୋଟାଏ ମୁଖ ଲଜ୍ଜା ନାହିଁ, ଗୋଟିଏ ଝିଅ ବୋଲି ସୁନାରେ ଛାଅଣି କରି ବାପା ବାହା କରିଥିଲେ, ବାପଘରେ ସଧବା ଥାଉଥାଉ ରହିଲାଣି ପଇଁତିରିଶ ବର୍ଷ, ହେଲେ ଗୋଟାଏ କାଣି କଉଡ଼ି କାଢ଼ିବ ନାହିଁ।"[୫] ଇତିମଧ୍ୟରେ ରାୟ ପରିବାରର ପ୍ରତ୍ୟେକ ମଣିଷର ଦୃଷ୍ଟି ଆକର୍ଷଣ କରିଛି ସୁବର୍ଣ୍ଣମୟୀଙ୍କ ହାତବାକ୍ସ। ଯାହାର କୁଞ୍ଚିକାଠି ସୁବର୍ଣ୍ଣମୟୀ ଭୁଲରେ ସୁଦ୍ଧା କାହାକୁ ଦିଅନ୍ତି ନାହିଁ। କେହି ତା ଭିତରେ କଣ ଅଛି ବୋଲି ପଚାରିଲେ ସେ ଲୋକଗଳ୍ପର ବୁଢ଼ୀଅସୁରୁଣୀ କାହାଣୀ ପରି ସେଥିରେ ତାଙ୍କର ଆୟୁଷ ଅଛି ବୋଲି କହି କଥାଟିକୁ ଆଡ଼େଇ ଦିଅନ୍ତି। ସମସ୍ତଙ୍କ ଭାବନାରେ ସେ ହାତବାକ୍ସ ଭିତରେ ରହିଛି ଅମାପ ଗୁପ୍ତଧନ। ଯାହାକୁ ନିଜର କରିବାପାଇଁ ଯିଏ ଯେତେ ଚେଷ୍ଟା କଲେ ମଧ୍ୟ ବାର୍ଦ୍ଧକ୍ୟର ମୁମୂର୍ଷୁ ଅବସ୍ଥାରେ ମଧ୍ୟ ସୁବର୍ଣ୍ଣମୟୀ କାହାକୁ ସେଥିରେ ହାତ ଲଗେଇବାକୁ ଦେଇନାହାନ୍ତି। ବାର୍ଦ୍ଧକ୍ୟରେ ଅସହାୟ ସୁବର୍ଣ୍ଣମୟୀଙ୍କୁ ଗ୍ରାସ କରିଛି ଶ୍ୱାସରୋଗ। ଯାହାର ଚିକିତ୍ସା କରିବା ତ ଦୂରେ ଥାଉ କେହି ତାର ଆବଶ୍ୟକତା ମଧ୍ୟ ଉପଲବ୍ଧି କରିନାହାନ୍ତି। କେବଳ ସେ ହାତବାକ୍ସର ଗୁପ୍ତଧନକୁ ଛାଡିଦେଲେ ସୁବର୍ଣ୍ଣମୟୀ ସମସ୍ତଙ୍କ ପାଇଁ ପାଲଟି ଯାଇଛନ୍ତି ଅଦରକାରୀ ବସ୍ତୁ, ଏକ ବିରାଟ ବୋଝ ସଦୃଶ। ମାତ୍ର ତାଙ୍କ ଜୀବନର ତାଡ଼ନା ସେତିକିରେ ଶେଷ ହୋଇନାହିଁ। ଜୀବନର ସାୟାହ୍ନରେ ମର୍ଦ୍ଦରାଜ ପରିବାରକୁ ସେ ପୁନଃ ସ୍ଥାନାନ୍ତରିତ ହୁଅନ୍ତି ସେଇ ଗୁପ୍ତଧନର ଆଶାରେ। ପୁତୁରା ଗୋବର୍ଦ୍ଧନ ମର୍ଦ୍ଦରାଜଙ୍କ ସହ ବଳ ଓ ଇଚ୍ଛା ନଥିବା ସତ୍ତ୍ୱେ ସୁବର୍ଣ୍ଣମୟୀ ପୁଣି ସେଇ ହାତବାକ୍ସ ସହ ଫେରିଛନ୍ତି ଅଗରପଡ଼ା

ମାହାଲାକୁ। ହେଲେ ସେ ଗଜରାଜପୁର ହେଉ କି ଅଗରପଡ଼ା ହେଉ ସୁବର୍ଣ୍ଣମୟୀଙ୍କ ମୌଳିକ ଚରିତ୍ରରେ କିନ୍ତୁ କୌଣସି ପରିବର୍ତ୍ତନ ଘଟିନାହିଁ। ଝା' ଓ ପୁତୁରାବୋହୂଙ୍କ ବାରମ୍ବାର ଅତର୍କିତ ଚେଷ୍ଟା ସତ୍ତ୍ୱେ କେହି ମଧ୍ୟ ତାଙ୍କ ହାତବାକ୍ସର କୁଞ୍ଚିକାଠିକୁ ହସ୍ତଗତ କରିପାରିନାହାନ୍ତି।

ଅମାପ ସନ୍ଦେହ ଓ ବୀତସ୍ପୃହତା ସତ୍ତ୍ୱେ ମର୍ଦ୍ଦରାଜ ପରିବାରରେ ଗୁପ୍ତଧନ ପ୍ରାପ୍ତ୍ୟାଶାର କ୍ଷୀଣପ୍ରଦୀପ କେବେବି ନିର୍ବାପିତ ହୋଇନାହିଁ। ଶେଷରେ ସବୁ ଅପେକ୍ଷାର ଅନ୍ତ ଘଟାଇ ଦୀର୍ଘଦିନ ମୃତ୍ୟୁଶଯ୍ୟାରେ ଶୋଇରହି ଶେଷରେ କୃଷ୍ଣପକ୍ଷ ଚତୁର୍ଥୀ ଦିବା ଛଅ ଘଟିକାରେ ସୁବର୍ଣ୍ଣମୟୀ ସ୍ୱର୍ଗଲୋକ ଗମନ କରିଛନ୍ତି। ମାତ୍ର ଆଶ୍ଚର୍ଯ୍ୟର କଥା ଯେ ସେତେବେଳକୁ ମଧ୍ୟ ତାଙ୍କ ଡାହାଣ ହାତର ବଦ୍ଧମୁଷ୍ଟି ମଧ୍ୟରେ ଆବଦ୍ଧ ରହିଛି ସମସ୍ତଙ୍କର ବହୁ ଆକାଂକ୍ଷିତ କୁଞ୍ଚିକାଠିଟି। ଶେଷରେ ଶ୍ମଶାନଭୂମିରେ ମାଲଭାଇମାନଙ୍କ ଦ୍ୱାରା ଅତି ନିର୍ମମଭାବେ କୁଞ୍ଚିକାଠିଟି ମୁଷ୍ଟିମୁକ୍ତ କରାଯାଇଛି। ଏଥି ସହିତ ଅତି ନିର୍ମମ ଭାବେ ଗୁଆକାତିରେ କଟାଯାଇଛି ସୁବର୍ଣ୍ଣମୟୀ ପିନ୍ଧିଥିବା ମଣିବନ୍ଧର ଦୁଇପଟ ସୁନାକାଟକୁ ଓ ନାକର ନୋଥ ଟିକକକୁ। ଏଇ ନିର୍ମମ ଶ୍ମଶାନର ଦୃଶ୍ୟ ପାଠକକୁ ମନେ ପକେଇଦିଏ ପୂର୍ବସୁରୀ ଗାଳ୍ପିକ ସଚ୍ଚି ରାଉତରାୟଙ୍କ 'ମଶାଣିର ଫୁଲ' ଗଳ୍ପର ସେ ମଣିଷ ପୋଡା ଦୃଶ୍ୟ।

ତତ୍ପରେ ନାଟକର ଶୀର୍ଷବିନ୍ଦୁ ପରି ଗଳ୍ପର କ୍ଲାଇମେକ୍ସ ଉପସ୍ଥିତ ହୁଏ ପାଠକ ସାମ୍ନାରେ। ସୁବର୍ଣ୍ଣମୟୀଙ୍କ ଦଶାହ ଓ ଏକାଦଶାହ କର୍ମ ସରିବା ପରେ ଉପସ୍ଥିତ ହୁଏ ବହୁ ଆକାଂକ୍ଷିତ ଗୁପ୍ତଧନ ପ୍ରାପ୍ତିର ସୁବର୍ଣ୍ଣ ମୁହୂର୍ତ୍ତ। ରାତ୍ରିର ଅନ୍ଧକାର ଓ ଲଣ୍ଠନର ମିଞ୍ଜିମିଞ୍ଜି ଆଲୁଅରେ ଗୋବର୍ଦ୍ଧନ, ରମେଶ, କୃତ୍ତିବାସ(ସୁବର୍ଣ୍ଣମୟୀଙ୍କ ତିନି ପୁତୁରା)ଙ୍କ ଉପସ୍ଥିତିରେ ଖୋଲାଗଲା ସୁବର୍ଣ୍ଣମୟୀଙ୍କ ଏତେବର୍ଷର ସଂରକ୍ଷିତ ସନ୍ତକ ହାତବାକ୍ସଟି। ଠିକ୍ ବିଜୟମିଶ୍ରଙ୍କ 'ଶବବାହକମାନେ' ନାଟକର ଗୁପ୍ତଧନ ଥିବା ବାକ୍ସ ପରି।

ହେଲେ କ'ଣ ଥିଲା ସେ ବାକ୍ସରେ ? ଦୀର୍ଘ ପଇଁତିରିଶ ବର୍ଷ ଧରି ସମସ୍ତଙ୍କ ଦୃଷ୍ଟି ଆଢୁଆଳରୁ କ'ଣ ଲୁଚେଇ ରଖିଥିଲେ ସୁବର୍ଣ୍ଣମୟୀ ? ସାରାଜୀବନ କେଉଁ ଗୁପ୍ତ ଖଜଣାର ନକ୍ସାକୁ ଲୁଚେଇ ରଖିଥିଲେ ସେ ? ପାଠକକୁ ରୀତିମତ ଏଇ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଗାଳ୍ପିକ ଏଠାରେ ବ୍ୟଗ୍ର କରିଦେଇଛନ୍ତି। ସବୁ ଅପେକ୍ଷାର ଅନ୍ତ ଘଟାଇ ଯେତେବେଳେ ବାକ୍ସଟିକୁ ଖୋଲାଗଲା ସେଥିରୁ ପ୍ରାଥମିକ ଆବିଷ୍କାର ରୂପେ ମିଳିଲା ତିନିଖଣ୍ଡ ଭାଗବତ ପୋଥି, ଖଣ୍ଡେ ମଠାଲୁଗା, ତୁଳସୀ ଓ ରୁଦ୍ରାକ୍ଷର ମାଳି ସହ ଅତି ସନ୍ତର୍ପଣରେ ଗଚ୍ଛିତ କିଛି ନିର୍ମାଲ୍ୟର କୋଥଳି, ତା'ପରେ ତିନି ଠାକୁରଙ୍କ ଏକ ଟିଣବନ୍ଧେଇ ଫୋଟୋ, ତା ପରେ ଭିକ୍ଟୋରିଆ ମୁଣ୍ଡଥିବା କିଛି ରୁପାଟଙ୍କା ତା' ତଳେ ଆଉ କିଛି ନାହିଁ। କେବଳ ଶୂନ୍ୟତା ଆଉ ଶୂନ୍ୟତା। ହେଲେ ସୁବର୍ଣ୍ଣକୁମାରୀଙ୍କ ଏତେଗୁଡ଼ିଏ ଖାଣ୍ଟି ଜୟପୁରୀ ସୁନା ଗଲା କୁଆଡ଼େ ? ଏଇ ପ୍ରଶ୍ନ ପାଠକମାନଙ୍କ ସହ ମର୍ଦ୍ଦରାଜ ପରିବାରର ଲୋକଙ୍କୁ ମଧ୍ୟ ବିବ୍ରତ କରିପକାଏ। ଏତଦ୍ ଭିନ୍ନ ଟ୍ରଙ୍କର ଢାଙ୍କୁଣୀ ଦିହରେ ଗୋଞ୍ଜା ହୋଇଥିଲା ସୁବର୍ଣ୍ଣମୟୀଙ୍କ ବିବାହ ଉପଲକ୍ଷେ ପ୍ରାପ୍ତ କେଉଁ ଏକ ଅନାମିକା କବିଙ୍କର ଖଣ୍ଡେ ବିବାହ ଗୀତ, ପ୍ରତାପ ମର୍ଦ୍ଦରାଜଙ୍କ ଯୁବକ ସମୟର ଏକ ହଳଦିଆ ଆସ୍ତରଣ ଯୁକ୍ତ ଫୋଟୋଗ୍ରାଫ ଆଉ ଖଣ୍ଡେ କାଗଜ, ଯେଉଁଥିରେ ଲେଖାଥିଲା ବୟାଳିଶ ବର୍ଷ ତଳର ପ୍ରତାପ ମର୍ଦ୍ଦରାଜ ଲିଖିତ ଏକ ଚିଠି। ଯେଉଁଥିରେ ଲେଖାଥିଲା,

"ପ୍ରିୟତମା ସୁବର୍ଣ୍ଣମୟୀ,

ମୁଁ ତମର ଯୋଗ୍ୟ ସ୍ୱାମୀ ନୁହଁ। ମୁଁ ଆଜି ଯାଉଛି ଏକ ଅଜଣାର ସନ୍ଧାନରେ। ଯଦି କେବେ ପ୍ରଚୁର ଅର୍ଥ ନେଇ ଫେରି ପାରିବି ଫେରିବି, ନ ହେଲେ ତମେ ତମର ମୁଣ୍ଡର ସିନ୍ଦୂର ପୋଛିଦବ। ତମର ସ୍ୱୀକୃତି ନ ଥିଲେ, ତମ ପ୍ରଭୃତ ଅଳଙ୍କାର ସବୁ ନବାବେଳେ ମୋର ମନେ ହେଇଥାଆନ୍ତା ମୁଁ ଜଣେ ଦସ୍ୟୁ; କିନ୍ତୁ ତମେ ମୋତେ ସେଥିରୁ ଆଜି ମୁକ୍ତି ଦେଇଛ। ତମକୁ ଅଜସ୍ର ଧନ୍ୟବାଦ। ମୋର ଗଭୀର ଚୁମ୍ବନ ଗ୍ରହଣ କରିବ। ମୋ ରାଣ, ଏ ଚିଠି କାହାକୁ ଦେଖାଇବ ନାହିଁ। ବିଦାୟ।

। ଇତି ।

ତୁମର ହତଭାଗ୍ୟ ସ୍ୱାମୀ

ପ୍ରତାପ ମର୍ଦ୍ଦରାଜ।" (୬)

ପତି ରାମଚନ୍ଦ୍ରଙ୍କ ଆଜ୍ଞା ପାଳନ କରିବା ପାଇଁ ଯେପରି ଦିନେ ସତୀ ସୀତା ବିନା ପ୍ରଶ୍ନରେ ସମସ୍ତ ଐଶ୍ୱର୍ଯ୍ୟ ଛାଡ଼ି ବନଗମନ କରିଥିଲେ, ମାତ୍ର ସ୍ୱାମୀର ଆଜ୍ଞାକୁ ଅବଜ୍ଞା କରିନଥିଲେ, ଅନୁରୂପ ଭାବେ ସ୍ୱାମୀ ଆଜ୍ଞା ପାଳନ କରି ସୁବର୍ଣ୍ଣମୟୀ ବି ବଞ୍ଚିଥାଉ ଥାଉ ହାତବାକ୍ସର ଅଭୟ ସିନ୍ଦୁକରେ ଲୁଚେଇ ରଖିଥିବା ସ୍ୱାମୀଙ୍କ ଶେଷଚିଠିଟିକୁ ସୁରକ୍ଷା ଦେଇଆସିଛନ୍ତି ଜୀବନସାରା। ନିଜର ସାମାନ୍ୟତମ ଦୋଷ ଦୁର୍ବଳତା ନଥିବା ସତ୍ତ୍ୱେ ସ୍ୱାମୀ ଛାଡ଼ିଯିବାର ଅପବାଦକୁ ବିନା ପ୍ରତିବାଦରେ ମଥାନତ କରି ସହିଯାଇଛନ୍ତି। ଶେଷରେ ମୃତ୍ୟୁକୁ ବରଣ କରିଛନ୍ତି ପଛେ କାପୁରୁଷ ସ୍ୱାମୀ ପ୍ରତାପ ମର୍ଦ୍ଦରାଜଙ୍କ ଆଡ଼କୁ କାହାକୁ ଆଙ୍ଗୁଠି ଉଠେଇବାର ସୁଯୋଗ ପ୍ରଦାନ କରିନାହାନ୍ତି । ଦିନେ ନା ଦିନେ ପ୍ରତାପ ମର୍ଦ୍ଦରାଜ ଫେରିବାର ଆଶା ହୃଦୟରେ ଭରି ମଥାରେ ଦାଉ ଦାଉ କରି ଜଳାଇ ବସିଛନ୍ତି ନିଜର ସିନ୍ଦୁରବିନ୍ଦୁକୁ ସ୍ୱାମୀଙ୍କ ଅପେକ୍ଷାରେ। ହେଲେ ସେ ଅପେକ୍ଷାର ଅନ୍ତ ଘଟେ ମୃତ୍ୟୁ ଶଯ୍ୟାରେ। ଦୀର୍ଘକାଳ ଧରି ତାଙ୍କୁ ବଂଚେଇ ରଖିଥିବା ଅମ୍ଳୀୟଙ୍କ ହସ୍ତଗତ ହୁଏ କେବଳ ହତାଶା ଓ ଅବସୋସ।

ଗାଳ୍ପିକ ଅଖିଳମୋହନ ନିଜର ଏହି ଗଳ୍ପରେ ନାରୀଜୀବନର ଅନେକ ଅକୁହା କଥାକୁ ବର୍ଣ୍ଣନା କରିଯାଇଛନ୍ତି। ସାମନ୍ତବାଦୀ ଯୁଗର ଜମିଦାରୀ ବ୍ୟବସ୍ଥାର ପ୍ରଭାବ, ପୁନଶ୍ଚ ସାମନ୍ତବାଦ ଓ ସମାଜବାଦ ମଧ୍ୟସ୍ଥ ସଂଘର୍ଷ, କନ୍ୟାସୁନା ପ୍ରସଙ୍ଗ, ନାରୀ ଜୀବନର କାରୁଣ୍ୟ ପରିଣତି ଓ ଅସହାୟତା, ସହରାଭିମୁଖୀ ମାନବର ଗ୍ରାମ୍ୟ ସଂସ୍କୃତି ପ୍ରତି ଥିବା ହୀନମନ୍ୟତା, ଗୁପ୍ତଧନର ଲାଳସା ଓ ଏହାର କରୁଣ ପରିଣତି

ଆଦି ବିଭିନ୍ନ ଦିଗକୁ ଗାଳ୍ପିକ ଏଠାରେ ଉତ୍ଥାପନ କଲାବେଳେ ଏଥିରେ ତାଙ୍କ ପୂର୍ବସୁରୀ ଯଥା ଫକୀରମୋହନ ସେନାପତିଙ୍କ ଓ ସଚ୍ଚିଦାନନ୍ଦ ରାଉତରାୟଙ୍କପ୍ରଭାବକୁ ଲକ୍ଷ୍ୟ କରାଯାଇପାରେ।

ସୁବର୍ଣ୍ଣମୟୀ କେବଳ ଏଠାରେ ଏକ ଚରିତ୍ର ନୁହନ୍ତି ବରଂ ଏକ ଜୀବନ୍ତ ପ୍ରତୀକ। ଯିଏକି ବିବାହ କରି ପିତ୍ରାଳୟରୁ ସୁନାରେ ଛାଉଣୀ ହୋଇ ସ୍ୱାମୀ ଘରକୁ ଯିବା ସମୟରେ ସୁବର୍ଣ୍ଣକୁମାରୀରୁ ସୁବର୍ଣ୍ଣମୟୀ ପିତୁଳାରେ ପରିଣତ ହୋଇଯାଇଥିଲେ। ସାରାଜୀବନ ପିତା ଓ ପତିଙ୍କ ଆଜ୍ଞା ପାଳନ ଓ ସମ୍ମାନ ରକ୍ଷା କରି ସେ ପାଲଟି ଯାଇଥିଲେ ଏକ ସୁବର୍ଣ୍ଣ ନିର୍ମିତ ସଖି କଣ୍ଢେଇ ସଦୃଶ। ମାତ୍ର ଜୀବନରେ ଯେତେ ବିଷମ ପରିସ୍ଥିତିକୁ ସାମ୍ନା କରିଥିଲେ ହେଁ ସମଗ୍ର ଜୀବନ ତାଙ୍କ ହୃଦୟର ଅଭେଦ୍ୟ କୋଠରୀରେ କେହି ପ୍ରବେଶ କରିପାରିନାହାନ୍ତି, ନା ପିତା ନା ପତି ନା ଆତ୍ମୀୟ ସ୍ୱଜନ ନା ସେ ନିଜେ।

**ସଙ୍କେତ ସୂଚୀ:**

୧. ଅଖିଳମୋହନ ଫାଉଣ୍ଡେସନ, 'ଅଖିଳାୟନ', ଭୁବନେଶ୍ୱର, ୧୯୯୮, ପୃଷ୍ଠା-ପ୍ରାକ୍ ଭାଷ

୨. ଅତ୍ରୈବ, ପୃଷ୍ଠା-୫୪୫

୩.ଅତ୍ରୈବ, ପୃଷ୍ଠା-୫୪୫

୪. ଅତ୍ରୈବ, ପୃଷ୍ଠା-୫୪୫

୫. ଅତ୍ରୈବ, ପୃଷ୍ଠା-୫୪୭

୬. ଅତ୍ରୈବ, ପୃଷ୍ଠା-୫୫୪

**ସହାୟକ ଗ୍ରନ୍ଥସୂଚୀ:**


୧. ଅଖିଳମୋହନ ଫାଉଣ୍ଡେସନ, 'ଅଖିଳାୟନ', ପ୍ର-ବାଲିଘର, ଭୁବନେଶ୍ୱର, ୧୯୯୮

୨. ଅଖିଳମୋହନ ଜୟନ୍ତୀ ସ୍ମରଣିକା, 'ଅଖିଳେଷୁ', ୧୯୮୮

୩. ପାତ୍ର, ଡ. ଦେବାଶିଷ. 'ଗଳ୍ପ ଗାଳ୍ପିକ ଗଳ୍ପାୟନ', ପ୍ର-ସତ୍ୟନାରାୟଣ ବୁକ ଷ୍ଟୋର, ବିନୋଦବିହାରୀ, କଟକ, ୨୦୧୯

୪. ପ୍ରଧାନ, ଡ. କୃଷ୍ଣଚନ୍ଦ୍ର. 'ଓଡ଼ିଆ କ୍ଷୁଦ୍ରଗଳ୍ପର ଧରା ଓ ଧାରା', ପ୍ର-ସତ୍ୟ ନାରାୟଣ ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ୨୦୨୧


«««

BINDU BIMARSHA...


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Mahapatra, Shubhashree. "Naari Jeevanara Abhedya Kothari: Akhilmohananka Subarnna-mayee Upakhyana." Bindu Bimarsha, vol. 2, no. 1, Jan. 2026, pp. 18–22. Crossref, https://doi.org/10.64647/bb.vol.2.issue.1.2026.3. |


CC BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ନାଟ୍ୟ ସଫଳତାରେ ମଞ୍ଚର ଭୂମିକା

**ସୁଦର୍ଶନ ସାହୁ**

ତକତପୁର, ବାରିପଦା

**ARTICLE NO:** BB-II-I-2026-04

**ORC ID:** 0009-0005-9240-6124

**Review Status:** Double-Blind Peer Reviewed

**DOI:** 10.64647/bb.vol.2.issue.1.2026.4

**Language of the Article:** Odia

**E-Mail:** pintusudarsansahoo29@gmail.com

**Type of Article:** Research Article

**Submission Date:** 13-11-2025

**Publication Date:** 14-01-2026

**ABSTRACT ॥ ସଂକ୍ଷିପ୍ତ ସାର**

ଓଡିଆ ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ନାଟକ ହେଉଛି ଅନନ୍ୟ। କାରଣ ସାହିତ୍ୟର ଗଳ୍ପ, କବିତା, ଉପନ୍ୟାସ, ପ୍ରବନ୍ଧଠାରୁ ନାଟ୍ୟ ସାହିତ୍ୟ ସମ୍ପୂର୍ଣ୍ଣ ଭିନ୍ନ। ନାଟକ କେବଳ ପଠନ ନୁହେଁ, ବରଂ ଉଭୟ ଦୃଶ୍ୟ ଓ ଶ୍ରାବ୍ୟର କ୍ଷମତା। ମାନବାତ୍ମାର ପ୍ରକୃତ ଉପଲବ୍ଧି ଏବଂ ଦର୍ଶନ ହିଁ କଳା। ନାଟକ ରଚନା ଓ ତାର ଅଭିନୟ ହିଁ ଗୋଟିଏ ଗୋଟିଏ କଳା। ସେଥିପାଇଁ ନାଟକକୁ ମିଶ୍ରକଳାର ଆଖ୍ୟା ଦିଆଯାଇଛି। ସେହି କଳାକୁ ଆଧାର କରି ନାଟ୍ୟକାର ତାର ମନର ଭାବନାକୁ ଉପଯୁକ୍ତ ସଂଳାପ ମାଧ୍ୟମରେ ନୂତନ ଶୈଳୀ ପ୍ରୟୋଗ କରି ରଙ୍ଗମଞ୍ଚ ମାଧ୍ୟମରେ ଉପସ୍ଥାପନ କରିଥାନ୍ତି। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ନାଟ୍ୟକାର ନୂତନ ନୂତନ ଶୈଳୀର ପ୍ରୟୋଗ କରିଥାଏ ରଙ୍ଗମଞ୍ଚରେ। ରଙ୍ଗମଞ୍ଚ ହେଉଛି ନାଟକର ଆତ୍ମାର ସ୍ୱରୂପ ପରିପ୍ରକାଶର ମାଧ୍ୟମ। ସେହି ନାଟକକୁ ସର୍ବସମ୍ମୁଖକୁ ଆଣିବା ନିମନ୍ତେ ଏକ ପାରମ୍ପରିକ ରଙ୍ଗମଞ୍ଚର ଭୂମିକା ଆବଶ୍ୟକ ହୋଇଥାଏ।

**ମୂଳ ଶବ୍ଦ:** ରଙ୍ଗମଞ୍ଚ, ନାଟକ, ଥିଏଟର, ଭୂମିକା, ନାଟ୍ୟକାର, ସାହିତ୍ୟ, ଅଶୀ, ବର୍ତ୍ତମାନ ।

ମଞ୍ଚ ବିନା ନାଟକ ମଞ୍ଚସ୍ଥ ହେବା ସମ୍ଭବ ନୁହେଁ। ନାଟକ ପାଇଁ ମଞ୍ଚ ଏକ ଅବିଚ୍ଛେଦ୍ୟ ଅଙ୍ଗ ଭଳି କାର୍ଯ୍ୟ କରିଥାଏ। ନାଟକଟିଏ ମଞ୍ଚସ୍ଥ ହେବା ପରେ ହିଁ ନାଟକର ମୂଲ୍ୟ ନିର୍ଦ୍ଧାରଣ ହୁଏ। ନାଟ୍ୟକାର ନାଟକ ରଚନା କରିବା ଓ ନାଟକଟି ମଞ୍ଚରେ ଅଭିନୀତ ହେବା ଅଲଗା କଥା। ନାଟକଟି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାରେ କଳାକାରଦ୍ୱାରା ଅଭିନୀତ ହେଲାପରେ ତାର ନାଟ୍ୟ ସଫଳତାର ପୂର୍ଣ୍ଣତା ଲାଭ କରିଥାଏ। ସେଥିପାଇଁ କୁହାଯାଏ ନାଟକ ଓ ମଞ୍ଚ ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ନାଟକଟିଏ ସେତେବେଳେ ସଫଳ ହୋଇପାରିବ ଯେତେବେଳେ ତାହା କଳାକାରମାନଙ୍କଦ୍ୱାରା କୌଣସି ଏକ ମଞ୍ଚରେ ମଞ୍ଚସ୍ଥ ବା ଅଭିନୀତ ହୋଇପାରିବ। ବର୍ତ୍ତମାନ ସମୟରେ ରଚିତ ନାଟକଗୁଡ଼ିକ ମଧ୍ୟରୁ କେତେକ ନାଟ୍ୟ ସଂସ୍ଥା ମଞ୍ଚସ୍ଥ କରାଯାଉଥିବା ବେଳେ ଆଉ କିଛି ନାଟ୍ୟ ସଂସ୍ଥା ଭ୍ରାମ୍ୟମାଣ ଥିଏଟର ଦଳ ଭାବରେ ବିଭିନ୍ନ ସ୍ଥାନକୁ ବୁଲି ନାଟକ ମଞ୍ଚସ୍ଥ କରାଇଥାନ୍ତି। ଆଲୋଚନାର ପ୍ରାସଙ୍ଗିକତା ଦୃଷ୍ଟିରୁ ପ୍ରଥମେ ସ୍ଥାୟୀ ରଙ୍ଗମଞ୍ଚରେ ଅଭିନୀତ ହେଉଥିବା ନାଟକ ଏବଂ ସେଗୁଡ଼ିକର ସଫଳତା ସମ୍ପର୍କରେ ବିଚାର କରାଗଲା। ପ୍ରଥମେ ମାହାଙ୍ଗାର 'ରାଧାକାନ୍ତ ରଙ୍ଗମଞ୍ଚ'(୧୮୭୫) କଥା ଆସେ। ଯାହାର ପ୍ରତିଷ୍ଠାତା ଜଗନ୍ମୋହନ ଲାଲ। ତେବେ ଏହା ପୂର୍ବରୁ ରାଜା ପ୍ରତାପରୁଦ୍ର ଦେବ, ତାଙ୍କ ପୂର୍ବରୁ କପିଳେନ୍ଦ୍ର ଦେବଙ୍କ ସମୟରେ ମଧ୍ୟ ନାଟ୍ୟକଳାର ନିଦର୍ଶନ ଦେଖିବାକୁ ପାଉ। କିନ୍ତୁ ବିଧିବଦ୍ଧ ଭାବରେ ଆଧୁନିକ ସମୟକୁ ଆଲୋଚନା କଲାବେଳେ 'ରାଧାକାନ୍ତ ରଙ୍ଗମଞ୍ଚ' କଥା ପ୍ରଥମେ ଆଲୋଚନା କରୁଛେ। ସେ ତାଙ୍କର 'ବାବାଜୀ', 'ସତୀ' ନାଟକ ଏହି ରଙ୍ଗମଞ୍ଚରେ ବେଶ ଲୋକପ୍ରିୟତା ତଥା ସଫଳତାର ସହିତ ଅଭିନୀତ କରାଇପାରିଥିଲେ। ଏହି ସମୟ ଭିତରେ ଯେତେବେଳେ ନାଟକଟି ମଞ୍ଚସ୍ଥ ହୋଇଥିଲା ରଙ୍ଗମଞ୍ଚଟି ସାଧାରଣତଃ ମାଟିରେ ନିର୍ମିତ ହୋଇଥିବାର ଜଣାଯାଏ ଏବଂ ଦର୍ଶକମାନଙ୍କ ସୁବିଧା ପାଇ ଦର୍ଶକ ବସୁଥିବା ସ୍ଥାନକୁ ମୁକ୍ତ ରଖାଯାଉ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରଙ୍ଗମଞ୍ଚର ବିକଶିତ ସମୟରେ ଆଲୋଚନା ପର୍ଯ୍ୟାୟରେ ଆମେ କୋଠପଦା ରଙ୍ଗମଞ୍ଚ(୧୮୮୫), ବୀଣାପାଣି ଥିଏଟର(୧୮୯୭), ବାସନ୍ତୀ ରଙ୍ଗମଞ୍ଚ(୧୯୧୦), ଉଷା ରଙ୍ଗମଞ୍ଚ(୧୯୧୩), ରାଧାକୃଷ୍ଣ ଥିଏଟର(୧୯୧୯), ଓଡ଼ିଶା ଥିଏଟର(୧୯୩୯) ଆଦି ରଙ୍ଗମଞ୍ଚ

ଦେଖିବାକୁ ପାଉ। କୁହାଯାଏ ପ୍ରଥମେ ରଙ୍ଗମଞ୍ଚରେ ପୁରୁଷମାନେ ନାରୀ ଭୂମିକାରେ ଅଭିନୟ କରୁଥିଲେ। କିନ୍ତୁ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ପ୍ରଥମକରି ନାଟକକୁ ସଫଳ ରୂପରେ ମଞ୍ଚାୟନ କରିବାପାଇଁ ନାରୀ ଚରିତ୍ରରେ ନାରୀମାନଙ୍କୁ ମଞ୍ଚକୁ ଅଣାଇଥିଲେ। ପରେପରେ ମଞ୍ଚରେ ପରଦାର କଥା ଆସିଲେ ଏହାର ସୃଷ୍ଟି ମଧ୍ୟ ବୀଣାପାଣି ଥିଏଟରର କଥା ଆସେ। ଏହି ସମୟରେ ମଞ୍ଚରେ ଖୁବ୍ ସୁନ୍ଦର ପରଦାର ବ୍ୟବହୃତ ହେଉଥିଲା ଏବଂ ଏଥିରେ ନାଟକ ଆରମ୍ଭ ପୂର୍ବରୁ ଦେବୀ ବୀଣାପାଣିଙ୍କ ବନ୍ଦନା ଏବଂ ଦେବୀଙ୍କ ଚିତ୍ରଟିଏ ଦେଖିବାକୁ ମିଳୁଥିଲା। ପରବର୍ତ୍ତୀ ପର୍ଯ୍ୟାୟ ବେଳକୁ ଯେତେବେଳେ ଆମେ ବନମାଳୀ ଆର୍ଟ ଥିଏଟର, ଉଷା ରଙ୍ଗମଞ୍ଚ, ଓଡ଼ିଶା ଥିଏଟର ଦେଇ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପାଖକୁ ଆସୁ ଖୁବ୍ ପରିବର୍ତ୍ତନ ଦେଖିବାକୁ ପାଇବା। 'ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ' ଯାହା ପ୍ରଥମେ ଏକ ନାଟ୍ୟଦଳ ଥିଲା, ଯାହାକୁ ପରବର୍ତ୍ତୀ ସମୟରେ ସ୍ଥାୟୀ ରଙ୍ଗମଞ୍ଚରେ ପରିଚିତ ହେଲା। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହି ମଞ୍ଚଟି ସ୍ଥାୟୀ ଏବଂ ଭ୍ରାମ୍ୟମାଣ ଉଭୟର ଅନ୍ତର୍ଭୁକ୍ତ ହୋଇଥାଏ। କାରଣ ଏହା ବିଭିନ୍ନ ସ୍ଥାନକୁ ବୁଲି ନାଟକ ମଞ୍ଚସ୍ଥ କରୁଥିଲେ। ନାଟକଗୁଡ଼ିକ ଅଭିନୟ କରିବାପାଇଁ ଯେଉଁ ସବୁ ରଙ୍ଗମଞ୍ଚମାନ ଓଡିଶାରେ ଗଢ଼ି ଉଠିଥିଲା ତାହା ହିଁ ପରବର୍ତ୍ତୀ ସମୟରେ ନାଟକଗୁଡ଼ିକୁ ଅଧିକ ସଫଳ କରାଇ ପାରିଥିଲା। ଗଠନ ଶୈଳୀ କହିଲେ ସାଧାରଣତଃ ଆମେ ଗୋଟିଏ ଗ୍ରୀନ୍ -ରୁମ୍ ଦେଖିବାକୁ ପାଉ ସେଠାରେ କଳାକାରମାନଙ୍କର ବେଶଭୂଷା କରାଯାଇଥାଏ ଏବଂ ଅନ୍ୟ ତିନୋଟି ପାର୍ଶ୍ୱରେ ଦର୍ଶକମାନେ ବସି ନାଟକ ଦେଖିବାର ବ୍ୟବସ୍ଥା ରହିଥାଏ। ଯେତେବେଳେ ପରଦା ବା ସ୍କ୍ରିନର ପ୍ରଚଳନ ଆସିଲା ଗୋଟିଏ ଦୃଶ୍ୟର ସମାପ୍ତି ପରେ ଆଉ ଏକ ଦୃଶ୍ୟର ଆରମ୍ଭକୁ ଆମେ ଜାଣିପାରିଲେ। ପୁନଶ୍ଚ ଏହି ରଙ୍ଗମଞ୍ଚଗୁଡ଼ିକରେ ଯେତେବେଳେ ଆମେ ୧୯୩୦- ୫୦ ମସିହା ଭିତରର କଥା ଆଲୋଚନା କରୁ ଏହି ସମୟ ଖଣ୍ଡ ଭିତରେ ବୀଣାପାଣି ଥିଏଟର, ଓଡ଼ିଶା ଥିଏଟର, ଅନ୍ନପୂର୍ଣ୍ଣା ଥିଏଟର ଆଦି ମଞ୍ଚ ଗୁଡ଼ିକରେ ଆଲୋକୀକରଣର ବ୍ୟବସ୍ଥା ଧିରେଧିରେ ପ୍ରଚଳନ ହେବାର ଦେଖିବାକୁ ପାଇଲେ। ପ୍ରଥମତଃ ଗ୍ୟାସ୍ ଲାଇଟ୍ ଦ୍ୱାରା କଳାକାରମାନେ ନାଟକ ମଞ୍ଚସ୍ଥ କରୁଥିଲେ ପରେ ବିଜୁଳି ଆଲୋକର ବ୍ୟବହାର ମଧ୍ୟ ଦେଖିବାକୁ ପାଇଲେ। ରଙ୍ଗମଞ୍ଚର ପାରମ୍ପରିକ ବାଦ୍ୟ ଭାବରେ ଆମେ ଢୋଲ, ମହୁରୀ, ତବଲା ଆଦି ଦେଖିବାକୁ ପାଉଥିଲେ। କିନ୍ତୁ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ରଙ୍ଗମଞ୍ଚରେ ନାଟକ ମଞ୍ଚସ୍ଥ ହେବା ସମୟରେ ନୂତନ ଓ ଅଭିନବ ବାଦ୍ୟଯନ୍ତ୍ରର ବ୍ୟବହାର ହେଲା।

ଊନବିଂଶ ଶତାବ୍ଦୀର ଷାଠିଏ ଦଶକ ପରବର୍ତ୍ତୀ ସମୟ କେବଳ ନାଟକ ନୁହେଁ ଓଡ଼ିଆ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା। ବିଭିନ୍ନ ଆଲୋଚକଙ୍କ ମତ ଅନୁସାରେ ଷାଠିଏ ଦଶକ ପରବର୍ତ୍ତୀ ସାହିତ୍ୟରେ ପରୀକ୍ଷା ନିରୀକ୍ଷାର ସମୟ। କବିତା, ଗଳ୍ପ, ଉପନ୍ୟାସ, ନାଟକ ଆଦି କ୍ଷେତ୍ରରେ ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍ର ପ୍ରୟୋଗ ଦେଖିବାକୁ ମିଳିଲା। କିନ୍ତୁ ନାଟକ କଥା ବିଚାର କଲେ ସାମାଜିକ ନାଟକଗୁଡ଼ିକ ରଙ୍ଗମଞ୍ଚରେ ଦେଖିବାକୁ ପାଉ। ସ୍ୱାଧୀନତାର ସନ୍ଧିକ୍ଷଣ ସମୟରେ ବିଶେଷ କରି ସମାଜର ବାସ୍ତବ ଘଟଣାବଳୀ ନାଟକରେ ସ୍ଥାନ ପାଇଲା। ଯେମିତି କି ରାମଚନ୍ଦ୍ର ମିଶ୍ରଙ୍କ 'ମୂଲିଆ', 'ସାଇ ପଡ଼ିଶା', 'ଘର ସଂସାର', ଗୋପାଳ ଛୋଟରାୟଙ୍କ 'ଅର୍ଦ୍ଧାଙ୍ଗିନୀ', 'ନଷ୍ଟ ଉର୍ବଶୀ', ମନୋରଞ୍ଜନ ଦାସଙ୍କ 'ବନହଂସୀ'(୧୯୬୮), 'ଅରଣ୍ୟ ଫସଲ'(୧୯୬୯), 'କାଠଘୋଡ଼ା'(୧୯୭୩), ବିଜୟ ମିଶ୍ରଙ୍କ 'ଶବବାହକମାନେ'(୧୯୬୮) ଆଦି ନାଟକ ପ୍ରମୁଖ। ଏଠି ପ୍ରଶ୍ନ ଉଠେ ଏହି କଥା ବସ୍ତୁକୁ ନାଟକରେ କିଭଳି ପରିବେଷଣ କରାଯାଉଥିଲା। ଯେତେବେଳେ ସ୍ୱାଧୀନତା ପରବର୍ତ୍ତୀ ସମୟର ଦୃଶ୍ୟଟିଏ ଆସିଥିବ ସେତେବେଳେ କଳାକାରମାନେ ସ୍ୱଭାବିକ ଭାବରେ ମଞ୍ଚକୁ ସେହି ଧରଣର ବେଶ ପରିଧାନ କରି ଯାଇଥିବେ ଏବଂ କଳାକାରମାନଙ୍କର ଅଭିନୟକୁ ଦର୍ଶକମାନଙ୍କ ନିକଟରେ ଅତି ଚମତ୍କାର ଭାବରେ ପହଞ୍ଚାଇବାପାଇଁ ମଧ୍ୟ ଥିଏଟର ବା ରଙ୍ଗମଞ୍ଚ କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଇଥିବେ। ୧୯୬୦ ପରବର୍ତ୍ତୀ ସମୟର ଆମେ ସାହିତ୍ୟରେ ବିବିଧ ପରୀକ୍ଷା ନିରୀକ୍ଷାର ଚିତ୍ର ଦେଖିବାକୁ ପାଉ। ସେତେବେଳେ ନାଟକ କ୍ଷେତ୍ରରେ ମଧ୍ୟ ପରୀକ୍ଷା ନିରୀକ୍ଷାର କଥା ଦେଖୁ। ମନୋରଞ୍ଜନ ଦାସଙ୍କ 'ବନହଂସୀ'(୧୯୬୮) ନାଟକରେ ସମୟ ସୂଚାଉଥିବା ଏକ ପେଣ୍ଡୁଲମ୍ ବା ଘଣ୍ଟାର କଥା ଦେଖିବାକୁ ପାଉ ସେହିପରି 'ଅରଣ୍ୟ ଫସଲ'(୧୯୬୯) ନାଟକରେ ଛେଳି ମେଁ ମେଁ କରୁଥିବା ଶବ୍ଦକୁ ମଧ୍ୟ ଦେଖିବାକୁ ପାଇଲା ବେଳେ ନାଟକ 'ଅମୃତସ୍ୟ ପୁତ୍ର'(୧୯୭୧)ରେ ପରଦା ଜରିଆରେ ଗୋଟିଏ ଟ୍ରେନର ଚିତ୍ର ଦେଖିବାକୁ ପାଉ। ସତୁରୀ ଦଶକ ବେଳକୁ ଆଉ ଏକ ନୂତନ 'ଷ୍ଟେଜ ଫ୍ରିଜ୍' ନାଟକର କଥା ଆସେ। ଅର୍ଥାତ୍ ଚରିତ୍ରମାନଙ୍କ ମଧ୍ୟରେ ସ୍ଥାଣୁତା ବା ସ୍ଥିରତା(freezeness) ରହିବା। ଏହି ସମୟ ଆଉ ଏକ ପରିବର୍ତ୍ତନ ଦେଖା ଦେଲା ମଞ୍ଚାୟନ କ୍ଷେତ୍ରରେ ତାହା ହେଉଛି ଜଣେ କଳାକାର ବିଭିନ୍ନ ଚରିତ୍ରରେ ଅଭିନୟ କରିବା। 'ଶବ ବାହକମାନେ'(୧୯୬୮) ନାଟକରେ ଆମେ ଷ୍ଟେଜ ଫ୍ରିଜ୍ର ବ୍ୟବହାର ଦେଖୁ। ଚରିତ୍ରମାନେ ଗୋଟେ ପଟେ ଫ୍ରିଜ୍ ହେଇ ଯାଉଛନ୍ତି ଆଉ ଏକ ପଟେ ଆଉ କିଛି ଚରିତ୍ର ଆସି ଅଭିନୟ କରୁଛନ୍ତି। ଏହି ସମୟରେ ଆଲୋକୀକରଣ ଉପରେ ବେଶି ଗୁରୁତ୍ୱ ଦିଆଯାଏ। ଗୋଟିଏ ଚରିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରିବାର ଦୃଶ୍ୟ ଆମେ ଏହି ସମୟ ଖଣ୍ଡ ଭିତରେ ଦେଖିବାକୁ ପାଉ। ଏହି ସମୟରେ ଓଡ଼ିଆ ନାଟକରେ ପରୀକ୍ଷାବାଦୀ ବା ବୌଦ୍ଧିକ ନାଟ୍ୟ ଧାରା ବଦଳିଗଲା। ଫଳରେ Realistic stage ବଦଳରେ suggestive stageର ବ୍ୟବହାର କରାଗଲା। ପୁନଶ୍ଚ ନାଟକର ଧାରା ଧୀରେ ଧୀରେ ଉତ୍ତଟରୁ ପରମ୍ପରାର ଖଣ୍ଡିଣିକୁ ନୂତନ ରୂପରେ ଫେରିବା ସମୟରେ ମଞ୍ଚର ଆକାର ବା ଉପକରଣରରେ ମଧ୍ୟ ପରିବର୍ତ୍ତନ ଦେଖାଦେଲା। ଯାହାଫଳରେ ନାଟକ ଆହୁରି ଦର୍ଶକଙ୍କ ନିକଟତର ହୋଇ ପାରିଲା।

ପୁଣି ନାଟ୍ୟକାରମାନେ ମଞ୍ଚ ଉପକରଣପାଇଁ ନାଟକଗୁଡ଼ିକରେ ମଞ୍ଚର ଶୈଳୀ ବା ଗଠନ ସମ୍ପର୍କରେ ମଧ୍ୟ ସୂଚନା ଦେଲେ। ଫଳରେ ମଞ୍ଚ ଓ ନାଟକ ଉଭୟ ସଫଳତା ହାସଲ କରିପାରିଲା। ନାଟକ 'ପୃଥିବୀ ଶରଶଯ୍ୟା'ରେ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ ଏ ସମ୍ପର୍କରେ ସୂଚନା ଦିଅନ୍ତି, "କୌଣସି ବିରତି ନଥାଇ ନାଟକ ଆରମ୍ଭ ଓ ଶେଷ ହେବ। ଚରିତ୍ରମାନେ ମଞ୍ଚର ଜୋନକୁ ବ୍ୟବହାର କରି ଅଭିନୟ କରିବେ। ମଞ୍ଚ ଆଦୌ ସମ୍ପୂର୍ଣ୍ଣ ଅନ୍ଧାର ହେବନି। ଯେଉଁ ଜୋନରେ ଅଭିନୟ ହେଉଛି ତାହା ଆଲୋକିତ ହେବ ଓ ଅନ୍ୟ ଜୋନ୍ ଅନ୍ଧାର ରହିବ।"[୧] ସେହିଭଳି ନାଟ୍ୟକାର ନାରାୟଣ ସାହୁ ତାଙ୍କ ବହୁ ପରିଚିତ ନାଟକ 'କାହାଣୀ ସବାଶେଷ ଲୋକର' ମଞ୍ଚ ପରିକଳ୍ପନା କରି କହିଛନ୍ତି, "ମଞ୍ଚରେ ଆଲୋକ ଆସିବାମାତ୍ରେ ଦେଖାଗଲା ଧଳା ପରଦା ଉପରେ ଅଙ୍କିତ ହୋଇଛି ଭାରତ ବର୍ଷର ମାନଚିତ୍ର। ମାନଚିତ୍ରର ମଧ୍ୟ ଭାଗରେ ସୁଦୃଶ୍ୟମାନ ଜାତୀୟ ପତାକା।"[୨]

**• ଏକବିଂଶ ଶତାବ୍ଦୀର ରଙ୍ଗମଞ୍ଚରେ ସଫଳ ରୂପାୟନ :**

ଏକବିଂଶ ଶତାବ୍ଦୀ ଜ୍ଞାନଗାରିମା ଓ ପ୍ରଯୁକ୍ତି ବିଦ୍ୟାର ସମୟ। ମଣିଷର ସଫଳତା ଆଉକୁ ନେଇପାରିଥିବା ସମୟ ହେଉଛି ଏହି ଶତାବ୍ଦୀ। ଅଶୀ ପରବର୍ତ୍ତୀ ସମୟରେ ରଙ୍ଗମଞ୍ଚକୁ ଲକ୍ଷ୍ୟ କଲେ ଜଣାଯାଏ ପ୍ରାୟତଃ ରଙ୍ଗମଞ୍ଚଗୁଡ଼ିକ ଭାଙ୍ଗି ଯାଇଛି। କିନ୍ତୁ ଏତେ ଝଡ଼ଝଞ୍ଜା ଭିତରେ ଆଜି ଯାଏଁ ମୁଣ୍ଡ ଟେକିଥିବା ରଙ୍ଗମଞ୍ଚ ମଧ୍ୟରୁ ଆମେ ଭେଟୁ ଅନ୍ନପୂର୍ଣ୍ଣା ଏ, ଅନ୍ନପୂର୍ଣ୍ଣା ବି ରଙ୍ଗମଞ୍ଚ, ଜନତା ଥିଏଟର। ଏଗୁଡ଼ିକରେ ଆଜିବି ନାଟକ ମଞ୍ଚସ୍ଥ ହେବାର ଦେଖିବାକୁ ମିଳେ। ତେବେ ଏଠି ଏକବିଂଶ ଶତାବ୍ଦୀରେ ଥିଏଟର ଅପେକ୍ଷା ନାଟ୍ୟ ମଣ୍ଡପ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯଦିଓ ଥିଏଟର ଓ ନାଟ୍ୟ ମଣ୍ଡପ ଏକ ସମପର୍ଯ୍ୟାୟବାଚି ଶବ୍ଦ। ଏଠି ନାଟ୍ୟ ମଣ୍ଡପ କଥା କହିଲେ ବିଶେଷ କରି ଓଡ଼ିଶାରେ ରବିନ୍ଦ୍ର ମଣ୍ଡପ ଏବଂ ଭଞ୍ଜକଳା ମଣ୍ଡପକୁ ଆମେ ବିଚାର କରିପାରିବା। ଏହା ସହ ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ମଧ୍ୟ ଆମେ ଅନେକ ନାଟ୍ୟ ସଂସ୍ଥା ଓ ନାଟ୍ୟ ମଣ୍ଡପ ଦେଖିବାକୁ ପାଉ। ଏକବିଂଶ ଶତାବ୍ଦୀରେ ଯେଉଁ ନାଟ୍ୟକାରମାନେ ନାଟକ ରଚନା କରୁଛନ୍ତି, ସେମାନେ ସେମାନଙ୍କ ନାଟକଗୁଡ଼ିକ ଏକ ଅଭିନବ ଶୈଳୀରେ ରବୀନ୍ଦ୍ର ମଣ୍ଡପ, ଭଞ୍ଜ କଳା ମଣ୍ଡପ ଆଦି ସ୍ଥାନରେ ମଞ୍ଚସ୍ଥ ହେଉଥିବାର ଦେଖିବାମିଳେ। ଏହି ନାଟକରେ ଆଉ ଏକ କଥା ଲକ୍ଷ କରାଯାଏ, ନାଟକରେ ପୂର୍ବରୁ ପରଦାଦ୍ୱାରା ଗୋଟିଏ ଦୃଶ୍ୟକୁ ଦର୍ଶାଇ ଦିଆଯାଉଥିଲା। ଏହି ପରଦାଗୁଡ଼ିକ ଚିତ୍ରକଳା ଶିଳ୍ପୀମାନେ ନିଜେ ହାତରେ ଆଙ୍କୁ ଥିଲେ। ହେଲେ ଏବେ ସେହି ପ୍ରାଚୀନ ପରଦାର ଜାଗା ମାଡ଼ି ବସିଛି ଡିଜିଟାଲ ସ୍କ୍ରିନ ବା ଏଲ୍ ଇଡି ସ୍କ୍ରିନ୍।

ବର୍ତ୍ତମାନ ସମୟରେ ରଙ୍ଗମଞ୍ଚରେ ନାଟକକୁ ସଫଳ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ସଙ୍ଗୀତ। ଅତୀତରେ ଆମେ ଦେଖିବାକୁ ପାଉ ଯେ କଳାକାରମାନେ ନିଜେ ଗୀତ ଗାଇ ନାଟକ ଅଭିନୟ କରୁଥିଲେ। ପରବର୍ତ୍ତୀ ସମୟରେ ସଙ୍ଗୀତ ଗାନ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ମଞ୍ଚର ପଛ ବା ସମ୍ମୁଖ ଭାଗ ମଞ୍ଚରୁ ଅଳ୍ପ ଦୂରରେ ବସୁଥିଲେ । କିନ୍ତୁ ସମ୍ପ୍ରତି ତାହା ଆଉ ଦେଖିବାକୁ ମିଳୁନାହିଁ। ଏହି ସମୟରେ ଗୀତଟିକୁ ଏକ ଷ୍ଟୁଡିଓରେ ରେକର୍ଡ୍ କରାଯାଉଛି ଏବଂ ମଞ୍ଚରେ ଯେତେବେଳେ ନାଟକଟି ମଞ୍ଚସ୍ଥ କରାଯାଉଛି ଦୃଶ୍ୟ ଅନୁଯାୟୀ ବା ଅଭିନୟ ଅନୁଯାୟୀ ସଙ୍ଗୀତ ପରିବେଷଣ କରାଯାଉଛି। ସେହିଭଳି ମଞ୍ଚକୁ ନାଟକର ଦୃଶ୍ୟ ଅନୁଯାଇ ଆଲୋକୀକରଣରେ ମଧ୍ୟ ପରିବର୍ତ୍ତନ ହୋଇଛି। ବିଭିନ୍ନ ନୂତନ ଧରଣର ଲାଇଟ୍ ଯଥା କୈନ୍ଦ୍ରିକ ଅଲୋକ(spot light), ପାଦପ୍ରଦୀପ(foot light), ଛୋଟ କୈନ୍ଦ୍ରିକ ଅଲୋକ(baby spot light) ମଞ୍ଚ ଉପର ଧାର ଅଲୋକ(Flood light) ଆଦିର ବ୍ୟବହାର ହେଉଛି। ଏହା ସହ ଏବେ ଜୋନ୍-ମାନଙ୍କରେ ଆଲୋକର ବ୍ୟବସ୍ଥା କରାଗଲାଣି। ସେହିଭଳି ଛାତ ନାଟକର ପ୍ରଥମ ଦୃଶ୍ୟକୁ ନାଟ୍ୟକାର ନାରାୟଣ ସାହୁ କୁହନ୍ତି "ଏହି ଦୃଶ୍ୟଟି ଡିମଲାଇଟ୍-ରେ ହେବ।"

ଶେଷରେ ଏହି ପର୍ଯ୍ୟାୟରେ ପହଞ୍ଚିଲେ ଯେ ନାଟକକୁ ସଫଳ ରୂପ ଦେବାରେ ରଙ୍ଗମଞ୍ଚର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। କାରଣ ମଞ୍ଚଟିଏ ଥାଏ ବୋଲି ତ କଳାକାର ଅଭିନୟ କରେ ଯଦି ରଙ୍ଗମଞ୍ଚ ନଥାନ୍ତା ତେବେ ଦର୍ଶକମାନଙ୍କର ଭିଡ଼ ଜମି ନଥାନ୍ତା କି କଳାକାରଟିଏ ମଧ୍ୟ ନିଜର କଳାକୁ ପ୍ରଦର୍ଶନ କରିପାରି ନଥାନ୍ତା। ତେବେ ମଞ୍ଚଟିଏ ଥିଲେ କେବଳ ନାଟକ ସଫଳ ଭାବରେ ଅଭିନୀତ ହୋଇ ପାରିବନାହିଁ। ଅର୍ଥାତ୍ ମଞ୍ଚରେ ନାଟକକୁ ସଫଳ ରୂପାୟନ କରିବାପାଇଁ ଉପଯୁକ୍ତ ଆଲୋକ ବ୍ୟବସ୍ଥା, ଶବ୍ଦ ବ୍ୟାବହାର, ଡିଜିଟାଲ ସ୍କ୍ରିନ ଏବଂ ଦୃଶ୍ୟ ସଜ୍ଜା ଆଦି ଗୁରୁତ୍ୱପୂର୍ଣ୍ଣ ଭୂମିକା ଅର୍ଜନ କରିଥାଏ। ବର୍ତ୍ତମାନ ସମୟରେ ପୂର୍ବ ଅପେକ୍ଷା ଅଧିକ ନାଟକ ମଞ୍ଚସ୍ଥ ହେଉଛି। ପୁଣି ତାହା ଅତି ସୁନ୍ଦର ଓ ନୂତନ ନୂତନ ଶୈଳୀ ତଥା ଅତ୍ୟାଧୁନିକ ଉପକରଣ ସାହାଯ୍ୟରେ ମଞ୍ଚସ୍ଥ କରାଯାଇପାରୁଛି। ଏଗୁଡ଼ିକୁ ଦେଖିବାପାଇଁ ମଧ୍ୟ ଅନେକ ଦର୍ଶକ ଭିଡ଼ ଲଗାଉଛନ୍ତି। ବର୍ତ୍ତମାନ ସମୟର ନାଟ୍ୟକାରମାନେ ନାଟ୍ୟ ମଞ୍ଚାୟନ ଓ ନିର୍ଦ୍ଦେଶନାରେ କିପରି ନାଟକଟି ସଫଳ ଭାବରେ ଅଭିନୀତ ହୋଇ ଲୋକପ୍ରିୟତା ହାସଲ କରିବ ତାହାପାଇଁ ସତ ଚେଷ୍ଟିତ।

**ସଙ୍କେତ ସୂଚୀ:**

୧. ଦଳବେ ତ୍ରିପାଠୀ, ଶଙ୍କର ପ୍ରସାଦ। ପୃଥିବୀ ଶରଶଯ୍ୟା। ସାଥି ପ୍ରକାଶନୀ, ୧୯୮୮, ପୃଷ୍ଠା-୧,୨

୨. ସାହୁ, ନାରାୟଣ। କାହାଣୀ ସବାଶେଷ ଲୋକର। କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୯୨, ପୃଷ୍ଠା-୧

**ସଙ୍କେତ ସୂଚୀ:**

୧. ଦଳବେହେରା, ସାରଦାପ୍ରସାଦ। ଓଡ଼ିଶା ରଙ୍ଗମଞ୍ଚ ଇତିହାସ। ଧର୍ମଗ୍ରନ୍ଥ ଷ୍ଟୋର, ୧୯୭୧।

୨. ଦାସ, ହେମନ୍ତ କୁମାର। ଓଡ଼ିଆ ମଞ୍ଚ ପରିକ୍ରମା। ଏସ୍ ବି ପବ୍ଲିକେଶନ, ୧୯୯୬।

୩. ସାମନ୍ତରାୟ, ରାମାକାନ୍ତ। ଆଶୀ ପରର ଓଡ଼ିଆ ନାଟକ। ୨ୟ ସଂସ୍କରଣ, ସତ୍ୟନାରାୟଣ ବୁକଷ୍ଟୋର , ୨୦୨୨।

୪. ସାହୁ, ନାରାୟଣ। ନାଟ୍ୟ ଚର୍ଚ୍ଚା ଓ ଅନ୍ୟ ପ୍ରସଙ୍ଗ। ସତ୍ୟନାରାୟଣ ବୁକଷ୍ଟୋର , ୨୦୨୦।

୫. ସାହୁ, ନାରାୟଣ। ମଞ୍ଚ ଓ ନାଟକର କଳା କୌଶଳ। ୨ୟ ସଂସ୍କରଣ, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ୨୦୧୫।

୬. ସାହୁ, ନାରାୟଣ। କାହାଣୀ ସବାଶେଷ ଲୋକର। କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୯୨।

୭. ତ୍ରିପାଠୀ, ଶଙ୍କର ପ୍ରସାଦ। ପୃଥିବୀ ଶରଶଯ୍ୟା। ସାଥି ପ୍ରକାଶନୀ, ୧୯୮୮।


«««

BINDU BIMARSHA...


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Sahoo, Sudarsan. “Natya Safalatare Manchar Bhumika.” Bindu Bimarsha, vol. 2, no. 1, Jan. 2026, pp. 23–26. Crossref, https://doi.org/10.64647/bb.vol.2.issue.1.2026.4. |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ଭାରତୀୟ ପଲ୍ଲୀ ଜୀବନ: ଅତୀତ ଓ ବର୍ତ୍ତମାନ

**ରଞ୍ଜନ କୁମାର ସେଠୀ**

ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା

**Article No:** BB-II-I-2026-05

**ORC ID:** 0009-0009-0396-4116
**Review Status:** Double-Blind Peer Reviewed
**DOI:** 10.64647/bb.vol.2.issue.1.2026.5
**Language of the Article:** Odia
**E-Mail:** rs4407805@gmail.com
**Type of Article:** Research Article
**Submission Date:** 13-11-2025
**Publication Date:** 14-01-2026

ABSTRACT ॥ ସଂକ୍ଷିପ୍ତ ସାର

ଭାରତ ଗୋଟିଏ ଗ୍ରାମ ବହୁଳ ଦେଶ । ଏହାର ଭୌଗୋଳିକ ଅବସ୍ଥିତି ନଦନଦୀ, ବଣ ପାହାଡ଼ ପ୍ରାକୃତିକ ଗଠନ ଏ ଦେଶର ଜନଜୀବନକୁ ସ୍ୱାଭାବିକ ଭାବେ ଗ୍ରାମୀଣ କରି ଗଢ଼ିଛି । ପ୍ରାୟ ଖ୍ରୀ.ପୂ. ୫୦୦୦ରେ ରଚିତ ଏ ଦେଶର ପ୍ରାଚୀନତମ ସାହିତ୍ୟିକ କୃତି ରୂପେ ଗୃହୀତ ବେଦଠାରୁ ଆରମ୍ଭ କରି ଆଧୁନିକତମ ସାହିତ୍ୟିକ ବିଭାବ ରୂପେ ସ୍ୱୀକୃତ ନାଟକ ପର୍ଯ୍ୟନ୍ତ ସର୍ବତ୍ର ଭାରତୀୟ ଗ୍ରାମ୍ୟ ଜୀବନର ବୈଶିଷ୍ଟ୍ୟ ଓଣାଅଧିକେ ଅନୁଭବ କରିହୁଏ । ଭାରତୀୟ ଜନଜୀବନର ବାସ୍ତବ ରୂପ ଗ୍ରାମମାନଙ୍କରେ ହିଁ ପ୍ରତିଷ୍ଠିତ । ଦେଶ ବାହାରର କୌଣସି ଦାର୍ଶନିକ ସମାଲୋଚକ ବା ସାହିତ୍ୟିକ ଭାରତୀୟ ଜୀବନ ଦର୍ଶନ ସଂପର୍କରେ ଅନୁଶୀଳନ କରିବାକୁ ଚାହିଁଲେ, ସେ ପ୍ରଥମେ ଦେଖେ ଏ ଦେଶର ଗ୍ରାମ୍ୟ ଜୀବନ ଚିତ୍ର, ଯାହା ଭିତରେ ଲୁଚି ରହିଛି ଏ ଜାତିର ଆତ୍ମା ଓ ତାର ମୌଳିକ ଆଦର୍ଶ । ଭାରତ ସହିତ ଗ୍ରାମ୍ୟ ସଭ୍ୟତା ବହୁ ଯୁଗରୁ ନିବିଡ଼ ଭାବେ ଜଡ଼ିତ । ଗ୍ରାମ ହିଁ ଏହାର ସଭ୍ୟତା ଓ ସଂସ୍କୃତିର କେନ୍ଦ୍ର। ଭାରତୀୟ ସଭ୍ୟତାର ପରିପ୍ରକାଶ ବାସ୍ତବତଃ ଗ୍ରାମରୁ ହୋଇଛି । ସମୟର ପରିବର୍ତ୍ତନ ଫଳରେ ଆଧୁନିକତାର ସଂକେତ ନେଇ କେତେକ ପ୍ରଶାସନିକ କେନ୍ଦ୍ର ଓ ଉପକେନ୍ଦ୍ର ସ୍ଥଳରେ ଗ୍ରାମଗୁଡ଼ିକ କ୍ରମେ ସହରରେ ପରିଣତ ହେବାକୁ ଯାଉଛି । କିନ୍ତୁ ଏ ଦେଶର ପ୍ରଶାସନରେ ଗ୍ରାମାଞ୍ଚଳର ଗୁରୁତ୍ୱକୁ ଉପେକ୍ଷା କରାଯାଇନପାରେ । ଗ୍ରାମାଞ୍ଚଳର ସମସ୍ୟା ହିଁ ଏ ଦେଶର ଜାତୀୟ ସମସ୍ୟା। ଗ୍ରାମ୍ୟ ଜୀବନର ବିକାଶ ଓ ବିନାଶ ସହ ଏ ଦେଶର ପ୍ରଗତି ଓ ଅଧୋଗତି ଯଥାକ୍ରମେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭାରତୀୟ ତଥା ଉତ୍କଳୀୟ ସଭ୍ୟତାରେ ଗ୍ରାମ ସଂଗଠନର ଶକ୍ତି, ସାମର୍ଥ୍ୟ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରାଚୀନ କାଳରୁ ସ୍ୱୀକୃତ ହୋଇଆସିଛି।

**ମୂଳ ଶବ୍ଦ:** ଭାରତୀୟ, ପଲ୍ଲୀ, ଗ୍ରାମ, ଆଧୁନିକତା, ସଭ୍ୟତା, ଶିଳ୍ପ, ସ୍ୱାଧୀନତା, ସାହିତ୍ୟ ।

ବର୍ତ୍ତମାନ ଯୁଗରେ ପଲ୍ଲୀ ତଥା ପଲ୍ଲୀବାସୀମାନଙ୍କର ନବଜନ୍ମାନ୍ତର ଘଟୁଥିବାର ଦେଖିବାକୁ ମିଳେ। ସ୍ୱାଧୀନତା ଲାଭ ପରେ ଦେଶରେ ବହୁମୁଖୀ ଯୋଜନା ପଲ୍ଲୀର ସର୍ବବିଧ ମଙ୍ଗଳ ସାଧନପାଇଁ କାର୍ଯ୍ୟକାରୀ ହେଉଛି । ପଲ୍ଲୀବାସୀମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ ତଥା ଆର୍ଥିକ ସ୍ୱଚ୍ଛଳତା ବ୍ୟତୀତ ଆଧୁନିକ ଶିକ୍ଷାର ବହୁଳ ପ୍ରସାର ହେତୁ ସେମାନଙ୍କ ମାନସିକ ଉନ୍ନତି ପ୍ରତି ମଧ୍ୟ ସମାଧିକ ଦୃଷ୍ଟି ଦିଆଯାଉଛି। କିନ୍ତୁ ପଲ୍ଲୀ ଓ ପଲ୍ଲୀବାସୀମାନଙ୍କୁ କେନ୍ଦ୍ରକରି ଯୁଗଯୁଗ ଧରି ଯେଉଁ ଏକ ସ୍ୱତନ୍ତ୍ର ସାହିତ୍ୟ ବିକାଶ ଲାଭ କରିଆସୁଛି, ସେ ସାହିତ୍ୟ ପ୍ରତି ସେମାନେ ଯଥେଷ୍ଟ ଆତ୍ମସଚେତନ ଥିବାର ମନେ ହୁଏନାହିଁ। ପଲ୍ଲୀ ସଙ୍ଗୀତ, ପଲ୍ଲୀ ବଚନିକା, ପଲ୍ଲୀ ପ୍ରହେଳିକା, ପଲ୍ଲୀକଥା ସାହିତ୍ୟପରି ସେ ସାହିତ୍ୟର ବିଭିନ୍ନ ବିଭାଗ ତଥା ସେମାନଙ୍କର ଅନ୍ତଃପ୍ରକୃତି ଓ ରସ ସୌନ୍ଦର୍ଯ୍ୟକୁ ସେମାନେ ଯଥାର୍ଥ ବିଚାର ବୁଦ୍ଧି ନେଇ ବିଶ୍ଳେଷଣ କରୁନାହାନ୍ତି । ପଲ୍ଲୀ ସାହିତ୍ୟର ଅଖଣ୍ଡ ବାତାବରଣ ଭିତରୁ ଯେଉଁ ପଲ୍ଲୀ ସନ୍ତାନ ସମୟକ୍ରମେ ବିକାଶଲାଭ କରିଛି ସେ ନିଜର ସ୍ୱତନ୍ତ୍ର ସାହିତ୍ୟକୁ ଅନୁଶୀଳନ କରିବାପାଇଁ ଉପଯୁକ୍ତ ସୁବିଧା ପାଇପାରୁନାହିଁ । ପଲ୍ଲୀ ସାହିତ୍ୟର ବିଶ୍ଳେଷଣ ତାହାର ସନ୍ତାନ ପକ୍ଷରେ ଏକ ଅର୍ଥରେ ଆତ୍ମ ସମୀକ୍ଷଣ ବା ଆତ୍ମ ବିଶ୍ଳେଷଣ ବ୍ୟତୀତ ଅନ୍ୟ କିଛି ନୁହେଁ । ଏ ବିଶ୍ଳେଷଣରେ ସେ ନିଜକୁ ନୂତନ ଭାବେ ଆବିଷ୍କାର କରିବାର ସୌଭାଗ୍ୟ ଲାଭ କରିପାରିବ ବୋଲି ବିଶ୍ୱାସ।[୧] ପଲ୍ଲୀ ସାହିତ୍ୟ ସାଧାରଣତଃ ପଲ୍ଲୀବାସୀଙ୍କ ପାଇଁ ଉଦ୍ଦିଷ୍ଟ । ଯାହା ପଲ୍ଲୀ ମଧ୍ୟରେ ବଞ୍ଚିରହି ପଲ୍ଲୀବାସୀ ହୃଦୟର ଅତି କୋମଳ ସୂକ୍ଷ୍ମ ତନ୍ତ୍ରୀକି ସ୍ପର୍ଶ କରେ ତାହାହିଁ ଯଥାର୍ଥ ପଲ୍ଲୀ ସଙ୍ଗୀତର ପ୍ରଥମ ନିଦର୍ଶନ। ବହୁ ଦାର୍ଶନିକ କବିତା, ବହୁ ଉଚ୍ଚକୋଟୀର କାବ୍ୟାଙ୍ଗ ବିଶେଷ ପଲ୍ଲୀବାସୀ ମୁଖରେ ପ୍ରଚଳିତ ହେଉଥିଲେ ହେଁ ପଲ୍ଲୀର ହୃଦତନ୍ତ୍ରୀକୁ ଅତି ବ୍ୟାପକ ଓ ଗଭୀର ଭାବେ

ଆଲୋଡ଼ନ କରିବା ଦିଗରେ ଏମାନେ ସମର୍ଥ ହୁଅନ୍ତିନାହିଁ । ମାତୃହୃଦୟର ଏକ ଶାଶ୍ୱତ ଅନାବିଳ ସ୍ନେହର ବିମଳ ମନ୍ଦାକିନୀ ଧାରା ପ୍ରବାହିତ ହୋଇ ସମଗ୍ର ମନପ୍ରାଣକୁ ଅଭିଭୂତ କରି ରଖେ। କାବ୍ୟିକ ଭାଷାର ପରିପୂର୍ଣ୍ଣ ପରିପାଟୀ, ଅପରିମେୟ ଆଳଙ୍କାରିକତା ବୁନିଆଦି ସାହିତ୍ୟରେ ଆଣି ଦିଅନ୍ତି ଏକ କୃତ୍ରିମ ରୂପ। ଏ ଉପାଦାନ କିନ୍ତୁ ପଲ୍ଲୀ ସାହିତ୍ୟରେ ସମ୍ପୂର୍ଣ୍ଣ ସ୍ୱପ୍ନ, ପଲ୍ଲୀ-ଜୀବନ ପଲ୍ଲୀ-ସଙ୍ଗୀତର ବିଷୟବସ୍ତୁ ଭିତରେ ବହୁ ଭାବରେ ପ୍ରତିଫଳିତ। କାରଣ ପଲ୍ଲୀ ପ୍ରାଣର ଜୀବନ ପରିଧି ହେଉଛି ଏକମାତ୍ର ପଲ୍ଲୀ । ବୃକ୍ଷ, ଲତା, ଆକାଶ, ପୃଥିବୀ, ସୂର୍ଯ୍ୟ, ତାର ପଲ୍ଲୀପ୍ରାଣରେ ସର୍ବଦା ପରିବ୍ୟାପ୍ତ । ଏଇମାନଙ୍କ ସହିତ ମଧୁର ମିଳନରେ ପ୍ରବାହିତ ହୁଏ ତାର ସରଳ ଜୀବନ-ସ୍ରୋତ । ଜୀବନର ସୁଖ-ଦୁଃଖ, ଆଶା-ନୈରାଶ୍ୟ, ପ୍ରେମ-ବୈରାଗ୍ୟ ଓ ମତାନ୍ତର -ମନାନ୍ତର ରୂପାୟନ ଲାଭ କରନ୍ତି ଏହି ପଲ୍ଲୀ ଭାବନାର ସଙ୍ଗୀତ ଭିତରେ ।[୭]

ପଲ୍ଲୀର ଜୀବନଧାରା ସ୍ୱତନ୍ତ୍ର । ସହରର ପୂତିଗନ୍ଧମୟ ବାୟୁର ବିକଟ ସ୍ପର୍ଶ ସେଥିରେ ନଥାଏ । ତେଣୁ ପଲ୍ଲୀ ସାହିତ୍ୟର ଭାଷା, ଭାବ, ଚିନ୍ତାଧାରା ଓ ପ୍ରକାଶକଳା ସମ୍ପୂର୍ଣ୍ଣ ପୃଥକ । ଏଥିରେ ଥାଏ ଶାନ୍ତ ଓ ପବିତ୍ରତାର କୋମଳ ସ୍ପର୍ଶ । ପଲ୍ଲୀର ମନ, ପ୍ରାଣ ଚେତନା ଓ ପରିସ୍ଥିତି ସହରର ମନପ୍ରାଣଠାରୁ ଭିନ୍ନ । ନଗର ଗଢ଼ିଛି କୃତ୍ରିମ ବାୟୁ ମଣ୍ଡଳରେ ତା'ର କାବ୍ୟ ସାହିତ୍ୟର ସୌଧ। ତା'ର ସ୍ରଷ୍ଟା ହେଉଛନ୍ତି ମୁଷ୍ଟିମେୟ ରସିକ ରସଜ୍ଞ କବି। ପଲ୍ଲୀପ୍ରାଣର ସଙ୍ଗୀତ କିନ୍ତୁ ସର୍ବାଂଶରେ ଅନାବିଳ ଓ ସ୍ୱତଃସ୍ଫୂର୍ତ୍ତ, ପ୍ରାକୃତ ଓ ଅନନ୍ୟ। ଏହାର ସ୍ରଷ୍ଟା ଓ ଉପଭୋକ୍ତା ହେଉଛନ୍ତି ପଲ୍ଲୀର ଲକ୍ଷଲକ୍ଷ ନରନାରୀ । କାବ୍ୟ ବୁନିଆଦିର ଛାପ ଏମାନଙ୍କଠି ନଥାଏ। ତେଣୁ ପଲ୍ଲୀ ଜୀବନର ଅନ୍ଦିକନ୍ଦି ଭିତରେ ପଙ୍କଜ ଅଛି, ବାସଙ୍ଗ ମଧ୍ୟ ଅଛି, ସୁନ୍ଦର ଅଛି, ଅସୁନ୍ଦର ମଧ୍ୟ ଅଛି, ସୁଗନ୍ଧ ଓ ଦୁର୍ଗନ୍ଧ ଉଭୟ ଅଛନ୍ତି । ପଲ୍ଲୀର ଜୀବନ ସେମାନଙ୍କ ସମଗ୍ରତାରେ ପ୍ରତିଫଳିତ ହୁଏ । କେହି ନିଜର ବ୍ୟକ୍ତିଗତ ସ୍ୱତନ୍ତ୍ର ମହିମାରେ ଏକାକୀ ପଲ୍ଲୀକୁ ମହିମାମଣ୍ଡିତ କରିନାହାନ୍ତି । ଠିକ୍ ସେହିପରି ପଲ୍ଲୀ ସଙ୍ଗୀତ ସାହିତ୍ୟରେ ଭଲମନ୍ଦ, ସୁନ୍ଦର ଅସୁନ୍ଦର ସମସ୍ତ ଅଛନ୍ତି। ଏଇମାନଙ୍କ ସମଷ୍ଟିଗତ ବିକାଶ ଓ ବ୍ୟାପ୍ତିରେ ପ୍ରତିଷ୍ଠିତ ତାର ଦୀପ୍ତି। ଆପାତ୍ ଦୃଷ୍ଟିରେ ଯାହା ଅସୁନ୍ଦର ପଲ୍ଲୀ ଚକ୍ଷମାରେ ତା ଅତୀବ ପ୍ରୀତିକର ଓ ମନୋମୁଗ୍ଧକର । ପଲ୍ଲୀର ଏଇ ଭଲମନ୍ଦକୁ ସମଗ୍ର ଦୃଷ୍ଟି, ସହନଶୀଳତା ଓ ପଲ୍ଲୀ ଚକ୍ଷୁରେ ନିରୀକ୍ଷଣ ନ କଲେ ପଲ୍ଲୀ ସଙ୍ଗୀତ ସାହିତ୍ୟର ପ୍ରକୃତ ହୃଦତନ୍ତ୍ରୀ ଅନୁଭବ କରିହେବ ନାହିଁ, କାରଣ ପଲ୍ଲୀର ସନ୍ତାନ ହେଉଛି ପ୍ରକୃତିର ସନ୍ତାନ । ପ୍ରକୃତି ଚିରଅମର ତେଣୁ ତାର ସନ୍ତାନ ମରଣଶୀଳ ଜଗତରେ ବିଚରଣ କଲେ ମଧ୍ୟ ତାର ସଙ୍ଗୀତ ଚିରଅମର । ପଲ୍ଲୀର ଚିରନ୍ତନ ଚିନ୍ତାଧାରା କାଳର କରାଳ କଷାଘାତିରେ ବହୁ ସମୟରେ ରୂପାନ୍ତରିତ ହେଉଥିଲେ ମଧ୍ୟ ସେହି ଚିନ୍ତାଧାରା ପଲ୍ଲୀର ଜୀବନତରୀକୁ ଏକ ଆଦର୍ଶ ନୈତିକ ସ୍ରୋତରେ ପରିଚାଳନା କରିବାପାଇଁ ସମର୍ଥ ହୋଇଥାଏ। ଜାତିର ବଳିଷ୍ଠ ସଭା ସଂରକ୍ଷଣ ଓ ସୁଶୃଙ୍ଖଳିତ ଜୀବନଯାପନର ମାର୍ଗ ପ୍ରଦର୍ଶନ ଏଇ ଚିନ୍ତାଧାରାର ପ୍ରଧାନ ଲକ୍ଷ୍ୟ। ପଲ୍ଲୀର ଜୀବନ ପରି ପଲ୍ଲୀ ସାହିତ୍ୟର ସଙ୍ଗୀତ ମଧ୍ୟ ସରଳ, ନିରାଡ଼ମ୍ବର ଓ ଆଭିଜାତ୍ୟ ଶୂନ୍ୟ । ପଲ୍ଲୀର ପାଣିପବନ ପରି ଏ ସଙ୍ଗୀତଗୁଡ଼ିକ ସମସ୍ତଙ୍କର କେହି ଇସ୍ତମରାର ପଟାନେଇ ଏମାନଙ୍କୁ ନିଜର କରି ରଖିପାରେ ନାହିଁ । ଯୁଗଯୁଗ ଧରି ପଲ୍ଲୀର ନିଭୃତ କୋଣରେ ଆନନ୍ଦର ଅବିରାମ ଅଖଣ୍ଡ ଧାରା ପରି ପଲ୍ଲୀ ହୃଦତନ୍ତ୍ରୀରୁ ସଙ୍ଗୀତ ଅମୃତ ନିତ୍ୟ ପ୍ରବାହିତ ହୋଇ ଆସୁଛି । ପଲ୍ଲୀ ଜୀବନକୁ ସରସ ଓ ପ୍ରାଣବନ୍ତ କରିବାପାଇଁ ହସର ଉପାଦାନ କଥା କଥାକେ ବାହାରିଥାଏ । କୌଣସି ଘଟଣାରେ ଢ଼ଗଟାଏ ମେଲିଦେଲେ ହସର ପସରା ସ୍ୱତଃ ଖୋଲିଯାଏ । ସୁଖ-ଦୁଃଖ, ଅଶ୍ରୁ-ଆନନ୍ଦ, ଆଶା-ନୈରାଶ୍ୟର ଅବିରାମ ସ୍ରୋତ ଏହା ଭିତରେ ପ୍ରବାହିତ ହୋଇ ଚାଲିଛି ଏବଂ ଦେଶସାରା ଏସବୁ ବିଛୁଡ଼ିହୋଇ ପଡ଼ିଛନ୍ତି ପଲ୍ଲୀର କୁସୁମ ପରି ।

**• ପ୍ରାଚୀନ ଭାରତୀୟ ପଲ୍ଲୀ ପରମ୍ପରା**

ପଲ୍ଲୀ ବହୁଳ ଆମଦେଶରେ ଶତକଡ଼ା ଅଶୀଭାଗ ଲୋକ ଗ୍ରାମରେ ବାସ କରନ୍ତି । ମୁଖ୍ୟତଃ ସେମାନେ କୃଷିଜୀବୀ । ମୁଣ୍ଡର ଝାଳ ତୁଣ୍ଡରେ ମାରି ସେମାନେ ଫସଲ ଉପୁଜାନ୍ତି । ଦେଶର ଲୋକଙ୍କୁ ଅନ୍ନ ଯୋଗାନ୍ତି । ପଲ୍ଲୀ ହେଉଛି ଭାରତର ଆତ୍ମା । ପଲ୍ଲୀର ବିକାଶ ବିନା ଦେଶର ବିକାଶ ସମ୍ଭବ ନୁହେଁ । ଅପୂର୍ବ ସମ୍ଭାରର ଏଇ ପଲ୍ଲୀମାଟି, ବୃକ୍ଷଲତା, ପାହାଡ଼, ପର୍ବତ, ନଦନଦୀ, ଗିରି, ଝରଣା ଓ ସବୁଜ ବନାନୀରେ ହସି ଉଠୁଛି ପଲ୍ଲୀ ରାଣୀ । ପଲ୍ଲୀର ଏଇ ମନୋମୁଗ୍ଧକର ରୂପ ସମ୍ଭାରରେ କବି, ଲେଖକ, ଦାର୍ଶନିକ ଆତ୍ମବିଭୋର ହୋଇ ଉଠିଛନ୍ତି । ସମଗ୍ର ଭାରତୀୟ ସାହିତ୍ୟରେ ଏହି ଚିତ୍ରର ମନୋହାରିତା ଅନନ୍ୟ ଓ ଅସାଧାରଣ ଭାବେ ଫୁଟିଉଠିଛି । ପ୍ରାଚୀନ ଯୁଗର ସାହିତ୍ୟରେ ପ୍ରାୟତଃ ଦେବ-ଦେବୀ, ରାଜା-ମହାରାଜା, ରାଜଜେମାର ଚିତ୍ର, ରାଜପ୍ରସାଦ, ନଗରର ଚିତ୍ର ସ୍ଥାନ ପାଉଥିଲା । ପଲ୍ଲୀ ଜୀବନ, ମଣିଷର ସୁଖ-ଦୁଃଖ, ହସକାନ୍ଦ ସାହିତ୍ୟରେ ନଥିଲା । ଭାରତର ବିଭିନ୍ନ ପ୍ରାଦେଶିକ ସାହିତ୍ୟରେ ପଲ୍ଲୀ ଜୀବନର ଚିତ୍ର ଅଷ୍ଟାଦଶ ଶତାବ୍ଦୀରେ ଫୁଟି ଉଠିଥିବା ବେଳେ ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଆ ସାହିତ୍ୟରେ ସ୍ଥାନ ପାଇଥିଲା । ପଲ୍ଲୀର ଅନ୍ଧାର -ଆଲୋକ, ବଣବୁଦା, ନଇ-ବନ୍ଧ, ପୋଖରୀତୁଠ, ଗାଁଦାଣ୍ଡି, ସକାଳ ସୂର୍ଯ୍ୟ, ଗୋଧୂଳି ମୁଖରିତ ହୋଇ ଉଠିଲା ଓଡ଼ିଆ ସାହିତ୍ୟରେ । ଗାଁ ମାଟିର ଗନ୍ଧ, ଆମ୍ବ ବଉଳର ବାସ୍ନା, କିଆବଣର ସୁରଭିରେ ଫାଟିପଡୁଥିବା ପଲ୍ଲୀମାଟି କବି ଲେଖକଙ୍କ ପଲ୍ଲୀ ଚିନ୍ତାରେ ନିଖୁଣ ଭାବରେ ଫୁଟିଉଠିଛି । ଗ୍ରାମ ବହୁଳ ଓଡ଼ିଆର ଗ୍ରାମ୍ୟ ଜୀବନ ବିଭିନ୍ନ ନାଟ୍ୟକାରମାନେ ତାଙ୍କର ନାଟକରେ ଦେଖୁଛନ୍ତି । ଓଡ଼ିଶା ହେଉଛି ଏକ ଗ୍ରାମ ବହୁଳ ରାଜ୍ୟ। ଏହାର ସଭ୍ୟତା ଓ ସଂସ୍କୃତି ପଲ୍ଲୀଜୀବନ ପୁଷ୍ଟ । ସୁନ୍ଦର ସୁକୋମଳ ପ୍ରକୃତି, କୃଷିଭିତ୍ତିକ ସଭ୍ୟତା ତଥା ଅନାବିଳ ମାଧୁର୍ଯ୍ୟମୟ

BINDU BIMARSHA...

ଜୀବନଚର୍ଯ୍ୟାରେ ଏକଦା ଗାଁ ଥିଲା ସମୃଦ୍ଧ । ତେଣୁ ପ୍ରାଚୀନ ପଲ୍ଲୀର ମାଦକତା ଥିଲା ଉପଭୋଗ୍ୟ। ପ୍ରାଚୀନ ପଲ୍ଲୀର ଲୋକମାନେ ବହୁ ଆଡ଼ମ୍ବରର ସହିତ ଜୀବନ ଅତିବାହିତ କରୁଥିଲେ। ସେମାନଙ୍କ ସୁଖମୟ ଜୀବନର କିଛି ସମୟ ବାହାର କରି ସେମାନେ ଜୀବନକୁ ଅତି ହସ ଖୁସିରେ ବାଣ୍ଟୁଥିଲେ। ପ୍ରାଚୀନ ଜୀବନର ପଲ୍ଲୀ ପରମ୍ପରା ତା'ର ପ୍ରକୃତି ଓ ପର୍ବପର୍ବାଣୀ ଦ୍ୱାରା ଉଦଭାଷିତ ହେଉଥିଲା। ସେମାନେ ବିଭିନ୍ନ ପର୍ବପର୍ବାଣୀରେ ରଙ୍ଗବେରଙ୍ଗର ପୋଷାକ ପରିଧାନ କରି ଅଳଙ୍କାର ବିଭୂଷଣ କରି ମହାଡ଼ମ୍ବର ସେମାନେ ପଲ୍ଲୀର ପରମ୍ପରାକୁ ବଜାୟ ରଖିଥିଲେ। ପ୍ରାଚୀନ ସଭ୍ୟତାର ପଲ୍ଲୀର ଲୋକମାନେ କିଛି ଜାଣୁନଥିଲେ। ପରବର୍ତ୍ତୀ ସମୟରେ ପଲ୍ଲୀ ପରମ୍ପରା ବିଷୟରେ ଜାଣିଲେ। ପ୍ରାଚୀନ ପଲ୍ଲୀର ପରମ୍ପରା ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ଥିଲା । ସେଗୁଡ଼ିକ ଦେଖିଲା ପରେ ଏବେ ବି ପଲ୍ଲୀ ଜୀବନର ସମସ୍ତ ପରମ୍ପରା ମନେପଡ଼ିଯାଇଥାଏ। ପଲ୍ଲୀ ଜୀବନ ପରମ୍ପରା ମନୋରଞ୍ଜନଧର୍ମୀ। ପ୍ରକୃତିର ଶୋଭାମୟ ପରିବେଶ ମାଧ୍ୟମରେ ପଲ୍ଲୀର ଅବସ୍ଥିତି ହୋଇଥାଏ। ଏଠାରେ ଗଛଲତାରୁ ଫୁଲ ଝଡ଼େ ଅଜସ୍ର । ପଲ୍ଲୀର ମନୋହର ପ୍ରାକୃତିକ ଶୋଭା ଏବଂ ଋତୁ ପର୍ଯ୍ୟାୟରେ ନବନବ ଉତ୍ସର୍ଗ ସୁଷମା ପଲ୍ଲୀପ୍ରାଣରେ ଭେଦଭାବ ଜାଗ୍ରତ କରେ। ପଲ୍ଲୀର ମଣିଷ ଯେପରି ଲାଭକରେ ଦେବଲୋକର ସ୍ପର୍ଶ । ପଲ୍ଲୀଜୀବନ ଅତି ସରଳ ଅଟେ । ପଲ୍ଲୀବାସୀଗଣ ସରଳ ଭାବରେ ଜୀବନଯାପନ କରନ୍ତି । ପଲ୍ଲୀର ଅଧିକାଂଶ ଲୋକ କୃଷକ ଅଟନ୍ତି । ସେମାନେ କ୍ଷେତକାର୍ଯ୍ୟ କରି ଜୀବନ ନିର୍ବାହ କରନ୍ତି । ସେମାନଙ୍କ ମଧ୍ୟରୁ କେତେ ଶିଳ୍ପୀ ଓ କାରିଗର ଅଟନ୍ତି। ସେମାନେ ନିଜ ନିଜର ବ୍ୟବସାୟକୁ ଅନୁସରଣ କରିଥାନ୍ତି । ତେଣୁ ପଲ୍ଲୀର ପରମ୍ପରା ଅତି ସୁନ୍ଦର ହୋଇଥାଏ ।

**• ଶିଳ୍ପ ବିପ୍ଳବ ଓ ସହରୀ ବିକାଶ**

ଅଷ୍ଟାଦଶ ଶତାବ୍ଦୀ ବିଶ୍ୱ ଇତିହାସରେ ଉନ୍ମୋଚନ କରିଥିଲା ଏକ ନୂତନ ଅଧ୍ୟାୟ । ଏହି ସମୟରେ ଉତ୍ପାଦନ କ୍ଷେତ୍ରରେ ଘଟିଥିଲା ବୈପ୍ଳବିକ ପରିବର୍ତନ ଯାହାକୁ ଶିଳ୍ପ ବିପ୍ଳବ କୁହାଯାଏ । କୁଟୀର ଶିଳ୍ପ ତଥା ହସ୍ତଶିଳ୍ପ ପରିବର୍ତ୍ତେ ଉତ୍ପାଦନ କ୍ଷେତ୍ରରେ ଯନ୍ତ୍ର ଓ ବାଷ୍ପ ଶକ୍ତିର ବ୍ୟବହାର ଶିଳ୍ପ କ୍ଷେତ୍ର ଆଣିଥିଲା ଅଭୂତପୂର୍ବ ପରିବର୍ତ୍ତନ ।[୩] ପୂର୍ବରୁ ଶିଳ୍ପୀ ଓ କାରିଗରମାନେ ନିଜ ଘରେ ହାତରେ ଓ କୁଟୀର ଶିଳ୍ପ ମାଧ୍ୟମରେ ଆବଶ୍ୟକ ଦ୍ରବ୍ୟମାନ ପ୍ରସ୍ତୁତ କରି ଜନସାଧାରଣଙ୍କର ଚାହିଦା ପୂରଣ କରୁଥିଲେ । ତେଣୁ ଉତ୍ପାଦନର ଗତିଥିଲା ମନ୍ଥର ଓ ଉତ୍ପାଦିତ ଦ୍ରବ୍ୟର ପରିମାଣ ଥିଲା କମ୍ । କୁଟୀର ଶିଳ୍ପଥିଲା ସମୟ ସାପେକ୍ଷ । ଅଳ୍ପ ଜିନିଷ ପ୍ରସ୍ତୁତ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ପଡୁଥିଲା । କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁ ଜିନିଷପତ୍ରର ଚାହିଦା ମଧ୍ୟ ବୃଦ୍ଧି ପାଇଲା । ତେଣୁ ନୂତନ ଯନ୍ତ୍ରପାତିର ଆବଶ୍ୟକତା ଅନୁଭବ ହେଲା। ମନୁଷ୍ୟର ଏହି ଆବଶ୍ୟକତାବୋଧ ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ପାଇଁ ପଥ ଉନ୍ମୋଚନ କଲା । ଧୀରେ ଧୀରେ ବଡ଼ କଳକାରଖାନା ସ୍ଥାପିତ ହେଲା । ଅଳ୍ପ ସମୟରେ କମ୍ ପରିଶ୍ରମରେ ଏହି କଳକାରଖାନା ଦ୍ୱାରା ବହୁପରିମାଣରେ ଦ୍ରବ୍ୟ ଉତ୍ପାଦିତ ହୋଇପାରିଲା । କଳକାରଖାନା ପାଇଁ ଆବଶ୍ୟକ ପୁଞ୍ଜି ଓ ଶ୍ରମ ଏହି ସମୟରେ ଧନୀ ଚାଷୀମାନଙ୍କ ବ୍ୟତୀତ ଧନୀ ବଣିକମାନେ ମଧ୍ୟ ବ୍ୟବସାୟ ବାଣିଜ୍ୟରୁ ଲବ୍ଧ ଧନକୁ କଳକାରଖାନାରେ ବିନିଯୋଗ କଲେ । ଏହାଦ୍ୱାରା ପୁଞ୍ଜିର ଅଭାବ ରହିଲା ନାହିଁ । ଅନ୍ୟ ପକ୍ଷରେ ଗାଁ ଗଣ୍ଡା ଛାଡ଼ି ସହରାଭିମୁଖୀ ହେବାରୁ ଶ୍ରମର ମଧ୍ୟ ଅଭାବ ରହିଲା ନାହିଁ। ବିଭିନ୍ନ ଶିଳ୍ପ ସଂସ୍ଥାରେ ସେମାନେ ସ୍ୱଳ୍ପ ମଜୁରୀରେ କାମ କରିବାକୁ ଲାଗିଲେ । ତେଣୁ ସୁଲଭ ପୁଞ୍ଜି ଓ ଶ୍ରମ ଯୋଗୁ ଶିଳ୍ପ କ୍ଷେତ୍ରରେ ବିକାଶ ତ୍ୱରାନ୍ୱିତ ହେଲା । ଶିଳ୍ପ ପ୍ରତିଷ୍ଠା ଓ ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ, କୃଷିଜୀବୀ ଓ କାରିଗର ମାନଙ୍କୁ, ବିଶେଷଜ୍ଞ ଓ ଗ୍ରାମ୍ୟ କାରିଗରମାନଙ୍କୁ ସେମାନଙ୍କ ଚରିତ୍ର ବଦଳାଇବାକୁ ବାଧ୍ୟ କଲା। ଏହି ପ୍ରତିଯୋଗୀତାରେ ସେମାନେ ମଧ୍ୟ ପ୍ରତିଦ୍ୱନ୍ଦ୍ୱି ହୋଇପଡ଼ିଲେ । ସହର ସଂଖ୍ୟା ବୃଦ୍ଧି ପାଇଲା, କଳକାରଖାନା, ଖଣି ଖାଦାନକୁ କେନ୍ଦ୍ରକରି ସହର ଗଢ଼ିଉଠିଲା । ଅଧିକ ଲାଭପ୍ରଦ ଜୀବିକାର ଆକର୍ଷଣ ଗ୍ରାମଜୀବୀ ଲୋକଙ୍କୁ ସହରକୁ ଟାଣିଲା । ଗ୍ରାମ୍ୟ ସଭ୍ୟତାକୁ ସହରୀ ସଭ୍ୟତା ଆଘାତ ହାଣିଲା । ଗ୍ରାମ୍ୟ ଅର୍ଥନୀତି ପ୍ରତିହତ ହେଲା । ମାନବୀୟ ସମ୍ପର୍କ ଶିଥିଳ ହୋଇପଡ଼ିଲା । ଲୋକଙ୍କୁ ଭୋଗ ସର୍ବସ୍ୱ ଓ ଆତ୍ମକେନ୍ଦ୍ରିକ କଲା । ଗାଁ ପରିବାର ଛାଡ଼ି ଆସିଥିବା ଦୁରାଗତ, ଶ୍ରମିକମାନେ କଠିନ ପରିଶ୍ରମ କରି ସହରାଭିମୁଖୀ ହେଲେ । ଶାନ୍ତ ସମାହିତ ପଲ୍ଲୀଜୀବନର ଧ୍ୱଂସ ଉପରେ ନୂଆ ନଗରମାନ ଗଢ଼ିଉଠିଲା, ଯାହା ଫଳରେ ପଲ୍ଲୀର ଲୋକମାନେ ଗାଁ ଛାଡ଼ି ସହରାଭିମୁଖୀ ହେଲେ । ଶିଳ୍ପ ବିପ୍ଳବ ହେବା ଫଳରେ କଳକାରଖାନା ଗଢ଼ି ଉଠିଲା, ଯାହାଦ୍ୱାରା ଗ୍ରାମର ଲୋକମାନେ ସହରାଭିମୁଖେ ଗତି କଲେ । ଅଷ୍ଟାଦଶ ଶତାବ୍ଦୀରେ ୟୁରୋପର ଜନସଂଖ୍ୟା ବୃଦ୍ଧିପାଇଥିଲା । ଏଥି ନିମନ୍ତେ ବିଭିନ୍ନ ଦ୍ରବ୍ୟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଲା । କୁଟୀର ଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଦ୍ୱାରା ଏହି ଚାହିଦା ପୂରଣ ନ ହେବାରୁ ଯନ୍ତ୍ର ଓ କଳକାରଖାନାର ଆବଶ୍ୟକତା ପଡ଼ିଲା । ଏହା ଦ୍ୱାରା ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ନିମନ୍ତେ ମାର୍ଗ ପ୍ରସ୍ତୁତ ହେଲା । ଭୌଗୋଳିକ ଆବିଷ୍କାର ଯୋଗୁଁ ଇଉରୋପୀୟମାନେ ଏସିଆ, ଆଫ୍ରିକା ଆଦି ମହାଦେଶରେ ଉପନିବେଶମାନ ସ୍ଥାପନ କଲେ । ଏହି ଉପନିବେଶ ଗୁଡ଼ିକର ବିଭିନ୍ନ ପ୍ରକାରର କଞ୍ଚାମାଲ ଭରପୁର ଭାବରେ ରହିଥିଲା । ଏହି କଞ୍ଚାମାଲକୁ ଆଣି କଳକାରଖାନାରେ ଆବଶ୍ୟକ ଜିନିଷମାନ ପ୍ରସ୍ତୁତ କରିପାରିଲେ । ଏହା ବିକ୍ରି କରି ଅଧିକ ଲାଭବାନ ହେବା ଉଦ୍ଦେଶ୍ୟରେ ସେମାନେ ନୂତନ ଯନ୍ତ୍ରପାତି ଓ ପରିବହନ ବ୍ୟବସ୍ଥା ଉଦ୍ଭାବନ ପାଇଁ ବିଶେଷ ଆଗ୍ରହୀ ହେଲେ। ଏହି ସମୟରେ

କୃଷି କ୍ଷେତ୍ରରେ ମଧ୍ୟ ବିରାଟ ପରିବର୍ତ୍ତନ ଦେଖାଦେଇଥିଲା । କୃଷି ହେଲା ବ୍ୟବସାୟ କୈନ୍ଦ୍ରିକ । କୃଷିକ୍ଷେତ୍ରରେ ବ୍ୟବହୃତ ହୋଇଥିଲା ଉନ୍ନତ ଧରଣର ଯନ୍ତ୍ରପାତି ଓ କୃଷିପ୍ରଣାଳୀ । ଏହାଦ୍ୱାରା କୃଷି ଏକ ଲାଭଜନକ ବ୍ୟାପାରରେ ପରିଣତ ହେଲା । ତେଣୁ ଧନୀବାଷୀମାନେ ଏଥିରେ ପୁଞ୍ଜିବିନିଯୋଗ କରି ଲାଭବାନ ହେଲେ । କିନ୍ତୁ କ୍ଷୁଦ୍ରଚାଷୀମାନେ ଏହି ପ୍ରକ୍ରିୟାରେ ସେମାନଙ୍କର ଜମି ହରାଇ କାମ ଅନ୍ୱେଷଣରେ ସହରାଭିମୁଖୀ ହେଲେ । ସେମାନେ କଳକାରଖାନାରେ ଅଳ୍ପ ମଜୁରୀରେ ଶ୍ରମିକ ରୂପେ କାର୍ଯ୍ୟକଲେ । ଏହାଦ୍ୱାରା ବିଭିନ୍ନ ସହରମାନ ଗଢ଼ିଉଠିଲା । ଯାହାଦ୍ୱାରା ପଲ୍ଲୀର ଲୋକମାନେ ପଲ୍ଲୀର ଗ୍ରାମ ଛାଡ଼ି ସହରକୁ ପଳାଇ ଆସିଲେ । ସେଠାରେ ବସତି ସ୍ଥାପନ କଲେ । ଶିଳ୍ପ ବିପ୍ଳବ ଦ୍ୱାରା ସହରୀ ବିକାଶ ହେଲା । କଳକାରଖାନା ଓ ବୈଜ୍ଞାନିକ ଉଦ୍ଭାବନ ଦ୍ୱାରା ପଲ୍ଲୀର ନିରୀହ ଜନସାଧାରଣମାନେ ପଳାଇଆସି ସହରରେ ବସତି ସ୍ଥାପନ କଲେ କେବଳ ଶିକ୍ଷା ଓ ରୋଜଗାର ନିମନ୍ତେ । ଏହି ଶିଳ୍ପ ବିପ୍ଳବ ଫଳରେ ବହୁ ପରିବର୍ତନ ହେଲା । ପଲ୍ଲୀର ଜନସାଧାରଣମାନେ ନିଜଦ୍ୱାରା କାର୍ଯ୍ୟକ୍ଷମ ହେଲେ । ରୋଜଗାରକ୍ଷମ ହୋଇପାରିଲେ । କେତେକ ସହରରେ ରହି ଶିକ୍ଷା ଅର୍ଜନ କରିଲେ । ଏହି ଶିଳ୍ପ ବିପ୍ଳବ ଫଳରେ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ବହୁ ପରିବର୍ତ୍ତନ ଆଣିଲା । ଏହାଦ୍ୱାରା ସହରୀ ବିକାଶ ପ୍ରତିଷ୍ଠା ହେଲା ।

**• ସାଧାରଣ ମନୁଷ୍ୟର ସହରୀ ବ୍ୟବସ୍ଥା**

ଓଡ଼ିଶା ହେଉଛି ଏକ ଗ୍ରାମବହୁଳ ରାଜ୍ୟ । ଏହାର ସଭ୍ୟତା ଓ ସଂସ୍କୃତି ପଲ୍ଲୀଜୀବନଦ୍ୱାରା ଆଚ୍ଛାଦିତ । ସୁନ୍ଦର, ସୁକୋମଳ ପ୍ରକୃତି, କୃଷିଭିତ୍ତିକ ସଭ୍ୟତା ତଥା ଅନାବିଳ ମାଧୁର୍ଯ୍ୟମୟ ଜୀବନଚର୍ଯ୍ୟାରେ ଏକଦା ଗାଁ ଥିଲା ସମୃଦ୍ଧ । ସହରୀ ସଭ୍ୟତାର ପ୍ରଭାବରେ ଗାଁର ରୂପ ବଦଳିବାକୁ ଲାଗିଲା । ଆଜି ଗାଁ ତାର ପରିଚୟ ହରାଇ ବସିଛି । ନଗରୀର ମୋହମୟୀ ରୂପ ସବୁକାଳେ ପଲ୍ଲୀ ଜନତାଙ୍କୁ ଆକର୍ଷଣ କରିଆସିଛି । ପଲ୍ଲୀବାସୀ ସହରକୁ ଆସିଛି ଶିକ୍ଷା ନିମନ୍ତେ, ରୋଜଗାର ନିମନ୍ତେ ମାତ୍ର ଅନେକ କ୍ଷେତ୍ରରେ ଏଭଳି ଦେଖାଦେଇଛି ଯେ ଗ୍ରାମୀଣ-ମନୁଷ୍ୟ ସହରକୁ ଆସି ନିଜର ଆଦର୍ଶକୁ ଠିକ୍ ରଖିପାରି ନାହିଁ । ଉଭୟ କ୍ଷେତ୍ରରେ ଜୀବନ ଦର୍ଶନର ଯେଉଁ ପାର୍ଥକ୍ୟ ରହିଛି, ସେଥିରୁ ହିଁ ଏ ସମସ୍ୟାଟି ସୃଷ୍ଟି ହୋଇଛି । ସ୍ୱାଧୀନତା ପରେ ପଲ୍ଲୀ ଜୀବନର ବାସ୍ତବ ଆଭିମୁଖ୍ୟଟି ଧୀରେଧୀରେ ବଦଳି ଯାଇଛି । ନଗର ଜୀବନର ସଂସ୍ପର୍ଶରେ ଆସିବାଦ୍ୱାରା ପଲ୍ଲୀ ଜୀବନର ସେହି ପୁରୁଣା ଦିନ ଲୋପ ପାଇଯାଇଛି । ଆଧୁନିକ ଶିକ୍ଷା ସଂସ୍କୃତିର ପ୍ରସାର ପଲ୍ଲୀ ଜୀବନରେ ବହୁବିଧ ସମସ୍ୟା ସୃଷ୍ଟି କରିଛି। ଯେତେବେଳେ ଗୋଟିଏ ବ୍ୟକ୍ତି ତାର ପଲ୍ଲୀ ଗାଁ ମାଟିକୁ ଛାଡ଼ି ଆସି ସହରରେ ରହିଛି ସେତେବେଳେ ସେ ଗାଁ ମାଟିର ପାଣି ପବନ ଓ ପଲ୍ଲୀର ପ୍ରକୃତି ଚିତ୍ରକୁ ଭୁଲି କେବଳ ରୋଜଗାରକ୍ଷମ ନିମନ୍ତେ ସେ ସହରାଭିମୁଖୀ ହୋଇଛି ଯାହାଦ୍ୱାରା ସେ ଶିକ୍ଷିତ ହୋଇଛି । ଅଷ୍ଟାଦଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ହେବା ଫଳରେ ବହୁ ବୈପ୍ଳବିକ ପରିବର୍ତ୍ତନ ଘଟିଛି । ଯାହାଦ୍ୱାରା ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଉପନିବେଶବାଦ ଦ୍ୱାରା ବିଭିନ୍ନ ପ୍ରକାରର କଞ୍ଚାମାଲ ଭରପୁର ଭାବରେ ରହିଥିଲା। ଏହି କଞ୍ଚାମାଲକୁ ଆଣି ୟୁରୋପୀୟମାନେ ଜଳକାରଖାନାରେ ଆବଶ୍ୟକୀୟ ଜିନିଷମାନ ପ୍ରସ୍ତୁତ କରିପାରିଲେ । କଳକାରଖାନାର ଜିନିଷ ପ୍ରସ୍ତୁତ ନିମନ୍ତେ ଲୋକମାନଙ୍କର ଆବଶ୍ୟକତା ପଡ଼ିଲା ଯାହା ଫଳରେ ସେମାନେ କଳକାରଖାନାର କାର୍ଯ୍ୟ ନିମନ୍ତେ ନିୟୋଜନ ହୋଇପାରିଲେ । ସେମାନେ ଗ୍ରାମର ପ୍ରକୃତି, ମାଟି ମା' ପ୍ରତିଥିବା ଭଲପାଇବାକୁ ଭୁଲି ଏହି କାର୍ଯ୍ୟ ନିମନ୍ତେ ସହରକୁ ଆସିଲେ । ସେମାନେ ସହରକୁ ଆସିବାଦ୍ୱାରା କାର୍ଯ୍ୟକ୍ଷମ ହୋଇପାରିଲେ । ରୋଜଗାରକ୍ଷମ ହୋଇପାରିଲେ, ଚାକିରୀକ୍ଷେତ୍ରରେ ସହାୟତା ପାଇପାରିଲେ । ସହରାଭିମୁଖୀ ହେବାଦ୍ୱାରା ସେମାନେ ଶିକ୍ଷିତ ମଧ୍ୟ ହୋଇପାରିଲେ । ଧୀରେ ଧୀରେ ଗାଁ ଗୁଡ଼ିକର ଲୋପ ପାଇବାକୁ ବସିଲା । ସମସ୍ତେ ସହରାଭିମୁଖୀ ଗତିକଲେ । ଏହାଦ୍ୱାରା ସେମାନଙ୍କର ଆଚାର ବିଚାର, ଚାଲିଚଳଣ, ବେଶ ପୋଷାକ ଆଦିରେ ପରିବର୍ତନ ହେଲା । ଆଜିର ଏହି ବୈଜ୍ଞାନିକ ଯୁଗରେ ସମସ୍ତେ ସହରାଭିମୁଖୀ ହେଉଛନ୍ତି । ପୃଥିବୀରେ ଶିଳ୍ପ ବିପ୍ଳବ ଘଟିବା ହେତୁ ତାର କରାଳ ପ୍ରଭାବରୁ ଭାରତ ମଧ୍ୟ ବଞ୍ଚିପାରି ନାହିଁ ଓଡ଼ିଶା ବା ସେଥିରୁ ବାଦ୍ ପଡ଼ିବ କିପରି? ସାଧାରଣତଃ ଶିଳ୍ପଗୁଡ଼ିକ ସହରାଞ୍ଚଳ ମାନଙ୍କରେ ଗଢ଼ି ଉଠିଛି । ଯୋଗାଯୋଗର ସୁବ୍ୟବସ୍ଥା, ପରିବହନର ସୁବିଧା ଓ ଅନ୍ୟାନ୍ୟ କାରଣ ଯୋଗୁଁ ଶିଳ୍ପକ୍ଷେତ୍ର ସହରାଞ୍ଚଳମାନଙ୍କରେ ହିଁ ଦେଖାଦେଇଛି । ତେଣୁ ଗ୍ରାମ ପରିବେଶରେ ବସବାସ କରୁଥିବା ସାଧାରଣ ଲୋକମାନେ ଶିଳ୍ପ ଲୋଭରେ ପ୍ରଲୋଭିତ ହୋଇ ସହରାଭିମୁଖୀ ହୋଇଛନ୍ତି । ଗ୍ରାମରେ ସେମାନଙ୍କର ମୌଳିକ ବୃଦ୍ଧି, ପ୍ରିୟ ପରିଜନ, ଆଧ୍ୟାତ୍ମିକ ଚେତନା ସବୁକୁ ପରିତ୍ୟାଗ କରିବାକୁ ମଧ୍ୟ ପଛଘୁଞ୍ଚା ଦେଇନାହାନ୍ତି। ଗ୍ରାମରେ ସେମାନଙ୍କର ବୃଦ୍ଧି, ଆର୍ଥିକ ସ୍ୱଚ୍ଛଳତା ଆଣିପାରି ନାହିଁ । ତେଣୁ ଅଧିକ ଅର୍ଥ ଆଶାରେ ସେମାନେ ଗ୍ରାମ ପରିତ୍ୟାଗ କରି ସହରକୁ ଆସିଛନ୍ତି ଓ ବିଭିନ୍ନ ଶିଳ୍ପ କେନ୍ଦ୍ରମାନଙ୍କରେ କାର୍ଯ୍ୟ କରିଛନ୍ତି । ପ୍ରଥମେ ଘରର ପୁରୁଷ ଲୋକମାନେ ବିଭିନ୍ନ ଦୂରଦୂରାନ୍ତ ସହରରେ ବସବାସ କରିଛନ୍ତି । ସେଠାରେ ବହୁବର୍ଷ ରହିବା ପରେ କେତେକ କ୍ଷେତ୍ରରେ ନିଜର ପରିବାର ବର୍ଗଙ୍କୁ ମଧ୍ୟ ସେଠାକୁ ଯିବାକୁ ପଡ଼ିଛି । ଗୋଟିଏ ପରିବାରର ସଭିଏଁ ସହରାଞ୍ଚଳରେ ବାସ କରିବା ଦ୍ୱାରା ସାଂସ୍କୃତିକ ବିପର୍ଯ୍ୟୟ ଘଟିଛି । ଗ୍ରାମରେ ଯେଉଁସବୁ ସଂସ୍କୃତିକୁ ବହୁବର୍ଷ ଧରି ପାଳିଆସୁଥିଲେ ସହରରେ ସେହି ସୁବିଧା ହେଉନାହିଁ । ଫଳରେ ଗ୍ରାମ ସଂସ୍କୃତିର ବିଲୋପ ଘଟି ସହରୀ ଜୀବନର ବିକାଶ ଘଟିଛି । ସହରର

ଛୋଟ ଘରର ଚାରିକାନ୍ ମଧ୍ୟରେ ଆବଦ୍ଧ ହୋଇ ଗ୍ରାମର ଚାଲିଚଳଣ, ଆଚାର ବ୍ୟବହାର, ପୂଜା ପଦ୍ଧତି, ସଂସ୍କୃତି ଓ ସମନ୍ୱୟ ଆଦିରେ ବାଧାପ୍ରାପ୍ତ ହୋଇଛି ଓ ପରବର୍ତ୍ତୀ ସମୟରେ ସେ ସବୁ ନଷ୍ଟ ହୋଇଛି ମଧ୍ୟ । ଗ୍ରାମ ସଂସ୍କୃତିକୁ ପରିତ୍ୟାଗ କରି ସେମାନେ ଆପଣେଇ ନେଇଛନ୍ତି ସହରର ଚାକଚକ୍ୟ ପରିପାଟୀ । ସହରୀ ଲୋକମାନଙ୍କ ସହ ପାଦ ମିଳାଇ ଚାଲିବାକୁ ବାଧ୍ୟ ହୋଇଛନ୍ତି । ଏହାଦ୍ୱାରା କୃଷି ଓ ସେମାନଙ୍କର ମୌଳିକ ବୃତ୍ତି ବାଧାପ୍ରାପ୍ତ ହୋଇଛି ।

ସାଧାରଣ ମନୁଷ୍ୟର ସହରୀ ବ୍ୟବସ୍ଥା ଶିକ୍ଷା କ୍ଷେତ୍ରରେ ମଧ୍ୟ ବିଶେଷ ପ୍ରଭାବ ପକାଇଛି । ପରିବାର ସହ ସହରରେ ରହିବା ପରେ ସେ ଆଉ ନିଜ ଗାଁକୁ ଫେରି ପାରିନାହିଁ । ଫଳରେ ନିଜ ସନ୍ତାନ ସନ୍ତତି ମାନଙ୍କର ପ୍ରାଥମିକ ଶିକ୍ଷା ସହରାଞ୍ଚଳରେ ହିଁ ଆରମ୍ଭ କରିଛି । ସେହି ସହରରେ ସ୍ଥାପିତ ଘରୋଇ ବିଦ୍ୟାଳୟ ମାନଙ୍କରେ ପାଠ ପଢ଼ିଛି । ଏହାଦ୍ୱାରା ସେ ନିଜ ମାତୃଭାଷାଠାରୁ ଦୂରେଇ ଯାଇ ଇଂରାଜୀ ଭାଷା ଗ୍ରହଣ କରିଛି । ଗାଁର ବିଦ୍ୟାଳୟଠାରୁ ସହରର ବିଦ୍ୟାଳୟ ଓ ଶୈକ୍ଷିକ ବାତାବରଣ ଦୃଷ୍ଟିରୁ ଉନ୍ନତ ହେଲହେଁ ଗ୍ରାମ୍ୟ ପରିବେଶ ଠାରୁ ପିଲାଙ୍କୁ ଦୂରେଇ ଯିବାକୁ ପଡ଼ିଛି ।

ବୈଦିକ ଯୁଗରୁ ସ୍ୱୀକୃତି କୃଷି ସଭ୍ୟତାକୁ ପଛକୁ ଠେଲିଦେଇ ଶିଳ୍ପ ସଭ୍ୟତା ପ୍ରଥମେ ଫ୍ରାନ୍ସ ଓ ଇଂଲଣ୍ଡରୁ ମୁଣ୍ଡଟେକି (୧୭୯୮) ବିଶ୍ୱ ଭ୍ରମଣ କରି ଆସିଲାପରେ ପଲ୍ଲୀ ସମାଜର କୃଷକ ତଥା ପଲ୍ଲୀରୁ ଆସି ଶିଳ୍ପାଞ୍ଚଳରେ ପେଟପାଇଁ ଖଟୁଥିବା ଶ୍ରମିକମାନଙ୍କର ଜୀବନ ମାନ କ୍ରମେ ନାନା କାରଣରୁ ନିମ୍ନମୁଖୀ ହେବାକୁ ଲାଗିଲା ଏବଂ ବିଭିନ୍ନ ସୂତ୍ରରେ ଦେଶ ଓ ସମାଜର ଅର୍ଥ କେତେକ ମୁଷ୍ଟିମେୟ ଚତୁର ଲୋକଙ୍କ ହାତରେ ଠୁଳହେବାକୁ ଆରମ୍ଭ କଲା । ପକ୍ଷାନ୍ତରରେ କୃଷକ ଓ ଶ୍ରମିକ ଗୋଷ୍ଠୀର ମାନସିକ ଅସ୍ଥିରତା ଓ ଆର୍ଥିକ ଦୁରାବସ୍ଥା କ୍ରମେ ବଢ଼ି ବଢ଼ି ଚାଲିଲା। ପୁନଶ୍ଚ ନୂତନ ଓ ଆକର୍ଷଣୀୟ ଶିଳ୍ପଜାତ ଦ୍ରବ୍ୟର ପ୍ରଚଳନ ଫଳରେ ପ୍ରତ୍ୟହିକ ଜୀବନ କ୍ଷେତ୍ରରେ ଯେଉଁ ନୂତନ ଆବଶ୍ୟକତାମାନ ସୃଷ୍ଟି ହେଉଥିଲା, ତାହା ପୂରଣ କରିବାପାଇଁ ଏହି ଗୋଷ୍ଠୀର ଲୋକଙ୍କ ପାଖରେ ଆବଶ୍ୟକ ଆର୍ଥିକ ସମ୍ବଳ ନଥୁଲା କିନ୍ତୁ ସାମାଜିକ ପ୍ରାଣୀଭାବେ ନୂତନ ଆବଶ୍ୟକତା ପୂରଣ ପାଇଁ ସ୍ୱାଭାବିକ ମାନବିକ ଇଚ୍ଛା ଓ ଆଗ୍ରହ ଥିଲା ପ୍ରବଳ । ଯାହା ସେମାନଙ୍କର ମାନସିକ ଦୁଶ୍ଚିନ୍ତା, ଦୁଃଖ ଓ ଦାରିଦ୍ର୍ୟତା ପ୍ରଧାନ ହେତୁ ଏହି ପରିପ୍ରେକ୍ଷୀରେ ଦୁଇଟି ସାମାଜିକ ମୁଖ୍ୟ ସ୍ଥଳକୁ ଲକ୍ଷ୍ୟ କରାଯାଇପାରେ – ସାମନ୍ତଗୋଷ୍ଠୀଙ୍କ ହାତରେ ଠୁଳ ହୋଇଥିବା ଭୂସମ୍ପତ୍ତି ଓ ନାନା ଉପାୟରେ ଶିଳ୍ପ ପତି ଓ ତାଙ୍କର ସହକର୍ମୀଙ୍କ ହାତରେ ନୂଆ କରି ଠୁଳ ହୋଇଥିବା ପୁଞ୍ଜି ଉଭୟ ପୁଞ୍ଜିପତି ଓ ସାମନ୍ତ ଗୋଷ୍ଠୀଙ୍କ ପାଣ୍ଠି ଏହି ଖଟିଖୁଆ କୃଷକ ଓ ଶ୍ରମିକ ଗୋଷ୍ଠୀଙ୍କ ରକ୍ତଦିଆ ଶ୍ରମରେ କ୍ରମେ ସ୍ୱଚ୍ଛଳ ଓ ସମୃଦ୍ଧ ହେବାକୁ ଲାଗିଲା ଏବଂ ବଳଦ ଭଳି ସରଳ ଏହି ଖଟିଖିଆ ଗୋଷ୍ଠୀର ଜୀବନ କେତେକ ମୁଷ୍ଟିମେୟ ଧନୀକ ସମ୍ପ୍ରଦାୟ ଲୋକନିକଟରେ ପ୍ରାୟ ଏକ ପ୍ରକାର ବନ୍ଧା ପଡ଼ିଲା । ଶୋଷଣର ପୃଷ୍ଠଭୂମିରେ ଦାସତ୍ୱର ଭିତ୍ତି ଏହି ସମୟରେ ସୁଦୃଢ଼ ହେଲା । ଉନବିଂଶ ଶତାବ୍ଦୀରେ ସାରା ବିଶ୍ୱରେ ବିଭିନ୍ନ ଦେଶ, ରାଜ୍ୟ ଓ ଅଞ୍ଚଳରେ ବ୍ୟବସ୍ଥା ପ୍ରାୟ ଅଳ୍ପ ବହୁତେ ଏହିପରି ଥିଲା । ସାମାଜିକ ଶୋଷଣର ରୂପ ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହେଲେ ମଧ୍ୟ ଆର୍ଥିକ ଶୋଷଣର ଭୟଙ୍କର ରୂପ ସମସ୍ତ ସରଳ, ଶିକ୍ଷିତ ଗ୍ରାମବାସୀଙ୍କ ପାଇଁ ଆପାତତଃ ଏକାପରି । ଏହିଭଳି ଏକ ସମୟରେ ସାରା ବିଶ୍ୱର ଲେଖକ ଗୋଷ୍ଠୀ, ଦରିଦ୍ର ପଲ୍ଲୀବାସୀ, କୃଷକ, କ୍ଷେତଶ୍ରମିକ ତଥା ଶିଳ୍ପ ଶ୍ରମିକ ମାନଙ୍କର ଦୁଃଖ ଦୁର୍ଦ୍ଦଶା ଆଉ ଜୀବନର ବାସ୍ତବ ସମସ୍ୟାକୁ ସାହିତ୍ୟ ମାଧ୍ୟମରେ ପରିବେଷଣ କରିବାକୁ ଆରମ୍ଭ କଲେ । ଅପର ପକ୍ଷରେ ବ୍ୟକ୍ତି ଚେତନାଦ୍ୱାରା ଅଧିକ ପ୍ରଭାବିତ ଯେଉଁ ଭାବନାବାଦୀ ସାହିତ୍ୟିକଗଣ ରାଜା, ଶାସକ ବା ସାମନ୍ତଗଣଙ୍କ ଆର୍ଥିକ ସହାୟତାକୁ ଜୀବିକାର୍ଜନ ମୁଖ୍ୟପନ୍ଥା ରୂପେ ଗ୍ରହଣ କରିଥିଲେ ସେମାନେ ସାହିତ୍ୟରେ ଏହି ନିଃସହାୟଗୋତିଖଟା ଶ୍ରମିକ, ସର୍ବହରା ଖଟିଖୁଆ କୃଷକ ତଥା ସରଳ, ଶୋଷିତ, ନିଷ୍କପଟ ପଲ୍ଲୀବାସୀଙ୍କ ପାଦଚିହ୍ନ ଆଦୌ ପଡ଼ିନଥିଲା ବା ଖୁବ୍ ଅସ୍ୱଷ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ପୃଷ୍ଠପୋଷକ ଦାତା ତଥା ପ୍ରଥମ ପାଠକ ଚିତ୍ତରେ ମାଦକତା କରିବା ସେ ପ୍ରକାର ସାହିତ୍ୟ ସୃଷ୍ଟିର ମୁଖ୍ୟଲକ୍ଷ୍ୟ ଥିଲା । " ଜୟଗାନ" ଥିଲା ପ୍ରଧାନ ମନ୍ତ୍ର ଓ 'କଳା ପାଇଁ କଳା' ଥିଲା ଶ୍ରେଷ୍ଠ ସାହିତ୍ୟିକ ଆଦର୍ଶ । ଲୋକ ଭାବନାର ଉଭୟ ଭାବଗତ ଓ ବସ୍ତୁଗତ ପରିବର୍ତ୍ତନ ସମୂହର ବାସ୍ତବ ରୂପକାର ଭାବେ ଅନ୍ୟାନ୍ୟ ସାହିତ୍ୟ କଳା ମଧ୍ୟରେ ଏହି ସମୟରୁ ନାଟ୍ୟ ସାହିତ୍ୟ ଅପ୍ରତିଦ୍ୱନ୍ଦୀ ହୋଇଉଠିଲା। ନଗର ଜୀବନର ଚାଳଚକ୍ୟ, ଛଳନା ପ୍ରତାରଣା, ପ୍ରଶାସନିକ କର୍ମକର୍ତ୍ତା ବା ଶିଳ୍ପପତିଙ୍କ ସହ ଅର୍ଥମୋହପୂର୍ଣ୍ଣ ସଂପର୍କ ରାତାରାତି ଧନୀହେବାର ଘୋଡ଼ାଦୌଡ଼ରେ ଜଟିଳ ଓ କଳାକାମ, ଧନୀଗୋଷ୍ଠୀର ତୀବ୍ର ଧନଲାଳସା, ଚରମ ନୈତିକ ଅଧଃପତନ ସହ ଅସହ୍ୟଶୋଷଣ ଇତ୍ୟାଦି କିପରି ସରଳ ଓ ନିଷ୍କପଟ ପଲ୍ଲୀଲୋକଙ୍କ ଜୀବନକୁ ବିପର୍ଯ୍ୟସ୍ତ କଲା ତାହା ସେମାନଙ୍କ ସାହିତ୍ୟ କୃତିରେ ଅବିକୃତ ରୂପନେଇ ଫୁଟି ଉଠିଲା । ସହରୀ ସଭ୍ୟତା ବା ଶିଳ୍ପ ସଭ୍ୟତାର ବିକାଶ ଓ ସେଥିପ୍ରତି ପଲ୍ଲୀବାସୀଙ୍କ ଅହେତୁକ ଆକର୍ଷଣ ପଲ୍ଲୀ ଜୀବନକୁ କିପରି ବିପର୍ଯ୍ୟସ୍ତ କରିହେଉଛି, ସେ ସଂପର୍କରେ ପ୍ରତ୍ୟକ୍ଷ ଅନୁଭୂତି ବିଭିନ୍ନ ଅଂଶରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରତିଫଳିତ ହୋଇଛି । ଶିଳ୍ପ ବିପ୍ଲବ ଦ୍ୱାରା ଗ୍ରାମର ଲୋକମାନେ ନିଜ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ଛାଡ଼ି ସହରରେ ଗଢ଼ିଉଠିଥିବା କଳକାରଖାନାରେ ଶ୍ରମିକ ଭାବେ କାର୍ଯ୍ୟକଲେ । ଏହା ଫଳରେ ସେ ଅତୀତର ପଲ୍ଲୀ ଭୂମିକୁ ଭୁଲି ସହରର ଚାକଚକ୍ୟରେ ଜୀବନଯାପନ କଲେ । ପରବର୍ତ୍ତୀ ସମୟରେ ନଗରର ପ୍ରଶାସନିକ କେନ୍ଦ୍ରରେ ଚାକିରି କରି ତା'ର ଗୁଜୁରାଣ ମେଣ୍ଟାଇଛି । ସେ ସହରରରେ ରହି ଶିକ୍ଷିତ ହୋଇ ତା'ର ପିଲାମାନଙ୍କୁ ବେସରକାରୀ ସ୍କୁଲରେ ପାଠ ପଢ଼ାଇଛି । ସହରର ଚାକଚକ୍ୟରେ ରହି ସେ ତାର ଜନ୍ମଭୂମି ଗାଁ ମାଟିକୁ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଛି । ସହରର ଆଭିଜାତ୍ୟପୂର୍ଣ୍ଣ ବିଳାସ ଭବନରେ ରହିଆସିଛି । ଶିଳ୍ପ ବିପ୍ଲବ ଓ ଆଧୁନିକ କରଣ ମାଧ୍ୟମରେ ପଲ୍ଲୀର

ଲୋକମାନେ ଭିଟାମାଟିକୁ ଛାଡ଼ି ଶିଳ୍ପାଞ୍ଚଳରେ ରହିବାକୁ ପଛଘୁଞ୍ଚା ଦେଇନାହାନ୍ତି ।

**• ପଲ୍ଲୀ ଜୀବନର ଅବକ୍ଷୟ**

ଅଷ୍ଟାଦଶ ଶତାବ୍ଦୀ ବିଶ୍ୱ ଇତିହାସରେ ଉନ୍ମୋଚନ କରିଥିଲା ଏକ ନୂତନ ଅଧ୍ୟାୟ । ଏହି ସମୟରେ ଉତ୍ପାଦନ କ୍ଷେତ୍ରରେ ଘଟିଥିଲା ବୈପ୍ଳବିକ ପରିବର୍ତ୍ତନ ଯାହାକୁ ଶିଳ୍ପ ବିପ୍ଳବ କୁହାଯାଏ । କୁଟୀର ଶିଳ୍ପ ତଥା ହସ୍ତଶିଳ୍ପ ପରିବର୍ତ୍ତେ ଉତ୍ପାଦନ କ୍ଷେତ୍ରରେ ଯନ୍ତ୍ର ଓ ବାଷ୍ପ ଶକ୍ତିର ବ୍ୟବହାର ଶିଳ୍ପ କ୍ଷେତ୍ରରେ ଆଣିଥିଲା ଅଭୂତପୂର୍ବ ପରିବର୍ତନ । ଏହି ଶିଳ୍ପ ବିପ୍ଳବର ପ୍ରଭାବ ଉତ୍ପାଦନ କ୍ଷେତ୍ର ସହିତ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ପରିଲକ୍ଷିତ ହୋଇଥିଲା । ପୂର୍ବରୁ ଶିଳ୍ପୀ ଓ କାରିଗରମାନେ ନିଜ ଘରେ ହାତରେ ଓ କୁଟୀର ଶିଳ୍ପ ମାଧ୍ୟମରେ ଆବଶ୍ୟକ ଦ୍ରବ୍ୟମାନ ପ୍ରସ୍ତୁତ କରି ଜନସାଧାରଣଙ୍କର ଚାହିଦା ପୂରଣ କରୁଥିଲେ । ତେଣୁ ଉତ୍ପାଦନର ଗତିଥିଲା ମନ୍ଥର ଓ ଉତ୍ପାଦିତ ଦ୍ରବ୍ୟର ପରିମାଣ ଥିଲା କମ୍। କୁଟୀର ଶିଳ୍ପଥିଲା ସମୟ ସାପେକ୍ଷ। ଅଳ୍ପ ଜିନିଷ ପ୍ରସ୍ତୁତ ନିମନ୍ତେ ଅଧିକ ପରିଶ୍ରମ କରିବାକୁ ପଡୁଥିଲା । କାଳକ୍ରମେ ଜନସଂଖ୍ୟା ବୃଦ୍ଧି ଯୋଗୁ ଜିନିଷପତ୍ରର ଚାହିଦା ମଧ୍ୟ ବୃଦ୍ଧି ପାଇଲା । ତେଣୁ ନୂତନ ଯନ୍ତ୍ରପାତିର ଆବଶ୍ୟକତା ଅନୁଭବ ହେଲା। ମନୁଷ୍ୟର ଏହି ଆବଶ୍ୟକତାବୋଧ ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ପାଇଁ ପଥ ଉନ୍ମୋଚନ କଲା । କୁହାଯାଏ Necessity is the mother of invention ଅର୍ଥାତ୍ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ । ଧୀରେ ଧୀରେ ବଡ଼ବଡ଼ କଳକାରଖାନା ସ୍ଥାପିତ ହେଲା । ଅଳ୍ପ ସମୟରେ କମ୍ ପରିଶ୍ରମରେ ଏହି କଳକାରଖାନା ଦ୍ୱାରା ବହୁପରିମାଣରେ ଦ୍ରବ୍ୟ ଉତ୍ପାଦିତ ହୋଇପାରିଲା। ଶିଳ୍ପ କ୍ଷେତ୍ରରେ ଏହି ଦ୍ରୁତ ପରିବର୍ତ୍ତନ ୟୁରୋପରେ ଆର୍ଥିକ ଓ ସାମାଜିକ ଜୀବନଧାରାରେ ଆଣିଲା ମୌଳିକ ପରିବର୍ତ୍ତନ । ଅଷ୍ଟାଦଶ ଶତାବ୍ଦୀରେ ୟୁରୋପର ଜନସଂଖ୍ୟା କ୍ରମେ ବୃଦ୍ଧିପାଇଥୁଲା । ଏଥି ନିମନ୍ତେ ବିଭିନ୍ନ ଦ୍ରବ୍ୟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଲା । କୁଟୀର ଶିଳ୍ପ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଦ୍ୱାରା ଏହି ଚାହିଦା ପୂରଣ ନ ହେବାରୁ ଯନ୍ତ୍ର ଓ କଳକାରଖାନାର ଆବଶ୍ୟକତା ପଡ଼ିଲା । ଏହାଦ୍ୱାରା ବୈଜ୍ଞାନିକ ଉଦ୍ଭାବନ ଓ ଯାନ୍ତ୍ରିକ ବିକାଶ ନିମନ୍ତେ ମାର୍ଗ ପ୍ରସ୍ତୁତ ହେଲା । ଭୌଗୋଳିକ ଆବିଷ୍କାର ଯୋଗୁଁ ଇଉରୋପୀୟମାନେ ଏସିଆ, ଆଫ୍ରିକା ଆଦି ମହାଦେଶରେ ଉପନିବେଶମାନ ସ୍ଥାପନ କଲେ । ଏହି ଉପନିବେଶ ଗୁଡ଼ିକରେ ବିଭିନ୍ନ ପ୍ରକାରର କଞ୍ଚାମାଲ ଭରପୁର ଭାବରେ ରହିଥିଲା। ୟୁରୋପୀୟ ଏହି କଞ୍ଚାମାଲ ଆଣି କଳକାରଖାନାରେ ଆବଶ୍ୟକ ଜିନିଷମାନ ପ୍ରସ୍ତୁତ କରିପାରିଲେ । ଏହା ବିକ୍ରି କରି ଅଧିକ ଲାଭବାନ ହେବା ଉଦ୍ଦେଶ୍ୟରେ ସେମାନେ ନୂତନ ଯନ୍ତ୍ରପାତି ଓ ପରିବହନ ବ୍ୟବସ୍ଥା ଉଦ୍ଭାବନ ପାଇଁ ବିଶେଷ ଆଗ୍ରହୀ ହେଲେ । ଏହି ସମୟରେ କୃଷି କ୍ଷେତ୍ରରେ ମଧ୍ୟ ଦେଖାଦେଇଥୁଲା ବିରାଟ ପରିବର୍ତ୍ତନ । କୃଷି ହେଲା ବ୍ୟବସାୟ କୈନ୍ଦ୍ରିକ । କୃଷିକ୍ଷେତ୍ରରେ ବ୍ୟବହୃତ ହେଲା ଉନ୍ନତ ଧରରଣର ଯନ୍ତ୍ରପାତି ଓ କୃଷିପ୍ରଣାଳୀ । ଏହାଦ୍ୱାରା କୃଷି ଏକ ଲାଭଜନକ ବ୍ୟାପାରରେ ପରିଣତ ହେଲା । ତେଣୁ ଧନୀଚାଷୀମାନେ ଏଥିରେ ପୁଞ୍ଜିବିନିଯୋଗ କରି ଲାଭବାନ ହେଲେ । କିନ୍ତୁ କ୍ଷୁଦ୍ରଚାଷୀମାନେ ଏହି ପ୍ରକ୍ରିୟାରେ ସେମାନଙ୍କର ଜମି ହରାଇ କାମ ଅନ୍ୱେଷଣରେ ସହରାଭିମୁଖୀ ହେଲେ । ସେମାନେ କଳକାରଖାନାରେ ଅଳ୍ପ ମଜୁରୀରେ ଶ୍ରମିକ ରୂପେ କାର୍ଯ୍ୟରତ ହେଲେ । ଏହାଦ୍ୱାରା ଶିଳ୍ପ ପାଇଁ ଆବଶ୍ୟକ ପଡୁଥିବା ଶ୍ରମିକମାନଙ୍କ ଚାହିଦା ପୂର୍ଣ୍ଣ ହେଲା । ଅନ୍ୟ ପକ୍ଷରେ ଧନୀଚାଷୀମାନେ କୃଷିରୁ ଲବ୍ଧ ଅର୍ଥ ଶିଳ୍ପକ୍ଷେତ୍ରରେ ବିନିଯୋଗ କରିବାରୁ ଶିଳ୍ପ ବିକାଶ ହେଲା। କଳାକାରଖାନା ପାଇଁ ଆବଶ୍ୟକ ପୁଞ୍ଜି ଓ ଶ୍ରମ । ଏହି ସମୟରେ ଧନୀ ଚାଷୀ ମାନଙ୍କ ବ୍ୟତୀତ ଧନୀ ବଣିକମାନେ ମଧ୍ୟ ବ୍ୟବସାୟ ବାଣିଜ୍ୟରୁ ଲବ୍ଧ ଧନକୁ କଳକାରଖାନାରେ ବିନିଯୋଗ କଲେ । ଏହାଦ୍ୱାରା ପୁଞ୍ଜିର ଅଭାବ ରହିଲା ନାହିଁ । ଅନ୍ୟ ପକ୍ଷରେ ଗାଁ ଗଣ୍ଡାଛାଡ଼ି ଗରିବ ଚାଷୀମାନେ ସହରାଭିମୁଖୀ ହେବାରୁ ଶ୍ରମର ମଧ୍ୟ ଅଭାବ ରହିଲା ନାହିଁ । ବିଭିନ୍ନ ଶିଳ୍ପ ସଂସ୍ଥାରେ ସେମାନେ ସ୍ୱଳ୍ପ ମଜୁରୀରେ କାମ କରିବାକୁ ଲାଗିଲେ । ତେଣୁ ସୁଲଭ ପୁଞ୍ଜି ଓ ଶ୍ରମ ଯୋଗୁଁ ଶିଳ୍ପ କ୍ଷେତ୍ରର ବିକାଶ ତ୍ୱରାନ୍ୱିତ ହେଲା । ଇଂଲଣ୍ଡର ଶିଳ୍ପ ବିପ୍ଳବ ବୟନ ଶିଳ୍ପରୁ ଆରମ୍ଭ ହୋଇଥିଲା । ସୂତା କାଟିବା ଓ ଲୁଗା ବୁଣିବା ପାଇଁ ହସ୍ତ ଚାଳିତ ଚରଖା ଓ ତନ୍ତ ବ୍ୟବହାର କରାଯାଉଥିଲା । ଏହାଦ୍ୱାରା ବସ୍ତ୍ର ଉତ୍ପାଦନର ପରିମାଣ ଥିଲା କମ୍ । ଅଳ୍ପ ସମୟରେ ଅଧିକ ବସ୍ତ୍ର ଉତ୍ପାଦନ ପାଇଁ ନୂତନ ଉଦ୍ଭାବନର ଆବଶ୍ୟକତା ପଡ଼ିଲା । ଏଥିନିମନ୍ତେ ଉଦ୍ଭାବନ ହେଲା ନୂତନ ଯନ୍ତ୍ରପାତି । ଶିଳ୍ପବିପ୍ଳବଦ୍ୱାରା ବାଷ୍ପୀୟ ଶକ୍ତି ଉତ୍ପାଦନର ଅଗ୍ରଗତି ଘଟିଲା । ଏହାଦ୍ୱାରା ଯାତାୟତ କ୍ଷେତ୍ରରେ ପରିବର୍ତନ ଆସିବା ସଙ୍ଗେ ସଙ୍ଗେ କଳକାରଖାନାରେ ଉତ୍ପାଦନ ପ୍ରଣାଳୀ ତ୍ୱରାନ୍ୱିତ ହୋଇଥିଲା । ପରିବହନ ଓ ଯାତାଯତ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଘଟିଲା । ବାଷ୍ପୀୟ ଶକ୍ତିର ବହୁଳ ପ୍ରସାର ଫଳରେ ଏହାର ପରିବର୍ତ୍ତନ ହେଲା । କୃଷି କ୍ଷେତ୍ରରେ ନୂତନ ଯନ୍ତ୍ରପାତି ଓ କୃଷି ପଦ୍ଧତିର ବ୍ୟବହାର ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଆର୍ଥିକ ବ୍ୟବସ୍ଥା ସ୍ୱଚ୍ଛଳ ହେଲା । ଶିଳ୍ପ ବିପ୍ଳବରୁ ସୃଷ୍ଟି ହୋଇଥିଲା ଶ୍ରମିକ ଗୋଷ୍ଠୀ । କାଳକ୍ରମେ ସେମାନେ ରାଜନୈତିକ କ୍ଷେତ୍ରରେ ସୁବିଧା ସୁଯୋଗ ପାଇଁ ଦାବୀ ଉପସ୍ଥାପନ କଲେ । ଶିଳ୍ପ ବିପ୍ଳବଦ୍ୱାରା ବ୍ୟକ୍ତିବାଦ ଆଦର୍ଶର ସୃଷ୍ଟି ହୋଇଥିଲା । ସାହିତ୍ୟ ରଚନା କ୍ଷେତ୍ରରେ ମଧ୍ୟ ତାହାର ପ୍ରଭାବ ପରିଲକ୍ଷିତ ହୋଇଥିଲା।

ଶିଳ୍ପ ବିପ୍ଳବ ଦ୍ୱାରା ସର୍ବପ୍ରଥମେ କ୍ଷତିଗ୍ରସ୍ତ ହେଲା କୁଟୀର ଓ ହସ୍ତଶିଳ୍ପ । ଯନ୍ତ୍ରଜାତ ଦ୍ରବ୍ୟ ସହଜଲଭ୍ୟ ହେବାରୁ ହାଜତିଆରି ଜିନିଷର ଚାହିଦା କମିଗଲା । ତେଣୁ ହସ୍ତଶିଳୀ ଓ କାରିଗରମାନେ

ସେମାନଙ୍କର ବଂଶାନୁକ୍ରମିକ କାମ ହରାଇ ଦାରିଦ୍ର୍ୟ ଭିତରେ ଜୀବନଧାରଣ କଲେ । ଉନ୍ନତ ଯନ୍ତ୍ରପାତିର ବ୍ୟବହାର ଓ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରିବାରୁ କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନେ ଧନୀ ଓ ବଡ଼ ବଡ଼ ଚାଷୀମାନଙ୍କ ସହିତ ପ୍ରତିଯୋଗୀତା କରିନପାରି କ୍ଷତିଗ୍ରସ୍ତ ହେଲେ । ସେମାନଙ୍କର ଜମିକୁ ଧନୀଚାଷୀମାନେ କିଣିନେବାରୁ ସେମାନେ ଜମିହୀନ ହୋଇ ସହରକୁ ଯାଇ କାରଖାନା ଶ୍ରମିକରେ ପରିଣତ ହେଲେ । ଶିଳ୍ପବିପ୍ଳବ ଦ୍ୱାରା ଗ୍ରାମାଞ୍ଚଳ ଜନଶୂନ୍ୟ ହୋଇପଡ଼ିଲା । ଚାଷୀ ଓ କାରିଗର ମାନେ ଜୀବିକା ହରାଇ ବେକାର ହେବାରୁ ଜୀବିକା ସନ୍ଧାନରେ ଗାଁ ଛାଡ଼ି ସହରାଭିମୁଖୀ ହେଲେ । ଶିଳ୍ପ ବିପ୍ଳବ ଯୋଗୁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇଥିଲା । କଳକାରଖାନାରୁ ନିର୍ଗତ ଧୂଆଁ ଓ ମଇଳା ଦ୍ୱାରା ପରିବେଶ ଦୂଷିତ ହେଲା । ଏହାର କୁପ୍ରଭାବ ଜନସାଧାରଣମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଲା । ସାମାଜିକ କ୍ଷେତ୍ରରେ ସୃଷ୍ଟିହେଲେ ପୁଞ୍ଜିପତି ଓ ଶ୍ରମିକ ନାମରେ ଦୁଇଟି ବିପରୀତ ମୁଖୀ ଗୋଷ୍ଠୀ । ଶିଳ୍ପପତିମାନେ ଧନୀହୋଇ କ୍ୟାପିଟାଲିଷ୍ଟ ନାମରେ ପରିଚିତ ହେଲେ ଓ ଶ୍ରମିକମାନେ ସର୍ବହରା ବା ପ୍ରୋଲେଟାରିଏଟ୍ ନାମରେ ନାମିତ ହେଲେ । ଶିଳ୍ପପତିମାନେ ସମସ୍ତ ପ୍ରକାର ସୁଖ ସୁବିଧା ଭୋଗ କରିବା ବେଳେ ଶ୍ରମିକମାନେ ସେଥିରୁ ବଞ୍ଚିତ ହୋଇଥିଲେ । ଶିଳ୍ପପତି ବା ପୁଞ୍ଜିପତି ମାନେ ଶୋଷକ ଶ୍ରେଣୀ ଓ ସର୍ବହରା ଶ୍ରମିକମାନେ ଶୋଷିତ ଶ୍ରେଣୀରେ ପରିଗଣିତ ହେଲେ । ଏହାଦ୍ୱାରା ସମାଜରେ ସୃଷ୍ଟିହେଲା ବିଭେଦ ଓ ସାମାଜିକ ଐକ୍ୟ ନଷ୍ଟ ହୋଇ ଶ୍ରେଣୀ ସଂଘର୍ଷର ସୂତ୍ରପାତ ହେଲା ।[୪] ଶ୍ରମିକମାନେ କଳକାରଖାନାରେ ଅଳ୍ପ ମଜୁରୀରେ କଠିନ ପରିଶ୍ରମ କରୁଥିଲେ । ଦାରିଦ୍ର୍ୟର ତାଡ଼ନା ଯୋଗୁଁ ମହିଳା ଓ ଶିଶୁମାନେ ମଧ୍ୟ କଳକାରଖାନା ଓ ଖଣିମାନଙ୍କରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଦୀର୍ଘକାଳ ପରିଶ୍ରମ କରୁଥିଲେ । ଦାରିଦ୍ର୍ୟ, ଅଭାବ ଓ ଅନାଟନରେ ଶ୍ରମିକ ଗୋଷ୍ଠୀ ଥିଲେ ନିଷ୍ପେଷିତ । ଶ୍ରମିକ ବସ୍ତିଗୁଡ଼ିକୁ ଲେଖକ ବ୍ଲକ୍ ଅନ୍ଧକାରାଚ୍ଛନ୍ନ ସଇତାନର କାରଖାନା (dark satanic mills) ଭାବରେ ବର୍ଣ୍ଣନା କରିଥିଲେ ।[୫] ପରବର୍ତ୍ତୀ ସମୟରେ କାର୍ଲମାର୍କ୍ସ ଏହି ଶ୍ରେଣୀ ସଂଘର୍ଷ ପ୍ରତି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ । ସେ ଆହ୍ୱାନ ଦେଇଥିଲେ "ବିଶ୍ୱର ଶ୍ରମିକମାନେ ଏକତ୍ର ହୁଅ, ବିପ୍ଳବଦ୍ୱାରା କେବଳ ଇନ୍ଧନ-ଶୃଙ୍ଖଳ ଛଡ଼ା ତୁମର ଆଉ କିଛି ହରାଇବାର ନାହିଁ। (worker of the world unite. You have nothing to lose except your bonds) ଶିଳ୍ପ ବିପ୍ଳବ ମନୁଷ୍ୟକୁ କରିଥିଲା ଅଧିକ ବସ୍ତୁବାଦୀ, ଆଧ୍ୟାତ୍ମିକ ତଥା ଧର୍ମୀୟ ଚିନ୍ତାଧାରାଠାରୁ ଦୂରେଇ ଯାଇ ମନୁଷ୍ୟ ଅଧିକ ପାର ଚିନ୍ତାଧାରାଯୁକ୍ତ ହୋଇଥିଲା ।"[୬]

ସର୍ବଶେଷରେ କୁହାଯାଇପାରିବ ଏହିସବୁ କାରଣ ଯୋଗୁଁ ପଲ୍ଲୀମାଟିର ଅବକ୍ଷୟ ହୋଇଛି। ଏହାଦ୍ୱାରା ସେ ପଲ୍ଲୀଭୂମିକୁ ଛାଡ଼ି ବସ୍ତୁବାଦୀ ହୋଇ ସହରର ଚାକଚକ୍ୟରେ ରହିବାକୁ ପସନ୍ଦ କରିଛି। ଫଳରେ ଭୋଗପୂର୍ଣ୍ଣ ବିଳାସ ବ୍ୟସନରେ ରହି ଆନନ୍ଦର ସହିତ କାଳାତିପାତ କରିଛି । ଏହାଦ୍ୱାରା ସେ ପଲ୍ଲୀ ଭୂମିକୁ ସଂପୂର୍ଣ୍ଣରୂପେ ଭୁଲିଯାଇଛି । ମାନବଜାତିର ଅଶେଷ ହିତସାଧନ ହୋଇଥିଲେ ମଧ୍ୟ ଏହା ମନୁଷ୍ୟ ସମାଜରେ ଦାରିଦ୍ର୍ୟ, ଶୋଷଣ ଓ ଭେଦଭାବ ସୃଷ୍ଟି କରିଥିଲା। ଲୋକମାନଙ୍କର ଆର୍ଥନୀତିକ ବିକାଶ ଘଟିବାରୁ ସେମାନଙ୍କର ଜୀବନଧାରଣର ମାନ ଉନ୍ନତ ହେଲା । ଶିଳ୍ପ ବିପ୍ଳବ ଯୋଗୁଁ ସହରୀକରଣର ବୃଦ୍ଧି ଘଟିଲା । ଯାହା ଫଳରେ ପଲ୍ଲୀ ଜୀବନର ଅବକ୍ଷୟ ଘଟିଲା । ଏହା ନିଃସନ୍ଦେହ।

**ସଙ୍କେତ ସୂଚୀ:**


୧. ସାମନ୍ତରାୟ, ନଟବର। ଓଡ଼ିଆ ପଲ୍ଲୀ ସାହିତ୍ୟ। ଶ୍ରୀ ଗନ୍ଧର୍ବ ଶତପଥୀ, ବଡ଼ଦାଣ୍ଡସାହି, ଭୁବନେଶ୍ୱର, ପୃ. ୨।

୨. ସାମନ୍ତରାୟ, ନଟବର। ଓଡ଼ିଆ ପଲ୍ଲୀ ସାହିତ୍ୟ। ଶ୍ରୀ ଗନ୍ଧର୍ବ ଶତପଥୀ, ବଡ଼ଦାଣ୍ଡସାହି, ଭୁବନେଶ୍ୱର, ପୃ. ୯।

୩. ପଣ୍ଡା, ହରିହର। ଭାରତ ଇତିହାସ। କଲ୍ୟାଣୀ ପବ୍ଲିକେସନ୍, ପୃ. ୧୩୦।

୪. ପଣ୍ଡା, ହରିହର। ଭାରତ ଇତିହାସ। କଲ୍ୟାଣୀ ପବ୍ଲିକେସନ୍, ପୃ. ୧୩୬।

୫. ପଣ୍ଡା, ହରିହର। ଭାରତ ଇତିହାସ। କଲ୍ୟାଣୀ ପବ୍ଲିକେସନ୍, ପୃ. ୧୩୬।

୬. ପଣ୍ଡା, ହରିହର। ଭାରତ ଇତିହାସ। କଲ୍ୟାଣୀ ପବ୍ଲିକେସନ୍, ପୃ. ୧୩୮।


«««

BINDU BIMARSHA...


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 1 % |
| Ethical Approval | Not applicable |
| Cite: | Sethi, Ranjan Kumar. "Bharatiya Palli Jeevana: Atita o Barttaman." Bindu Bimarsha, vol. 2, no. 1, Jan. 2026, pp. 27–33. Crossref, https://doi.org/10.64647/bb.vol.2.issue.1.2026.5. |


cc BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ଏକବିଂଶ ଶତାବ୍ଦୀର ଓଡ଼ିଆ ପତ୍ରିକା ଜଗତରେ 'ସମକାଳ' : ଏକ ଆକଳନ

**ରାଜସ୍ମିତା ସାହୁ**
ଗବେଷିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ,ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ARTICLE NO:** BB-II-I-2026-06

**ORC ID:** 0009-0002-8971-9072
**DOI:** 10.64647/bb.vol.2.issue.1.2026.6
**E-Mail:** rajasmitasahoo01@gmail.com
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article

**Submission Date:** 25-11-2025
**Publication Date:** 14-01-2026

**ABSTRACT ॥ ଅଂଶିପ୍ତ ସାର**

୨୦୧୨ ମସିହାରେ ଭୁବନେଶ୍ୱରରୁ ପ୍ରକାଶ ପାଇଥିବା ମାସିକ ପରୀକ୍ଷାଧର୍ମୀ ପତ୍ରିକା 'ସମକାଳ' (ସଂପାଦକ: ଶୁଭ୍ରାଂଶୁ ପଣ୍ଡା) ଆଧୁନିକ ଓଡ଼ିଆ ସାହିତ୍ୟର ନୂଆ ରୂପ, ବିଷୟ ଓ ପ୍ରୟୋଗକୁ ସଂଗଠିତ ଏକ ମଞ୍ଚ ଭାବେ ପ୍ରସ୍ତୁତ କରିଥିଲା। ପ୍ରାୟ ୪୦ ପୃଷ୍ଠା ବିଶିଷ୍ଟ ପତ୍ରିକାଟି କଳାଧଳା ରୂପସଜ୍ଜା ଧାରଣ କରି ଫେବୃଆରୀ ୨୦୧୨ରୁ ଆରମ୍ଭ ହୋଇ ଏପ୍ରିଲରେ ISSNର ସଂଯୋଗ ସହ ଯୁବ ଓ ବରିଷ୍ଠ ଉଭୟ ସ୍ୱରକୁ ସମନ୍ୱୟ କରେ। ବିଷୟବସ୍ତୁରେ ଦୁଷ୍ପ୍ରାପ୍ୟ ପୁରାତନ ଗଳ୍ପ ଜୀବନୀର ପୁନର୍ପ୍ରସ୍ତୁତି, ସାଂପ୍ରତିକ ଗଳ୍ପ ଓ କବିତା, ଭାଷା ମାଧ୍ୟମ ମୁଦ୍ରଣ ଇତିହାସ ସମ୍ପର୍କିତ ପ୍ରବନ୍ଧ, 'ଅଭିବ୍ୟକ୍ତି' ଓ 'ସ୍ୱୀକାରୋକ୍ତି' ଭଳି ବ୍ୟକ୍ତିକୈନ୍ଦ୍ରିକ ଅଂଶ, ସିଧାସଳଖ 'ସାକ୍ଷାତକାର' ଏତତ୍-ଭିନ୍ନ ସଂଖ୍ୟାରେ ଉପନ୍ୟାସ, ନାଟକ, ଫିଚର, ଅନୁବାଦ ଆଦି ଯୋଗ ହୋଇ ବିଷୟ ବ୍ୟାପ୍ତି ବିଶାଳ ସାହିତ୍ୟକ ପରିସୀମା ଧାରଣ କରିଥିଲା। ସଂପାଦକୀୟ ଲେଖାଗୁଡ଼ିକ ମାନବିକ ମୂଲ୍ୟ, ତର୍କ, ଯଶପ୍ରାର୍ଥୀ ଲେଖନ ବିମର୍ଶଗୁଡ଼ିକୁ ସମାଲୋଚନାତ୍ମକ ଭାବରେ ସମ୍ମିଳିତ କରିଥିଲା । ମୋଟ ଉପରେ କହିବାକୁ ଗଲେ 'ସମକାଳ' ପୁରାତନରୁ ନୂତନ ସମୟଚେତନାକୁ ମିଶାଇ ଓଡ଼ିଆ ପତ୍ରିକା ସଂସ୍କୃତିରେ ଏକ ସ୍ୱତନ୍ତ୍ର, ପରୀକ୍ଷାଧର୍ମୀ ଛାପ ଛାଡ଼ିଯାଇଛି । ଏହି ପ୍ରବନ୍ଧ ସର୍ବେକ୍ଷଣ ପତ୍ରିକାଟିର ରୂପ, ରଚନା, ବିଷୟବସ୍ତୁ, ସଂପାଦକୀୟ ଦୃଷ୍ଟି ଓ ସାହିତ୍ୟ ପ୍ରଚାରରେ ତାହାର ଅବଦାନକୁ ଯଥାସମ୍ଭବ ମୂଲ୍ୟାୟନ କରିବାକୁ ପ୍ରୟାସୀ ।

**ମୂଳ ଶବ୍ଦ:** ସମକାଳ ପତ୍ରିକା, ଶୁଭ୍ରାଂଶୁ ପଣ୍ଡା, କ୍ଷୁଦ୍ରଗଳ୍ପ, କବିତା ଚୟନ, ପ୍ରବନ୍ଧ ଓ ଅଭିବ୍ୟକ୍ତି, ସାକ୍ଷାତକାର, ସଂପାଦକୀୟ, ଓଡ଼ିଆ ଅସ୍ମିତା, ପ୍ରାଚୀନ ରଚନା,ପୁନଃପ୍ରତିଷ୍ଠା ।

BINDU BIMARSHA...

ସାହିତ୍ୟରେ ପତ୍ରିକାର ଭୂମିକା ଆଜି କିମ୍ବା କାଲିର ନୁହେଁ ଦୀର୍ଘ ଶତାବ୍ଦୀ ଧରି ପତ୍ରିକା ନେଇ ଆସିଛି ପାଠକଙ୍କ ମନରେ ନୂଆ ଆଶା, ଆକାଂକ୍ଷା ଓ ଉନ୍ମାଦନା। ପତ୍ରିକାର ପ୍ରାରମ୍ଭିକ କାଳରୁ ଅଦ୍ୟାବଧି ବହୁ ପତ୍ରିକାର ଆରମ୍ଭ ହେଉ ହେଉ ବିଲୟ ଘଟିଛି । ତନ୍ମଧ୍ୟରୁ ଅନେକ ପତ୍ରିକା ଆଜିବି ପାଠକ ମନରେ ଜୀବିତ । ସେ ସମସ୍ତ ପତ୍ରିକା ମଧ୍ୟରୁ 'ସମକାଳ' ଏକ ସଫଳ ବ୍ୟତିକ୍ରମ । ପତ୍ରିକାର ଆରମ୍ଭ ହୁଏ ୨୦୧୨ ମସିହା ଫେବୃୟାରୀ ମାସ ଚନ୍ଦ୍ରଶେଖରପୁର, ଭୁବନେଶ୍ୱରରୁ । ଏହାର ସଂପାଦକ, ପ୍ରକାଶକ (ପେନଇନ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ) ଏବଂ ପରିପାଟୀ ଶୋଭନକୁ ଅତ୍ୟନ୍ତ ଚମତ୍କାର ଶୈଳୀରେ ରୂପ ଦେବାକୁ ସମର୍ଥ ହୋଇଛନ୍ତି ଶ୍ରୀ ଶୁଭ୍ରାଂଶୁ ପଣ୍ଡା । ଶ୍ରୀ ପଣ୍ଡା ଜଣେ ତରୁଣ କବି, ଲେଖକ, ଗାଳ୍ପିକ, ଔପନ୍ୟାସିକ ଭାବେ ବେଶ ଚର୍ଚ୍ଚିତ । ଆଧୁନିକ ଓଡ଼ିଆ ସାହିତ୍ୟକୁ ଜଣେ ଯୁବ ସଂପାଦକଙ୍କ ଦ୍ୱାରା ପ୍ରକାଶିତ ପତ୍ରିକା ଅତୀବ ପ୍ରଶଂସନୀୟ । ସମକାଳ ଭଳି ଏକ ମାସିକ ପରୀକ୍ଷାଧର୍ମୀ ସାହିତ୍ୟ ପତ୍ରିକାର ପ୍ରକାଶ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧିକୁ ବହୁଗୁଣିତ କରିଛି । ସମକାଳର ସଂପାଦକଙ୍କୁ ପତ୍ରରେ ଓଡ଼ିଆ ସାହିତ୍ୟ ସମାଜର ଉପସଭାପତି ବିଜୟାନନ୍ଦ ସିଂହ କହନ୍ତି – "ସମକାଳ ସମକାଳୀନ ଓଡ଼ିଶାର ଏକ ଅନନ୍ୟ ପତ୍ରିକା । ଜଣେ ତରୁଣଙ୍କ ଦ୍ୱାରା ସଂପାଦିତ ଏଭଳି ପତ୍ରିକା ଓଡ଼ିଶାର ଉନ୍ନତ ସାରସ୍ୱତ ଭବିଷ୍ୟତର ସୂଚନା ମାତ୍ର । ମୋ ସାହିତ୍ୟରେ ସମକାଳର ତରୁଣମାନେ ଯେ ପ୍ରତିଭାବାନ ସେମାନେ କେବଳ ମୌଳିକ ରଚନା କରିପାରନ୍ତି ତାହା ନୁହେଁ, ସେମାନେ ସୁସଂପାଦନା କରି ଓଡ଼ିଆ ସାହିତ୍ୟରେ ଜାଗରଣ ଆଣିପାରନ୍ତି । ଏହା ପ୍ରମାଣ କରିଛି ସମକାଳ।"[୧] (ସମକାଳ ପତ୍ରିକା, ସଂଖ୍ୟା ୩, ପୃଷ୍ଠା ୨) ସଂପ୍ରତି ପ୍ରକାଶିତ ଅନ୍ୟ କେତେକ ପତ୍ରିକା ଭଳି ଏଥିରେ ସହ ସଂପାଦକ, ଉପଦେଷ୍ଟା ମଣ୍ଡଳୀ କିମ୍ବା ସହଯୋଗ ସଦସ୍ୟ ଭାବେ କାହାକୁ ସ୍ଥାନ

ଦିଆଯାଇ ନାହିଁ । ଶ୍ରୀ ପଣ୍ଡାଙ୍କ ନିଜସ୍ୱ ପ୍ରତିଭାରେ ଉଜ୍ଜୀବିତ ହୋଇଛି 'ସମକାଳ' । ସମକାଳର ପ୍ରଚ୍ଛଦ ପୃଷ୍ଠାକୁ ବିଭିନ୍ନ ଭାବେ ରୂପ ଦେଇ ଆକର୍ଷଣୀୟ କରିବାରେ ସହଯୋଗ କରିଛନ୍ତି ଚିତ୍ରଶିଳ୍ପୀ ଆଶିଷ କୁମାର ଗଡ଼ନାୟକ, ପ୍ରଚ୍ଛଦ ଅକ୍ଷର ସୁଭାଷିସ ପାଣିଗ୍ରାହୀ ଓ ଟାଇପ ସେଟ୍ ପବିତ୍ର କୁମାର ଗୌଡ । (୨/୨୦୧୨) ପ୍ରଚ୍ଛଦ ଶିଳ୍ପୀ ସଂଜୟ ଭଟ୍ଟ, ସୁରେଶ ବଳବନ୍ତ ରାୟ, ପୁଲକ ମଙ୍ଗରାଜ, କାନ୍ତ କିଶୋର ମହାରଣା, ଟୁଟୁ ପଟ୍ଟନାୟକ, ତନୁଜ ମଲ୍ଲିକ, କେ.କେ ପ୍ରଭୃତି ।

### ପ୍ରାଚୀନତାର ପୁନଃନିର୍ମାଣରେ 'ସମକାଳ'

ପୁରାତନ ଓ ପ୍ରାକ୍-ଆଧୁନିକ ସାହିତ୍ୟର କବି ଓ ଲେଖକ ସମୟର କାଳଖଣ୍ଡରେ ଲୀନ ହୋଇଯାଇଛନ୍ତି ସତ ମାତ୍ର ସେମାନଙ୍କ ରଚନା ଆଜି ବି ଆମ ପାଇଁ ସମକାଳ ରୂପେ ଦଣ୍ଡାୟମାନ । ସେମାନଙ୍କ ଲେଖନୀକୁ ଏକ ନୂଆ ରୂପରେ ପାଠକଙ୍କ ସମ୍ମୁଖକୁ ଆଣିବାରେ ସଫଳ ହୋଇଛି ଏକବିଂଶ ଶତାବ୍ଦୀର 'ସମକାଳ' । କବି ଯଦୁମଣି ମହାପାତ୍ର, ଗଣକବି ବୈଷ୍ଣବ ପାଣି, ସାଦତ୍ ହସନ ମଂଟୋ, ଗଜଲ ଜଗତର ବାଦଶାହା ମେହଦି ହସନ, ସାମନ୍ତ ଚନ୍ଦ୍ରଶେଖର, କଥାସମ୍ରାଟ ଫକୀର ମୋହନ ସେନାପତି, ଗୋଦାବରୀଶ ମିଶ୍ର, କବିଚନ୍ଦ୍ର କାଳୀଚରଣ, ସୁରେନ୍ଦ୍ର ମହାନ୍ତି, କୁଞ୍ଜବିହାରୀ ତ୍ରିପାଠୀ, ଫତୁରାନନ୍ଦ, ଅକ୍ଷୟ ମହାନ୍ତି ପ୍ରଭୃତି ଆଜି ଆମ ଗହଣରେ ନାହାଁନ୍ତି ତଥାପି ସେମାନଙ୍କ ସୃଜନୀ ଓ ଜୀବନୀ ଆମ ପାଇଁ ଅଜସ୍ର ପ୍ରେରଣା ସାଜିଛି । ଓଡ଼ିଆ ସାହିତ୍ୟର ଉନ୍ନତିରେ ଏହି ମହାପୁରୁଷଙ୍କ ଅବଦାନ ଅତୁଳନୀୟ ବୋଲି ସମକାଳ ପ୍ରତି ସଂଖ୍ୟାରେ ସୂଚାଇ ଦେଇଛି । ନୂତନ ଗଳ୍ପ ମଧ୍ୟରେ ପୁରାତନ ଗଳ୍ପକୁ ସ୍ଥାନ ଦେଇ ସାଂପ୍ରତିକ ଯୁବ ଗାଳ୍ପିକଙ୍କୁ ସଚେତନ କରାଯାଇଛି । ମାତ୍ର ସମୟର ପରିବର୍ତ୍ତନ ସହ ପୁସ୍ତକରେ ନୂତନତା ଆସିଛି । ପୁରାତନ ପୁସ୍ତକ ଛାଡ଼ି ପାଠକ ନୂଆ ପୁସ୍ତକର ସନ୍ଧାନ କରୁଛନ୍ତି । ଯଦିବା କେତେକ ପୁରୁଣା ମଧ୍ୟରେ ହଜି ଯାଇଥିବା କିଛି ସ୍ମୃତିକୁ ଖୋଜି ବୁଲୁଛନ୍ତି । କିନ୍ତୁ ସେହି ଗଳ୍ପ ଓ ଉପନ୍ୟାସ ପାଇବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି । ସମସ୍ତ ଚେଷ୍ଟା ସତ୍ତ୍ୱେ ପ୍ରିୟର ପୁସ୍ତକ ପାଇବା ମୁସ୍କିଲ ହୋଇପଡ଼ିଛି । ସମକାଳ ସେଇମାନଙ୍କ ନିମନ୍ତେ ନେଇଆସିଛି କିଛି ପୁରାତନ ରଚନା । ଯେଉଁ ଗୁଡ଼ିକ ଊନବିଂଶ ଓ ବିଂଶ ଶତାବ୍ଦୀରେ ରଚନା ହୋଇଥିଲେ ମଧ୍ୟ ତାହା ଆଜିବି ପାଠକଙ୍କ ମନରେ ଉନ୍ମାଦନା ସୃଷ୍ଟି କରୁଛି । ସେହିପରି କିଛି ଦୁଷ୍ପ୍ରାପ୍ୟ ରଚନାକୁ ସମକାଳ ପ୍ରକାଶ କରିଛି ଯଥା:- ଫକୀରମୋହନ ସେନାପତିଙ୍କ 'କବିତ୍ୱ ବିସର୍ଜନ' (୧/୨୦୧୫), ଶ୍ରଦ୍ଧାକର ସୂପକାରଙ୍କ 'ଯାତ୍ରୀ' (୨/୨୦୧୨), ବିଜୟ ପ୍ରସାଦ ମହାପାତ୍ରଙ୍କ 'ମନ୍ତ୍ରମୁଦି' (୨/୨୦୧୨), ଗୋପୀନାଥ ମହାନ୍ତିଙ୍କ 'ବାବୁ' (୪/୨୦୧୨), ମନୋଜ ଦାସଙ୍କ 'ଓଟ' (୪/୨୦୧୨), କିଶୋରୀ ଚରଣ ଦାସଙ୍କ 'ଧୂସର ମଧୁର' (୫/୨୦୧୨), ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଜ୍ୟୋତ୍ସ୍ନା' (୭/୨୦୧୨), ଜଗନ୍ନାଥ ପ୍ରସାଦ ଦାସଙ୍କ 'ଦେଶର ଦାୟିତ୍ୱ' (୮/୨୦୧୨) ପ୍ରଭୃତି । ଏହି ସମସ୍ତ ଗଳ୍ପ ତତ୍କାଳୀନ ସମାଜ ଓ ମଣିଷର ଭାବକୁ ନେଇ ରଚିତ ହୋଇଥିଲେ ସୁଦ୍ଧା ତାହା ଆଜିବି ଆମ ଶିକ୍ଷିତ ସମାଜରେ ପ୍ରଭାବ ପକାଉଛି ।

### ସାଂପ୍ରତିକ ଗାଳ୍ପିକଙ୍କ ମୁଖରୁ 'କ୍ଷୁଦ୍ରଗଳ୍ପ'ର ସଂଜ୍ଞା ଓ ସମକାଳରେ ସ୍ଥାନିତ ବିବିଧ ପର୍ଯ୍ୟାୟର ଗଳ୍ପ

ସମଗ୍ର ମଣିଷ ଜୀବନର ଏକ ଛୋଟ ସ୍ମରଣୀୟ ମୁହୂର୍ତ୍ତ ହିଁ କ୍ଷୁଦ୍ରଗଳ୍ପ । ସେହି ଛୋଟ ମୁହୂର୍ତ୍ତ ମଧ୍ୟରେ ଲୁଚି ରହିଥାଏ କିଛି ଆନନ୍ଦ ଓ ନିରାଶର ପ୍ରତିଛବି । ଯାହାକୁ ପାଠକ ସ୍ୱଳ୍ପ ସମୟ ଓ କମ୍ ପୃଷ୍ଠା ମଧ୍ୟରେ ପାଇଥାଏ ଏକ ବୃହତ୍ ଜିଜ୍ଞାସା ଏବଂ ଏହି ସ୍ୱଳ୍ପତା ଭିତରେ କେବଳ ଗଳ୍ପର ଭାବାର୍ଥ ନଥାଏ ତତ୍ସହ ଯୋଡ଼ି ହୋଇଥାଏ ଗାଳ୍ପିକର ଭାବାତ୍ମା । ତେଣୁ ଗଳ୍ପ ହେଉଛି ବୃହତ୍ ପରିସରର କ୍ଷୁଦ୍ର ଅନୁଭବ । କ୍ଷୁଦ୍ରଗଳ୍ପର ସଂଜ୍ଞା ସଂପର୍କରେ ଏପର୍ଯ୍ୟନ୍ତ ବହୁ ତଥ୍ୟ ପ୍ରକାଶ ପାଇଛି । ସୁଗଳ୍ପର ଲକ୍ଷଣକୁ ନେଇ ଅନେକ ପରୀକ୍ଷା ନିରୀକ୍ଷା ମଧ୍ୟ ହୋଇଛି । ବୈଷ୍ଣବ ଚରଣ ସାମଲ, ବାଉରୀବନ୍ଧୁ କର, ସୁରେନ୍ଦ୍ର ମହାନ୍ତି, ଦାଶରଥି ଦାସ, କବିତା ବାରିକ ପ୍ରଭୃତି ସାହିତ୍ୟର ବିଶିଷ୍ଟ ସମାଲୋଚକ ଓ ଗାଳ୍ପିକବୃନ୍ଦ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି । କିନ୍ତୁ ସୁଗାଳ୍ପିକକୁ ନେଇ ସେଭଳି କୌଣସି ଆଲୋଚନା ପ୍ରକାଶ ପାଇନାହିଁ । କୁଶଳ ଗାଳ୍ପିକର ସଂଜ୍ଞା ସଂପର୍କରେ ସମକାଳ ଦେଇଛି କିଛି ନୂଆ ମତାମତ । ଗୌରହରି ଦାସ, ପରେଶ ପଟ୍ଟନାୟକ, ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଆଶିଷ ଗଡ଼ନାୟକ, ଜ୍ୟୋତି ନନ୍ଦ ଆଦିଙ୍କ ମତରେ କୁଶଳ ଗାଳ୍ପିକର ସଂଜ୍ଞା କିଛି ଏହିଭଳି -

- "ଯାହାର ଗଳ୍ପ ପାଠକ ପାଠିକାଙ୍କ ମନକୁ ଛୁଏଁ ସେହି ହିଁ କୁଶଳ ଗାଳ୍ପିକ" (ଗୌରହରି ଦାସ)
- "ଯେଉଁମାନେ ଗଳ୍ପ ରଚନାରେ ସଫଳ ହୋଇଛନ୍ତି ବା ହେଉଛନ୍ତି ସେମାନଙ୍କୁ କୁହାଯାଇପାରେ" (ପରେଶ କୁମାର ପଟ୍ଟନାୟକ) ।
- ପ୍ରକାଶ ମହାପାତ୍ର କୁହନ୍ତି "ଯିଏ ଶବ୍ଦକୁ ଜୀବନ୍ୟାସ ଦେବାର କଳାକାରିଗରୀ ଜାଣେ ଯେଉଁ ଗାଳ୍ପିକର ଗଳ୍ପ ପଢ଼ି ମୁଁ ବୟସ ହରାଇଲି କିନ୍ତୁ ଅଲୌକିକ ଆନନ୍ଦ ପାଇଲି ସିଏ କୁଶଳ ଗାଳ୍ପିକ ନୁହଁ ତ ଆଉ କ'ଣ ହୋଇପାରେ" (୨) (ସମକାଳ ପତ୍ରିକା, ଦ୍ୱିତୀୟ ସଂଖ୍ୟା, ପୃଷ୍ଠା ୧୩)
- ପବିତ୍ର ପାଣିଗ୍ରାହୀଙ୍କ ମତରେ "ଭଲ ଗାଳ୍ପିକର ଲେଖା କେବଳ ମନକୁ ଚହଲାଏନି ଗାଳ୍ପିକର ବୁଦ୍ଧି ଓ ପ୍ରଜ୍ଞାକୁ ବି ହଲଚଲ କରିଦିଏ।" [୩]

'ସମକାଳ' ଏହି ଗାଳ୍ପିକଙ୍କ ଦୃଷ୍ଟିରେ କୁଶଳ ଗାଳ୍ପିକର ସଂଜ୍ଞା ପ୍ରଦାନ କରିବା ସହ ସେହି ଗାଳ୍ପିକଙ୍କ ରଚିତ କିଛି ଗଳ୍ପକୁ ସ୍ଥାନ ଦେଇ ପାଠକଙ୍କ ଉପରେ ଛାଡ଼ି ଦେଇଛି କୁଶଳ ଗାଳ୍ପିକର ପ୍ରକୃତ ଅଧିକାରୀ। ସାଂପ୍ରତିକ ଗଳ୍ପ ସାହିତ୍ୟରେ ପାଦ ଦେଉଥିବା ଗାଳ୍ପିକଙ୍କୁ ସ୍ଥାନ ଦେବା ସହ ପାକଳ ହୋଇଆସୁଥିବା ଗାଳ୍ପିକକୁ ଗ୍ରହଣ କରିଛି ସମକାଳ, ଯେପରି- ରାଜେନ୍ଦ୍ର କୁମାର ରାଉଳଙ୍କ 'କାପୁରୁଷ' (୩/୨୦୧୨), ଦେବାଶିଷ ଗଡ଼ନାୟକଙ୍କ 'ସତମୁହାଁ' (୪/୨୦୧୨), ପ୍ରଜ୍ଞାପ୍ରବର୍ତ୍ତିକା ଦାଶଙ୍କ 'ଶୃଙ୍ଖଳା' (୫/୨୦୧୨), ବିଦ୍ୟୁତଲତା ବିଶ୍ୱାଳଙ୍କ

'ଝୁମୁରୀ' (୬/୨୦୧୨), ସରୋଜ ବଳଙ୍କ 'ସାତଦିନରେ ଗୋରାପଣ' (୭/୨୦୧୨), 'ମଣିଷ ଭୁଲ କରେ କାହିଁକି' (୮/୨୦୧୨) ପ୍ରଭୃତି।

ପତ୍ରିକାର ନବମ ସଂଖ୍ୟାରେ ସ୍ଥାନିତ ଗଳ୍ପ ବିସ୍ତାରିତ ରୂପ ଧାରଣ କରିଛି । ପୂର୍ବ ପତ୍ରିକା ଭଳି ଗୋଟିଏ ପତ୍ରିକାରେ ଗୋଟିଏ ଗଳ୍ପ ପରିବର୍ତ୍ତେ ଦୁଇଟି ମାସିକ ପତ୍ରିକାର ଗଳ୍ପକୁ ଗୋଟିଏ ପତ୍ରିକାରେ ସ୍ଥାନ ଦିଆଯାଇଛି । ଗତ କିଛି ବର୍ଷ ଧରି ଗଳ୍ପ ଜଗତରେ ସୁନାମ ଅର୍ଜନ କରିଥିବା କିଛି ଗାଳ୍ପିକଙ୍କୁ ଏଥିରେ ଦେଖାଯାଇଛି । ଜଗଦୀଶ ମହାନ୍ତିଙ୍କ 'ମିଛ ମିଛ ଖେଳ', ପ୍ରକାଶ ମହାପାତ୍ରଙ୍କ 'ନାସ୍ତିକ', ଅଜୟ ସ୍ୱାଇଁଙ୍କ 'କାଉ', ଗୌରହରି ଦାସଙ୍କ 'ପାଣି', ବିଯ୍ଯତ ପ୍ରଜ୍ଞା ତ୍ରିପାଠୀଙ୍କ 'ଗାନ୍ଧିଜୀ', ସିଦ୍ଧାର୍ଥ ମହାପାତ୍ରଙ୍କ 'ମୋବାଇଲ', ନଳିନୀ ପ୍ରଭା ତ୍ରିପାଠୀଙ୍କ 'ଆହେ ଦୟାମୟ', ଅମରେଶ ବିଶ୍ୱାଳଙ୍କ 'ଫେସବୁକଫ୍ରେଣ୍ଡ୍', ଆଶିଷ କୁମାର ଗଡ଼ନାୟକଙ୍କ 'କଥା', ଶକ୍ତି ମହାନ୍ତିଙ୍କ 'ଛୋକରୀ', ନେତାଜୀ ଅଭିନନ୍ଦନଙ୍କ 'ହିଡ଼ିମ୍ବା', ମନ୍ଦିରା ପଟ୍ଟନାୟକଙ୍କ 'ଧୂଆଁ' ଏବଂ ସାରଦା ପ୍ରସାଦ ମିଶ୍ରଙ୍କ 'ପରଶ ପଥର' । 'ନାସ୍ତିକ' ଓ 'କାଉ' ଗଳ୍ପରେ ଈଶ୍ୱରୀୟସତ୍ତା ପ୍ରକଟିତ । ଈଶ୍ୱରୀୟ ଗୀତା, ଭାଗବତର ଜପ କିମ୍ବା ବଡ଼ ମାଳି କି ଚିତାଚଇତନର କୌଣସି ଆବଶ୍ୟକତା ନଥାଏ । ପ୍ରକୃତରେ ଈଶ୍ୱରଙ୍କ ସ୍ଥିତିକୁ ବୁଝିବା ପାଇଁ ନିଜର କର୍ମ ଓ ବିଶ୍ୱାସ ରହିଥିବା ଦରକାର । ଜଙ୍ଗଲର ଶେଷ ସୀମାରେ ବାସ କରୁଥିବା ପାହାଡ଼ିଆ ମଣିଷର ଜଳ ବିନା ଉପୁଜୁଥିବା ନାନା ସମସ୍ୟାକୁ ନେଇ 'ପାଣି' ଗଳ୍ପଟି ରଚିତ । ସେହିଭଳି 'ମୋବାଇଲ' ଓ 'ଫେସବୁକଫ୍ରେଣ୍ଡ' ଗଳ୍ପରେ ଆଜିର ଅତ୍ୟାଧୁନିକ ଯାନ୍ତ୍ରିକ ମଣିଷର ଅବଚେତନ ମନର ଅବସ୍ଥାକୁ ପ୍ରତିପାଦନ କରାଯାଇଛି । ଯନ୍ତ୍ରଶକ୍ତି କେଉଁଠି ସଂପର୍କକୁ ଭାଙ୍ଗି ଦେଉଛି (ମୋବାଇଲ) ତ କେଉଁଠି ସଂପର୍କକୁ ଅତି ନିକଟକୁ ଟାଣି ଆଣୁଛି (ଫେସବୁକଫ୍ରେଣ୍ଡ) । ଉନ୍ନତିର ପାହାଚରେ ମଣିଷ ଯେତେ ଆଗକୁ ଯାଉଛି ନିଜ ପାଖରେ ନିଜେ ସେତେ ହାରୁଛି ।

**ସମକାଳରେ ସ୍ଥାନିତ ଓଡ଼ିଆ କବିତା :-**

ପତ୍ରିକାର ପ୍ରଥମ ସଂଖ୍ୟାରେ ଭାରତ ମାଝିଙ୍କ 'ଦୁଃଖ ବିକିବାର ବେଳ', 'ଭାଦ୍ରବ ୨୦୧୧', 'ଡାହାଣୀ' (୨/୨୦୧୧) ଏହି କବିତାଗୁଡ଼ିକରେ କବି ଦୁଃଖର ମୂଲ୍ୟ ଓ ଦୁଃଖର ଅର୍ଥ ଯେ ସବୁ କ୍ଷେତ୍ରରେ ସମ୍ମାନ ତାହା ବିଭିନ୍ନ କବିତାରେ ଦର୍ଶାଇଛନ୍ତି । ସେହିପରି ଶକ୍ତି ମହାନ୍ତି, କୃଷ୍ଣ କୁମାର ମହାନ୍ତି, ଶିବ କେ କୁମାର, ସୁରଜିତ ପାତ୍ର, ହରପ୍ରସାଦ ଦାସ, ଶର୍ମିଷ୍ଠା ସାହୁ, ଦୁର୍ଗା ପ୍ରସାଦ ପଣ୍ଡା, ଜ୍ଞାନୀ ଦେବାଶିଷ ମିଶ୍ର ପ୍ରଭୃତି ଯୁବ କବିଙ୍କୁ ସମକାଳ ସ୍ଥାନ ଦେଇଛି । ନୂଆ ପୁରୁଣା କବିଙ୍କ ଲେଖନୀରେ ସମକାଳ କିଛି ନୂଆ ଭାବକୁ ପାଠକ ସମ୍ମୁଖକୁ ଆଣିପାରିଛି । ବରିଷ୍ଠ କବିଙ୍କୁ ଏଥିରୁ ବାଦ୍ ଦିଆଯାଇନାହିଁ । ରମାକାନ୍ତ ରଥଙ୍କ 'ଏଥର ଗଲା ବେଳକୁ', ହରପ୍ରସାଦ ଦାସଙ୍କ 'ରବୀନ୍ଦ୍ର ସଙ୍ଗୀତ' (୯/୨୦୧୨), ଦେବଦାସ ଛୋଟରାୟଙ୍କ 'କାଳ' (୯/୨୦୧୨), ଦାଶ ବେନହୁରଙ୍କ 'ବୟସ୍କର ନାନାବାୟା ଗୀତ' (୯/୨୦୧୨), ସୁନୀଲ କୁମାର ପୃଷ୍ଟିଙ୍କ 'ନିଶାଗ୍ରସ୍ତ ଶାୟାରୀ' (୯/୨୦୧୨), ରୁନୁ ମହାନ୍ତିଙ୍କ 'ପାଣି'(୯/୨୦୧୨) ଆଦି । ଏହି ସବୁ କବିତାରେ ବିଶେଷତଃ ମୃତ୍ୟୁ ସମୟର ଭୟାବହ ପରିଣତି ପୁଣି ମୃତ୍ୟୁକୁ ଖୁସିରେ ଆଲିଙ୍ଗନ କରୁଥିବାର ଚିତ୍ର, ବୃଦ୍ଧ ବେଳରେ ଯୌବନର ଉଦ୍ଧତପଣିଆ ଆଦି କବିଙ୍କ କାଳ୍ପନିକ ଭାବକୁ ଦର୍ଶାଯାଇଛି । 'ସମକାଳ' ସାଂପ୍ରତିକ ସମୟରେ ପାଦ ଦେଉଥିବା କିଛି ନୂଆ କବିକୁ ଅଧିକ ଗୁରୁତ୍ୱ ଦେଇଛି । ବିଶେଷତଃ ଯୁବ କବିଙ୍କ କବିତାକୁ ନେଇ ସମକାଳ କବିତାର କଳେବର ମଣ୍ଡିତ । ପ୍ରତି ସଂଖ୍ୟାରେ କେବଳ ଗୋଟିଏ କବିର ତିନୋଟି କବିତାକୁ ଗ୍ରହଣ କରାଯାଇଛି ଏବଂ କବିତାର ଆକାର ବଡ଼ ନଥିଲେ ମଧ୍ୟ ପାଠକଙ୍କ ଦୃଷ୍ଟି ଆକର୍ଷଣ ନିମିତ୍ତ କବିତାର କିଛି ମନୋହର ଅଂଶକୁ ବଡ଼ କଳା ଅକ୍ଷରରେ ଦର୍ଶାଯାଇଛି । କବିତାର ସେହି ଧାଡ଼ିକୁ ପଢ଼ି ପାଠକ କବିତାର ନିର୍ଯ୍ୟାସକୁ ଅନୁଭବ କରିପାରିବେ । ସେହି କବିତା ଓ କବିଙ୍କ ସଂପର୍କରେ ସାହିତ୍ୟର ଜଣାଶୁଣା କବିଙ୍କ ଦ୍ୱାରା ଆଲୋଚନା କରାଯାଇଛି । ଏହା ଦ୍ୱାରା ପାଠକ କବିତା ନପଢ଼ି ଆଲୋଚନା ମାଧ୍ୟମରେ ବିଶେଷ ଜ୍ଞାନ ଲାଭ କରିପାରିବେ । ପତ୍ରିକାର ଏହି କୌଶଳଟି ସଂପ୍ରତି ପତ୍ରିକା ଠାରୁ ପୁରାପୁରି ଭିନ୍ନ ଓ ନୂତନ ।

**ପ୍ରବନ୍ଧ :-**

ସମକାଳରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ଗୋଟିଏ ଗୋଟିଏ ପରିପୂର୍ଣ୍ଣ ପ୍ରବନ୍ଧ ନହେଲେ ବି ପ୍ରବନ୍ଧର ଆଂଶିକ ରୂପ । ମୌଳିକ ବା ନୂତନ ପ୍ରବନ୍ଧ ବ୍ୟତୀତ କିଛି ପୂର୍ବରୁ ପ୍ରକାଶିତ ଆଲେଖ୍ୟକୁ ଟିକିଏ ନୂତନ ଭଙ୍ଗୀରେ ଏହା ସ୍ଥାନ ଦେଇଛି । ଯେପରିକି ୨୦୧୨ ମସିହା ମେ ମାସ ୧ ତାରିଖରେ ପ୍ରସନ୍ନ କୁମାର ସ୍ୱାଇଁଙ୍କ ଭାଷା ସଂପର୍କୀୟ ଆଲୋଚନା 'ଓଡ଼ିଆ ଅସ୍ମିତା ଓ ଇଂରାଜୀ ଭାଷା' (୬/୨୦୧୨) କୁ ଯୁକ୍ତି ବଳରେ ଖଣ୍ଡନ କରିଛନ୍ତି ଭାଷାବିଦ୍ ଦେବୀପ୍ରସନ୍ନ ପଟ୍ଟନାୟକ । ପ୍ରାବନ୍ଧିକ ସ୍ୱାଇଁ ଇଂରାଜୀ ଭାଷାକୁ ଓଡ଼ିଆ ଭାଷା ଉନ୍ନତିର ସହାୟକ ଏବଂ ଏହା ଉଚ୍ଚାରଣ ଦ୍ୱାରା ଓଡ଼ିଆ ବିପନ୍ନ ନୁହେଁ ବରଂ ଅଗ୍ରଗତିର ମାଧ୍ୟମ ବୋଲି କହିଥିଲା ବେଳେ ଶ୍ରୀ ପଟ୍ଟନାୟକ ଓଡ଼ିଆ ଭାଷାର ପ୍ରକୃତ ଅସ୍ତିତ୍ୱକୁ ଜାହିର କରି ଇଂରାଜୀ ଭାଷା ବିରୋଧରେ ନୁହଁ କିନ୍ତୁ ତାଙ୍କ ମତରେ ପ୍ରଥମେ ନିଜର ମାତୃଭାଷା ପରେ ଅନ୍ୟ ବିଦେଶୀ ଭାଷା ବୋଲି କହିଛନ୍ତି ।

ସୁଭାଷିସ ପାଣିଗ୍ରାହୀଙ୍କ 'ଉଇକିପିଡ଼ିଆ ଓ ଓଡ଼ିଆ ସାହିତ୍ୟ'(୨/୨୦୧୨) ଆଲୋଚନାରେ ଆଜିର ଆଧୁନିକ ଯୁଗରେ ଯାନ୍ତ୍ରିକ ଶକ୍ତିର ଗୁରୁତ୍ୱ ସଂପର୍କରେ ବର୍ଣ୍ଣନା ରହିଛି । ଯେପରି ଉଇକିପିଡ଼ିଆ ମାଧ୍ୟମରେ ସାହିତ୍ୟର କିଭଳି ପ୍ରଚାର ପ୍ରସାର ହୋଇପାରିବ ବିଶ୍ୱର ଯେକୌଣସି ସ୍ଥାନରେ ବାସ କରୁଥିବା ଭାଷାପ୍ରେମୀଙ୍କ ନିକଟରେ ଓଡ଼ିଆ ସାହିତ୍ୟ ପହଂଚି ପାରିବ ତାହା ଆଲୋଚନାର ମୁଖ୍ୟ ବିଷୟବସ୍ତୁ । ଅପୂର୍ବ ରଂଜନ ରାୟଙ୍କ 'ଓଡ଼ିଆ ଛାପାଖାନା' (୬/୨୦୧୨) ରେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତିରେ ହାତଚାଳ ଓ ଅକ୍ଷରଖଞ୍ଜା ଛାପାଖାନାର

ଭୂମିକା କିଭଳି ଥିଲା ତାହା ଆଲୋଚିତ । ୧୮୩୬ରେ ମିସନାରୀଙ୍କଦ୍ୱାରା ଗଠିତ ଓଡ଼ିଶା ମିସନ ପ୍ରେସ ଠାରୁ ୧୯୫୩ରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଉତ୍କଳୟୁନିଭରସିଟି ପ୍ରେସ ପର୍ଯ୍ୟନ୍ତ ଗଢ଼ି ଉଠିଥିବା ବିଭିନ୍ନ ଛାପାଖାନା ବିଷୟ ଦର୍ଶାଯାଇଛି । ସମକାଳରେ ପ୍ରକାଶିତ ପ୍ରବନ୍ଧରେ କିଛି ମୌଳିକ ପ୍ରବନ୍ଧ ଓ କିଛି ପୂର୍ବ ପ୍ରକାଶିତ ବରିଷ୍ଠ ସମାଲୋଚକ ଓ ନୂତନ ଆଲୋଚକଙ୍କୁ ଏକତ୍ର କରାଯାଇଛି । ସମକାଳ ଆଲୋଚନା ଓ ପ୍ରବନ୍ଧକୁ ଉଭୟ ମିଳିତ ରୂପରେ ଦର୍ଶାଇ ପାଠକକୁ ଏକ ନୂଆ ସ୍ୱାଦ ଦେବାରେ ସମର୍ଥ ହୋଇଛି।

**ଅଭିବ୍ୟକ୍ତି :-**

ସମକାଳ ଆଧୁନିକ ସାହିତ୍ୟର ଚିରାଚରିତ ବିଭାଗକୁ ବାଦ ଦେଇ ଆଣିଛି କିଛି ନୂତନ ବିଷୟ । ଏଇ ଯେମିତି 'ଅଭିବ୍ୟକ୍ତି' ଅର୍ଥାତ୍ ସାହିତ୍ୟର କେତେକ ବିଷୟକୁ ନେଇ ଲେଖକଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀ, କୌଣସି ଏକ ଉତ୍ସବରେ କବିଙ୍କ କହିଥିବା କିଛି ଅଭିଭାଷଣ, ଲେଖକଙ୍କ ରଚିତ ପୁସ୍ତକକୁ ନେଇ ପାଠକ ଏବଂ ଅନ୍ୟ ଏକ କବିର ପତ୍ର ମଧ୍ୟରେ ଥିବା ମତାମତ, ଜଣେ ଲେଖକ ମନରେ ଆଉ ଜଣେ ଲେଖକର ଭାବନା ଆଦି ବିଷୟକୁ ଏହି ବିଭାଗରେ ଗ୍ରହଣ କରାଯାଇପାରେ । ପତ୍ରିକାର ପ୍ରଥମ ସଂଖ୍ୟାରେ ରହିଛି ଯୁବ ଗାଳ୍ପିକ ଆଦିତ୍ୟେଶ୍ୱରଆଦିତେସ୍ୱରଙ୍କୁ ନେଇ ବରିଷ୍ଠ କଥାଶିଳ୍ପୀ ଓ କବି ଅଜୟ ସ୍ୱାଇଁଙ୍କ ଅନ୍ତରଙ୍ଗ ପ୍ରତିବେଦନାର ଚିତ୍ର । ଜଣେ ଲେଖକ ମନରେ ଅନ୍ୟ ଜଣେ ଲେଖକର ଜୀବନୀ ଓ ସୃଜନୀକୁ ନେଇ ଥିବା କିଛି ମନ୍ତବ୍ୟ ଏଥିରେ ପ୍ରକାଶିତ । ସେହିଭଳି ୧୯୯୦ ମସିହାରେ ସମଗ୍ର ସାହିତ୍ୟରେ ହଇଚଇ ସୃଷ୍ଟି କରିଥିବା କମଳା କାନ୍ତ ମହାପାତ୍ରଙ୍କ କ୍ଷୁଦ୍ର ଉପନ୍ୟାସ 'ଫଟୋ'କୁ ନେଇ ବିଶିଷ୍ଟ ଗାଳ୍ପିକ କିଶୋରୀ ଚରଣ ଦାସ ଓ ସମାଲୋଚକ ଜଗନ୍ନାଥ ପ୍ରସାଦ ଦାସଙ୍କ ଚିଠିର ମର୍ମାନୁବାଦ । 'ଫଟୋ' ଉପନ୍ୟାସରେ ଔପନ୍ୟାସିକଙ୍କ ଭାଷା ସଂପୂର୍ଣ୍ଣ ମୁକ୍ତ ଶୈଳୀରେ ରଚିତ । ଏପରି କିଛି ଅଶ୍ଳୀଳ ଶବ୍ଦ ପ୍ରୟୋଗ କରି ପାଠକ ମହଲରେ ନିନ୍ଦାର ବିଷୟ ପାଲଟିଛନ୍ତି ଔପନ୍ୟାସିକ ମହାପାତ୍ର । କିନ୍ତୁ କିଶୋରୀ ଚରଣ ଦାସ ଏହାକୁ ଆଧୁନିକ ସାହିତ୍ୟ ପାଇଁ ସ୍ୱାଗତ ଜଣାଇଛନ୍ତି ଏବଂ ସମାଲୋଚକ ଜଗନ୍ନାଥ ପ୍ରସାଦ ଦାସ ଏହା ଓଡ଼ିଆ ରେୟୁଲାଇସେସ ଭଳି କହି ଏଭଳି କିଛି ଆଗକୁ ଓଡ଼ିଆ ସାହିତ୍ୟରେ ଘଟିବ 'ଫଟୋ' ଏହାର ମୂଳଦୁଆ ବୋଲି ମତ ଦିଅନ୍ତି । ଜଗନ୍ନାଥ ପ୍ରସାଦ ଦାସ ଓ ହର ପ୍ରସାଦ ଦାସ ବିଭିନ୍ନ ଉତ୍ସବରେ ନିମନ୍ତ୍ରିତ ଅତିଥି ଅଭିଭାଷଣରେ ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଦେଇଥିବା ଅଭିବ୍ୟକ୍ତି ଏଠାରେ ପ୍ରକାଶିତ । ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ଓଡ଼ିଆ ସାହିତ୍ୟ ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଉଛି ଓ ନାନା ସମସ୍ୟା ଦେଇ ଗତି କରୁଛି ଆଦି ନାନା ସଙ୍କଟକୁ ବହୁ ବ୍ୟକ୍ତି ବ୍ୟକ୍ତ କରୁଥିବା ବେଳେ ଶ୍ରୀଯୁକ୍ତ ଜେ.ପି. ଦାସ କହନ୍ତି ଯେଉଁ ଭାଷା ଯେତେ ସହଜରେ ଅନ୍ୟ ଭାଷା ଓ ଶୈଳୀକୁ ନିଜର କରିବ ସେ ଭାଷା ସେତେ ଉନ୍ନତ ଓ ପ୍ରଗତିଶୀଳ ହେବ । ସେହିପରି ହରପ୍ରସାଦ ଦାସ (୩୦/୩/୨୦୧୨) ଭୁବନେଶ୍ୱର ରେଡ଼କ୍ରସ ଭବନରେ ଅନୁଷ୍ଠିତ ଅମୃତାୟନ ବାର୍ଷିକ ଉତ୍ସବରେ ଥିବା ଅଭିବ୍ୟକ୍ତିଟି ଥିଲା 'ସାହିତ୍ୟରେ ନୂଆ କଣ ?' । ଆଲୋଚକଙ୍କ ମତରେ ଆମକୁ ସାହିତ୍ୟରେ ନୂତନତା ଜାଣିବାକୁ ହେଲେ ପ୍ରଥମେ ପୁରାତନ ବିଷୟରେ ଜାଣିବାକୁ ହେବ । ସେହି ପ୍ରାଚୀନର ମଧ୍ୟ ଦେଇ ସାହିତ୍ୟ ଆଧୁନିକ ଅଭିମୁଖୀ ହୋଇଛି ଭବିଷ୍ୟତକୁ ମଧ୍ୟ ଉତ୍ତର ଆଧୁନିକର ପ୍ରଭାବ ଏଥିରେ ଦେଖାଯିବ । ଏହିଭଳି କିଛି ଅଲୋଚକଙ୍କ ମତାମତକୁ ନେଇ ସମକାଳର ଅଭିବ୍ୟକ୍ତି ସ୍ଥାନିତ ।

**ସ୍ୱୀକାରୋକ୍ତି :-**

ଗଳ୍ପ, ଉପନ୍ୟାସ, କବିତା ପଢୁପଢୁ ବେଳେ ବେଳେ ପାଠକର ମନେହୁଏ ହୃଦୟକୁ ଦୋହଲାଇ ଦେଉଥିବା ସେହି ଲେଖକକୁ ପ୍ରତ୍ୟକ୍ଷ ଦର୍ଶନ କରିବା ପାଇଁ ଏବଂ ସେହି ଲେଖକର କିଛି ଅଭୁଲା ଅତୀତକୁ ଜାଣିବା ପାଇଁ କିନ୍ତୁ ଏହା ସାଧାରଣ ପାଠକଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ। ସମକାଳର ଏହି ବିଭାଗଟି ସେହିମାନଙ୍କ ପାଇଁ ଯେଉଁମାନେ ନିଜ ପ୍ରିୟର ଲେଖକଙ୍କ ଜୀବନୀ ଓ ସୃଜନୀ ସଂପର୍କରେ ଜାଣିବାକୁ ଆଗ୍ରହୀ। ନିଶ୍ଚିତ ରୂପେ ପ୍ରତି ଲେଖକଙ୍କ ଲେଖନୀ ପଛରେ କିଛି କିଛି ସ୍ମୃତି ଓ ଅନୁଭୂତି ଲୁଚି ରହିଥାଏ ଯାହା ଲେଖିବାକୁ ପ୍ରେରଣା ଯୋଗାଇଥାଏ । ଲେଖକଙ୍କ ଡାଏରୀରେ ଲୁଚି ରହିଥିବା କିଛି ରହସ୍ୟଭରା ଅତୀତକୁ ସମକାଳ ସର୍ବସମ୍ମୁଖରେ ଦର୍ଶାଇଛି ଏହି ସ୍ୱୀକାରୋକ୍ତି ମାଧ୍ୟମରେ । ସମକାଳର ପ୍ରଥମ ସଂଖ୍ୟାରେ ରହିଛି କବି ସୌଭାଗ୍ୟ କୁମାର ମିଶ୍ରଙ୍କ 'ସ୍ମୃତିରେ ସୃଜନ'। ଏଥିରେ କବିଙ୍କ ଚତୁର୍ଥ କବିତା ବହି 'ଅନ୍ଧ ମହୁମାଛି'ର ପ୍ରକାଶ ପରେ ପାଠକ ମହଲରେ କିଭଳି ଏକ ଉନ୍ମାଦନା ସୃଷ୍ଟି ହୋଇଥିଲା ଓ କବିଙ୍କୁ ଉଚ୍ଚକୋଟିର ସଫଳ କବିତା ପୁସ୍ତକ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ ଏହା ଶୁଣି କବିଙ୍କ ମନରେ ସୃଷ୍ଟି ହୋଇଥିବା ବିଭିନ୍ନ ଭାବନାକୁ କବି ନିଜେ କହୁଛନ୍ତି । ସେହିପରି ସରୋଜ ବଳଙ୍କ 'ନୋବେଲ ଅଭିଭାଷଣ ୨୦୧୭' ଶୀର୍ଷକରେ ତରୁଣ କବି ସରୋଜ ବଳ ନୋବେଲ ପୁରସ୍କାର ବିଜେତା ହେଲେ କିଭଳି ଅନୁଭବ ହେବ ତାହା କବିଙ୍କ ମୁହଁରୁ ପ୍ରକାଶିତ। ଅଜୟ ସ୍ୱାଇଁଙ୍କ 'ପ୍ରକାଶକ ମହୋଦୟେଷୁ' (୩/୨୦୧୨)ରେ କବି ନିଜେ ପ୍ରଥମ ପୁସ୍ତକ ପ୍ରକାଶ ବେଳେ ସୃଷ୍ଟି ହୋଇଥିବା ନାନା ସମସ୍ୟା କଥା କହୁଛନ୍ତି। ସେହିଭଳି ନାନା ଲେଖକ ସାହିତ୍ୟ ରଚନାକୁ ନେଇ ଥିବା ଅନୁଭବକୁ ପ୍ରକାଶ କରିଛନ୍ତି ଯଥା ସଦାନନ୍ଦ ତ୍ରିପାଠୀ 'ମୁଁ କାହିଁକି ଲେଖେ' (୩/୨୦୧୨), ରତ୍ନମାଳା ସ୍ୱାଇଁ 'ସଂପାଦିକାଙ୍କ କବିତାର ଆତ୍ମକଥା' (୫/୨୦୧୨), ପ୍ରକାଶ ମହାପାତ୍ର 'ମୁଁ କାହିଁକି ଲେଖେ' (୮/୨୦୧୨), ବିଭୂତି ପଟ୍ଟନାୟକଙ୍କ 'ନବରବିରଉଦୟଅସ୍ତ' (୮/୨୦୧୨) ପ୍ରଭୃତି। ସ୍ରଷ୍ଟାଙ୍କ ନିଜସ୍ୱ ଅନୁଭୂତିକୁ ସମକାଳ ସଂଗ୍ରହ କରି ପତ୍ରିକା ସାହିତ୍ୟରେ ସୃଷ୍ଟି କରିଛି ଏକ ନୂତନ ଆଶା ଓ ଦିଗନ୍ତ ।

**ସାକ୍ଷାତକାର :-**

'ସାକ୍ଷାତକାର' ଏପରି ଏକ ବିଷୟ ଯେଉଁଥିରେ ପାଠକ ସିଧାସଳଖ ନିଜ ପ୍ରିୟ ଲେଖକଙ୍କୁ ଭେଟିବାର ସୁଯୋଗ ଲାଭ କରିଥାଏ । କେବଳ ଦେଖେ ନାହିଁ ତତ୍‌ସହ ତାଙ୍କ ବ୍ୟକ୍ତିଗତ ଜୀବନ, ଲେଖନୀ, ରୁଚି, ଅରୁଚି ଆଦି ସଂପର୍କରେ ପ୍ରତ୍ୟକ୍ଷ ରୂପେ ଜାଣିବାକୁ ପାଇଥାଏ । କୌଣସି ଏକ ବିଷୟ ପଢ଼ିବା ପରେ ମନକୁ ଲେଖାଟି ଅଧିକ ଆକର୍ଷଣୀୟ ମନେହେଲେ ପାଠକ ତାର ସ୍ରଷ୍ଟାଙ୍କୁ ଖୋଜେ ଏବଂ ସେ ସଂପର୍କରେ ଆଉ କିଛି ଜାଣିବାକୁ ଆଗ୍ରହ ପ୍ରକାଶ କରେ କିନ୍ତୁ ତାହା ସର୍ବଦା ସମ୍ଭବପର ହୋଇପାରି ନଥାଏ କିନ୍ତୁ ସାକ୍ଷାତକାର ହେଉଛି ସେହି ମାଧ୍ୟମ ଯାହା ଦ୍ୱାରା ପାଠକ ସେହି ଲେଖକ ସଂପର୍କରେ ବ୍ୟକ୍ତିଗତ ଓ ସାରସ୍ୱତ ସୂଚନା ପାଇପାରିଥାଏ । ଆଧୁନିକ ସାହିତ୍ୟରେ ଅନ୍ୟାନ୍ୟ ବିଷୟ ପରି ସାକ୍ଷାତକାରର ମଧ୍ୟ ବିଶେଷ ଭୂମିକା ରହିଛି । ବର୍ତ୍ତମାନର କିଛି ଲେଖକ ସାହିତ୍ୟରେ ଏଭଳି ଶବ୍ଦ,ଭାଷା ଓ ଭାବର ପ୍ରୟୋଗ କରୁଛନ୍ତି ଯାହା ସାଧାରଣ ପାଠକଙ୍କ ନିମିତ୍ତ ଆପତ୍ତିଜନକ ହୋଇପଡୁଛି କିନ୍ତୁ ସାକ୍ଷାତକାର ମାଧ୍ୟମରେ ତାର ପ୍ରକୃତ କାରଣ ଓ ବାସ୍ତବତା ଜାଣିବାର ଏକ ପଥ ଉନ୍ମୋଚିତ ହୁଏ । ସମକାଳ ପତ୍ରିକାର ବିଶେଷ ଆକର୍ଷଣୀୟ ବିଷୟଟି 'ସାକ୍ଷାତକାର' । ଓଡ଼ିଆ ସାହିତ୍ୟରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ସାହିତ୍ୟକ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାହିତ୍ୟରେ ଚର୍ଚ୍ଚିତ କବିଙ୍କୁ ଏହା ସ୍ଥାନ ଦେଇଛି । ନିୟମାନୁସାରେ ସାକ୍ଷାତକାର ଦୁଇଟି ପ୍ରକ୍ରିୟାରେ କରାଯାଇଥାଏ । ଗୋଟିଏ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଓ ଅନ୍ୟଟି ଘରେ ବସି ମୋବାଇଲ କିମ୍ବା ହ୍ୱାଟସ୍‌ଆପ୍ କିମ୍ବା ପ୍ରଶ୍ନ ଲିଖିତ ରୂପ ମାଧ୍ୟମରେ । ସମକାଳର ପ୍ରତିଟି ସାକ୍ଷାତକାର ଲେଖକଙ୍କ ସିଧାସଳଖ ଉପସ୍ଥିତିରେ ନିଆଯାଇଛି । ପ୍ରତିଟି ସାକ୍ଷାତକାରର ମୁଖ୍ୟ ବିଷୟ ସାହିତ୍ୟଚର୍ଚ୍ଚା । ବିଭିନ୍ନ ଭାଷାର ସାହିତ୍ୟିକଙ୍କ ଜୀବନୀ ଓ ଲେଖନୀ ବିଷୟରେ ସଂପାଦକ ଶ୍ରୀଯୁକ୍ତ ଶୁଭ୍ରାଂଶୁ ପଣ୍ଡା ଜିଜ୍ଞାସୁ ପାଠକ ଭାବେ ପଚାରିଛନ୍ତି । ଏଥିରେ ଅଂଶ ଗ୍ରହଣ କରିଥିବା ଓଡ଼ିଆ ସାହିତ୍ୟର ବିଶିଷ୍ଟ ଲେଖକ ଔପନ୍ୟାସିକ ବିଭୂତି ପଟ୍ଟନାୟକ, କବି ରାଜେନ୍ଦ୍ର କିଶୋର ପଣ୍ଡା ଓ କବି ହରପ୍ରସାଦ ଦାସ । ଓଡ଼ିଆ ସାହିତ୍ୟର ଏହି ତିନି ମହାରଥୀଙ୍କ ଅବଦାନ ଅତୁଳନୀୟ । ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଲେଖନୀଚାଳନା କରିଥିଲେ ମଧ୍ୟ ଉପନ୍ୟାସ ଓ କବିତା ରଚନାରେ ଏମାନେ ଅଗ୍ରଗଣ୍ୟ । ସାହିତ୍ୟରେ ସୃଷ୍ଟି ହେଉଥିବା ନାନା ସମସ୍ୟା, କବିତା, ଗଳ୍ପ, ଉପନ୍ୟାସ ଆଦିକୁ ନେଇ ନାନା ଅଭିମତ, କବିଙ୍କ ଜୀବନୀ ଆଦି ଏହାର ମୁଖ୍ୟ ବିଷୟ।

ଓଡ଼ିଆ ଲେଖକ ସହ କିଛି ବିଶ୍ୱ ବିଖ୍ୟାତ ସାହିତ୍ୟିକଙ୍କୁ ସମକାଳ ଭେଟିଛି ଓ ସେମାନଙ୍କ ସହ ସାହିତ୍ୟ ଆଲୋଚନାକୁ ଅତ୍ୟନ୍ତ ମନୋରମ ଶୈଳୀରେ ସଂଗ୍ରହ କରିଛି। ଯଥା- ଦକ୍ଷିଣ ଆମେରିକୀୟ କାବ୍ୟ ଜଗତରେ ବଳିଷ୍ଠ କବି ପାବ୍ଲୋ ନେରୁଦା, ଆଇଜାକ୍‌ବାଶେଭିସ୍ସିଙ୍ଗର ଓ ଗାବ୍ରିଏଲ୍ ଗାର୍ସିଆ ମାର୍କ୍ଵେଜ୍ । କବିଗୁରୁ ରବୀନ୍ଦ୍ରନାଥଙ୍କ ୧୫୦ତମ ଜନ୍ମ ବାର୍ଷିକୀ ପାଳନର ଉଦଯାପନ ଅବସରରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ରବୀନ୍ଦ୍ର ଭବନରେ ଆୟୋଜିତ ୨୪ଟି ଭାରତୀୟ ଭାଷାରେ ଯେଉଁ କବିମାନେ ଉପସ୍ଥିତ ଥିଲେ ସେମାନଙ୍କ ମଧ୍ୟରୁ ୨ଜଣ ମନଛୁଆଁ କବିଙ୍କୁ ସମକାଳ ଏକତ୍ର କରିଛି । ପଞ୍ଜାବୀ ଓ ଇଂରାଜୀ ସାହିତ୍ୟକୁ ନେଇ ଲେଖକଙ୍କ ଅଭିମତକୁ ସଂଗ୍ରହ କରିବାରେ ସଫଳ ହୋଇଛି ସମକାଳ । ଏଥିରେ ରହିଛି ଲେଖକଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ କିଛି ପ୍ରଶ୍ନ, ସାହିତ୍ୟ ପ୍ରତି ଦୁର୍ବଳତାର କାରଣ, ଲେଖନୀର ଶୈଳୀ, ଅନ୍ୟ କିଛି କବିଙ୍କ ସଂପର୍କରେ ମତାମତ, ସାହିତ୍ୟିକ ଅଭିଜ୍ଞତା, ସାମାଜିକ ଓ ସାହିତ୍ୟିକ ବାତାବରଣ, ପୁରସ୍କାର ସଂପର୍କରେ କେତେକ ପ୍ରଶ୍ନ, ସାହିତ୍ୟର ସଫଳତା ଏବଂ ଭବିଷ୍ୟତର କିଛି ସ୍ୱପ୍ନ ଆଦି ସଂପର୍କିତ ବିଭିନ୍ନ ପ୍ରଶ୍ନ । ସମକାଳରେ ପ୍ରକାଶିତ ପ୍ରତି ସାକ୍ଷାତକାର ସଂପାଦକ ଶୁଭ୍ରାଂଶୁ ପଣ୍ଡାଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆଲୋଚିତ । ପ୍ରତ୍ୟେକ ସାକ୍ଷାତକାରରେ ତିରିଶରୁ ଚାଳିଶଟି ପ୍ରଶ୍ନ ରହିଛି । ଉଭୟ ଶ୍ରୋତା ଓ ବକ୍ତାଙ୍କ ପ୍ରଶ୍ନ ଓ ଉତ୍ତର ସହଜ ଓ ସରଳ ।

**ଅନ୍ୟାନ୍ୟ ରଚନା :-**

ପ୍ରଥମରୁ କବିଙ୍କ ବ୍ୟକ୍ତିଗତ ଜୀବନୀ ଓ ସୃଜନୀରୁ ଆରମ୍ଭ ହୋଇ ସାହିତ୍ୟ ତଥା ସାମାଜିକ ବାତାବରଣ, ବିଶ୍ୱ ସଂରକ୍ଷଣ, ଆଧୁନିକ ସମସ୍ୟା ଆଦିରେ ଶେଷ ହୋଇଛି । ଓଡ଼ିଆ ଲେଖକ ସହ ଅନ୍ୟ ଭାଷା ସାହିତ୍ୟର କବିଙ୍କୁ ଏକତ୍ରିତ କରି ସମକାଳ ସାହିତ୍ୟିକ ବାତାବରଣକୁ କରିଛି ଉଜ୍ଜ୍ୱଳ ଓ ବୌଦ୍ଧିକ । ଅନ୍ୟାନ୍ୟ ସ୍ମରଣୀୟ ଗଳ୍ପ, ଆଲୋଚନା, ମାସିକ ଗଳ୍ପ, କବିତା, ଜୀବନୀ, ସ୍ୱୀକାରୋକ୍ତି, ଅଭିବ୍ୟକ୍ତି ଓ ସାକ୍ଷାତକାର ପ୍ରଭୃତି ବ୍ୟତୀତ ଅନ୍ୟାନ୍ୟ ବିଷୟକୁ ମଧ୍ୟ ସମକାଳ ଗୁରୁତ୍ୱ ଦେଇଛି । ପ୍ରାଥମିକ ସ୍ତରରୁ ଏହା ଧାରାବାହିକ ଭାବେ ସ୍ଥାନିତ ହୋଇଆସୁଥିଲା ବେଳେ ୨୦୧୨ ମସିହା ପୂଜା ସଂଖ୍ୟାରେ ଅନ୍ୟ କେତୋଟି ବିଷୟକୁ ଯୋଗ କରାଯାଇଛି ଉପନ୍ୟାସ, ନାଟକ, ଫିଚର, ଅନୁବାଦ ଗଳ୍ପ ଆଦି । ସମକାଳର ଏକମାତ୍ର ଉପନ୍ୟାସ 'ଷ୍ଟୋରୀ : ଖତରନାକ' (୯/୨୦୧୨) ସମକାଳୀନ ଓଡ଼ିଆ ସାହିତ୍ୟର ଚର୍ଚ୍ଚିତ ଔପନ୍ୟାସିକ ଦେବ୍ରାଜ ଲେଙ୍କାଙ୍କ ଦ୍ୱାରା ରଚିତ । ଉପନ୍ୟାସର ଆରମ୍ଭ କବିତା ରୂପ ନେଇ ଶେଷରେ ଦ୍ୱନ୍ଦ୍ୱାତ୍ମକ ପରିବେଶ ମଧ୍ୟରେ ସମାପ୍ତ ହୋଇଛି। ଔପନ୍ୟାସିକଙ୍କ ଅନ୍ୟାନ୍ୟ ଉପନ୍ୟାସ ଭଳି ଏଥିରେ ଶାଣିତ ଶବ୍ଦର ପ୍ରଖରତାକୁ ବୁଝିବା ବଡ଼ କଠିନ । ନାଟ୍ୟକାର ନାରାୟଣ ସାହୁଙ୍କ 'ରାଗ ବିରାଗ ଅନୁରାଗ' (୯/୨୦୧୨) ନାଟକରେ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାର କୁପରିଣତିକୁ ସ୍ୱୟଂ ଦେଖିଛନ୍ତି ବିଦ୍ୟାପତି ଗଣେଶ ଓ ନାରଦ । ଟଙ୍କାର ଲାଳସାରେ ଶିକ୍ଷାର ବ୍ୟବସାୟକୁ ଏଥିରେ ପ୍ରତିପାଦନ କରାଯାଇଛି । ମଝିରେ ମଝିରେ କାବ୍ୟାତ୍ମକ ଶୈଳୀରେ ସଂଳାପ ମୁଖରିତ । ଦୃଶ୍ୟ ମଧ୍ୟରେ ଅଦୃଶ୍ୟ କାବ୍ୟସତ୍ତା। ଓ କାବ୍ୟ ମାଧ୍ୟମରେ ଦୃଶ୍ୟାନୁଭୂତି ଉପଲବ୍ଧି ହୁଏ ନାଟକଟିରେ । ସତ୍ୟଜିତ ରାୟଙ୍କ ଅନୁସରଣରେ ଶୈଳଜ ରବିଙ୍କ ଷୋହଳ ବର୍ଷ ବୟସର ଫିଲ୍ମ ଜଗତରେ ନିର୍ଦ୍ଦେଶକ ହେବାର ନିଶାକୁ ଫିଚର

ଆକରରେ ଦର୍ଶାଯାଇଛି । ଅନୁବାଦ ଗଳ୍ପରେ ରହିଛି ପଞ୍ଜାବୀ ଗାଳ୍ପିକ କର୍ତ୍ତାର ସିଂ ଦୁଗଗଲଙ୍କ 'ଅହିଂସା ପରମୋ ଧର୍ମଃ', ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଆଦି ରଚନା ସମକାଳରେ ଅନୁବାଦ ରଚନାରେ ପୃଷ୍ଠାମଣ୍ଡନ କରିଛି ।

**ସଂପାଦକୀୟ :-**

ଏକବିଂଶ ଶତାବ୍ଦୀର ବରିଷ୍ଠ ସଂପାଦକଙ୍କ 'ସଂପାଦକୀୟ' ଠାରୁ ଯୁବ ସଂପାଦକ 'ସଂପାଦକୀୟ' ରଚନା ଭିନ୍ନ । ଆଧୁନିକ ଓଡ଼ିଆ ସାହିତ୍ୟରେ ତରୁଣ ସଂପାଦକ ଶ୍ରୀ ଶୁଭ୍ରାଂଶୁ ପଣ୍ଡା ଏକ ଉଲ୍ଲେଖନୀୟ ପ୍ରତିଭା । ସାହିତ୍ୟରେ କେବଳ ଜଣେ ସଂପାଦକ ରୂପେ ସେ ଆଦୃତି ଲାଭ କରିନାହାଁନ୍ତି ବରଂ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରକାଶକ ଭାବେ ବେଶ ସୁନାମ ଅର୍ଜନ କରିଛନ୍ତି । ଗଳ୍ପ ପୁସ୍ତକ ପାଇଁ ୨୦୦୭ ମସିହା ରାଜ୍ୟ ଯୁବ ପୁରସ୍କାର ଲାଭ କରିଛନ୍ତି । ଶ୍ରୀ ପଣ୍ଡାଙ୍କର ସାହିତ୍ୟ ପ୍ରତି ଥିବା ଅନାବିଳ ଭଲପାଇବାକୁ ତାଙ୍କ ସଂପାଦକୀୟରୁ ଅନୁଭବ କରିହୁଏ । ତାଙ୍କ ସଂପାଦକୀୟର ମୁଖ୍ୟ ବିଷୟବସ୍ତୁ ସାଂପ୍ରତିକ ସାହିତ୍ୟ ଓ ସାହିତ୍ୟିକଙ୍କ କ୍ଷେତ୍ରରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା । ଆମ ସମାଜ ଓ ସଭ୍ୟତା ଧୀରେ ଧୀରେ ଉନ୍ନତି ପଥରେ ଗତି କରୁଥିବା ବେଳେ ଓଡ଼ିଆ ସାହିତ୍ୟିକଙ୍କ ଅବସ୍ଥା ଖୁବ ଜଟିଳ । ଓଡ଼ିଆ ଭାଷାର ମହାନତା, ଉଚ୍ଚ ଲେଖକର ଧର୍ମ, ମାନବିକ ଶକ୍ତି ନିକଟରେ ଯନ୍ତ୍ର ଶକ୍ତିର ଦୁର୍ବଳତା ବ୍ୟକ୍ତ କରିବା ପ୍ରଭୃତି ସଂପାଦକୀୟର ମୁଖ୍ୟ ଉଦ୍ଦେଶ୍ୟ । ବାସ୍ତବରେ ଧୀରେ ଧୀରେ ମଣିଷ ଭିତରୁ ମାନବିକତା ଲୋପ ପାଇବାକୁ ବସିଲାଣି । ବିନା ସ୍ୱାର୍ଥରେ ଏଠି କେହି କାହା ପାଖ ଭିଡ଼ି ନଥାନ୍ତି। ସାଧାରଣ ଲୋକ ନିକଟରେ ଏହା ରହିପାରେ କିନ୍ତୁ ସାହିତ୍ୟିକଙ୍କ ଠାରେ ଯଦି ଦେଖାଯାଏ ତେବେ ସେ ସାହିତ୍ୟର ମାନବିକତା ଲୋପ ପାଇବା ବା କେତେ ଦିନ? ଶ୍ରୀ ପଣ୍ଡାଙ୍କ 'ସତୀର୍ଥ ଭାବ' ଶୀର୍ଷକରେ ଶିଶୁ ସାହିତ୍ୟ ପତ୍ରିକାର ସଂପାଦକ ବିଜୟ କୁମାର ମହାପାତ୍ରଙ୍କ ଦେହାନ୍ତକୁ ନେଇ ଘଟିଥିବା କିଛି ଦୃଶ୍ୟକୁ ଏଠାରେ ଦର୍ଶାଯାଇଛି । ଓଡ଼ିଆ ସାହିତ୍ୟର ଜଣେ ବିଶିଷ୍ଟ ସାହିତ୍ୟିକ ଓ ସଂପାଦକଙ୍କ କର୍କଟ ରୋଗ ଆକ୍ରାନ୍ତ କଥା ଶୁଣି ମଧ୍ୟ ଅଶୁଣା କରିଥିବା ସେହି ସମଗୋଷ୍ଠୀସାହିତ୍ୟିକଙ୍କ ମନରେ କୌଣସି ପ୍ରତିକ୍ରିଆ ଦେଖାଦେଇନଥିବା ଶ୍ରୀ ପଣ୍ଡାଙ୍କ ଉକ୍ତ ମନ୍ତବ୍ୟ । ଯଦି ସମଗୋଷ୍ଠୀର ମଣିଷ ଭିତରେ ଉଦାରତା ଭାବ ଦେଖା ନଦିଏ ତାହେଲେ ଓଡ଼ିଆ ସାହିତ୍ୟର ଅବସ୍ଥା ଆଗକୁ କ'ଣ ଯେ ହୋଇପାରେ । ଶ୍ରୀ ପଣ୍ଡାଙ୍କ ମତରେ "ବେଳେ ବେଳେ ମନେ ହୁଏ ଏଇଥି ପାଇଁ ବୋଧ ହୁଏ ସାହିତ୍ୟରୁ କମି ଯାଉଛି ରସବୋଧ । ଆଧୁନିକ ବ୍ୟସ୍ତ ଜୀବନ, ମେଟ୍ରୋ ମଣିଷ ଭଳି ସାହିତ୍ୟ ବି କ୍ରମେ ଏକ ଯନ୍ତ୍ର ପାଲଟିଯିବ ।" (୪) (ସମକାଳ,ପ୍ରଥମ ସଂଖ୍ୟା, ୨୦୧୨, ପୃଷ୍ଠା ୪୦) ସେହିଭିଳି ସାହିତ୍ୟର ଅନ୍ୟ ଏକ ଦୁଃଖଭରା ଦୃଶ୍ୟକୁ ଦେଖିବାକୁ ମିଳେ ସଂପାଦକଙ୍କ 'ଗୋପୀନାଥ ଫଟୋ' (୪/୨୦୧୨) ଶୀର୍ଷକରେ । ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ଗୋପୀନାଥ ମହାନ୍ତି । ଶ୍ରୀ ମହାନ୍ତି ଆଜି ଆମ ଗହଳିରେ ନାହାଁନ୍ତି ସତ ମାତ୍ର ସେଭଳି ଏକ ପ୍ରତିଭାବାନ ବ୍ୟକ୍ତିଙ୍କ ଫଟୋଚିତ୍ରକୁ ଅନ୍ୟ ବ୍ୟକ୍ତି ସହ ଯୋଡ଼ି ଇଣ୍ଟରନେଟରେ ଛାଡ଼ିବା ତାହା ପୁଣି ଇଂରାଜୀ ଖବର କାଗଜ The Hindu ଏହାଠାରୁ ଲଜ୍ଜ୍ୟାକର ବିଷୟ କ'ଣ ହୋଇପାରେ ଏବଂ ଆଉ ଏକ ପରିତାପର ବିଷୟ ହେଉଛି ଏହି କଥାଟି ଆମ ବୁଦ୍ଧିଜୀବୀଗଣ ଜାଣି ମଧ୍ୟ ଚୁପ ରହିବା । ସଂପାଦକଙ୍କ ମତରେ "ସତକଥା ହେଲା, ଏଠି ସାହିତ୍ୟର ଲାଭ ପାଇଁ ପ୍ରତିବାଦ ହୁଏନାହିଁ, ହୁଏ ନିଜର ବ୍ୟକ୍ତିଗତ ଫାଇଦା ନିମନ୍ତେ ।" (୫) (ସମକାଳ,ତୃତୀୟ ସଂଖ୍ୟା, ୨୦୧୨, ପୃଷ୍ଠା ୪୦) ଓଡ଼ିଆ ସାହିତ୍ୟକୁ ଜୀବନ୍ୟାସ ଦେବାରେ ଯେଉଁ କୃତିତ୍ୱସଂପନ୍ନ ବ୍ୟକ୍ତିଙ୍କର ଅବଦାନ ଅତୁଳନୀୟ ସେମାନଙ୍କୁ ଆଜି ଅସମ୍ମାନ କରିବା ଓ ଏଭଳି ଏକ କାର୍ଯ୍ୟ ପାଇଁ କୌଣସି ପଦକ୍ଷେପ ନନେବା ଏହା ଆମ ସାହିତ୍ୟ ପାଇଁ ବଡ଼ ଦୁଃଖଦାୟକ ବିଷୟ । ସାଧାରଣ ସରଳ ଜୀବନକୁ ଅତିକ୍ରମ କରି ଆଜି ମଣିଷ ଉପଭୋଗ କରୁଛି ଏକ ବିରାଟ ବିଳାସ ବ୍ୟସନର ଦିନ । ପ୍ରତିଟି ପଦାର୍ଥ ମଧ୍ୟରେ ରହିଛି ଉତ୍ତମ ଜ୍ଞାନ କୌଶଳ ଓ ଆଧୁନିକତାର ସ୍ପର୍ଶ । କିନ୍ତୁ ସଂପାଦକଙ୍କ ମତରେ "ଆଜିର କମ୍ପ୍ୟୁଟର, ମୋବାଇଲ ଯୁଗ ଠାରୁ ଶହସ୍ରାଧିକ ଉତ୍ତମ କାଗଜ କଲମର ଦିନ । ରଙ୍ଗୀନ ପରଦା ଠାରୁ ଶ୍ରେୟ କଳା ଧଳାର ପରଦା । ଯାହାକୁ ନେଇ ରଚନା କରିଛନ୍ତି 'ପିକ୍ସେଲପ୍ରେଡ଼ିକାମେଣ୍ଟ୍' (୫/୨୦୧୨) ଓ 'ଦି ଆର୍ଟିଷ୍ଟ' (୩/୨୦୧୨) ସଂପାଦକୀୟଦ୍ୱୟ । ଉତ୍ତମ ଜ୍ଞାନ କୌଶଳର ଉଦ୍ଭାବନ ପରେ ମଣିଷ ମଣିଷ ମଧ୍ୟରେ ସୌହାର୍ଦ୍ଦ୍ୟସଂପନ୍ନ ଭଲପାଇବା ଆସ୍ତେ ଆସ୍ତେ କମିବାରେ ଲାଗୁଛି । ଆଧୁନିକ ମଣିଷ ଯେତେ ଆକାଶ ଛୁଇଁବାକୁ ଚେଷ୍ଟା କରୁଛି ତଳେ ଭୁଷୁଡ଼ି ପଡୁଛି । ତାକୁ ପୁନଃ ନିର୍ମାଣ କରୁ କରୁ କାଳ ଲାଗୁଛି, ସମକାଳ ପ୍ରକାଶରେ ଏଭଳି ଏକ ଅବସ୍ଥାକୁ ଉପଭୋଗ କରି ଶ୍ରୀ ପଣ୍ଡା କହନ୍ତି "କିନ୍ତୁ ଏବେ ପତ୍ରିକାର ପ୍ରକାଶନ ନେଇ ଏଭଳି ହଇରାଣ ହେବା ପରେ ମୁଁ ଭାବୁଛି । ସତରେ କଣ କାଗଜର ବିକଳ୍ପ ହୋଇପାରେ ପରଦା ? ସେଇଥି ପାଇଁ କଣ କମିଯାଉଛି ସୃଜନ ଶକ୍ତି, କମିଯାଉଛି ଗପ ଓ କବିତା ଲେଖିବାର ସ୍ପୃହା?" (୬) ( ସମକାଳ, ଚତୁର୍ଥ ସଂଖ୍ୟା, ୨୦୧୨. ପୃଷ୍ଠା ୪୦) ସେହିପରି ଆଜିର ଯୁଗରେ କଳା ଧଳା ପରଦା ମଧ୍ୟରେ ଆସିଛି ଫରାସୀ ସିନେମା ଇତିହାସରେ ସର୍ବାଧିକ ଲୋକ ଚର୍ଚ୍ଚାକୁ ଆସିଥିବା 'ଦ ଆର୍ଟିଷ୍ଟ' । ସିନେ ତାରକା ଜର୍ଜ ଭାଲିନାଙ୍କ ସଂଘର୍ଷପୂର୍ଣ୍ଣ ଜୀବନ କାହାଣୀ ଆଧାରିତ ଏହି କାହାଣୀଟି ଏକ କଳା ଧଳା ପୂର୍ଣ୍ଣ ନିର୍ବାକ ସିନେମା । ତାର ସିନେମା କାଷ୍ଟିଂ, ଭିଜୁଆଲକ୍ୱାଲିଟି ନିର୍ବାକ ଯୁଗର ସିନେମା ଭଳି । ବର୍ତ୍ତମାନର ଉନ୍ନତ ଟେକନୋଲଜି ଯୁଗରେ ଏଭଳି ଏକ ସିନେମା ପ୍ରକାଶ ପାଇବା ଓ ପାଞ୍ଚଟି ଓସ୍କାର ପୁରସ୍କାର ପାଇବା ହତଚକିତ କରିଛି ତେଣୁ ସଂପାଦକଙ୍କ ମତରେ "ଆଧୁନିକତା ବ୍ୟକ୍ତିରେ ନଥାଏ କିମ୍ବା ନଥାଏ ସମୟରେ, ସମୟକୁ ବ୍ୟକ୍ତି କିଭଳି ଉପସ୍ଥାପିତ କରୁଛି, ତାହା ହିଁ ନିର୍ଦ୍ଧାରିତ କରିବ ଆଧୁନିକତା" (୭) (ସମକାଳ, ଦ୍ୱିତୀୟ ସଂଖ୍ୟା, ୨୦୧୨, ପୃଷ୍ଠା ୪୦) ଇଂରାଜୀ ଭାଷାର

ବହୁଳ ପ୍ରଚଳନ ପରେ ଆମ ଭାଷାପ୍ରେମୀଙ୍କ ମନରେ ଯେଉଁ ଭୟ ସୃଷ୍ଟି ହୋଇଛି ତାହାକୁ ଭୁଲ ବୋଲି ପ୍ରମାଣ କରିଛନ୍ତି ଶ୍ରୀ ପଣ୍ଡା । ପୂର୍ବରୁ ଲୋକ ସଂଖ୍ୟା ତୁଳନାରେ ଯେତେ ପତ୍ରିକା ଓ ପୁସ୍ତକ ପ୍ରକାଶ ପାଉଥିଲା ତାହା ଆଜି ବହୁ ଗୁଣରେ ବୃଦ୍ଧି ପାଇଛି । ଅନେକ ବହି ଦୋକାନ ଆଜି ଜୀବିକାରେ ପରିଣତ ହୋଇଛି । "ସମ୍ଭ୍ରାନ୍ତ ଲୋକ ଯେ ଗୋଟିଏ ଭାଷାକୁ କେବଳ ବ୍ୟବହାର କଲେ ତାହା ବଂଚିଯିବ ଏ ଧାରଣାଟି ଭୁଲ ପ୍ରମାଣିତ ହୋଇସାରିଛି । ନିଜର ତେଲ ଲୁଣର ସଂସାରକୁ ଚଳାଇବା ପାଇଁ ଯେ ଯାଏଁ ସାଧାରଣ ଓଡ଼ିଆ ପାଇଁ ତା ଭାଷା ଯଥେଷ୍ଟ ସେ ଯାଏଁ ଏ ଭାଷା ବଂଚିଯିବ।" (୮) ( ସମକାଳ, ପଂଚମ ସଂଖ୍ୟା,୨୦୧୨,ପୃଷ୍ଠା ୪୦) ବର୍ତ୍ତମାନର କିଛି ଲେଖକ ସାହିତ୍ୟକୁ ନିଶା ନୁହଁ ବରଂ ପେଷା ଭାବେ ଗ୍ରହଣ କରିଛନ୍ତି । ଲେଖନୀର ମାନ ରହୁ ବା ନରହୁ ପୁସ୍ତକର ସଂଖ୍ୟାକୁ ଗୁରୁତ୍ୱ ଦେଉଛନ୍ତି। ଶ୍ରୀ ପଣ୍ଡା 'ଚିରସ୍ରୋତା ଲେଖକ' (୮/୨୦୧୨)ରେ କହନ୍ତି "ଯୁବକ ମାନେ ଚିରସ୍ରୋତା ଲେଖକ ହେବାର ଆକାଂକ୍ଷା ସମ୍ବରଣ କରି ଚିରସ୍ମରଣୀୟ ଲେଖା ଲେଖିବାରେ ଅଧିକ ସମୟ ଦେଲେ ଉଭୟ ଓଡ଼ିଆ ସାହିତ୍ୟ ଓ ନିଜେ ଲେଖକ ଉପକୃତ ହୁଅନ୍ତେ ବୋଲି ମୋର ଆଶା ।" (୯) (ସପ୍ତମ ସଂଖ୍ୟା, ୨୦୧୨, ପୃଷ୍ଠା ସଂଖ୍ୟା ୪୦) ବାସ୍ତବରେ ଲେଖାର ଉଦ୍ଦେଶ୍ୟ ଯଶପ୍ରାପ୍ତି ନୁହଁ ଯଶପ୍ରାର୍ଥୀ ହେଲେ ଯାଇ ସାହିତ୍ୟର ମାନ ବୃଦ୍ଧି ହେବ । 'ଲେଖକର କଲମ' (୯/୨୦୧୨) ଶୀର୍ଷକରେ ସଂପାଦକ ଲେଖକର କଲମକୁ ଭୀମର ଗଦା ସଦୃଶ ତୁଳନା କରିଛନ୍ତି । ଯୋଦ୍ଧା ପାଇଁ ତାର ଅସ୍ତ୍ର ଯେତିକି ମୂଲ୍ୟବାନ ଜଣେ ଲେଖକ ପାଇଁ ତାର କଲମ ମଧ୍ୟ ସେତିକି । ତେଣୁ ଲେଖକର କଲମ ଲେଖୁ ବା ନଲେଖୁ, ଅହରହ ସଂଗ୍ରାମ କରିଚାଲିଥାଏ । ସମାଜ ସହ, ସମୟ ସହ, ଘଟଣା ଅଘଟଣା ସହ, ଦ୍ୱନ୍ଦ୍ୱ ଆଉ ଉତ୍ତେଜନା ସହ, ପ୍ରେମ ଆଉ ରକ୍ତପାତ ସହ, ଛଳନା ଆଉ ଆଲିଙ୍ଗନ ସହ, ଅନ୍ୟଥା ଲେଖକ ସହ ଚାଲିଥାଏ ତାର ଏ ସଂଘର୍ଷ । (୧୦) ସେହିପରି ଲେଖକଟି ନିଜକୁ ରାଜା, ହୁକୁମଦାର, ମାଲିକ ରୂପେ ଭାବି ଲେଖିଲେ ତାହା କେବେ ସଫଳ ଲେଖନୀଟିଏ ହୋଇପାରିବ ନାହିଁ । ଯଦି ସେ ନିଜକୁ ପ୍ରଜା, କ୍ରେତା, ଗୁଲାମ, ଶ୍ରମିକ ଚରିତ୍ରରେ ରଖିଦିଏ ତାହା ପଢ଼ିବାକୁ ଆଗ୍ରହ ବଢ଼ିବ । ଯାହା ସଂପାଦକ 'ବୁର୍ଜ୍ଜିଆରେ ସାହିତ୍ୟ'ରେ ଦର୍ଶାଇଛନ୍ତି । ୨୦୧୨ ଜୁଲାଇ ସଂଖ୍ୟାରେ 'ପାଂଚ ପ୍ରେମିକ କଥା' (୭/୨୦୧୨)ସଂପାଦକୀୟଟି ଏକ ପରିପୂର୍ଣ୍ଣ ଗଳ୍ପ । ପାଂଚଟି ଋତୁର ଆଗମନ ପରି ପ୍ରେମିକାର ଜୀବନରେ ପାଂଚ ପ୍ରେମିକ ଆସି ବିଦାୟ ନେଇଛନ୍ତି । ଅଥଳ ଯୌବନର ଆକର୍ଷଣରେ ଚାରି ଚାରୋଟି ପୁରୁଷଙ୍କ ପାଖରୁ କେବଳ ପାଇଛି ସ୍ୱାର୍ଥପରତା, ସନ୍ଦେହ, ଦେହକାଙ୍ଗାଳପଣକୁ କିନ୍ତୁ ବୟସର ଶେଷ ପାହାଚରେ ଉପଲବ୍ଧି କରିଛି ପ୍ରକୃତ ପ୍ରେମ ଓ ପ୍ରେମିକକୁ । ତେଣୁ ପାଂଚ ପୁରୁଷଙ୍କ ଅପେକ୍ଷା ଗୋଟିଏ ସୁପୁରୁଷ ହିଁ ନାରୀ ଜୀବନକୁ ସାର୍ଥକ କରିବାକୁ ଯଥେଷ୍ଟ ବୋଲି ସଂପାଦକ ପଣ୍ଡା କହିଛନ୍ତି । ସମକାଳ ପତ୍ରିକାର ନବମ ସଂଖ୍ୟାରେ ରହିଛି 'ଏଥର ନିଜକଥା' (୧୦/୨୦୧୨) ଯେଉଁଥିରେ ସଂପାଦକ ଏକ ମାସିକ ସାହିତ୍ୟ ପତ୍ରିକା ପ୍ରକାଶ ସମୟରେ ସୃଷ୍ଟି ହେଉଥିବା ନାନା ସମସ୍ୟା, ଆର୍ଥିକ କୁପରିସ୍ଥିତି ଓ ବିଭିନ୍ନ କଷ୍ଟ ଯନ୍ତ୍ରଣା ଆଦିକୁ ଉଲ୍ଲେଖ କରିଛନ୍ତି ।

**ପତ୍ରିକାର ଆତ୍ମିକ ଓ ଆଙ୍ଗିକ ଦିଗ :-**

ପୁଷ୍ପକ ଜଗତର ବିରଳ ପୁଷ୍ପ ବ୍ରହ୍ମକମଳ । ଯାହା ପନ୍ଦର ବର୍ଷରେ ଥରେ ମାତ୍ର ଫୁଟି ମଉଳି ଯାଏ । କିନ୍ତୁ ତାର ସୁଗନ୍ଧିତ ବାସ୍ନା ଓ ଆକର୍ଷଣୀୟ ରୂପରେ ପ୍ରତ୍ୟେକଙ୍କ ହୃଦୟରେ ଚିରଜୀବିତ ରୁହେ । ଠିକ୍ ସେହିପରି ଓଡ଼ିଆ ସାହିତ୍ୟ ପତ୍ରିକା ଜଗତରେ ବହୁ ସୁନାମଧନ୍ୟ ପତ୍ରିକାର ଆଗମନ ହେଉ ହେଉ ବିଦାୟ ଘଟିଛି କିନ୍ତୁ ଆଜିବି ପାଠକଙ୍କ ହୃଦୟରେ ଚିର ସ୍ମରଣୀୟ ହୋଇରହିଛି ବହୁ ପତ୍ରିକା । ସେଥିମଧ୍ୟରୁ 'ସମକାଳ' ଅନ୍ୟତମ । ମାତ୍ର ଗୋଟିଏ ବର୍ଷ ପ୍ରକାଶ ପାଇ ବନ୍ଦ ହୋଇଯାଇଛି ସତ ହେଲେ ସମକାଳ ପରି ଏକ ମାସିକ ପରୀକ୍ଷାଧର୍ମୀ ପତ୍ରିକାକୁ ଆଜି ପାଇବା ବଡ଼ ମୁସ୍କିଲ । ଦୀର୍ଘ ଦିନ ଧରି ପ୍ରକାଶ ପାଇ ଆସୁଥିବା ବହୁ ପତ୍ରିକା ଚିରାଚରିତ ଧାରାକୁ ଗ୍ରହଣ କରିଆସୁଥିବା ବେଳେ ସମକାଳ ୨୦୧୨ ଫେବୃଆରୀରୁ ଅକ୍ଟୋବର ପର୍ଯ୍ୟନ୍ତ ପ୍ରକାଶ ପାଇ Old is Gold ବୋଲି ପ୍ରମାଣ କରିପାରିଛି। ସମକାଳୀନ ସାହିତ୍ୟ ପତ୍ରିକାର ଗତାନୁଗତିକ ଧାରାକୁ ବାଦ ଦେଇ ଆରମ୍ଭ କରିଥିଲା ଏକ ନୂତନ ଯାତ୍ରା । ଏଥିରେ ଗଳ୍ପ, ପ୍ରବନ୍ଧ, ସମାଲୋଚନା, କବିତା ଆଦି ସ୍ଥାନ ପାଇଥିଲେ ମଧ୍ୟ ଏହାର ପ୍ରକାଶ ଶୈଳୀ ଅନ୍ୟ ପତ୍ରିକା ଠାରୁ ସ୍ୱତନ୍ତ୍ର । 'ସମକାଳ'ର ପ୍ରଚ୍ଛଦ ପୃଷ୍ଠାକୁ ଲକ୍ଷ୍ୟ କଲେ ହିଁ ଉପଲବ୍ଧି କରି ହୁଏ ଏହାର ଭିନ୍ନତାକୁ । ରଙ୍ଗ ବେରଙ୍ଗୀ ଚିତ୍ରକୁ ବାଦ ଦେଇ କଳା ଧଳା ପୃଷ୍ଠାରେ ଅତୀତକୁ ଫେରାଇନେଇଛି । ପୃଷ୍ଠାର ମଝିରେ କିଛି ଏଭଳି ଚିତ୍ରକୁ ଦର୍ଶାଯାଇଛି ତାର ପ୍ରକୃତ ଅର୍ଥ ଟିକେ ନିଖୁଣ ଦୃଷ୍ଟିରେ ଦେଖିଲେ ହୃଦୟଙ୍ଗମ କରିହୁଏ । ପାଦ ଆଙ୍ଗୁଳି ନଥିବା ମଣିଷର ଚିତ୍ର (୨/୨୦୧୨), ଅସରପା (୩/୨୦୧୨), ବାଇଗଣ ଥଳି (୮/୨୦୧୨), ଛଅ ମୁଖ ତିନିଆଖି ଏକ ପାଦ ଗାଈର ଚିତ୍ର (୬/୨୦୧୨), କୁକୁର(୫/୨୦୧୨)ଆଦି । ଏହା କୌଣସି ଚିତ୍ରଶିଳ୍ପୀର ଅଙ୍କିତ ଚିତ୍ର ନୁହଁ ବରଂ ବିଭିନ୍ନ ଦେଶ ଭ୍ରମଣ କରି ସଂଗ୍ରହ କରାଯାଇଥିବା ମୂଲ୍ୟବାନ ବ୍ରୋଞ୍ଜ, ମାର୍ବଲ, ପ୍ରସ୍ତର ଆଦିର ଫଟୋଚିତ୍ର । ପତ୍ରିକା ଆକାରରେ ଛୋଟ, ପ୍ରତି ସଂଖ୍ୟା ୪୦ ପୃଷ୍ଠା ବିଶିଷ୍ଟ । ଏହାର ମୂଲ୍ୟ ମାତ୍ର ୧୨ଟଙ୍କା । ଏହା ପ୍ରଥମ ପୃଷ୍ଠାରୁ ଲେଖକଙ୍କ ଲେଖନୀକୁ ଦର୍ଶାଇବା ସହ ଲେଖକର ଫଟୋଚିତ୍ରକୁ ମଧ୍ୟ ଦର୍ଶାଇଛି । ଆରମ୍ଭରୁ ପାଠକଙ୍କ ମତାମତ ନିମିତ୍ତ ଚିଠିପତ୍ରକୁ ସ୍ଥାନ ଦେଇଛି ।

ପତ୍ରିକା ଆକାରରେ ଛୋଟ, ପ୍ରତି ସଂଖ୍ୟା ଚାଳିଶି ପୃଷ୍ଠା ବିଶିଷ୍ଟ । ଏହାର ମୂଲ୍ୟ ମାତ୍ର ବାରଟଙ୍କା । ପ୍ରଥମ ପୃଷ୍ଠାରୁ ଲେଖକଙ୍କ ଲେଖନୀକୁ ଦର୍ଶାଇବା ସହ ଲେଖକର ଫଟୋଚିତ୍ରକୁ ମଧ୍ୟ ଦର୍ଶାଯାଇଛି। ଆରମ୍ଭରୁ ପାଠକଙ୍କ ମତାମତ ନିମିତ୍ତ ଚିଠିପତ୍ରକୁ ସ୍ଥାନ

ଦେଇଛି । ପତ୍ରିକାର ପ୍ରାରମ୍ଭିକ କାଳରୁ ISSN ନଥିଲେ ମଧ୍ୟ ଏପ୍ରିଲ ସଂଖ୍ୟାରୁ ଗୃହୀତ । ପତ୍ରିକାର ଆତ୍ମିକ ଦିଗରୁ ବିଚାର କଲେ ଦେଖାଯାଏ ଯେ ସମକାଳୀନ ଲେଖକଙ୍କ ବ୍ୟକ୍ତିଗତ ଜୀବନର କିଛି ଅକୁହା କଥାକୁ ସମକାଳ ପ୍ରାଧାନ୍ୟ ଦେଇ ଲେଖକଙ୍କ ସାଧାରଣ ଜୀବନକୁ ଅସାଧାରଣରେ ପରିଣତ କରିଛି । ବରିଷ୍ଠ ଓ ନବୀନ ଉଭୟଙ୍କୁ ସ୍ଥାନ ଦେଇ ଆଗାମୀ ଯୁବ ଲେଖକଙ୍କ ପ୍ରେରଣା ଯୋଗାଇଛି। ପୂର୍ବ ପ୍ରକାଶିତ ଗଳ୍ପ ଓ ଜୀବନୀକୁ ପୁଣିଥରେ ପ୍ରକାଶ କରି ତାହା ଆଜିବି କିପରି ସମୟୋପଯୋଗୀ ତାହା ବ୍ୟକ୍ତ କରିଛି । ସମଗ୍ର ପତ୍ରିକାର ଆକର୍ଷଣୀୟ ଓ ଅନ୍ୟତମ ବୈଶିଷ୍ଟ୍ୟ 'ସାକ୍ଷାତକାର' । ଓଡ଼ିଆ ସାହିତ୍ୟିକ ସହ ଭାରତର ବିଭିନ୍ନ ଭାଷା ସାହିତ୍ୟର କବିଙ୍କ ସହ ପରିଚିତି ହେବାର ଏକ ଅବକାଶ ସୃଷ୍ଟି କରିଛି । ସମକାଳର ଏ ସବୁଦିଗରେ ଭିନ୍ନତା ମଧ୍ୟରେ ଆଉ ଏକ ଅରୁଚିକର ବିଷୟ ଦେଖିବାକୁ ମିଳେ । ପ୍ରଥମରୁ ଏକ ନୂତନ ରୁଚି ସହ ଭିନ୍ନ ଧାରାରେ ପ୍ରକାଶ କରୁଥିଲା ବେଳେ ନବମ ଓ ଦଶମ ସଂଖ୍ୟାରେ ସେହି ସମାନ ରୂପରେ ପ୍ରକାଶ ପାଇଛି । ପତ୍ରିକାର ଆଉ ଏକ ଦୁଃଖର ବିଷୟ ଦୁଇଟି ସମାନ ରଚନାକୁ ଦୁଇଟି ପତ୍ରିକାରେ ପ୍ରକାଶ କରିବା । ଲେଖନୀ ଅଭାବରେ ଗୋଟେ ସଂଖ୍ୟାରେ କେବଳ ଆତ୍ମଜୀବନୀକୁ ସ୍ଥାନ ଦିଆଯାଇଛି । ତ୍ରୁଟି ପରିଲକ୍ଷିତ ହୋଇଥିଲେ ମଧ୍ୟ ନୂତନ କିଛି କରିବାର ପ୍ରୟାସ ଏ ପତ୍ରିକାର ବୈଶିଷ୍ଟ୍ୟ ।

ପ୍ରଥମ ଓଡ଼ିଆ ହସ୍ତଲେଖ ପତ୍ରିକା କୁଜିବରଠାରୁ ଆରମ୍ଭ କରି ଆଜି ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ସଂଖ୍ୟାଧିକ ପତ୍ରିକାର ଜନ୍ମ ହୋଇସାରିଛି । ତନ୍ମଧ୍ୟରୁ କିଛି ପତ୍ରିକା ବହୁ ଅଭାବ ଓ ଅସୁବିଧା କାରଣରୁ ଆରମ୍ଭ ହେଉ ହେଉ ବନ୍ଦ ହୋଇଯାଉଛି ତ ଆଉକିଛି ସମସ୍ତ ବାଧା ବିଘ୍ନ ସତ୍ତ୍ୱେ ନିଜର ସତ୍ତା ବଜାୟ ରଖିଛି । ଫୁଲଟିଏ ଫୁଟି ମଉଳିଗଲେ ଯେପରି ତା'ର ଛାଡ଼ିଯାଇଥିବା ବାସ୍ନା, ସମସ୍ତଙ୍କ ମନରେ ସଦା ସ୍ମରଣୀୟ ହୋଇରହିଯାଏ ଠିକ୍ ସେହିପରି ବିଲୟ ହୋଇଯାଉଥିବା ପତ୍ରିକା ମଧ୍ୟରୁ ଏଭଳି କିଛି ପତ୍ରିକା ରହିଛି ଯାହା ବନ୍ଦ ହୋଇଯାଇଥିଲେ ମଧ୍ୟ ପାଠକଙ୍କ ମନରେ ଚିର ଜୀବିତ । ସେମାନଙ୍କ ମଧ୍ୟରୁ 'ସମକାଳ' ଅନ୍ୟତମ । ଓଡ଼ିଆ ମାସିକ ପତ୍ରିକା ଭାବେ ଏହାର ଯାତ୍ରା ୨୦୧୨ ଫେବୃୟାରୀ ରୁ ଆରମ୍ଭ ହୋଇ ଅକ୍ଟୋବର ପର୍ଯ୍ୟନ୍ତ ସୀମିତ । ସ୍ୱଳ୍ପ ସମୟର ଅବଧି ମଧ୍ୟରେ ସମକାଳ ଭେଟି ଦେଇଛି ପାଠକଙ୍କୁ ସାହିତ୍ୟର ବିବିଧ ପର୍ଯ୍ୟାୟର ରଚନା । ଓଡ଼ିଆ କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ନାଟକ, ଫିଚର, ଅନୁବାଦ ଗଳ୍ପ ସହିତ କିଛି ନୂତନ ବିଷୟକୁ ମଧ୍ୟ ସମକାଳ ଯୋଗ କରିଛି । ଏହା ସହିତ ରହିଛି ସଂପାଦକଙ୍କ ପ୍ରତ୍ୟକ୍ଷ ସାକ୍ଷାତକାର । ସାଂପ୍ରତିକ ସମାଜ ଓ ସାହିତ୍ୟକୁ ନେଇ ରଚିତ ଯୁବ ସଂପାଦକ ଶ୍ରୀ ଶୁଭାଂଶୁ ପଣ୍ଡାଙ୍କ ସଂପାଦକୀୟ ରଚନା ଅନନ୍ୟ । 'ସମକାଳ' ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସୀମିତ ନରହି ଆଧୁନିକ ସାହିତ୍ୟର ନୂଆ ନୂଆ ରୂପକୁ ଦର୍ଶାଇବାରେ ସଫଳ ହୋଇପାରିଛି ।

**ସଙ୍କେତ ସୂଚୀ:**


୧. କର, ପ୍ରଫେସର ବାଉରୀବନ୍ଧୁ. ଓଡ଼ିଆ ସାହିତ୍ୟର ଇତିହାସ. ବିନୋଦ ବିହାରୀ, କଟକ: ଫ୍ରେଣ୍ଡସ ପବ୍ଲିଶର୍ସ, ସପ୍ତମ ସଂଖ୍ୟା, ୨୦୧୮.

୨. ଚାନ୍ଦ, ଗୋବିନ୍ଦ ଚନ୍ଦ୍ର.ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର.ବିନୋଦ ବିହାରୀ, କଟକ: ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ପ୍ରକାଶ, ୨୦୦୦.

୩. ଦାଶ, ଡ଼. ଗଗନେନ୍ଦ୍ରନାଥ. ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ.ବାଲୁବଜାର, କଟକ: କଟକ ଷ୍ଟୁଡେଣ୍ଟ ଷ୍ଟୋର, ପ୍ରଥମ ସଂଖ୍ୟା, ୧୯୯୩.

୪. ଦାସ, ଅରବିନ୍ଦ. ଊନବିଂଶ ଶତାବ୍ଦୀର ଓଡ଼ିଆ ପତ୍ର ପତ୍ରିକା. ସାରସ, ବାରୋ, ତିହିଡ଼ି, ଭଦ୍ରକ.

୫. ମହାନ୍ତି, ନଗେନ୍ଦ୍ରନାଥ (ସଂକଳକ). ଓଡ଼ିଆ ଏବଂ ଓଡ଼ିଶାର ପତ୍ର ପତ୍ରିକାର ପରିଚୟ (୧୮୧୨-୨୦୦୬).ଦିଲ୍ଲୀ: ପଲ୍ଲୀବାଣୀ ପ୍ରକାଶନୀ, ପ୍ରଥମ ସଂସ୍କରଣ, ୨୦୧୧.

୬. "ସମକାଳ."ଫେବୃୟାରୀ, ୨୦୧୨.

୭. "ସମକାଳ."ମାର୍ଚ୍ଚ, ୨୦୧୨.

୮. "ସମକାଳ."ଏପ୍ରିଲ, ୨୦୧୨.

୯. "ସମକାଳ."ମେ, ୨୦୧୨.

୧୦. "ସମକାଳ."ଜୁନ, ୨୦୧୨.

୧୧. "ସମକାଳ."ଜୁଲାଇ, ୨୦୧୨.

୧୨. "ସମକାଳ."ଅଗଷ୍ଟ, ୨୦୧୨.

୧୩. "ସମକାଳ."ସେପ୍ଟେମ୍ବର, ୨୦୧୨.

୧୪. "ସମକାଳ."ଅକ୍ଟୋବର-ନଭେମ୍ବର, ୨୦୧୨.

୧୫. "ସମକାଳ."ଜାନୁୟାରୀ, ୨୦୧୫.



| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Sahoo, Rajasmita. "Ekabinsha Shatabdira Odia Patrika Jagatare 'Samakala': Eka Aaka-lan." Bindu Bimarsha, vol. 2, no. 1, Jan. 2026, pp. 34–41. Crossref, https://doi.org/10.64647/bb.vol.2.issue.1.2026.6. |

Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ପ୍ରାବନ୍ଧିକ ଫକୀରମୋହନ: ଏକ ମୂଲ୍ୟାୟନ

**ଡକ୍ଟର ସୁଶ୍ରୀ ସଙ୍ଗୀତ ସ୍ୱାଇଁ**

ସହାୟକ ଅଧ୍ୟାପିକା, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ARTICLE NO:** BB-II-I-2026-07

**ORC ID:** 0009-0000-1136-4019

**Review Status:** Double-Blind Peer Reviewed

**DOI:** 10.64647/bb.vol.2.issue.1.2026.7

**Language of the Article:** Odia

**E-Mail:** sushree.balasore@gmail.com

**Type of Article:** Research Article

**Submission Date:** 19-11-2025

**Publication Date:** 14-01-2026

**ABSTRACT ॥ ଅଂକ୍ଷିପ୍ତ ସାର**

ଉନ୍ନବିଂଶ ଶତାବ୍ଦୀର ଘଡି ସନ୍ଧି କାଳରେ ନୂତନ ସମ୍ଭାବନା ନେଇ ନବଯୁଗର ପଦଧ୍ୱନି ଓଡ଼ିଆ ସାହିତ୍ୟରେ ଶୁଣାଯାଇଛି । ଓଡ଼ିଆ ସାହିତ୍ୟର ଏହି ସମୟ ପରିଧିରେ ଏ ମାଟିର ଶ୍ରେଷ୍ଠ ପୁରୋହିତ, ନବଯୁଗର ଭଗୀରଥ, ଏ ଜାତିର ଦାଧୀଚି, ଓଡ଼ିଆ ଭାଷାର ଜାଗ୍ରତ ପ୍ରହରୀ ସରସ୍ୱତୀ ଫକୀରମୋହନଙ୍କ ଅଭ୍ୟୁଦୟ ଏକ ଯୁଗାନ୍ତକାରୀ ଘଟଣା । ଏକାଧାରରେ କବି, ଔପନ୍ୟାସିକ, ଗାଳ୍ପିକ, ପାଠ୍ୟ ପୁସ୍ତକ ପ୍ରଣେତା, ପ୍ରଶାସକ, ଶିକ୍ଷକ, ଅନୁବାଦକ, ଜୀବନୀ ରଚନାକାର, ଆତ୍ମଜୀବନୀ ରଚୟିତା, ଫକୀରମୋହନଙ୍କ ଅନ୍ୟ ଏକ ପ୍ରତିଭାର ପରିଚୟ ବହନ କରେ ତାଙ୍କଦ୍ୱାରା ଲିଖିତ ପ୍ରବନ୍ଧ ଓ ସମାଲୋଚନା ସମୂହ । ଏହି ଆଲେଖ୍ୟରେ ଆମେ ପ୍ରାବନ୍ଧିକ ଫକୀରମୋହନଙ୍କୁ ଭେଟିବା ।

**ମୂଳ ଶବ୍ଦ:** ପ୍ରବନ୍ଧ, ଆଭିମୁଖ୍ୟ, ଯୋଗ, ଦର୍ଶନ, ଶାସ୍ତ୍ର, ଭାଷା

ଫକୀରମୋହନ ଗ୍ରନ୍ଥାବଳୀ ଦ୍ୱିତୀୟ ଖଣ୍ଡରେ ଫକୀରମୋହନଙ୍କ ଲିଖିତ କୋଡ଼ିଏଟି ପ୍ରବନ୍ଧ ଓ ଅଭିଭାଷଣ ସଂଯୋଜିତ । ଏଥି ମଧ୍ୟରୁ ଅଧିକାଂଶ ଉତ୍କଳ ସାହିତ୍ୟ ଓ ମୁକୁର ପତ୍ରିକାରେ ପ୍ରକାଶିତ । ଫକୀରମୋହନ ସେନାପତିଙ୍କ ଅନେକ ପ୍ରବନ୍ଧ ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା ଯାହା କି ଦୁଷ୍ପ୍ରାପ୍ୟ ତେବେ ତାଙ୍କ ଗ୍ରନ୍ଥାବଳୀରୁ ସ୍ୱଲିଖିତ ଲିଖିତ ପ୍ରବନ୍ଧଗୁଡ଼ିକ ମିଳିଥାଏ ଯଥା:- 'ନନାଙ୍କ ପାଞ୍ଜି', 'ଯୋଗ ଶାସ୍ତ୍ର', 'ଗୋତ୍ର', 'ଶୁଦ୍ର ଓ ବେଦାଧିକାର', 'ବାଲେଶ୍ୱର ବନ୍ଦରରେ ଓ ଲୋନ୍ଦାଜ୍ ଜାତି', 'ସିରଜ୍ ଉଦ୍ଦୌଲଙ୍କ ଚାଟଶାଳୀ ଓ ଗୁରୁ ଦକ୍ଷିଣା', 'ଶ୍ରୀକ୍ଷେତ୍ରରେ ଚୈତନ୍ୟ ମହାପ୍ରଭୁ', 'କବି ଗୋପାଳକୃଷ୍ଣ ପଟ୍ଟନାୟକ', 'ଅନେକ ସଭାପତି ଅଭିଭାଷଣ' ଇତ୍ୟାଦି। ପ୍ରତ୍ୟେକ ପ୍ରବନ୍ଧିକଙ୍କ ନିଜସ୍ୱ ଶୈଳୀ ରହିଛି। ସେହିପରି ଫକୀରମୋହନ ସେନାପତିଙ୍କର ରଚନାରେ ସ୍ୱକୀୟ ସ୍ୱତନ୍ତ୍ରତା ଦେଖିବାକୁ ମିଳେ ଓଡ଼ିଆ ସାହିତ୍ୟରେ ଫକୀରମୋହନଙ୍କୁ କଥାସମ୍ରାଟ ବୋଲି ସମ୍ମାନ ଦିଅ ଯାଏ ମାତ୍ର ସେ କେବଳ ଜଣେ ପ୍ରସିଦ୍ଧ କଥାକାର ନୁହନ୍ତି ବରଂ ଏକ ସମାଜ ସୁଧାରକ ଓ ପ୍ରାବନ୍ଧିକ ମଧ୍ୟ । ତାଙ୍କ ପ୍ରବନ୍ଧଗୁଡ଼ିକରେ ସମାଜରକୁ ସଂସ୍କାର, ନାରୀ ଓ ପୁରୁଷ ସମସ୍ୟା, ଓଡ଼ିଆ ଜାତୀୟବାଦର ପ୍ରସଙ୍ଗ ଦେଖିବାକୁ ମିଳେ ଏଥି ସହିତ ହାସ୍ୟବ୍ୟଙ୍ଗ ଶୈଳୀରେ ସମାଜର ଅସୁବିଧାକୁ ପ୍ରକାଶ କରିବାରେ ସେ ଦକ୍ଷ । ତାଙ୍କ ପ୍ରବନ୍ଧର ଭାଷା ସରଳ ତେଣୁ ଗ୍ରାମ ଓ ସହର ଉଭୟ ପାଠକ ସହଜର ବୁଝିବାକୁ ସକ୍ଷମ। ଏଥି ସହିତ ତାଙ୍କ ପ୍ରବନ୍ଧରେ ସମାଜର ବିବିଧ ପ୍ରସଙ୍ଗ ଓ ସମସ୍ୟାର ସମାଧାନ ମଧ୍ୟ ରହିଥାଏ ।

ଗଦ୍ୟଶିଳ୍ପୀ ଫକୀରମୋହନଙ୍କ ସମ୍ପର୍କରେ ଆଲୋଚନାବେଳେ ସାଧାରଣତଃ ତାଙ୍କ ପ୍ରବନ୍ଧଗୁଡ଼ିକୁ ଉପେକ୍ଷା କରାଯାଇଥାଏ। ଗଳ୍ପ ଓ ଉପନ୍ୟାସ ରଚନାରେ ସେ ଯେପରି ଅମିତ ପ୍ରତିଭାର ଅଧିକାରୀ, ସେହିପରି ପ୍ରବନ୍ଧ ରଚନାରେ ତାଙ୍କର ଅସାମାନ୍ୟ କୃତିତ୍ୱ ପରିଲକ୍ଷିତ। ସ୍ୱାଧୀନ ଚିନ୍ତାଧାରା ଓ ନୂତନ ଆଙ୍ଗିକ ଦୃଷ୍ଟିରୁ ତାଙ୍କ ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ଉପାଦେୟ । ପରିମାଣ ଦୃଷ୍ଟିରୁ ବିଚାର କଲେ ତାଙ୍କର ପ୍ରବନ୍ଧ ଊଣା ନୁହେଁ । ପୁଣି ଉନବିଂଶ ଶତକରେ ଯେଉଁ ଅଳ୍ପ କେତେଜଣ ପ୍ରାବନ୍ଧିକ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ, ସେମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଏ ସ୍ତରରେ ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବେ ଏବେ ସୁଦ୍ଧା ତାଙ୍କର ସ୍ୱରୂପ ଆକଳନ କରାଯାଇନାହିଁ । ଜଣେ ପ୍ରସିଦ୍ଧ ଗଦ୍ୟଶିଳ୍ପୀ ଭାବରେ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ପ୍ରଦର୍ଶନ ସକାଶେ ତାଙ୍କ ପ୍ରବନ୍ଧଗୁଡ଼ିକର ଭୂମିକା କିଛି କମ୍ ନୁହେଁ । ଅଧିକନ୍ତୁ, ଏଥିରୁ ତାଙ୍କର ବୃହତ୍ତର ଜୀବନ ଦୃଷ୍ଟି, ଐତିହ୍ୟ ସଚେତନତା, ସଂସ୍କାର ଲିପ୍‌ସା ଓ ପାଣ୍ଡିତ୍ୟର ସ୍ପଷ୍ଟ ପରିଚୟ ମିଳେ ।

ଫକୀରମୋହନ ପ୍ରବନ୍ଧ ରଚନାରେ ହାତ ଦେବାବେଳେ

BY NC

ତାଙ୍କର ଦୃଷ୍ଟି ପଡ଼ୋଶୀ ବଙ୍ଗଳା ସାହିତ୍ୟ ଉପରେ ପଡିଥିଲା । ଏ କଥାଟିକୁ ବହୁବାର ସେ ନିଜ ଲେଖା ମାଧ୍ୟମରେ ପାଠକମାନଙ୍କୁ ଜଣାଇ ଦେଇଛନ୍ତି । ସେ ଏ ସଂପର୍କରେ ସ୍ୱ-ଆତ୍ମଜୀବନଚରିତରେ ଲେଖୁଛନ୍ତି, “ସେ ସମୟରେ ବଙ୍ଗ ଭାଷାରେ ପ୍ରତି ମାସରେ କ୍ଷୁଦ୍ରବୃହତ୍ ଅନେକ ପୁସ୍ତକ ବାହାରୁଥାଏ । ମୁଁ କେତେକ ପୁସ୍ତକ ନିଜ ବ୍ୟୟରେ କିଣି, କେତକେ ବାଲେଶ୍ୱର ସହରସ୍ଥ ସୁନହଟ୍ ଗ୍ରାମ ନିବାସୀ ବାବୁ ଦାମୋଦର ପ୍ରସାଦ ଦାସଙ୍କ ପୁସ୍ତକାଳୟରୁ ଆଣି ପଢ଼େ। ଖଣ୍ଡିଏ ବଙ୍ଗଳା ନୂତନ ପୁସ୍ତକ ହସ୍ତଗତ ହେଲେ ମୁଁ ଅନେକ ବେଳ ପର୍ଯ୍ୟନ୍ତ ତାହା ହସ୍ତରେ ଧରି ଓଲଟ ପାଲଟ କରି ଚତୁର୍ଦ୍ଦିଗ ଦେଖେ, ଏବଂ ମନେକରେ କେବେ ଉତ୍କଳ ଭାଷାରେ ଏପରି ଖଣ୍ଡିଏ ପୁସ୍ତକ ବାହାରିବ।”[୧]

ଫକୀରମୋହନଙ୍କ ଯୋଗଶାସ୍ତ୍ର ପ୍ରବନ୍ଧଟି ଯୋଗଗୁରୁ ପତାଞ୍ଜଳୀଙ୍କ ଯୋଗ ଦର୍ଶନ ଉପରେ ପର୍ଯ୍ୟବେସିତ । ଏଥିରେ ପ୍ରାବନ୍ଧିକ ଯୋଗର ସ୍ୱରୂପ ଓ ତାର ଉପୋଯୋଗିତା ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି । ଯୋଗ ଅର୍ଥ ଆତ୍ମା ସହ ପରମାତ୍ମାଙ୍କ ସଂଯୋଗ । ଯୋଗ ବିନା ଭଗବତ୍ ପ୍ରାପ୍ତି ସମ୍ଭବ ନୁହେଁ ତେଣୁ ପତଞ୍ଜଳି , ଜନକ,କପିଳ , ବଶିଷ୍ଠ ପ୍ରଭୃତି ଯୋଗୀ ଆଧ୍ୟାତ୍ମ୍ୟ ବିଦ୍ୟାର ଶିକ୍ଷା ଗୁରୁ ଯୋଗ ସଂପର୍କ ରେ ବିଭିନ୍ନ ଉପଦେଶ ପ୍ରଦାନ କରିଛନ୍ତି । ପ୍ରାବନ୍ଧିକଙ୍କ ମତରେ ଯୋଗର ଆକ୍ଷରିକ ଅର୍ଥ ହେଉଛି ବସ୍ତୁବିଷୟ ଚିନ୍ତାପ୍ରବାହର ଉତ୍ଥାନ । ଚିତ୍ତର ଏକାଗ୍ରତାର ନାମ ଯୋଗ । ଯାବତୀୟ ମନୋବୃତର ନିରୋଧର ନାମ ଯୋଗ ।ପତଂଜଳି ଯୋଗ ଦର୍ଶନର ଗୁଢ଼ ତତ୍ତ୍ୱକୁ ପ୍ରାବନ୍ଧିକ ଏହି ପ୍ରବନ୍ଧରେ ସରଳ ଭାବେ ବୁଝାଇ ଦେଇଛନ୍ତି । ମନର ସମସ୍ତ ପ୍ରବୃତ୍ତିକୁ ରୁଦ୍ଧକରିବା ନାମଯୋଗ । ତେବେ ଅଭ୍ୟାସ ଏବଂ ବୈରାଗ୍ୟଦ୍ୱାରା ସମସ୍ତ ପ୍ରବୃତ୍ତି ଦମନ ସମ୍ଭବ । ବୈରାଗ୍ୟ ଜାତ ହେଲେ ଚିତ୍ତ ସାଂସାରିକ ଭୋଗ ବିଳାସପ୍ରତି ବିମୁଖ ହୋଇ ଆତ୍ମା ପ୍ରତି ଅଭିନିବେଶ ଜନ୍ମେ । ବୈରାଗ୍ୟ ସଂପର୍କରେ ପ୍ରାବନ୍ଧିକ ସୂଚନା ଦେଇ କହିଛନ୍ତି ଐହିକ ଓ ପାରଲୌକିକ ସୁଖ ଭୋଗ ଇଚ୍ଛା ପରିତ୍ୟାଗ ହିଁ ବୈରାଗ୍ୟ । ସେହିପରି ପ୍ରାବନ୍ଧିକ କହିଛନ୍ତି ଯୋଗାଭ୍ୟାସ ଦୃଢ ହେଲେ ମନ ନିୟନ୍ତ୍ରଣରେ ରହିପାରିବ । ଯୋଗକୁ ବିଦେହଲୟ ଯୋଗ ଓ ପ୍ରକୃତିଲୟ ଯୋଗ ଭେ ରେ ବିଭକ୍ତ କରାଯାଇପାରେ । ଯୋଗ ବା ଯୋଗଫଳ ପ୍ରତି ଚିତ୍ତ ପ୍ରସନ୍ନ ହେଲେ ଶ୍ରଦ୍ଧା ଉପୁଜି ଥାଏ । ପ୍ରାବନ୍ଧିକଙ୍କ ମତରେ କୈବଲ୍ୟ ଲାଭ ହେଲେ ହିଁ ପୁନର୍ଜନ୍ମ ହୁଏନାହିଁ । ନଚେତ୍ ଦୁଃଖ ଭୋଗିବାକୁ ସଂସାରକୁ ବାରମ୍ବାର ଆସିବାକୁହୁଏ । ଈଶ୍ୱରକିଏ ସେ ସଂପର୍କ ରେ ସୂଚନା ଦେବାକୁ ଯାଇ ପ୍ରାବନ୍ଧିକ କହନ୍ତି କ୍ଳେଶ , ବିପାକ ,କର୍ମ ଓ ଆଶୟ ଯାହାଙ୍କୁ ସ୍ପର୍ଶ କରିପାରେ ନାହିଁ ସେ ସ୍ୱତନ୍ତ୍ର ,ମୁକ୍ତ ,ଈଶ୍ୱର । ଏହିପରି ଭାବରେ ଏହି ଯୋଗଶାସ୍ତ୍ର ପ୍ରବନ୍ଧରେ ପ୍ରାବନ୍ଧିକ ଫକୀରମୋହନ ସେନାପତି ଯୋଗ,ଧ୍ୟାନ,ସମାଧି ,ବୈରାଗ୍ୟ ସଂପର୍କ ରେ ବିସ୍ତାର ଆଲୋଚନା କରିଛନ୍ତି ।

ସେହିପରି ଫକୀରମୋହନଙ୍କ ଅନ୍ୟ ଏକ ପ୍ରବନ୍ଧ ହେଉଛି ‘ ନନାଙ୍କ ପାଞ୍ଜି’ ଯାହା ରମ୍ୟ ରଚନା ଶ୍ରେଣୀରେ ଅନ୍ତର୍ଭୁକ୍ତ । ଏଥିରେ ପ୍ରଥମ ପରିଚ୍ଛେଦରେ ଉତ୍କଳସାହିତ୍ୟ ପତ୍ରିକା ସଂପର୍କରେ ଅତ୍ୟନ୍ତ ମନୋରମ ଶୈଳୀରେ ସମାଲୋଚନା କରିଛନ୍ତି। ଏହି ପ୍ରବନ୍ଧରେ ଜୟଦେବ, ଉପେନ୍ଦ୍ର ଭଞ୍ଜ ,ଦୀନବନ୍ଧୁ, ଅଭିମନ୍ୟୁ ସାମନ୍ତ ସିଂହାର ପ୍ରଭୃତି ସାହିତ୍ୟିକଙ୍କ ପ୍ରସଙ୍ଗକୁ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରିଛନ୍ତି। ଉପେନ୍ଦ୍ର ଭଞ୍ଜଙ୍କୁ ଚନ୍ଦ୍ରଉଦିଆ ଆଲୋକ ,ଜଗନ୍ନାଥଦାସଙ୍କୁ ବୈଠା ଘର ଆଳୁଅ ସହ ତୁଳନା କରିବା ପ୍ରାବନ୍ଧିକଙ୍କ ବ୍ୟଙ୍ଗାତ୍ମକ ଶୈଳୀର ପରିଚୟ ପ୍ରଦାନ କରିଥାଏ ।

ନନାଙ୍କ ପାଞ୍ଜିରେ ଇଂରେଜ ଜାତିପ୍ରତି ଓ ଇଂରେଜ ଶିକ୍ଷାପ୍ରତି ବିଦ୍ରୁପ ନିହିତ । ଗୋପାଳ ଚନ୍ଦ୍ର ପ୍ରହରାଜ ନନାଙ୍କ ପାଞ୍ଜି ଅନୁସରଣରେ ଲେଖିଛନ୍ତି ବାଇ ମହାନ୍ତି ପାଞ୍ଜି। ନନାଙ୍କ ପାଞ୍ଜି ରମ୍ୟ ରଚନାକୁ ମୁକ୍ତ ଆଙ୍ଗିକଧର୍ମୀ ରଚନା କୁହାଯାଇପାରେ। ସେହିପରି ଅନ୍ୟ ଏକ ପରିଚ୍ଛେଦରେ ଖବର କାଗଜକୁ ଜ୍ଞାନ ଗଛର ଫଳ ବୋଲି କହିବା ସହିତ ପାଶ୍ଚାତ୍ୟ ଦେଶରେ ଏହି ଜ୍ଞାନ ଫଳ ବେଶୀ ଖାଉଥିବା କଥା ପରିହାସ ଛଳରେ ପ୍ରାବନ୍ଧିକ କହିଛନ୍ତି। ଅନ୍ୟ ଏକ ପ୍ରବନ୍ଧରେ ସିରାଜ୍ ଉଦ୍ଦୌଲ୍ଲାଙ୍କ ଛାତ୍ର ଜୀବନ ଓ ଗୁରୁ ଦକ୍ଷିଣା ବିଷୟ ବର୍ଣ୍ଣିତ ହୋଇଛି । ବଙ୍ଗ ବିହାର ଓ ଓଡ଼ିଶାର ଶେଷ ସ୍ୱାଧୀନ ନବାବ ସିରାଜ ଉଦ୍ଦୌଲା ଅତ୍ୟାଚାରୀ ଥିଲେ ବୋଲି ସମସ୍ତେ ଜାଣନ୍ତି । ତେବେ ଫକୀରମୋହନ ତାଙ୍କ ଏହି ପ୍ରବନ୍ଧ ସିରାଜଙ୍କ ଛାତ୍ର ଜୀବନ ଓ ଗୁରୁଦକ୍ଷିଣା ସଂପର୍କରେ ଦୁଇ ଗୋଟି ଘଟଣାର ବର୍ଣ୍ଣନା କରିଛନ୍ତି । ପିଲାଦିନେ ପାର୍ସୀ ପଢ଼ିବା ସମୟରେ ସୀରାଜଙ୍କ ଏକ ସହପାଠୀ ପାଠ ବେଶୀ ପଢ଼ିଦେବାରୁ ନବାବ ତା ଆଖି ଖୋଲି ପକାଇଥିଲେ। ସେହିପରି ଅନ୍ୟ ଏକ ଘଟଣା କ୍ରମରେ କୁଲି ଖାଁ ଯିଏ ସୀରାଜଙ୍କ ଶିକ୍ଷା ଗୁରୁ ଥିଲେ ତାଙ୍କୁ ମଧ୍ୟ ଦଣ୍ଡ ଭୋଗିବାକୁ ପଡ଼ିଥିଲା । ଏହି ପ୍ରବନ୍ଧରୁ ସୀରଜଙ୍କ ନୃଶଂସତା ସଂପର୍କରେ ଅବଧାରଣା କରିହୁଏ ।

‘ଅତିମୋହ’ ପ୍ରବନ୍ଧରେ କଳିଯୁଗରେ ଲୋକଚରିତ୍ର କିପରି ହେବ ସେ ସଂପର୍କରେ ପ୍ରାବନ୍ଧିକ ସୂଚନା ଦେଇଛନ୍ତି। ଫକୀରମୋହନଙ୍କ ଅନ୍ୟତମ ଲୋକପ୍ରିୟ ପ୍ରବନ୍ଧ ହେଉଛି ‘ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ’ ଏଥିରେ ତତ୍କାଳୀନ ସମୟରେ କିପରି ସାହିତ୍ୟର ଅବସ୍ଥା ଥିଲା ସେ ସଂପର୍କରେ ସୂଚନା ଦିଆଯାଇଛି । ପ୍ରାବନ୍ଧିକ କହିଛନ୍ତି ତତ୍କାଳୀନ ସମୟରେ ମୁଦ୍ରିତ ଓଡ଼ିଆ ପୁସ୍ତକ ସଂଖ୍ୟା ସ୍ୱଳ୍ପ ଥିଲା ଏବଂ ସେ ସବୁ ବଙ୍ଗୀୟ ଭାଷାରେ ପାଠ କରାଯାଉଥିଲା ।କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ‘ଓଡ଼ିଆ ସ୍ୱତନ୍ତ୍ର ଭାଷା ନୁହେଁ ପୁସ୍ତକ ବିରୁଦ୍ଧରେ କିପରି ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ ଚାଲିଥିଲା ସେ ସବୁର ବର୍ଣ୍ଣନା ରହିଛି ।ସେହିପରି ଅନ୍ୟ ପ୍ରବନ୍ଧଗୁଡ଼ିକ ମଧ୍ୟରେ ରହିଛି ମରହଟ୍ଟା ଯୁଗ, ମୁସଲମାନ ଯୁଗ, ଓ ଇଂରାଜୀ ଯୁଗ

ତଥା ରେଭେନ୍ସା ଯୁଗ। 'ଜ୍ୱାଲ୍ଟେର ଦର୍ଶନ' ଫକୀରମୋହନ ସେନାପତିଙ୍କର ଏକ ଭ୍ରମଣ କାହାଣୀ ଜନିତ ପ୍ରବନ୍ଧ । ଶ୍ରୀକ୍ଷେତ୍ରରେ ଚୈତନ୍ୟ ମହାପ୍ରଭୁ ପ୍ରବନ୍ଧରେ ଶ୍ରୀଚୈତନ୍ୟଙ୍କ ଜୀବନୀ ଓ ସାକ୍ଷାତ କଥା ବର୍ଣ୍ଣିତ ହୋଇଛି। ଫକୀରମୋହନ 'କବି ଗୋପାଳକୃଷ୍ଣ ପଟ୍ଟନାୟକ' ପ୍ରବନ୍ଧରେ ପ୍ରାବନ୍ଧିକ ବଙ୍ଗଦେଶର ଚଣ୍ଡୀଦାସ ଓ ବିଦ୍ୟାପତି ପରି ଓଡ଼ିଆ ସାହିତ୍ୟରେ ବୈଷ୍ଣବ କବି ଭାବରେ ଗୋପାଳ କୃଷ୍ଣ ପଟ୍ଟନାୟକଙ୍କୁ ଅଭିହିତ କରିବା ସହିତ ତାଙ୍କ ଜନ୍ମ, ସାରସ୍ୱତ ପ୍ରତିଭା ସଂପର୍କରେ ସୂଚନା ପ୍ରଦାନ କରିଛନ୍ତି । ସେହିପରି ଅନ୍ୟ ପ୍ରବନ୍ଧ ମଧ୍ୟରେ ରହିଛି ମାଇକେଲ ମଧୁସୂଦନ ଦତ୍ତଙ୍କ 'ମେଘନାଦ ବଧ' କାବ୍ୟ ଓ 'ବାଲେଶ୍ୱର ବନ୍ଦରରେ ଓଲନ୍ଦାଜ୍ ଜାତି' ପ୍ରବନ୍ଧ ଯେଉଁଥିରୁ ତତ୍କାଳୀନ ସମୟର ନୌବାଣିଜ୍ୟ ପରମ୍ପରା ସଂପର୍କରେ ସୂଚନା ରହିଛି।

ଅନ୍ୟ ଏକ ପ୍ରବନ୍ଧ 'ଗୋତ୍ର'ରେ ଏହି ଶବ୍ଦର ବ୍ୟୁତ୍ପତ୍ତି ସହିତ ଧର୍ମୀୟ କାର୍ଯ୍ୟକଳାପ ସମୟରେ ହିନ୍ଦୁମାନେ ଋଷିଙ୍କ ନାମ ଉଲ୍ଲେଖ କରାଯିବା ପ୍ରସଙ୍ଗ ବର୍ଣ୍ଣିତ । ଫକୀରମୋହନଙ୍କ ଅଭିଭାଷଣ ପ୍ରସଙ୍ଗରେ ପ୍ରାବନ୍ଧିକ ଜାତୀୟ ସାହିତ୍ୟ ଉନ୍ନତି କଳ୍ପେ ଜାତୀୟ ସାହିତ୍ୟ ପାଠ କରିବା, କରାଇବା, ଲେଖିବା, ଓ ଲେଖାଇବା କଥା ବର୍ଣ୍ଣନା ହୋଇଛି । ମାତୃଭାଷାର ଅବନତି ପ୍ରତି କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାବନ୍ଧିକଙ୍କ ଭାଷାରେ, "ଆମର ମାତୃଭାଷା ପୁସ୍ତକ ମୁଁ ଯଦି ନ କ୍ରୟ କରେ ତେବେ ଅନ୍ୟ ମାନେ କାହିଁକି କିଣିବେ? ବଙ୍ଗଦେଶରେ ବର୍ତ୍ତମାନ ୧୦୬ ଖଣ୍ଡେ ମାସିକ ପତ୍ରିକା ଉତ୍ସାହ ବେଗରେ ଚାଲିଥିବ ବେଳେ ଉତ୍କଳର ଦୁର୍ଦ୍ଦଶା ନକହିଲେ ଚଳେ।" ଫକୀରମୋହନଙ୍କ ଅନ୍ୟତମ ଲୋକପ୍ରିୟ ପ୍ରବନ୍ଧ ହେଉଛି 'ଶୁଦ୍ର ଓ ବେଦଧିକାର' ,ଏହି ପ୍ରବନ୍ଧରେ ବେଦ କେଉଁ ବ୍ୟକ୍ତିର ଅଧ୍ୟୟନର ଅଧିକାର ତାହା ଉଲ୍ଲେଖ ହୋଇଛି। ବ୍ରାହ୍ମଣମାନେ ଏକ ଚାଟିଆ ବେଦ ଅଧ୍ୟୟନର ଅଧିକାରୀ ବୋଲି ଘୋଷଣା କରିବା ଓ ଅନ୍ୟଜାତିର ବ୍ୟକ୍ତିଙ୍କୁ ସେଥିରୁ ନିବୃତ କରାଇବା ନିନ୍ଦନୀୟ ବୋଲି କହିଛନ୍ତି।

ଫକୀରମୋହନ ସେନାପତି ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରବନ୍ଧକ ଓ ସାମାଜିକ ସୁଧାରକ ଭାବେ ପରିଚିତ। ତାଙ୍କ 'ଗୋତ୍ର' ପ୍ରବନ୍ଧ ହେଉଛି ଏକ ବ୍ୟଙ୍ଗାତ୍ମକ ଓ ସାମାଜିକ ପ୍ରବନ୍ଧ, ଯେଉଁଥିରେ ସେ ଗୋତ୍ର ଓ ଜାତିପ୍ରଥାର ଅନାବଶ୍ୟକ ଗରିମା ଉପରେ ତୀକ୍ଷ୍ଣ କଟାକ୍ଷ କରିଛନ୍ତି। ଫକୀରମୋହନ ଗୋତ୍ର ପ୍ରଥାକୁ ମନୁଷ୍ୟ ସମାଜର ଅବିଜ୍ଞତା ଓ ଅନ୍ଧଭକ୍ତିର ଫଳ ଭାବେ ଦେଖିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ମନୁଷ୍ୟର ମୂଲ୍ୟ ତାଙ୍କ କାର୍ଯ୍ୟ ଓ ଚରିତ୍ରଦ୍ୱାରା ମାପିବା ଉଚିତ, ଜନ୍ମ ଓ ଗୋତ୍ରଦ୍ୱାରା ନୁହେଁ। ସେ ଦେଖାଇଛନ୍ତି କିପରି ଲୋକ ଗୋତ୍ର ନିମନ୍ତେ ନିଜ ଜୀବନର ଛୋଟଛୋଟ କାର୍ଯ୍ୟରେ ଅନାବଶ୍ୟକ ଜଟିଳତା ସୃଷ୍ଟି କରନ୍ତି । ତାଙ୍କ ଦୃଷ୍ଟିରେ ଗୋତ୍ର ଏକ ସାମାଜିକ ପରିଚୟ ମାତ୍ର, ଯାହାକୁ ଅତିରିକ୍ତ ମହତ୍ତ୍ୱ ଦେବା ଅସମୀଚୀନ। ସେ ଲୋକମାନଙ୍କୁ ବିଜ୍ଞାନମୂଳକ ଓ ଯୁକ୍ତିଭିତ୍ତିକ ଚେତନା ଗଢ଼ିବାକୁ ଆହ୍ୱାନ କରିଛନ୍ତି। ଫକୀରମୋହନଙ୍କ ମତ ହେଉଛି ଯେ, "ମନୁଷ୍ୟ ସମସ୍ତେ ଏକ ଗୋତ୍ରର ମାନବ ଗୋତ୍ରର।" ସେହିପରି ଭେଦଭାବ ଓ ଜାତିପ୍ରଥାକୁ ସେ ମନୁଷ୍ୟତା ବିରୋଧୀ ମନେକରିଛନ୍ତି। ଗୋତ୍ର ପ୍ରବନ୍ଧ ମାଧ୍ୟମରେ ସେ ଓଡ଼ିଆ ସମାଜକୁ ସଚେତନ କରିବାକୁ ଚେଷ୍ଟା କରିଛନ୍ତି। ସେ ସମାଜରେ ବିବେକ, ନ୍ୟାୟ ଓ ସମାନତା ଆଣିବାକୁ ଚାହିଁଥିଲେ।

ସେହିପରି ଫକୀରମୋହନଙ୍କ କେତେକ ଦୁଷ୍ପ୍ରାପ୍ୟ ପ୍ରବନ୍ଧବଳୀ ରହିଛି। ସେଗୁଡିକ ହେଲା ତ୍ରିଧର୍ମ ,ସମନ୍ୱୟ ,ତୁକ୍କରାମ ,ପ୍ରକୃତି, ଆଳିମାଳିକା,ରେବତୀ ଗଳ୍ପର ମୂଳ ଅଂଶ ,ସଙ୍ଗୀତରତ୍ନ ପୁସ୍ତକର ସମୀକ୍ଷା। ତ୍ରିଧର୍ମ ପ୍ରବନ୍ଧରେ ପ୍ରାବନ୍ଧିକ ଫକୀରମୋହନ କହନ୍ତି, "ବିଶ୍ୱ ସଂସାରର କାର୍ଯ୍ୟାବଳୀ ପର୍ଯ୍ୟାଲୋଚନ କଲେ ଜଣାଯାଏ ପ୍ରତ୍ୟେକ ବିଷୟ ମୂଳରେ ତ୍ରିଧର୍ମର ସମନ୍ୱୟ ବିଦ୍ୟମାନ।" ଆର୍ଯ୍ୟଶାସ୍ତ୍ରକାରମାନେ ବ୍ରହ୍ମାଣ୍ଡର କାର୍ଯ୍ୟ ମୂଳରେ କର୍ତ୍ତା ରୂପେ ବ୍ରହ୍ମା ,ବିଷ୍ଣୁ ଓ ମହେଶ୍ୱରଙ୍କୁ ଅସ୍ତିତ୍ୱ ରୂପେ ସ୍ୱୀକାର କରିଛନ୍ତି। ସେହିପରି ତ୍ରିଭୁବନ ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତ୍ରିକାଳ ଭୂତ,ବର୍ତ୍ତମାନ ଓ ଭବିଷ୍ୟତ ତ୍ରି ଗୁଣ ସତ୍ୱ , ରଜଃ ,ତମଃ ତ୍ରି ଅବସ୍ଥା ବାଲ୍ୟ, ଯୌବନ ଓ ଜରା ।

'ତୁକରାମ' ପ୍ରବନ୍ଧରେ ପ୍ରାବନ୍ଧିକ ମହାରାଷ୍ଟ୍ରର ଭକ୍ତ ତୁକାରାମଙ୍କ ଜୀବନୀ ବିଷୟରେ ବର୍ଣ୍ଣନା କରିଛନ୍ତି । ତୁକାରମ୍ ମହାରାଷ୍ଟ୍ରର ଜାତୀୟ କବି। ସଂସାରର ସମସ୍ତ ଅୟସ ଆରାମକୁ ପରିତ୍ୟାଗ କରି ବୈରାଗ୍ୟ ପୂର୍ବକ ଈଶ୍ୱର ଉପାସନାରେ ଚିତ୍ତକୁ ନିବିଷ୍ଟ କରିଛନ୍ତି । ପରବର୍ତ୍ତୀ କାଳରେ ତୁକାରାମଙ୍କ ଉପଦେଶକ୍ରମେ ଏବଂ ସଂସର୍ଗରେ ଶିବାଜୀ ମହାରାଜ ସଂସାର ପ୍ରତି ବୀତସ୍ପୃହ ହୋଇ ରାଜ୍ୟ ପରିତ୍ୟାଗ କରି ଅରଣ୍ୟରେ ଆଶ୍ରୟ ଗ୍ରହଣ କରିଛନ୍ତି । ତେବେ ପ୍ରଜାପାଳନ କ୍ଷତ୍ରିୟର ଧର୍ମ ବୋଲି ତୁକରାମ ବୁଝାନ୍ତେ ଉପଦେଶକୁ ମାନି ଶିବଜୀଙ୍କର ବିଷୟ ବୈରାଗ୍ୟ ତିରୋହିତ ହୋଇ ସ୍ୱରାଜ୍ୟକୁ ପ୍ରତ୍ୟାଗମନ ହୋଇଛି ।

ଫକୀରମୋହନଙ୍କ ଅଜ୍ଞାତ ରଚନା ଆଳିମାଳିକା ଉତ୍କଳ ସାହିତ୍ୟ ପତ୍ରିକା ର ଚତୁର୍ଥ ସଂଖ୍ୟା ରେ ରଚିତ । ଏହି ପ୍ରବନ୍ଧରେ ପ୍ରାବନ୍ଧିକ କହିଛନ୍ତି ଯେଉଁ ଜାତିର ଆଧିପତ୍ୟ ଯେତେ ବେଶୀ ସେହି ଜାତିର ଭାଷାର ପ୍ରଚାର ସେତେ ବେଶୀ । ଉଦାହରଣ ଦେଇ ପ୍ରାବନ୍ଧିକ କହିଛନ୍ତି। ତେଲେଙ୍ଗାମାନେ ଓଡ଼ିଆଙ୍କ ପ୍ରତିବେଶୀ କିନ୍ତୁ କେତେଜଣ ଓଡ଼ିଆ ତେଲେଙ୍ଗୀ ବୁଝନ୍ତି ? ସେହିପରି ଆଳିମାଳିକା ଦ୍ୱିତୀୟ ଭାଗରେ ପ୍ରାବନ୍ଧିକ ଭାଷାରୁ ଦେଶଜ ଓ ବିଶେଷ ଅର୍ଥରେ ପ୍ରଯୁକ୍ତ ଶବ୍ଦ ସଂଖ୍ୟା ହ୍ରାସ ନେଇ ଉଦବେଗ ପ୍ରକାଶ କରିଛନ୍ତି। ଫକୀରମୋହନଙ୍କ ଦ୍ୱାରା ପ୍ରଦତ୍ତ ସାହିତ୍ୟ ସଭାର ଅଭିଭାଷଣଗୁଡ଼ିକୁ ସାହିତ୍ୟିକ ପ୍ରବନ୍ଧ ବା ସମାଲୋଚନାଭାବରେ ଗ୍ରହଣ କରାଯାଇପାରେ। କଟକ ଆଲୋଚନା ସଭାର ୪ର୍ଥ ବାର୍ଷିକ ଅଧିବେଶନରେ ପ୍ରଦତ୍ତ ଅଭିଭାଷଣ ଓ ତା ୬-୯-୧୯୧୪ ରିଖରେ

ଉତ୍କଳ ସାହିତ୍ୟ ସମାଜର ଅଭିଭାଷଣ ଏ ପ୍ରସଙ୍ଗରେ ଉଲ୍ଲେଖନୀୟ । ମାତୃଭାଷାର ଉନ୍ନତିପାଇଁ ତାଙ୍କର ବ୍ୟାକୁଳତା ଏହି ଅଭିଭାଷଣ ଦ୍ୱୟରେ ପ୍ରକାଶିତ । ସେ ସାହିତ୍ୟକୁ ଜାତୀୟ ଜୀବନର ବିଚରଣ ଭୂମି ଭାବରେ ଏଥିରେ ଗ୍ରହଣ କରିଛନ୍ତି । ସେ ଏହି ପ୍ରବନ୍ଧ ଦ୍ୱୟରେ ଓଡ଼ିଆ ସାହିତ୍ୟର ପ୍ରସାର ପାଇଁ ଆମକୁ ଢେର ଉଦ୍‌ବୋଧନ ଦେଇଛନ୍ତି । ଏପରିକି ବଙ୍ଗଳା ସାହିତ୍ୟର ଆଧୁନିକୀକରଣରେ ଓଡ଼ିଆମାନଙ୍କ ଭୂମିକାକୁ ସେ ଆମକୁ ସ୍ମରଣ କରାଇଛନ୍ତି। ସେ ବହୁ କ୍ଷେତ୍ରରେ ପରମ୍ପରାର ପୋଷାକ, ମାତ୍ର ସାହିତ୍ୟ ଆଲୋଚନା କ୍ଷେତ୍ରରେ ସେ ଥିଲେ ଯୁଗସଚେତନ । ଯୁଗ ଯାହା ଚାହୁଁଛି, ଯୁଗ ଅନୁଯାୟୀ ଯେପରି ଲେଖିଲେ ସର୍ବତ୍ର ଆମ ସାହିତ୍ୟର ଆଦର ବଢ଼ିବ, ସେପରି ଲେଖିବାକୁ ଫକୀରମୋହନ ପସନ୍ଦ କରୁଥିଲେ । ସେ ତାଙ୍କ ଅଭିଭାଷଣ ଦୁଇଟିରେ ସ୍ୱ-ସାହିତ୍ୟିକ ଆଭିମୁଖ୍ୟ ସମ୍ପର୍କରେ ପାଠକମାନଙ୍କୁ ଧାରଣା ଦେଇଛନ୍ତି। ସେ ଆପଣାର ଔପନ୍ୟାସିକ ଜୀବନର କଥା କହିବାକୁ ଯାଇ ଲେଖୁଛନ୍ତି, "କେହି କହିପାରନ୍ତି ମୁଁ ଦୁଇଖଣ୍ଡ ସାମାନ୍ୟ ଉପନ୍ୟାସ ଲେଖିଅଛି ବୋଲି ଉପନ୍ୟାସର ଏତେ ପ୍ରଶଂସା କଲି, କିନ୍ତୁ ମୋ ନିଜ ପକ୍ଷରୁ କୈଫିୟତ ଏହି ଯେ, ଗୋଟିଏ ନିବିଡ଼ ଜଙ୍ଗଲରେ ବାଟ ନଥିଲେ କୁଲି ଶ୍ରେଣୀର ଲୋକ ଜଙ୍ଗଲ କାଟି ବାଟର ଛାଞ୍ଚ କରିଦେଲା ଉତ୍ତାରେ ଜ୍ଞାନବନ୍ତ ଇଂଜିନିୟରମାନେ ଆସି ସୁନ୍ଦର ସଡ଼କ ପ୍ରସ୍ତୁତ କରିଥାନ୍ତି । ଅତଃପର ଶିକ୍ଷିତ ଲୋକମାନେ ଭଲ ଉପନ୍ୟାସ ଲେଖିଲେ, ସେଥିପାଇଁ ମୁଁ ଗୋଟିଏ ଛାଞ୍ଚ କରିଯାଉଛି " ଏଥିରୁ ତାଙ୍କର ସାହିତ୍ୟିକ ଉଦାରତା ଓ ଉତ୍ତର ସାଧକମାନଙ୍କ ପ୍ରତି ଗଭୀର ଆସ୍ଥାର ପରିଚୟ ମିଳେ।

ଫକୀରମୋହନ ସାହିତ୍ୟକୁ ଜାତୀୟ ଜୀବନର ସମ୍ପତ୍ତି ରୂପେ ବିବେଚନା କରୁଥିଲେ । ଯେପରି ପ୍ରତ୍ୟେକ ପରିବାର ସେମାନଙ୍କ ଦାୟାଦମାନଙ୍କ ସକାଶେ ଅର୍ଥ ସଞ୍ଚୟ କରି, ସେହିପରି ଶିକ୍ଷିତ ବ୍ୟକ୍ତିମାନେ ଭାବୀ ବଂଶଧରମାନଙ୍କ ପାଇଁ କିଛି ସାହିତ୍ୟ ସୃଷ୍ଟି କରି ଛାଡିଯିବା ଉଚିତ୍ । ଏହାଦ୍ୱାରା ଦେଶ ବିଦେଶରେ, ସଭ୍ୟ ସମାଜରେ ଜାତିର ମର୍ଯ୍ୟାଦା ରକ୍ଷା କରାଯାଇପାରିବ । ଏ ପ୍ରସଙ୍ଗରେ ସେ ଆମର ପଡ଼ୋଶୀ ବଙ୍ଗଳା ସାହିତ୍ୟର ଦୃଷ୍ଟାନ୍ତ ଦେଇଛନ୍ତି । ଜାତିର ଉନ୍ନତି ପାଇଁ ଜାତୀୟ ସାହିତ୍ୟର ଉନ୍ନତି ଆବଶ୍ୟକ। ଏ ସମ୍ପର୍କରେ ତାଙ୍କର ନିର୍ଦ୍ଦିଷ୍ଟ ବକ୍ତବ୍ୟ ଥିଲା । ଜାତୀୟ ସାହିତ୍ୟ ନିଜେ ପଢ଼ିବା, ଅନ୍ୟକୁ ପଢ଼ାଇବା, ସାହିତ୍ୟ ନିଜେ ଲେଖିବା ଅନ୍ୟକୁ ଲେଖାଇବା ଉପରେ ସେ ଅଶେଷ ଗୁରୁତ୍ୱ ଦେଇଛନ୍ତି । ଶିକ୍ଷିତ ଓଡ଼ିଆମାନଙ୍କର ମାତୃଭାଷା ବିମୁଖ ମନୋଭାବ ତାଙ୍କୁ ବ୍ୟଥିତ କରିଥିଲା। ସେ ଏ ସମ୍ପର୍କରେ ଅତି ଦୁଃଖର ସହିତ କହିଥିଲେ ଯେ, "ମୋତେ ସଙ୍କୁଚିତ ଓ ଦୁଃଖିତ ଭାବରେ ବୋଲିବାକୁ ହେଉଛି, ଆମ୍ଭମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷିତ ଲୋକମାନଙ୍କ ମଧ୍ୟରେ ମାତୃଭାଷାର ଗ୍ରନ୍ଥ କିଣି ପଢ଼ିବାର ରୁଚି ଜାତ ହୋଇନାହିଁ, ଅଥବା ବଡ଼ବଡ଼ ଆକାର ସୁନେଲି ବନ୍ଧାଇ ନାନା ଭାବପୂର୍ଣ୍ଣ ପୁସ୍ତକମାନ ସଚରାଚର ସେମାନଙ୍କ ହସ୍ତରେ ଥିବାରୁ ସାମାନ୍ୟ ବନ୍ଧାଇ ଚଟି ବହି ପ୍ରତି ଅବଜ୍ଞା ଜାତ ହେବା ସ୍ୱାଭାବିକ । ହେଲେ ସେମାନଙ୍କର ବିଚାର କରିବାର ଉଚିତ, ଅନ୍ୟର ସୌଭାଗ୍ୟବତୀ ମାତାକୁ ଭକ୍ତି ଓ ପୂଜା କରିବା ସମୟରେ, ହେ ଦରିଦ୍ର ସନ୍ତାନ, ସେହି ସମୟରେ ମାତାର ଅବସ୍ଥା ଉନ୍ନତି ସକାଶେ ଯତ୍ନ କରିବାର ଅଥବା ଅବଜ୍ଞା ଭାବରେ ତାହାକୁ ତଡ଼ି ଦେବାର ଉଚିତ । ଏହା ଆପଣମାନଙ୍କର ବିଚାର୍ଯ୍ୟ ବିଷୟ ଅଟେ ।" ସେ ଜନନୀ ଭାବରେ ମାତୃଭାଷାକୁ ଗ୍ରହଣ କରି ନେଇଥିଲେ।

ପ୍ରାବନ୍ଧିକ ଫକୀରମୋହନ ସେନାପତି ତାଙ୍କ ପ୍ରବନ୍ଧରେ ଜାତୀୟ ଜୀବନ ,ସଂସ୍କୃତି ,ପରମ୍ପରା ଓ ଦର୍ଶନର ମୂଲ୍ୟବୋଧକୁ ସ୍ୱକୀୟ ଶୈଳୀରେ ଉପସ୍ଥାପନ କରିଛନ୍ତି । ଗଳ୍ପ ,ଉପନ୍ୟାସ ଓ କବିତାରେ ଫକୀରମୋହନ ସାଧାରଣତଃ ଗ୍ରାମ୍ୟ ଉପଯୋଗୀ ଭାଷାର ପ୍ରୟୋଗ କରିଥିବା ବେଳେ ପ୍ରବନ୍ଧ ଅଭିଭାଷଣରେ ପ୍ରାୟତଃ ସଂସ୍କୃତ ଅନୁସାରୀ ସାଧୁ ଭାଷାର ପ୍ରୟୋଗ କରିଛନ୍ତି। ସ୍ୱାଧୀନ ଚିନ୍ତାଧାରା ଓ ନୂତନ ଆଙ୍ଗିକ ଦୃଷ୍ଟିକୋଣରୁ ଫକୀରମୋହନଙ୍କ ପ୍ରବନ୍ଧ ସମୂହ ଅତ୍ୟନ୍ତ ଉପାଦେୟ । ଫକୀରମୋହନଙ୍କ ପ୍ରବନ୍ଧରଚନା ଶୈଳୀ ଅତ୍ୟନ୍ତ ମନୋରମ ଥିଲା। ତାଙ୍କର ବୌଦ୍ଧିକ ସୃଜନଶୀଳତା, ବିଷୟବିନ୍ୟାସ କୌଶଳ ତାଙ୍କ ରଚିତ ପ୍ରବନ୍ଧସମୂହକୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଜଗତରେ ସ୍ୱତନ୍ତ୍ର ପରିଚିତି ପ୍ରଦାନ କରିବାରେ ସହାୟକ ହୋଇଛି ।

### ସଙ୍କେତ ସୂଚୀ

BINDU BIMARSHA...


୧. ମିଶ୍ର, ଅନନ୍ତ, ସଂପାଦିତ. *ଫକୀର ମୋହନ ଗ୍ରନ୍ଥାବଳୀ*, ଖଣ୍ଡ–୧. କଟକ ଷ୍ଟୁଡେଣ୍ଟ୍‌ସ ଷ୍ଟୋର, ୧୯୬୩.

୨. କୁଅଁର, ଦୁର୍ଗାଚରଣ. *ଫକୀର ମୋହନ ସେନାପତି*. ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୯୩.

୩. ଗିରି, ଅରବିନ୍ଦ. *ଫକୀରମୋହନ ଦୁଷ୍ପ୍ରାପ୍ୟ ଓ ଦୁର୍ଲଭ ରଚନାବଳୀ*. ଓଡ଼ିଶା ସାହିତ୍ୟ ଏକାଡେମୀ, ୨୦୦୦.

୪. କର, ବାଉରୀ ବନ୍ଧୁ. *ଓଡ଼ିଆ ପ୍ରବନ୍ଧ ସାହିତ୍ୟ*. ବିଦ୍ୟା ପ୍ରକାଶନ, କଟକ, ୨୦୧୭.



| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 1 % |
| Ethical Approval | Not applicable |
| Cite: | Swain, Dr. Sushree Sangit. "Prābandhika Fakīramohana: Eka Ākaḷana." Bindu Bimarsha, vol. 2, no. 1, Jan. 2026, pp. 42–45. Crossref, https://doi.org/10.64647/bb.vol.2.issue.1.2026.7. |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ଓଡ଼ିଆ ଉପନ୍ୟାସର ପ୍ରେକ୍ଷାପଟରେ 'ଓ ଏକାକୀ ଏବଂ ଜିଗୋଲୋ': ଏକ ମୂଲ୍ୟାୟନ

ମାନସ କୁମାର ନାୟକ
ଦରଡ଼ିପାଳ, କେନ୍ଦୁଝର,୭୫୮୦୨୫

**ARTICLE NO:** BB-II-I-2026-08

**ORC ID:** 0009-0008-7999-7371
**E-Mail:** manasnayak7478@gmail.com

**DOI:** 10.64647/bb.vol.2.issue.1.2026.8
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date:** 23-11-2025
**Publication Date:** 14-01-2026

ABSTRACT ॥ ସଂକ୍ଷିପ୍ତ ସାର

ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଉପନ୍ୟାସରେ ମଧ୍ୟ ଅନେକ ପରୀକ୍ଷା ନିରୀକ୍ଷା ଘଟିଛି। କାବ୍ୟିକ ଶୈଳୀ, ନାଟକୀୟ ଶୈଳୀ, ମିଶ୍ର ବର୍ଣ୍ଣନା ଶୈଳୀ ପ୍ରଭୃତି ନୂତନ ଶୈଳୀର ଆବିର୍ଭାବ ଉପନ୍ୟାସକୁ ଏକ ନୂଆ ରାହା ଦେଖାଇଛି। ବର୍ତ୍ତମାନ କୌଣସି କଥା କାହାକୁ ଅଛପା ହେଇରହିନାହିଁ । ସମାଜରେ ଘଟୁଥିବା ଘଟଣାକୁ ସାହିତ୍ୟର ରୂପ ଦେବା ଏବଂ ସମାଜକୁ ଉଚିତ୍ ମାର୍ଗ ଦେଖାଇବା ହେଉଛି ଏକ ଲେଖକର ଧର୍ମ।ଏହା ଫଳରେ ଲେଖକଟିଏ ସମାଜର ବିଭିନ୍ନ ଗୋପନ ତଥ୍ୟକୁ ସାହିତ୍ୟରେ ସ୍ଥାନ ଦେଲା। ସେଥିରୁ ଗୋଟିଏ ହେଉଛି ଯୌନତା ଏବଂ ଅନ୍ୟଟି ଲୈଙ୍ଗିକ ବିବିଧତା। ସାମାଜିକ ଗଣମାଧ୍ୟମ ଜରିଆରେ ସମଲିଙ୍ଗୀ ସମ୍ପର୍କ, ଜିଗୋଲୋମାନଙ୍କ ଜୀବନ ଚିତ୍ର ପ୍ରଭୃତି ଲୋକଙ୍କ ସାମ୍ନାକୁ ଆସିଲା। ସରୋଜିନୀ ସାହୁଙ୍କ 'ଅସାମାଜିକ', ଅରବିନ୍ଦ ରାୟଙ୍କ 'ବସ୍ତି' ଆଦି ଉପନ୍ୟାସରେ ସମଲିଙ୍ଗୀ ସମ୍ପର୍କରେ ବର୍ଣ୍ଣିତ ଥିବାବେଳେ ଶୁଭ୍ରାଂଶୁ ପଣ୍ଡାଙ୍କ 'ଇତର' ଉପନ୍ୟାସରେ କିନ୍ନର ସମସ୍ୟାର ଚିତ୍ର ଦେଖିବାକୁ ମିଳେ। ସେହିପରି ସୁନିତ ମୁଣ୍ଡଙ୍କ 'ଜିଗୋଲୋ' ଏବଂ ଅନୀଲ ପାଢ଼ୀଙ୍କ 'ଓ ଏକାକୀ' ଉପନ୍ୟାସଦ୍ୱୟରେ ପୁରୁଷ ବେଶ୍ୟାମାନଙ୍କ ଜୀବନର ଚିତ୍ର ବର୍ଣ୍ଣିତ।

**ମୂଳ ଶବ୍ଦ:** ବେଶ୍ୟା, ସେକ୍ସ, ଜିଗୋଲୋ, ସାଇକୋଲୋଜି, ଦର୍ଶନ, ପ୍ରେମ, ପୁରୁଷ

ସାମ୍ପ୍ରତିକ ସମୟରେ ଓଡ଼ିଆ ଉପନ୍ୟାସରେ ଦେଖାଦେଇଛି ଅନେକ ପରିବର୍ତ୍ତନ। ଉପନ୍ୟାର ନୂଆ ନୂଆ ଆଙ୍ଗିକ ଫର୍ମ ଆସିଛି, ନୂଆ ନୂଆ ପୃଷ୍ଠଭୂମିକୁ ନେଇ ଉପନ୍ୟାସ ରଚିତ ହେଉଛି । ସେଥିମଧ୍ୟରୁ ଗୋଟିଏ ହେଉଛି ଜିଗୋଲୋ ପ୍ରସଙ୍ଗ । ବର୍ତ୍ତମାନ ସମୟରେ ସେକ୍ସ ସାଜିଛି କେବଳ ଏକ ବ୍ୟବସାୟ। ଏହି ବ୍ୟବସାୟର ଶିକାର ହୁଅନ୍ତି ସାଧାରଣତଃ ଗରିବଶ୍ରେଣୀର ପିଲାମାନେ। 'ବେଶ୍ୟା' ଏହି ଶବ୍ଦଟି ଉଭୟ ନାରୀ ଏବଂ ପୁରୁଷକୁ ବୁଝାଏ। ଓଡ଼ିଆ ସାହିତ୍ୟରେ ନାରୀମାନଙ୍କର ବେଶ୍ୟା ପ୍ରସଙ୍ଗକୁ ନେଇ ଅନେକ ଉପନ୍ୟାସମାନ ରଚିତ ହେବାର ଦେଖାଯାଏ। ଯେପରିକି – ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ଉପନ୍ୟାସରେ କଲିକତା ନଗରୀର ବେଶ୍ୟାପଡ଼ାର ଚିତ୍ର ଦେଖିବାକୁ ମିଳେ। ସେହିପରି ଗୌରହରି ଦାସଙ୍କ 'ଛାୟାସୌଧର ଅବଶୋଷ' ଉପନ୍ୟାସରେ ବେଶ୍ୟା ଜୀବନକୁ ଗ୍ରହଣ କରିଥିବା କଲିକତା ମିନୁ ଦେ ର କାହାଣୀ ବର୍ଣ୍ଣିତ। ଔପନ୍ୟାସିକ ରଜନୀକାନ୍ତ ମହାନ୍ତିଙ୍କ 'ଜାଙ୍ଗଲିକ' ଉପନ୍ୟାସରେ ବେଶ୍ୟାପଡ଼ାରେ ରହୁଥିବା ରାଣୀ ବେଶ୍ୟା ପାଖରୁ ଜନ୍ମ ହେଇଥିବା ସପୁରର ଜୀବନ ବର୍ଣ୍ଣିତ। କେବଳ ନାରୀ ନୁହେଁ ପୁରୁଷ ବେଶ୍ୟାଙ୍କୁ କେନ୍ଦ୍ର କରି ମଧ୍ୟ ଓଡ଼ିଆ ସାହିତ୍ୟର ଦୁଇଟି ଉପନ୍ୟାସ ରଚିତ ହୋଇଛି। ଗୋଟିଏ ହେଉଛି ଅନୀଲ ପାଢ଼ୀଙ୍କ 'ଓ' ଏକାକୀ' ଏବଂ ଅନ୍ୟଟି ହେଉଛି ସୁନୀତି ମୁଣ୍ଡ୍ ଙ୍କ 'ଜିଗୋଲୋ'। ଏ 'ଜିଗୋଲୋ' ଶବ୍ଦଟି ଶୁଣିବାକୁ ଆମକୁ ଯେତିକି ରୋମାଞ୍ଚିତ ଲାଗେ, ସେତିକି ଚକିତ ମଧ୍ୟ କରେ। ଜଣେ ପୁରୁଷ ବେଶ୍ୟା ସାଜିବାର କାରଣ କଣ ? ଏହି କାର୍ଯ୍ୟରେ ଗୋଟିଏ ପୁରୁଷ କେତେ ସମସ୍ୟାରେ ସମ୍ମୁଖୀନ ହୁଏ ? ଏହାର ଅନ୍ତିମ ପରିଣତି କଣ ହେଇପାରେ ? ଏସବୁ ଉତ୍ତର ଆମକୁ ଏ ଦୁଇଟି ଉପନ୍ୟାସରେ ଦେଖିବାକୁ ମିଳେ।

## ଓ ଏକାକୀ (୨୦୦୮) :

ଜିଗୋଲୋମାନଙ୍କ ଜୀବନୀକୁ ନେଇ ରଚିତ ହୋଇଥିବା ଓଡ଼ିଆ ସାହିତ୍ୟର ପ୍ରଥମ ଉପନ୍ୟାସ ହେଉଛି ଅନୀଲ ପାଢ଼ୀଙ୍କ 'ଓ'ଏକାକୀ'। ଏହା ପ୍ରଥମେ ଟାଇମ୍ସ ଅଫ ଇଣ୍ଡିଆ ଗ୍ରୁପର ଓଡ଼ିଆ ପତ୍ରିକା 'ଆମ ସମୟ'ରେ ୨୦୦୮ ମସିହାରେ ପ୍ରକାଶିତ ହୋଇଥିଲା। ପରେ ୨୦୧୭

ମସିହାରେ ଓଡ଼ିଶା ବୁକ୍ ଷ୍ଟୋରଦ୍ୱାରା ଏହା ପୁସ୍ତକ ଆକାରରେ ପ୍ରକାଶ ଲାଭ କଲା।ଏହି ଉପନ୍ୟାସ ଜିଗୋଲୋ ମାନଙ୍କୁ କେନ୍ଦ୍ର କରି ରଚିତ ହେଲେ ମଧ୍ୟ ପଞ୍ଜିବାଦ ବିରୁଦ୍ଧରେ ନିମ୍ନବର୍ଗ ବ୍ୟକ୍ତିର ବିଦ୍ରୋହକୁ ଏହା ସାମ୍ନାକୁ ଆଣେ।

ଉପନ୍ୟାସର ନାୟକ ବ୍ରଜସୁନ୍ଦର ଗରିବ ଶ୍ରେଣୀର ପିଲା। ବାପା ନାହିଁ କେବଳ ବୁଢ଼ୀ ମା ସହ ଚାଳ ଛପର ଘରେ ରହୁଥିବା ପିଲା ବି. ଏ ପାସ୍ କରି ମଧ୍ୟ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଏକ ଭୂଷା ଦୋକାନରେ ରହିଛି ସତ କିନ୍ତୁ ଗାଁ ରେ ସମସ୍ତଙ୍କ ପାଇଁ ସେ ଚାକିରୀ କରିଛି। ବ୍ରଜର ନିଜଦାଦା ବିନ ମହାନ୍ତି ପୁଞ୍ଜିପତି ହୋଇଥିବାରୁ ତାର ଅତ୍ୟାଚାରରୁ ମୁକୁଳିବା ପାଇଁ, ତା କୋଠା ସାମ୍ନାରେ କୋଠା ଛିଡ଼ା କରିବା ପାଇଁ ବ୍ରଜ ବିହାର ଯାଏ। ଅଧିକ ଟଙ୍କା ରୋଜଗାର କରିବାର ଆଶାରେ ସେ କୌଶିକ ଖାଡ଼କେର ଚକ୍ରାନ୍ତର ଶିକାର ହୁଏ। ପ୍ରଥମେ କିଛି ଜାଣିପାରୁନଥିବା ପିଲା ସମୟ ସୁଅରେ ପାଲଟିଯାଏ 'ଜିଗୋଲୋ'। ସଇତିରିଶ ନମ୍ବର ରୁମରେ କ୍ରିଶ୍ ସହ କିଛିଦିନ ରହେ। ପରେ ଗାଁ ର ବ୍ରଜସୁନ୍ଦର ସାଜିଯାଏ ବେଶ୍ୟା ସୁନ୍ଦରମ୍। କିଛି ନ ବୁଝି ଟଙ୍କାର ଲୋଭରେ ପାଞ୍ଚ ବର୍ଷ ପାଇଁ ସେ ନିଜକୁ ବିକିଦିଏ। ଜିନି ସହ ତାର ପ୍ରଥମ ମିଳନ ତାକୁ ବ୍ୟବସାୟ ଆଡ଼କୁ ପାଦେ ଟାଣିନିଏ। ସେ ମନେପକାଏ ତାର ଅତୀତକୁ, ଜେମାର ସ୍ମୃତିକୁ। ସୁନ୍ଦରମ୍ କେବେ ଭାବିନଥିଲା ଯେ ପୁରୁଷମାନଙ୍କର ଏକ ବେଶ୍ୟାପଡ଼ା ଅଛି ବୋଲି। ସେଇ ରଙ୍ଗମହଲରେ ସେ ନାରୀମାନଙ୍କ ସହ ମିଳିତ ହେବାର ଅନେକ ମୁଦ୍ରା ଶିଖିଛି। ତାର ଅତୀତ, ତାର ସ୍ୱପ୍ନ, ତାର ସମ୍ପର୍କ ସବୁ ସେହି ରଙ୍ଗମହଲରେ ହଜିଯାଇଛି। ସେ ସଙ୍ଗ ମୈଥୁନ, ହସ୍ତ ମୈଥୁନ, ମୃତ୍ୟୁ ମୈଥୁନ ଆଦି ଶିଖି ଅନେକ ନାରୀଙ୍କୁ ଉପଭୋଗ କରିଛି। ସେ କେବଳ ଗୋଟିଏ ନାରୀର ଦେହକୁ ଉପଭୋଗ କରେନି, ସେ ଜଣେ ପତ୍ନୀର ପତ୍ନୀତ୍ୱ, ପରିବାରର ପରିବାରତ୍ୱ ଆଉ ସମାଜର ସମାଜତ୍ୱକୁ ନଷ୍ଟ କରୁଥାଏ।

ସୁନ୍ଦରମ୍ ଭେଟିଛି ଅନେକ ନାରୀଙ୍କୁ। ସମସ୍ତଙ୍କ ପାଇଁ ସେକ୍ସର ପରିଭାଷା ଅଲଗା ଅଲଗା। ମିସେସ ନଟରାଜନଙ୍କ ପାଇଁ ସେକ୍ସ ହେଉଛି ଏକ ଅର୍ଥନୀତି ଏବଂ ଏହାର ସବୁଠାରୁ ଭୟାନକ ଫର୍ମ ହେଲା ପରିବାର। ସନ୍ତାନମାନେ ହେଉଛନ୍ତି ଭବିଷ୍ୟତର ପଲିସି। ତାଙ୍କ ପାଇଁ ସେକ୍ସ ହେଉଛି ଷ୍ଟ୍ରେସ ରିମୁଭ୍ କରିବାର ଏକ ସାଧନ। ମିସେସ୍ ବ୍ରିଗେଞ୍ଜା ସେକ୍ସକୁ ରକ୍ତର ଆକର୍ଷଣ ବୋଲି ମାନନ୍ତି। ସେକ୍ସ ତାଙ୍କ ପାଇଁ ଏକ ଧର୍ମ, ଏକ ନିଶା, କେବଳ ଗୋଟିଏ ମୁହୂର୍ତ୍ତର ସୁଖ। ସେହିପରି ସୁଧା ପାଇଁ ସେକ୍ସ ହେଉଛି ଏକ ପ୍ରକାର ଆପ୍ରିସିଏସନ୍।ଏହା ଏକ କାର୍ଯ୍ୟ ଏବଂ ଏଥିପାଇଁ ଫୋର୍ସ ହେଉଛି ସୁନ୍ଦରତା। ପ୍ରକୃତ ପୁରୁଷ ଆଖିରେ ଥାଏ ଜାନ୍ତବ କ୍ଷୁଧା ବଦଳରେ ସୌନ୍ଦର୍ଯ୍ୟବୋଧ। ଯେଉଁ ଜିନି ବ୍ରଜକୁ ସୁନ୍ଦରମ୍ ରେ ସଜାଇଥିଲା,ସେ ପ୍ରେମ କରେ ସୁନ୍ଦରମ୍ କୁ। ସେ ଚାହେଁ ପିଓର ସେକ୍ସ। ଯେଉଁ ସେକ୍ସରେ ଥିବ ତଲ୍ଲୀନତା ଏବଂ ସ୍ଥିରତା। ଜିଗୋଲୋମାନେ, ଯିଏ ପ୍ରତି ରାତିରେ ବୟସ, ଜାତି ର ବାଛବିଚାର ନ କରି ରମଣୀମାନଙ୍କୁ ସମ୍ଭୋଗ କରନ୍ତି, ତାଙ୍କ ପାଇଁ ସମ୍ପର୍କର ମୂଲ୍ୟ କିଛି ନଥାଏ। ଏହା କେବଳ ଏକ ବ୍ୟବସାୟ। ଇନ୍ଦ୍ର ସାକସେନାର ମତରେ ଜିଗୋଲୋଜିମ୍ କୁ ପ୍ରତି ରାତିରେ ଭେଟୁଥିବା ନାରୀଙ୍କୁ ସେହି ସମୟ ପାଇଁ ନିଜର ନବବିବାହିତା ପତ୍ନୀ ବା ପ୍ରେମିକା ଧରିନେବା କଥା।କ୍ଲାଇଣ୍ଟ ନମ୍ବର ଏକ୍ସ ଏଇଟ୍ ସେଭେନ ସିକ୍ସ ପାଇଁ କିନ୍ତୁ ସେକ୍ସର ପରିଭାଷା ସଂପୂର୍ଣ୍ଣ ଭିନ୍ନ। ଏହି କ୍ଲାଇଣ୍ଟ ପାଇଁ ସେକ୍ସ ହେଉଛି ସନ୍ତାନ ସୃଷ୍ଟିର ଏକ ମାଧ୍ୟମ। ସେ ଏହି ସେକ୍ସ ଭିତରେ ନିଜ ମାତୃତ୍ୱକୁ ଖୋଜେ। ତା ପାଇଁ ସୁନ୍ଦରମ୍ ହେଉଛି ଏକ ହତ୍ୟାକାରୀ, ବୀର୍ଯ୍ୟ ଭିତରେ ଥିବା ଅସଂଖ୍ୟ ଜୀବନର ହତ୍ୟାକାରୀ ହେଉଛନ୍ତି ଜିଗୋଲୋମାନେ। ଜିଗୋଲୋମାନେ ଯଦି ପିତା ହୁଅନ୍ତି ତେବେ ପିତୃତ୍ୱ କେହି ଜାହିର କରିପାରିବେନି ଏହି ଆଶାରେ ସେ ସୁନ୍ଦରମ୍ ସହ ଏକ ମାସ ମିଳିତ ହୋଇଥିଲା।

ମାନବେଶ ଗୁପ୍ତା ପ୍ରେମିକା ଉପରେ ପ୍ରତିଶୋଧ ନେବା ପାଇଁ ସାରା ନାରୀ ସମାଜକୁ ଉପଭୋଗ କରି ମନ ଶାନ୍ତ କରିବ ବୋଲି ଭାବିଥିଲା, ମାତ୍ର ତାର ଯୌନାଙ୍ଗକୁ ଏକ ନାରୀ କାମୁଡ଼ିଦେବାରୁ ସେ ମେଡ଼ିକାଲରେ ପଡ଼ିଛି। ଶେଷରେ ବ୍ରଜର ଦେହ ଅସୁସ୍ଥ ସତ୍ତ୍ୱେ ମଧ୍ଯ ସେ ଏକ ବୃଦ୍ଧାକୁ ସମ୍ଭୋଗ କରିବାକୁ ଯାଇଛି ଏବଂ ସେଠାରୁ ଖସିଚାଲିଆସିଛି କହ୍ନେଇଲାଲ୍ ସହ ନିଜ ଗାଁ କୁ। ତା ଦୃଷ୍ଟିରେ ଏବେ ଦୁନିଆର ସମସ୍ତ ନାରୀ ଉଲଗ୍ନ। ସମଗ୍ର ପୃଥିବୀ ତା ପାଇଁ ବସ୍ତ୍ରହୀନ। ପୁଞ୍ଜିପତି ବିନ ମହାନ୍ତିଠାରୁ ଅଧିକ ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ବିହାର ଯାଇଥିବା ବ୍ରଜସୁନ୍ଦର ଅପର୍ଯ୍ୟାପ୍ତ ସମ୍ପତ୍ତିର ଅଧିକାରୀ ହୋଇ ଶେଷରେ ପାଗଳ ହୋଇଯାଇଛି। ବୀର୍ଯ୍ୟ ଦାନ ହିଁ ଜଣେ ଜିଗୋଲୋର କର୍ମ। ସେକ୍ସ ସମସ୍ତଙ୍କ ପାଇଁ କିନ୍ତୁ ଭିନ୍ନ ଭିନ୍ନ। ସେକ୍ସ ପ୍ରକୃତରେ ସୋସିଆଲ ନା ପଲିଟିକାଲ, ଅର୍ଥନୀତି ନା ସାଇକୋଲୋଜି, କଲଚରାଲ ନା ବିହେଭିରିଆଲ୍, ଆବଶ୍ୟକତା ନା ସୌଖିନତା। ମିସେସ୍ ବ୍ରିଗେଞ୍ଜାଙ୍କ ପାଇଁ ସେକ୍ସ ଗୋଟାଏ ଆହ୍ୱାନ, ଗୋଟେ ଇଚ୍ଛା। ସୁଧା ପାଇଁ ସେକ୍ସ ଆସଥେଇଜିମ୍। କ୍ଲାଇଣ୍ଟ ନମ୍ବର ଏକ୍ସ ଏଇଟ ସେଭେନ ସିକ୍ସ ପାଇଁ ସେକ୍ସ ଗୋଟାଏ ବଂଶର ଉଦ୍ଭବ କେବଳ। କିଏ ସେକ୍ସକୁ ଦର୍ଶନ କହିଥିଲା ତ କିଏ ମାନସିକତା। କାହା ପାଇଁ ଏହା ବିଜ୍ଞାନ ତ କାହା ପାଇଁ ଏହା ଆବଶ୍ୟକତା। ପ୍ରକୃତରେ ସେକ୍ସ କଣ ? ଏହି ପ୍ରଶ୍ନ ପାଖରେ ଅଟକି ରହିଥିଲା ବ୍ରଜସୁନ୍ଦର।

ଔପନ୍ୟାସିକ ଏଠାରେ ପୁଞ୍ଜିପତି ଏବଂ ନିମ୍ନ ବର୍ଗର ପ୍ରଭେଦ ଦେଖାଇବା ସହ ଜିଗୋଲୋମାନଙ୍କ ସଂଘର୍ଷକୁ ମଧ୍ୟ ଦର୍ଶାଇଛନ୍ତି। ପ୍ରେମ ଏବଂ ସଂପର୍କର ମୂଲ୍ୟ ବୁଝୁନଥିବା ଜିଗୋଲୋମାନେ ଟଙ୍କା ପାଇଁ ନିଜ ଦେହ ବିକ୍ରି କରନ୍ତି। ଏଥିରେ ଫସିଯାଆନ୍ତି ବ୍ରଜ ପରି ଅନେକ ଗରିବ ଯୁବକ ଏବଂ ପାଲଟିଯାଆନ୍ତି ସୁନ୍ଦରମ୍। ପରୋକ୍ଷରେ ବି. ଏ ପାସ୍ କରିଥିବା ଯୁବକର ବେକାରୀ ସମସ୍ୟାକୁ ମଧ୍ୟ ଦେଖିବାକୁ ମିଳେ। ଜିଗୋଲୋମାନେ ନାରୀକୁ ଉପଭୋଗ କରନ୍ତି ନାହିଁ ବରଂ ନାରୀମାନେ ଜିଗୋଲୋମାନଙ୍କୁ ଉପଭୋଗ କରନ୍ତି। ଜଣେ ପୁରୁଷ ବେଶ୍ୟାର ଅନ୍ତିମ

ପରିଣତି କଣ ହୋଇପାରେ ତାହା ବ୍ରଜ ଓରଫ୍ ସୁନ୍ଦରମ୍ ଚରିତ୍ର ମାଧ୍ୟମରେ ଦେଖିବାକୁ ମିଳେ।

**ଜିଗୋଲୋ (୨୦୧୫) :**

ପୁରୁଷ ବେଶ୍ୟାମାନଙ୍କୁ କେନ୍ଦ୍ର କରି ରଚିତ ଦ୍ୱିତୀୟ ଉପନ୍ୟାସ ହେଉଛି 'ଜିଗୋଲୋ'। ଏହା ୨୦୧୫ ମସିହାରେ ଦକ୍ଷ ବୁକ୍ସ ଦ୍ୱାରା ପ୍ରକାଶ ଲାଭ କରିଥିଲା। ଔପନ୍ୟାସିକା ସୁନିତ ମୁଣ୍ଡ ଜଣେ ନାରୀ ହୋଇ ମଧ୍ୟ ଏହି ଉପନ୍ୟାସରେ ପୁରୁଷର ଦୁଃଖ, ବେଦନାକୁ ଅତି ଚମତ୍କାର ଢଙ୍ଗରେ ଉପସ୍ଥାପନ କରିପାରିଛନ୍ତି। ଦେହ ବ୍ୟବସାୟ ଯେ କେବଳ ନାରୀମାନେ କରନ୍ତି ତାହାକୁ ସେ ଏଠାରେ ଭୁଲ୍ ବୋଲି ପ୍ରମାଣିତ କରିଛନ୍ତି। ପୁରୁଷମାନେ ମଧ୍ୟ ନିଜ ଦେହକୁ ଅର୍ଥ ଉପାର୍ଜନ ପାଇଁ ବ୍ୟବସାୟ କରନ୍ତି। ଉପନ୍ୟାସର ନାୟକ ରାକେଶ ମହାନ୍ତି ଅନେକ ନାରୀଙ୍କ ଦେହର ଭୋକକୁ ମେଣ୍ଟାଇବା ସହ ନିଜେ ମଧ୍ୟ ଆତ୍ମତୃପ୍ତି ଲାଭ କରିଛି। ନିଜ ଶିକ୍ଷା, ସଂସ୍କାର, ଦାୟିତ୍ୱକୁ ଯୌବନ ଆଗରେ ବିକ୍ରି କରିଥିବା ରକିର ଜୀବନ କାହାଣୀ ହେଉଛି ଏହି ଉପନ୍ୟାସର କେନ୍ଦ୍ରବିନ୍ଦୁ।

ଉପନ୍ୟାସର ନାୟକ ରକି ବାଣୀବିହାରରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ସାରି କମ୍ପିଟିଟିଭ ପାଇଁ ପ୍ରସ୍ତୁତ ହୁଏ। ସାଙ୍ଗ ରବିନ ତାକୁ ବାରମ୍ବାର ବାଧ୍ୟ କରେ ବେଶ୍ୟା ସାଜିବାକୁ, ମାତ୍ର ରକି ଏଥିରେ ରାଜି ହୁଏନି। କିନ୍ତୁ ପରବର୍ତ୍ତୀ ସମୟରେ ନିଜ ଅଜାଣତରେ ମାୟାର ଚକ୍ରାନ୍ତରେ ସେ ଜିଗୋଲୋ ସାଜେ। ପ୍ରଥମେ ଭୁବନେଶ୍ୱରରେ ଧନୀ ବୟସ୍କା ପୁରୁଷ ଦେହଲୋଭୀ ମହିଳାମାନଙ୍କର କାମନାର ଶିକାର ହୁଏ ରକି। ଦେହ ଆଉ ଦେହଳୀର ବ୍ୟବସାୟ ଭିତରେ ସେ ଛନ୍ଦିହୋଇଯାଏ। ଦେହର ନିଆଁ ଆଉ ପେଟର ନିଆଁକୁ ଥଣ୍ଡା କରିବା ଦୌଡ଼ରେ ସେ ସାମିଲ୍ ହୋଇ ରୋଜଗାରର ଏକ ସହଜ ବାଟ ବାଛିନିଏ। ଭୁବନେଶ୍ୱର ପରେ ଦିଲ୍ଲୀରେ ରବିନ୍ ସହ ରକି ପାଲଟିଯାଏ ଏକ ଜିଗୋଲୋ। ନମ୍ରତା, ସୋଫିଆ, ନିକିତା ଏହିଭଳି ଅନେକ ପୁରୁଷ ଦେହଲୋଭି ନାରୀମାନଙ୍କ ପାଇଁ ରକି ଏକ ବିଳାସର ବସ୍ତୁ ସାଜେ। ନାରୀର ସରଳ ଏବଂ ଲଜ୍ୟାବତୀ ରୂପ ଦେଖିଥିବା ରକି ବିଭିନ୍ନ ବୟସର ଭିନ୍ନ ଭିନ୍ନ ସ୍ତରର ମହିଳାମାନଙ୍କର କାମନା ଅଗ୍ନିରେ ଦଗ୍ଧିଭୂତ ହୁଏ। ସୋଫିଆ ପାଇଁ ସିକ୍ସ ପ୍ୟାକ୍ ଛାତି ବାଳରେ ସେକ୍ସି ଲାଗୁନଥିବା ବେଳେ ଶ୍ୱେତପଦ୍ମା କହେ 'ପ୍ରେମିକର ବାଲୁଆ ଛାତି ହିଁ ପ୍ରେମିକାର ପ୍ରଥମ ଦୁର୍ବଳତା'। ନାରୀର ଭୋକ ଆଉ ଚାହତ୍ ଯେ ସମସ୍ତଙ୍କର ଭିନ୍ନ ଭିନ୍ନ ଏକଥା ରକି ଜାଣେ। ଘରେ ଏପଟେ ତାର ମା ଏବଂ ତାକୁ ହୃଦୟରୁ ଭଲପାଉଥିବା ପ୍ରିୟାକୁ ମିଛ କହି ଦିଲ୍ଲୀରେ ଦେହ ବ୍ୟବସାୟ କରୁଥିବା ରକି ଅର୍ଥର ଆଳରେ ସଂସ୍କାର, ସମ୍ପର୍କ ଏବଂ ସାମାଜିକ ମୂଲ୍ୟବୋଧକୁ ଭୁଲିଯାଏ। ଦିଲ୍ଲୀ ପରେ ଅଷ୍ଟ୍ରେଲିଆ, ଗୁଡ଼ଗାଓଁ ଏମିତି ଅନେକ ସ୍ଥାନ ସେ ଯାଇଛି,ଅନେକ ନାରୀଙ୍କୁ ଭେଟିଛି। ଜିଗୋଲୋ ଦୁନିଆରେ ତାର ନାମ ଥିଲା 'ଯୋଶ୍'। କେବଳ ନାରୀ ନୁହେଁ ହିଞ୍ଜଡ଼ାର ଦେହକୁ ମଧ୍ୟ ସେ ଉପଭୋଗ କରେ। ଏହାପରେ ରକିର ପିଏଚଡ଼ି ଉପାଧି ପାଇବା, ଓଡ଼ିଶା ଫେରିଆସିବା, ପ୍ରିୟାକୁ ବାହା ହେବା ଏବଂ ଶେଷରେ ଶୁଭାଙ୍ଗୀର ଚକ୍ରାନ୍ତର ଶିକାର ହୋଇ ଜେଲ୍ ଯିବା ; ଏହା ହେଉଛି ଏକ ଜିଗୋଲୋ ଜୀବନର କାହାଣୀ। ରକି, ଯୋଶ୍, ଡକ୍ଟର ଏମ୍ ଅନେକ ନାମ ପାଇଥିଲେ ମଧ୍ୟ ଶେଷରେ ସେ ଜେଲ୍ ଯାଇଛି। ପ୍ରେମ-ପ୍ରଣୟ–ଶୃଙ୍ଗାର–ମୈଥୁନ ଏବଂ କାମର ବଶବର୍ତ୍ତୀ ହୋଇ ଜିଗୋଲୋ ପାଲଟିଥିବା ରକିର ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜୀବନରେ ସହଜରେ ଏବଂ ଅସତ୍ ଉପାୟରେ ପାଉଥିବା ସଫଳତା ଯେ କ୍ଷଣସ୍ଥାୟୀ ତାହା ଔପନ୍ୟାସିକା ରକି ଚରିତ୍ର ମାଧ୍ୟମରେ ଦର୍ଶାଇଛନ୍ତି।

ଆଲୋଚ୍ୟ ଉପନ୍ୟାସ ଦୁଇଟିରେ ଔପନ୍ୟାସିକ କଲିକତାର ସୋନାଗାଛି, ଭୁବନେଶ୍ୱରର ମାଳିସାହି, ଦିଲ୍ଲୀର ମହାତ୍ମାଗାନ୍ଧୀ ରୋଡ଼ ଆଦି ସ୍ଥାନରେ ଚାଲିଥିବା ଅବୈଧ ଦୈହିକ ସମ୍ପର୍କକୁ ଦର୍ଶାଇଛନ୍ତି। ନାରୀମାନେ ନିଜ ଦେହର ଭୋକ ମେଣ୍ଟାଇବା ପାଇଁ କିପରି ପରପୁରୁଷର ସାହାରା ଲୋଡ଼ନ୍ତି ତାହା ମଧ୍ୟ ଏଠାରେ ଦେଖିବାକୁ ମିଳେ। ଉଭୟ ଉପନ୍ୟାସରେ ସେକ୍ସର ଏକ ଭିନ୍ନ ସ୍ୱରୂପକୁ ଦେଖିବାକୁ ମିଳେ। ବ୍ରଜ ଏବଂ ରକି ଦୁଇଜଣ ପ୍ରଥମେ ପରିସ୍ଥିତିରେ ପଡ଼ି ଜିଗୋଲୋ ସାଜିଛନ୍ତି ଏବଂ ପରବର୍ତ୍ତୀ ସମୟରେ ତାକୁ ଅର୍ଥ ଉପାର୍ଜନର ଏକ ମାର୍ଗ ରୂପେ ବାଛିନିଅନ୍ତି। ମାତ୍ର ଶେଷରେ ବ୍ରଜ ପାଗଳ ହୋଇଯାଇଥିବାବେଳେ ରକି ଆଜୀବନ ଜେଲରେ ଜୀବନ ବିତାଇଛି। ପେଟର ଭୋକ ପାଇଁ ନିଜ ଦେହକୁ ଅନ୍ୟ ଜଣେ ନାରୀ ପାଖରେ ସମର୍ପି ଦେଉଥିବା ଦୁଇ ଯୁବକର ସଂଘର୍ଷମୟ କାହାଣୀ ହେଉଛି ଏ ଦୁଇ ଉପନ୍ୟାସ।

**ସହାୟକ ସୂଚୀ:**


୧. ପାଢ଼ୀ, ଅନୀଲ କୁମାର. ଓ ଏକାକୀ। ଓଡ଼ିଶା ବୁକ୍ ଷ୍ଟୋର, ୨୦୧୭।

୨. ପଟ୍ଟନାୟକ, କଇଳାଶ. କଥା ସହ କଥାବାର୍ତ୍ତା। ବିଦ୍ୟାପୁରୀ ପ୍ରକାଶନ, ୨୦୨୨।

୩. ମୁଣ୍ଡ, ସୁନୀତି. ଜିଗୋଲୋ। ଦକ୍ଷ ବୁକ୍ସ ପ୍ରକାଶନ, ୨୦୧୮।



| Field | Details |
| --- | --- |
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Nayak, Manas Kumar. "Odia Upanyāsara Prekṣāpaṭṭare 'O Ekākī Ēbaṁ Jigolo': Ēka Mūlyāỳana." Bindu Bimarsha, vol. 2, no. 1, Jan. 2026, pp. 46–48. Crossref, https://doi.org/10.64647/bb.vol.2.issue.1.2026.8. |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# 'କଲ୍ଲୋଳେ କଲ୍ଲୋଳରେ' ନାଟ୍ୟକାର ଶୈଳେଶ୍ୱର ନନ୍ଦଙ୍କ ସ୍ୱର

**ସରୋଜ କୁମାର ଶତପଥୀ**
ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ARTICLE NO:** BB-II-I-2026-09

**ORC ID:** 0009-0008-4262-4002
**Review Status:** Double-Blind Peer Reviewed
**DOI:** 10.64647/bb.vol.2.issue.1.2026.9
**Language of the Article:** Odia
**E-Mail:** sarojsatapathy2020@gmail.com
**Type of Article:** Research Article
**Submission Date:** 29-11-2025
**Publication Date:** 14-01-2026

**ABSTRACT ॥ ଅଂକ୍ଷିପ୍ତ ସାର**

"କାବ୍ୟେଷୁ ନାଟକଂ ରମ୍ୟମ୍" ଏଥିରେ ସନ୍ଦେହ କରିବାର କିଛି କଥା ନାହିଁ। ନାଟକ ଯୁଗ ରୁଚି ଅନୁଯାୟୀ ଏକ ପରିବର୍ତ୍ତନ କଳା। ନାଟ୍ୟକାର ଯେଉଁ ରସ ସୃଷ୍ଟି କରିବେ, ତାର ପରିବେଷଣ ଦାୟିତ୍ୱ ଅଭିନେତାର ଏବଂ ଆସ୍ୱାଦନ ଦର୍ଶକଙ୍କର। ତେଣୁ ନାଟ୍ୟକାର, ଅଭିନେତା ଆଉ ଦର୍ଶକ ଏହି ତିନିଜଣଙ୍କର ସହଯୋଗ ହିଁ ନାଟକକୁ ଏକ ସାର୍ଥକ କଳାତ୍ମକରୂପ ପ୍ରଦାନ କରେ। ସେହି ଦୃଷ୍ଟିରୁ ଦେଖିବାକୁ ଗଲେ ନାଟ୍ୟକାର ଶୈଳେଶ୍ୱର ନନ୍ଦଙ୍କ କଲ୍ଲୋଳେ କଲ୍ଲୋଳ ଏକ ଯୁଗୋପଯୁଗୀୟ ସୃଷ୍ଟି। ସାମ୍ପ୍ରତିକ ସମୟର ପ୍ରମୁଖ ସମସ୍ୟା ଦୁଇଟିକୁ ନେଇ ଏହି ନାଟକଟି ଗତିଶୀଳ। ୧୯୯୯ ମସିହାର ଭୟଙ୍କର ମହାବାତ୍ୟା ସମଗ୍ର ଓଡ଼ିଆଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବଢ଼ିଛି ଦୁର୍ଭିକ୍ଷ, ବଢ଼ିଛି ଚୋରା କାରବାର, ବଢ଼ିଛି ସାଧାରଣ ମଣିଷଙ୍କ ଦୁଃଖ। କଳାବଜାରୀ ଦୁର୍ନୀତି ଆସ୍ଥାନ ଜମେଇଛି। ସେହି ଦୁର୍ନୀତି ଓ ଅନ୍ୟାୟକୁ ଲୋପ କରିବାକୁ ନାଟ୍ୟକାରଙ୍କ ଏ ଉଦ୍ୟମ। ଦ୍ୱିତୀୟତଃ କିଡନୀ ଟ୍ରାନ୍ସପ୍ଲାଣ୍ଟେସନ୍ ରେ ଦେଖାଯାଉଥିବା ସମସ୍ୟାର ସମାଧାନ ତଥା ହଜିଯାଉଥିବା ମାନବିକ ସମ୍ବେଦନାର ସଙ୍କଟ। ଯାହା ପ୍ରତିଫଳିତ ହୋଇଛି ଏ ନାଟକଟିରେ।

**ମୂଳ ଶବ୍ଦ:** ବହୁସ୍ରାବୀ, ଶାଣିତ, ଝଡ, ପଦସ୍ଥ, ପ୍ରବହମାନ, ଯୁଗୋପଯୋଗୀ, ବହିର୍ଦ୍ୱନ୍ଦ୍ୱ, ଅଭିଚ୍ଛିନ୍ନ, ଜଡସଡ, କାଳିମା।

ଡକ୍ଟର ଶୈଳେଶ୍ୱର ନନ୍ଦ ଓଡ଼ିଆ ସାହିତ୍ୟର ଜଣେ ବହୁମୁଖୀ ପ୍ରତିଭା। ପେଶାରେ ଜଣେ ଡାକ୍ତର ହେଲେ ମଧ୍ୟ ନିଶାରେ ସେ ସାହିତ୍ୟିକ। ନାଟ୍ୟକାର ନନ୍ଦ ଜଣେ ମଞ୍ଚ ତଥା ବେତାର ନାଟକର ସ୍ରଷ୍ଟା ହିସାବରେ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଆ ନାଟ୍ୟ ଜଗତରେ ନିଜର ଛାପ ଛାଡିଛନ୍ତି। ଶ୍ରୀ ନନ୍ଦଙ୍କର ନାଟ୍ୟାଦର୍ଶ ପାରମ୍ପରିକ। ମନୋରଞ୍ଜନ ସହିତ ଲୋକଶିକ୍ଷାର ମହତ୍ ଉଦ୍ଦେଶ୍ୟ ନେଇ ତାଙ୍କ ନାଟକଗୁଡ଼ିକ ପରିକଳ୍ପିତ। ଶ୍ରୀ ନନ୍ଦ ଜଣେ ଉଚ୍ଚ ଦକ୍ଷ ଅଭିନେତା ହୋଇଥିବାରୁ, ମଞ୍ଚ ସହିତ ତାଙ୍କର ସଂପର୍କ ଦୀର୍ଘକାଳର। ସେଇ ଅଭିଜ୍ଞତା ହିଁ ନାଟ୍ୟ ରଚନାରେ ତାଙ୍କର ସହାୟକ ହୋଇଛି। ଏହାର ସ୍ୱାକ୍ଷର ତାଙ୍କର ଚରିତ୍ର ବିଶ୍ଳେଷଣ,ଘଟଣା ବିନ୍ୟାସ ତଥା ସଂଳାପ ପରିକଳ୍ପନା ପ୍ରଭୃତିରୁ ସ୍ପଷ୍ଟ ହୋଇଥାଏ। ଆଜି ଯେତେବେଳେ ଆମର ନାଟ୍ୟଶୈଳୀ ଦ୍ରୁତଗତିରେ ପରମ୍ପରା ଆଡ଼କୁ ଧାବମାନ, ସେତେବେଳେ ନନ୍ଦଙ୍କ ଭଳି ନାଟ୍ୟକାରମାନଙ୍କର ବହୁସ୍ରାବୀ ଲେଖନୀର ଯେ ଆବଶ୍ୟକତା ରହିଛି, ଏହା କହିବା ବାହୁଲ୍ୟ ହେବ।

ଏଯାବତ୍ ପଇଁଚାଳିସରୁ ଉର୍ଦ୍ଧ୍ୱ ନାଟକ ଲେଖିବାର ଅଭିଜ୍ଞତା ଅର୍ଜନ କରିଥିବା ଶ୍ରୀ ନନ୍ଦଙ୍କର କଲ୍ଲୋଳେ କଲ୍ଲୋଳ ଯେ ଏକ ଶ୍ରେଷ୍ଠ ସୃଷ୍ଟି ଅସ୍ୱୀକାର କରାଯାଇନପାରେ। ନାଟକର ଆଦ୍ୟକଥନରେ ସେ କୁହନ୍ତି ଦୁଇ ହଜାର ଦୁଇ ଡିସେମ୍ବର ଆଠ, ନଅ ଓ ଦଶ ତାରିଖରେ ଭୁବନେଶ୍ୱରର ରବୀନ୍ଦ୍ର ମଣ୍ଡପରେ ଏହି ନାଟକ "କଲ୍ଲୋଳ କଲ୍ଲୋଳ" ନାମରେ ପ୍ରଥମେ ପରିବେଷିତ ହୋଇ ଦର୍ଶକମାନଙ୍କ ଦ୍ୱାରା ବେଶ୍ ଆଦୃତ ହେଲା। ପୁଣି କଟକଠାରେ ମଞ୍ଚସ୍ଥ ହେଲା ଜୁନ୍ ଛଅ,ଦୁଇ ହଜାର ତିନରେ ଆରୋହଣ ତରଫରୁ କଳାବିକାଶ କେନ୍ଦ୍ରଠାରେ। ପ୍ରକାଶକଙ୍କ ଅନୁରୋଧରେ "କଲ୍ଲୋଳ" ନାମକରଣରେ କିଞ୍ଚିତ ପରିବର୍ତ୍ତନ ଆଣିଅଛି। ଏଣୁ ନାମ ରଖିଛି "କଲ୍ଲୋଳେ କଲ୍ଲୋଳ"।

ନାଟକର ସୃଷ୍ଟି ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇ ସେ କୁହନ୍ତି ପୂର୍ବ ନାଟକଟିର କିଞ୍ଚିତ ପରିବର୍ତ୍ତନ କରାଯାଇ ନୂତନ ଦୃଷ୍ଟିଭଙ୍ଗୀରେ ନାଟକଟି ପୁଣି ଲେଖାଗଲା। ଏଥର ମୁଖ୍ୟଦିଗ ଦର୍ଶନ ହେଲା - ସମାଜରୁ ଦୁର୍ନୀତି ଓ ଅନ୍ୟାୟ ଅନୀତିକୁ ଲୋପ କରିବା। ଏଥି ସହିତ ଆଜିର ବିଜ୍ଞାନ ଯୁଗରେ କିଡ୍ନୀ ଟ୍ରାନ୍ସପ୍ଲାଣ୍ଟେସନ୍ରେ

ଦେଖାଯାଉଥିବା ସମସ୍ୟାମାନର ଉପସ୍ଥାପନ କରାଯାଇ ତାର ସମାଧାନର ପନ୍ଥା ଦର୍ଶାଇ ଦିଆଯିବା।

ଏହି ନାଟକଟିରେ ସମାଜ ସଚେତକ ସ୍ରଷ୍ଟା ଅନେକ ସମସ୍ୟାର କୋଲ୍ଲାଜ ଅଙ୍କନ କରିଛନ୍ତି। ଅଧୁନାତମ ସମାଜର ଦୃଷ୍ଟିଭଙ୍ଗୀରେ ହଜି ଯାଉଥିବା ମାନବବାଦ ପ୍ରତି ଥିଲା ଏକ ଶାଣିତ ସମାଲୋଚନା। ଏକ ଅନାବିଳ ପ୍ରେମର ନିଖୁଣ ଚିତ୍ର ଆଙ୍କିବା ସଙ୍ଗେ ସଙ୍ଗେ ଜଣେ ଲେଖକ ତଥା ନାଟ୍ୟକାରର ସତ୍ୟବାଦିତା ଓ ସ୍ୱଷ୍ଟୋକ୍ତିକି ମନୋଜ୍ଞ ଭାବରେ ରୂପଦେଇ ନାଟ୍ୟକାର ନନ୍ଦ ସଂଘର୍ଷମୟ ଜୀବନ ଭିତରକୁ ଦର୍ଶକମାନଙ୍କୁ ଟାଣି ନେଇଥିଲେ। ଚଉଦଟି ଦୃଶ୍ୟ ସମ୍ବଳିତ ଏହି ନାଟକଟି ପନ୍ଦରଟି ଚରିତ୍ରକୁ ନେଇ ଗତିଶୀଳ। ବିଂଶ ଶତାବ୍ଦୀର ଶେଷ ଦଶକରେ ସଂଗଠିତ ୧୯୯୯ ମହାବାତ୍ୟା ଭଳି ଏକ ଜାତୀୟ ସଙ୍କଟ ଯେପରି ଓଡ଼ିଶାର ଜନ ଜୀବନକୁ ଧ୍ୱଂସ୍ତବିଧ୍ୱସ୍ତ କରିଦେଇଥିଲା ତାର ପରବର୍ତ୍ତୀ ସମୟର ଚିତ୍ର ଏ ନାଟକଟିରେ ପରିବେଷିତ ହୁଏ। ସମାଜ, ବ୍ୟକ୍ତି, ଶାସକ ସହିତ ମନସ୍ତତ୍ତ୍ୱର ଚମତ୍କାର କଲ୍ଲୋଳ ଏ ନାଟକଟିକୁ ବେଶ ପ୍ରଭାବଶାଳୀ କରିଛି।

ମଧ୍ୟବିତ୍ତ ପରିବାରର ମୁଖ୍ୟ ନିରାକାର। ପିତୃମାତୃହୀନ ସମର ନିରାକାର ବାବୁଙ୍କ ଘରେ ତାଙ୍କ କନ୍ୟା ମାମିର ଗୃହଶିକ୍ଷକର ଦାୟିତ୍ୱ ସେ ବେଶ ସୁନ୍ଦର ଭାବରେ ତୁଲାଇବା ସହ ନିରାକାରବାବୁଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଘଟଣା ବେଶ ଗତାନୁଗତିକ ଭାବରେ ଆଗେଇଛି। ନାଟ୍ୟକାର ପ୍ରଥମ ଦୃଶ୍ୟରେ ନେତାଙ୍କ ସ୍ୱଭାବ ସମ୍ପର୍କରେ ବିଦ୍ରୋହୀ ଯୁବକ ମୁହଁରେ ବ୍ୟଙ୍ଗ କରିଛନ୍ତି ଏକ ସଙ୍ଗୀତ ମାଧ୍ୟମରେ...

"ମିଶୁ ଦେଶ ପାଣ୍ଠି ମୋ ନିଜ ପାଣ୍ଠିରେ
ଚାଲିଯାଏ ମୁହିଁ ଦେଶବାସୀଙ୍କ ଛାତିରେ
ସରକାର ରଖିବା ପଥେ ଯେତେ ଗାଡ଼
ପୁରୁ ପଡି ତହିଁ ଶତ୍ରୁ ମାଂସ ହାଡ।"

ପରବର୍ତ୍ତୀ ସମୟରେ କାହାଣୀର ଗତିରେ ମୋଡ ବଦଳିଛି। ନିରାକାର ବାବୁଙ୍କ ପୁତ୍ର ବିକ୍ରମ ias, officer ବନିବା ସହ ନିଜସ୍ୱ ପ୍ରତିଷ୍ଠା, ସମ୍ମାନ ଓ ମିଥ୍ୟା ଆଭିଜାତ୍ୟର ବଳୟ ମଧ୍ୟରେ ହଜିଯାଆନ୍ତି। ପିତାଙ୍କ ବିପକ୍ଷରେ ଯାଇ ସେ industrialist ଯାମିନୀ ବାବୁଙ୍କ କନ୍ୟାକୁ ବିବାହ କରନ୍ତି। ପରବର୍ତ୍ତୀ ସମୟରେ ବିକ୍ରମ ପରିବାରର ଦାୟିତ୍ୱ ନେବାକୁ ଅନିଚ୍ଛା ପ୍ରକାଶ କରିବା ସହ ପତ୍ନୀ ସରକାରୀ ଗୃହରେ ରହିବାକୁ ଇଚ୍ଛାକରି ସ୍ୱାର୍ଥପର ପାଲଟି ଯାଆନ୍ତି। କନ୍ୟା ମାମି ସହ ନିଜ ପରିବାରର ଡଙ୍ଗାକୁ ଚଲାଉଥାନ୍ତି ନିରାକାର। ବିକ୍ରମ ଦୁର୍ନୀତିରେ ଛନ୍ଦି ହୋଇପଡନ୍ତି। ମହାବାତ୍ୟା ସମ୍ପର୍କୀୟ ନାଟକ ଲେଖି ସମର ବନ୍ଧୁମାନଙ୍କ ଦ୍ୱାରା ଅଭିନୟ କରାଇଛନ୍ତି। ନାଟକକୁ ଉଦ୍ ଘାଟନ କରିବାକୁ ଆସି ମନ୍ତ୍ରୀ ମହୋଦୟ ଜନତାଙ୍କ ପ୍ରଶ୍ନ ବାଣରେ ଅତିଷ୍ଠ ହୋଇପଡନ୍ତି। ଏବଂ ମହାବାତ୍ୟା ସମୟରେ ହୋଇଥିବା ଦୁର୍ନୀତିର ବିଚାର ବିଭାଗୀୟ ତଦନ୍ତ କରାଯିବାର ପ୍ରତିଶ୍ରୁତି ଦିଅନ୍ତି। ସଚିବ ବିକ୍ରମକୁ ଏ ସମ୍ପର୍କିତ କୈଫିୟତ ମାଗନ୍ତି। ଯେଉଁ ମନ୍ତ୍ରୀଙ୍କ ସହାୟତାରେ ବିକ୍ରମ ରିଲିଫ୍ ପାଣ୍ଠିକୁ ହଡ଼ପ କରନ୍ତି ସେହି ମନ୍ତ୍ରୀ ତାଙ୍କୁ ବିପଦ ସମୟରେ ଧରାପକାଇ ଦିଅନ୍ତି। ମନ୍ତ୍ରୀ ଏବଂ ବିକ୍ରମଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ବାଦାନୁବାଦ ଚାଲିଥିଲା ବେଳେ ବିକ୍ରମ ବଣ୍ଟାଯାଇ ନଥିବା ରିଲିଫ୍ ଦ୍ରବ୍ୟ ପରବର୍ତ୍ତୀ ନିର୍ବାଚନ ବେଳେ ବାଣ୍ଟିବାର ଯେତେ ସଫେଇ ଦେଲେ ମଧ୍ଯ ମନ୍ତ୍ରୀ କ୍ଷୁବ୍ଧ ହୁଅନ୍ତି। ମନ୍ତ୍ରୀଙ୍କଠାରୁ କଡା ମନ୍ତବ୍ୟ ଶୁଣିବା ପରେ ସେ କ୍ରୋଧ ପ୍ରକାଶ କରନ୍ତି ସମରଙ୍କ ଉପରେ। ଯେହେତୁ ସମର ହିଁ ଥିଲେ ଏହି ଘଟଣା ସୃଷ୍ଟିର ମୂଳ ସୂତ୍ରଧର। ନିରାକାର ବାବୁଙ୍କ ଘରେ ଆଶ୍ରିତ ସମର ମହାବାତ୍ୟା ପରବର୍ତ୍ତୀ ଦୁର୍ନୀତି ସମ୍ପର୍କିତ ନାଟକ ଲେଖି ତାକୁ ମଞ୍ଚସ୍ଥ କରନ୍ତି ଏବଂ ସେଥିରେ ବିକ୍ରମ ବାବୁଙ୍କ ସାନ ଭଉଣୀ ମାମି ଏବଂ ବିକ୍ରମଙ୍କ ସ୍ତ୍ରୀ କବିତାଙ୍କ ଭାଇ ଟିକି ଏହି ନାଟକଟିରେ ଅଭିନୟ କରିଥିବାରୁ ସେମାନେ ମଧ୍ଯ ବିକ୍ରମଙ୍କ କ୍ରୋଧର ସମ୍ମୁଖୀନ ହୁଅନ୍ତି।

କାହାଣୀଟି ଅଗ୍ରଗତି କରୁଥିବା ସମୟରେ କବିତାଦେବୀଙ୍କ ସାନ ଭାଇ ଟିକି କିଡନୀ ରୋଗରେ ଆକ୍ରାନ୍ତ ହୁଅନ୍ତି। ଏବଂ ଅନେକ ଦିନ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ଲୁଚାନ୍ତି। ଶେଷରେ ରୋଗର ଉନ୍ମୋଚନ କରନ୍ତି ମାମି ଆଗରେ। ଟିକି ଆଡ୍ମିଶନ ହୁଅନ୍ତି ଡାକ୍ତରଖାନାରେ। ବିଜ୍ଞାପନ ପରେ ବିଜ୍ଞାପନ ଦିଆଯାଏ। ହେଲେ କାହାରି ସହ ଟିକିଙ୍କର କିଡ୍ନି ଖାପ ଖାଏନି। ପରିସ୍ଥିତି ଭିନ୍ନ ଆଡ଼କୁ ଗତିକରେ। ନିଜର ଆତ୍ମୀୟ ସ୍ୱଜନ ଟିକିକୁ କିଡନୀ ଦେବାକୁ ଅରାଜ ହୋଇ ଆଡେଇ ଗଲାପରେ ସମର ହିଁ ସବୁ ସ୍ୱାର୍ଥର ଉର୍ଦ୍ଧ୍ୱରେ ଟିକି ପାଇଁ ନିଜର ଏକ କିଡନୀ ଦେବାକୁ ପ୍ରତିଶୃତି ଦିଅନ୍ତି। କିଡନୀ ଦାତାଙ୍କ ନାମ ଅପରେସନ ଶେଷ ପର୍ଯ୍ୟନ୍ତ ଗୋପନ ରଖାଯିବାକୁ ସମର ମାମି ଆଗରେ ସର୍ତ୍ତ ରଖନ୍ତି। ଦିନକୁ ଦିନ ଟିକିଙ୍କର ଅସୁସ୍ଥତା ବଢିବା ସହ ଅପରେସନ ପାଇଁ ଆଗକୁ ବଢନ୍ତି। ଟିକିଙ୍କର ଅପରେସନ ହୁଏ। କିଡନୀ ଦାତାଙ୍କ ନାମ ଜାଣିବାକୁ ବ୍ୟଗ୍ର ହୋଇ ଉଠିଥିବା ବିକ୍ରମ ଏବଂ କବିତା ଯେତେବେଳେ ସମର କିଡନୀ ଦେଇଥିବା କଥା ଜାଣନ୍ତି ସେମାନେ ସମର ଉପରେ କ୍ଷୁବ୍ଧ ହୁଅନ୍ତି। ମାମି ସମରକୁ ଭଲ ପାଉଥିବା କଥା ପ୍ରକାଶ କରିବା ପରେ ଘରେ ଏକ ପ୍ରକାର ଝଡ଼ ସୃଷ୍ଟି ହୁଏ। ଭାଇ ଭାଉଜଙ୍କ ସ୍ୱାର୍ଥପର ମନ୍ତବ୍ୟକୁ ପ୍ରତିବାଦ କରନ୍ତି ମାମି। ଶାଶ୍ୱତ ଅନାବିଳ ପ୍ରେମ ନିକଟରେ ଧନ, ମାନ, ଆଭିଜାତ୍ୟ ଯେ ମୂଲ୍ୟହୀନ ତାହା ଏ ନାଟକରେ ନାଟ୍ୟକାର ପ୍ରତିପାଦନ କରନ୍ତି। ଶେଷରେ ଟିକି ମାମି ଏବଂ ସମରର ମିଳନ ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତି।

ସାମ୍ପ୍ରତିକ ସମୟରେ ମନୁଷ୍ୟ ଯେ ସ୍ୱାର୍ଥପର ହୋଇଯାଇଛି ନାଟ୍ୟକାର ତାହା ଉପଲବ୍ଧି କରନ୍ତି। ବିଶେଷ କରି ମହାବାତ୍ୟା ଭଳି ଏକ ଜାତୀୟ ସଙ୍କଟ ସମୟରେ ଓଡ଼ିଶାରେ ସ୍ୱାର୍ଥପରତାର ଚିତ୍ର ଦେଖିବାକୁ ମିଳେ। ମନ୍ତ୍ରୀ, ସରକାରୀ ଅଧିକାରୀ ଦୁର୍ନୀତିରେ ଲିପ୍ତ ହୋଇଛନ୍ତି। ସାଧାରଣ ଜନତା ଶୋଷଣର ଶିକାର ହୁଅନ୍ତି। ନାଟ୍ୟକାର ସିଧାସିଧା ଜନତାଙ୍କ ମୁହଁରେ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରନ୍ତି। ଏହି ଯେମିତି -ଜନତା- (ମଞ୍ଚ ଉପରକୁ ଉଠି ଆସି) "ଯାହା ନାଟକରେ ଦେଖିଲୁ ତାହା ତ ନିଛକ ସତ ଘଟଣା ସବୁର ରୂପାୟନ । ସମ୍ମାନନୀୟ

ମନ୍ତ୍ରୀ ମହୋଦୟ ସବୁ ତ ଦେଖିଲେ। କ'ଣ ଏବେ କରିବେ କୁହନ୍ତୁ - ଜନତା ଏଠି ପଚାରୁଛି କଣ ଏସବୁ ଦୁର୍ନୀତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବା ଉଚିତ ନା ନାହିଁ। ଯେଉଁ କ୍ଷମତାସୀନ ପଦସ୍ଥ ଅଫିସର ଗଣ କ୍ଷମତାର ଦୁରୁପଯୋଗ କରି ଲକ୍ଷ ଲକ୍ଷ ଜନତାର ଖାଦ୍ୟ, ପାନୀୟଠାରୁ ଆରମ୍ଭ କରି ଆଶ୍ରୟ ପାଇଁ ଆସିଥିବା ଉପକରଣ ତଥା ଘୋଡେଇବା କମ୍ବଳ ସବୁର ହେରଫେର କଲେ ସେମାନଙ୍କ ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି?"(୧)

ନାଟକରେ ଅଭିନୟ କରୁଥିବା ଯୁବତୀମାନେ ସମାଜର ଆଖି ଖୋଲି ଦିଅନ୍ତି ଓ ମନ୍ତ୍ରୀଙ୍କୁ କୈଫିୟତ ମାଗନ୍ତି। ମାମିର ଭାଇ ବିକ୍ରମ ଦୁର୍ନୀତିରେ ଏତେ ଲିପ୍ତ ଯେ ତାହା ମାମି ଜାଣିପାରେ ନାହିଁ। ସମରକୁ ବିବାହ କରିବାକୁ ମାମି ଏକପ୍ରକାର ସଂକଳ୍ପ ନେଇଥିଲେ ମଧ୍ୟ ସମର ତାକୁ ବ୍ଵିହାହ କରିବାକୁ ମାମି ଏକପ୍ରକାର ସଂକଳ୍ପ ନେଇଥିଲେ ମଧ୍ୟ ସମର ତାକୁ ବିବାହ କରିବାର ପ୍ରତିଶ୍ରୁତି ଦେଇପାରନ୍ତି ନାହିଁ। ସେହିପରି ସମରର ନିଃସ୍ୱାର୍ଥପର ସେବା ଲାଗି ମଧ୍ୟ ବିକ୍ରମ ଏବଂ କବିତା ଟିକିଏବି ଅନୁକମ୍ପା ଦେଖାଇ ନାହାନ୍ତି। କାରଣ ତାରି ଲାଗି ସେମାନଙ୍କ ବଦଳି ହୋଇଛି। କେବଳ ମାମିର ସ୍ୱାର୍ଥହୀନ ଦୟା, ବନ୍ଧୁ ବିଜୟ ଏବଂ ବିରୁପାକ୍ଷଙ୍କ ନିଃସ୍ୱାର୍ଥ ସେବା ହିଁ ସମରକୁ ବିପଦମୁକ୍ତ କରିବା ସହ ଟିକିକୁ ନୂଆ ଜୀବନ ଦେଇଛି । ଡାକ୍ତର ରଥଙ୍କ ସଫଳ ଅସ୍ତ୍ରୋପ୍ରଚାର ପରେ ଟିକି ସୁସ୍ଥତା ଲାଭ କରିଛି।

ଟିକି ସମର ଏବଂ ମାମିର ବିବାହ ଲାଗି ଏକପ୍ରକାର ପ୍ରସ୍ତୁତି ଆରମ୍ଭ କରନ୍ତି। ନିରାକାର ବାବୁ ପୁଅ ବିଭାଘରରେ ତାର ପସନ୍ଦକୁ ଯେପରି ମର୍ଯ୍ୟାଦା ଦେଇଥିଲେ ଝିଅ ବିଭାଘରକୁ ସେପରି ମାମିର ପସନ୍ଦରେ ହସ୍ତକ୍ଷେପ କରିନାହାନ୍ତି। ଶେଷରେ ବିକ୍ରମ ନିଜ ଭୁଲ୍ ପାଇଁ ଅନୁତାପ କରନ୍ତି।

ନାଟ୍ୟକାର ଶେଷଦୃଶ୍ୟରେ ନିରାକାର ବାବୁଙ୍କ ମୁହଁରେ କୁହନ୍ତି - "ପ୍ରବହମାନ କଳ କଲ୍ଲୋଳରେ ଏମିତି ଘାତ ପ୍ରତିଘାତ ଧ୍ୱନି ପ୍ରତିଧ୍ୱନି ଉଠିବା ହିଁ ଜୀବନ। ଏଥିରେ ମ୍ରିୟମାଣ ହୋଇ ଲାଭ ନାହିଁ। ବରଂ ମୁଁ ଗର୍ବିତ। ତୁ ସତ୍ୟ ଓ ନ୍ୟାୟର ପଥକୁ ବାଛି ନେଇଛୁ। ଅସତ୍ୟ ଓ ଅନ୍ଧକାରକୁ ଛାଡି ତୁ ଆଲୋକ ପଥର ଯାତ୍ରୀ ହୋଇଛୁ।ଏ ସବୁ କଲ୍ଲୋଳେ କଲ୍ଲୋଳ ନୁହେଁ ତ ଆଉ କଣ?" (୨) ପୃ - ୬୬

କାହାଣୀ ଉପସ୍ଥାପନାରେ ନାଟ୍ୟକାର କିଛି ସ୍ୱତନ୍ତ୍ରତା ପ୍ରଦର୍ଶନ କରିଛନ୍ତି। ନାଟକର ଆଙ୍ଗିକ ଓ ଆତ୍ମିକରେ କିଛି ଉଲ୍ଲେଖ କରାଯାଇଥିବା କଥାକୁ ଉପସ୍ଥାପନ କରାଯାଇପାରେ।

**ଘଟଣା** - ଏହାର ବର୍ଣ୍ଣନାରେ ନାଟ୍ୟକାର ସମସାମୟିକ ସମୟର ଏକ ସମସ୍ୟାକୁ ଉପସ୍ଥାପନ କରନ୍ତି। ଏକ ପକ୍ଷରେ ମହାବାତ୍ୟା ଜନିତ ଦୁର୍ନୀତି ଓ ଅନ୍ୟ ପକ୍ଷରେ କିଡନୀ କାମ କରୁନଥିବା ରୋଗୀଟିର ଦୁଃଖ ଦୁର୍ଦ୍ଦଶା। ନାଟ୍ୟକାରଙ୍କ ବକ୍ତବ୍ୟ ଥିଲା ନିଜେ ଦୁର୍ନୀତି ମୁକ୍ତ ହେବା ସହ ଦୁର୍ନୀତି ଗ୍ରସ୍ତ ଲୋକର ମୁଖା ଖୋଲିଦେବା। ଜନସାଧାରଣ ସଚେତନ ହେଲେ ଏ ସମାଜରୁ ଦୁର୍ନୀତି ହଟିଯିବ ବୋଲି ନାଟ୍ୟକାରଙ୍କ ପରୋକ୍ଷରେ ସୂଚନା।

**ଚରିତ୍ର-** ନାଟ୍ୟକାର ଚରିତ୍ର ସୃଷ୍ଟିରେ ନିଜର ମହନୀୟତା ଦେଖାଇଛନ୍ତି। ସମର ଭଳି ଯୁବକଙ୍କର ଏ ସମାଜରେ ଯେ ଆବଶ୍ୟକତା ଅଛି ତାହା ଭଲ ଭାବରେ ସେ ଜାଣନ୍ତି। ସେହିପରି ବୃଦ୍ଧ ନିରାକାର ନିଜର ବାର୍ଦ୍ଧକ୍ୟ ଅବସ୍ଥାରେ ନିଜ କିଡନୀ ଦାନକରିବାର ପ୍ରତିଶୃତି ଦେଇ ସମସ୍ତଙ୍କଠାରୁ ସ୍ୱତନ୍ତ୍ରତା ରଖନ୍ତି। ଅନ୍ୟ ଜୀବନ ଆଗରେ ଯେ ନିଜ ଜୀବନ ତୁଚ୍ଛ ସେ ପ୍ରମାଣ କରନ୍ତି। ଏହି ନାଟକରେ ପ୍ରତ୍ୟେକଟି ଚରିତ୍ର ଜୀବନ୍ତ ଓ ବାସ୍ତବ ବୋଲି ମନେ ହୁଅନ୍ତି। ସାମ୍ପ୍ରତିକ ସମୟରେ ଆବଶ୍ୟକତାକୁ ଉପଲବ୍ଧି କରି ସେ ଉପଯୁକ୍ତ ଚରିତ୍ରର ବିନିଯୋଗ କରିଛନ୍ତି।

**ସଂଳାପ-** ଏହା ମଧ୍ୟ ବେଶ୍ ବଳିଷ୍ଠ ଓ ଯୁଗୋପଯୋଗୀ ମନେହୁଏ। ନାଟକର ଦ୍ୱିତୀୟ ଦୃଶ୍ୟରୁ ନାଟକର ଜଣେ ନାଟ୍ୟ ସଂଗଠକ କଥାରେ ଦର୍ଶକଙ୍କ କଥାରେ ଦର୍ଶକଙ୍କ ମୁହଁରୁ ବାହାରିଛି ହଁ..... ହଁ...... ଏବଂ ନାଁ......ନାଁ.....। ସେହିପରି ଶେଷ ଦୃଶ୍ୟରେ ବିକ୍ରମ କହିଛି -

"ବିକ୍ରମ - ହଁ ମୁଁ ଭୁଲ୍ କରିଛି , ମୁଁ ଭୁଲ୍ କରିଛି । ନିଃସହାୟ ଜନତାର ଅନ୍ନବସ୍ତ୍ର ଲୁଟ୍ କରିଛି ମୁଁ। ମୁଁ ପାପୀ, ମୁଁ ଦଣ୍ଡ ପାଇବା ଉଚିତ। ଏ ରାଜନୀତିର ପଶାଖେଳରେ ଗୋଟି ହୋଇ ମୁଁ ଠକି ଯାଇଛି।" (୩)

**ଦ୍ୱନ୍ଦ୍ୱ** - ନାଟକରେ ଦ୍ୱନ୍ଦ୍ୱ ବେଶ ଗତିଶୀଳ। ନାୟିକା ମାମି ସଚିବଙ୍କ ଭଉଣୀ ହୋଇ ମଧ୍ଯ ଯେ ଜଣେ ଧନୀ ପୁରୁଷଙ୍କୁ ବିବାହ କରିବ ଏ ଯୁକ୍ତିକୁ ସେ ଗ୍ରହଣ କରିନାହିଁ। ଏଇଠୁ ଦ୍ୱନ୍ଦ୍ୱ ଆଗେଇଛି। ସମରକୁ ସେ ଭଲ ପାଇବା ସହ ସମରର ମହନୀୟତା ହିଁ ତାକୁ ଅନୁପ୍ରାଣିତ କରିଛି। ବିକ୍ରମ ଏବଂ କବିତାଙ୍କ ନିଷ୍ପତ୍ତିକୁ ସେ ଗ୍ରହଣ କରିନାହିଁ। କବିତା ମଧ୍ୟ ବିରୋଧ କରିଛନ୍ତି – **କବିତା** - "ତୁମର ଏ ଅବାନ୍ତର ଯୁକ୍ତିର ଉତ୍ତର ମୁଁ ଦେଇପାରିବିନି। ଯଦି ତୁମେ ତାଙ୍କୁ ବିବାହ କର ତେବେ ଭାଇ ଭାଉଜଙ୍କୁ ସବୁଦିନ ଭୁଲିଯିବ। ଏଇଟା ମୋର ଶେଷକଥା। ଜ୍ୟୋତିଷଙ୍କ ପ୍ରତି ବର୍ଷ ବିକ୍ରମଙ୍କ କ୍ରୋଧରୁ ବହିର୍ଦ୍ୱନ୍ଦ୍ୱର ପରିଚୟ ମିଳେ।" (୪)

**ବିକ୍ରମ** - ତୁମେ ଭଣ୍ଡ..... ତୁମେ ମିଛୁଆ..... ଗୋଟେ ପ୍ରହସନ ଲଗେଇଛ...... ଯାଅ..... ଆଗେ......ଏଠୁ। ଅଇଁଠୁ!....। ଏ ଜ୍ୟୋତିଷକୁ ବାହାରକୁ ରାସ୍ତା ଦେଖାଇଦେ। ମାମି ଏବଂ ମନ୍ତ୍ରୀ ବିକ୍ରମର କୃତ କର୍ମ ପାଇଁ ଦାୟୀ କରିଥିବାବେଳେ ବିକ୍ରମ ମଧ୍ୟ ସଫେଇ ଦେଇଛି। ଏହି ସଫେଇରୁ ବିକ୍ରମ ଚରିତ୍ରର ଅନ୍ତର୍ଦ୍ୱନ୍ଦ୍ୱକୁ ଅତି ସୁନ୍ଦର ଭାବରେ ପରିସ୍ଫୁଟନ କରାଯାଇଛି।"

**ଉତ୍କଣ୍ଠା** - ନାଟକରେ ସେହିପରି ଉତ୍କଣ୍ଠା ଚମତ୍କାର ଭାବରେ ଦେଖାଇ ଦିଆଯାଇଛି। ଗୋଟିଏ ଦୃଶ୍ୟରୁ ଏହାର ଉଦାହରଣ ଦିଆଯାଇପାରେ। ଡାକ୍ତର କହୁଛନ୍ତି - କିଡନୀ ଦାନ କରିବା ବ୍ୟକ୍ତି ମୋଟେ ଟଙ୍କା କଥା ଉଠାଇ ନାହାନ୍ତି। ସେ ଏମାନଙ୍କଠାରୁ ଯଥେଷ୍ଟ ଧନୀ। ହୁଏତ ଟଙ୍କା

ପଇସାରେ ନୁହେଁ - କିନ୍ତୁ ମନ ହୃଦୟରେ।

**ମଞ୍ଚ** - ଏହାର ସଫଳତା ମଧ୍ୟ ଚମତ୍କାର ଭାବରେ ଉପସ୍ଥାପନ କରାଯାଇଛି। ନାଟକଟି ଶତ ପ୍ରଶଂସା ପାଇବାର ଅନ୍ୟାନ୍ୟ କାରଣ ମଧ୍ୟରୁ ମୁଖ୍ୟ କାରଣଟି ହେଲା ଏହା ଏକ ସଫଳ ମଞ୍ଚ ନାଟକ। ପରୀକ୍ଷାମୂଳକ ଭାବରେ ଗୋଟିଏ ମଞ୍ଚକୁ ତିନି ଭାଗ କରାଯାଇଛି। ମଝି ଅଂଶଟି ଡାକ୍ତରଖାନା, ଡାହାଣ ପାଖରେ ନିରାକାର ବାବୁଙ୍କ ଘର ଏବଂ ବାମ ପଟରେ ମନ୍ତ୍ରୀଙ୍କ କକ୍ଷ। ଏଭଳି ବିଭାଜନ ନାଟକର ମଞ୍ଚସଜ୍ଜା କ୍ଷେତ୍ରରେ ନୂତନ।

**ନାମକରଣ** - ଏହି ଦୃଷ୍ଟିରୁ ବାର୍ତ୍ତାଟି ବେଶ୍ ଯୁଗୋପଯୋଗୀ ବୋଲି ମନେହୁଏ। ସମର ଭଳି ଯୁବ ସମାଜର ସ୍ୱାର୍ଥ ତ୍ୟାଗକୁ ଏଠି ଏକ କଲ୍ଲୋଳ ବା ଅଭିଛିନ୍ନ କି ପଦକ୍ଷେପ ପ୍ରବାହ ବୋଲି ମନେକରି ଏହାର ଅଭିବୃଦ୍ଧି ଘଟୁ ବୋଲି ଆଶା ପୋଷଣ କରନ୍ତି। ସେହିପରି ରସ ସୃଷ୍ଟିରେ କୌତୁହଳ ପରିଲକ୍ଷିତ ହୁଏ। ତାହା ପୁଣି ଜ୍ୟୋତିଷ ଚରିତ୍ର ଜରିଆରେ।

ଭାବପକ୍ଷ ଦୃଷ୍ଟିକୋଣରୁ ବିଚାର କଲେ ଏହା ଏକ ପାରିବାରିକ ନାଟକ। ଏକ ପରିବାରର ସମସ୍ୟାକୁ ନେଇ ନାଟକଟି ଋଦ୍ଧିମନ୍ତ। ନେତାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ସରକାରୀ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ କିପରି ଦୁର୍ନୀତିଗ୍ରସ୍ତ ତାକୁ ନାଟ୍ୟକାର ନାଟକଟିରେ ପ୍ରଦର୍ଶନ କରିଛନ୍ତି। ତା ସହିତ ନିରାକାର ବାବୁଙ୍କ ପରିବାରର କାହାଣୀ ସମତାଳରେ ଗତି କରିଛି।

ଶେଷରେ ନାଟ୍ୟକାର କୁହନ୍ତି, “ଦେଖିଲେ ତ ଦୁର୍ନୀତି, ଦୁରାଚାର, ଅନ୍ୟାୟ - ଅନୀତିର ପରିଣାମ? ନାଁ, କେବଳ ବିକ୍ରମ ନୁହେଁ କି - କୌଣସି ଜଣେ ରାଜନୈତିକ ନେତା ନୁହନ୍ତି, ଆଜି ସମାଜର ବହୁ ଗଣମାନ୍ୟ ପଦସୀନ ବ୍ୟକ୍ତି ଏଇ ଦୁର୍ନୀତିର ପଙ୍କରେ ଜଡସଡ ହେଉଛନ୍ତି। ସେମାନଙ୍କୁ ସେଥିରୁ ଉଦ୍ଧାର କରିବାକୁ ପଡ଼ିବ ଖାଲି ନୀରବ ଦ୍ରଷ୍ଟା ସାଜିଲେ କଣ ସମାଜର ଏ କଳଙ୍କ ଦୂରୀଭୂତ ହୋଇପାରିବ? ସେଥିପାଇଁ ଦରକାର ଜନଜାଗରଣ, ବିପ୍ଳବ, ଏକ ସମନ୍ୱିତ ପ୍ରଚେଷ୍ଟା। ଆପଣ, ଆମେ ଓ ସେମାନେ ସମସ୍ତେ ଏକଜୁଟ ହେବା - ସମାଜର ଏ କାଳିମାକୁ ଅପସାରିତ କରିବା। କ'ଣ କହୁଛନ୍ତି?” (୫)

**ଉପସଂହାର** -

ଶେଷରେ ଏତିକି କୁହାଯାଇପାରେ ପରମ୍ପରାକୁ ବାଦ୍ ଦେଇ ଯେ ନାଟକ ଲେଖାଯାଇ ପାରେନା। ଏହା ତାଙ୍କ ନାଟକ ଗୁଡିକରେ ସ୍ପଷ୍ଟ ପରିଲକ୍ଷିତ। ଲୋକ ଚରିତ୍ରର ମୂଲ୍ୟାୟନରୁ ତାଙ୍କ ନାଟକର ସ୍ୱତନ୍ତ୍ରତା ପରିଲକ୍ଷିତ ହୁଏ। ମୋଟ୍ ଉପରେ କହିବାକୁ ଗଲେ ଏହି ନାଟକର ଭାଷା ଯେ ସରଳ, ସାବଲୀଳ ଅସ୍ୱୀକାର କରାଯାଇପାରେନା। ସାଂପ୍ରତିକ ଜୀବନର ବାସ୍ତବ ସମସ୍ୟାର ନିରୂପଣ ସହ ତାର ନିରାକରଣର ବାସ୍ତବ ଦିଗ ପ୍ରତି ସେ ବେଶ୍ ସଚେତନ। ଘଟଣା , ଚରିତ୍ର , ମଞ୍ଚ ମୂଲ୍ୟାୟନ କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ରତା ହିଁ ତାଙ୍କ ନାଟକକୁ ବେଶ୍ ରୋଚକ କରାଏ। ଏକଦା ପାଶ୍ଚାତ୍ୟ ଚେତନାକୁ ପରିହାର କରି ପ୍ରାଚ୍ୟ ଆଦର୍ଶ ପ୍ରତି ବେଶ୍ ସଚେତନ। ଏକ ସ୍ୱକୀୟ ମୌଳିକତା ହିଁ ତାଙ୍କ ନାଟକର ଅନନ୍ୟ ବିଶେଷତ୍ୱ।ମୋଟ୍ ଉପରେ କହିବାକୁ ଗଲେ ଅବସାଦର ସମୟ ଅତିକ୍ରାନ୍ତ ହେଉ ଓ ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ନାଟ୍ୟମାନସ ବାରମ୍ବାର କଲ୍ଲୋଳିତ ହେଉ ବୋଲି କାମନାକରିବା ହିଁ ଯଥାର୍ଥ ମନେହୁଏ।

**ସଂକେତ ସୂଚୀ :**


୧. ନନ୍ଦ, ଶୈଳେଶ୍ୱର। କଲ୍ଲୋଳେ କଲ୍ଲୋଳ। ବିଶ୍ୱ ବୁକ୍ସ, ପ୍ରଥମ ସଂସ୍କରଣ, ୨୦୦୪, ପୃ. ୮।

୨. —. କଲ୍ଲୋଳେ କଲ୍ଲୋଳ। ବିଶ୍ୱ ବୁକ୍ସ, ପ୍ରଥମ ସଂସ୍କରଣ, ୨୦୦୪, ପୃ. ୬୬।

୩. —. କଲ୍ଲୋଳେ କଲ୍ଲୋଳ। ବିଶ୍ୱ ବୁକ୍ସ, ପ୍ରଥମ ସଂସ୍କରଣ, ୨୦୦୪, ପୃ. ୬୫।

୪. ବେହେରା, ପ୍ରତାପ କୁମାର। ଅର୍ଦ୍ଧ ଶତାବ୍ଦୀର ଓଡ଼ିଆ ନାଟ୍ୟ ସାହିତ୍ୟରେ ଶୈଳେଶ୍ୱର ନନ୍ଦଙ୍କ ନାଟ୍ୟକୃତି। ସାହିତ୍ୟ ଶ୍ୱେତପଦ୍ମା, ପ୍ରଥମ ସଂସ୍କରଣ, ୨୦୧୫, ପୃ. ୭୨।

୫. ନନ୍ଦ, ଶୈଳେଶ୍ୱର। କଲ୍ଲୋଳେ କଲ୍ଲୋଳ। ବିଶ୍ୱ ବୁକ୍ସ, ପ୍ରଥମ ସଂସ୍କରଣ, ୨୦୦୪, ପୃ. ୬୭।


«««


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Satapathy, Saroj kumar. “Kallole Kallolare Natyakara Shaileswara Nandanka Swara.” Bindu Bimarsha, vol. 2, no. 1, Jan. 2026, pp. 49–52. Crossref, https://doi.org/10.64647/bb.vol.2.issue.1.2026.9. |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO:. 3049-2807(O)
ଦ୍ୱିତୀୟ ଅଙ୍କ, ପ୍ରଥମ ସଂଖ୍ୟା ॥ ଜାନୁଆରୀ - ମାର୍ଚ୍ଚ ୨୦୨୬
VOLUME NO: II, ISSUE NO: I ॥ JANUARY-MARCH 2026

# ଚୈତନ୍ୟ ଚରିତାମୃତ : ଶ୍ରୀରାଧା

ଡକ୍ଟର କଳ୍ପତରୁ ନାୟକ
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ

**ARTICLE NO:** BB-II-I-2026-10

**ORC ID:** 0009-0003-8820-1957

**Review Status:** Double-Blind Peer Reviewed
**DOI:** 10.64647/bb.vol.2.issue.1.2026.10
**Language of the Article:** Odia

**E-Mail:** nayakchintu1988@gmail.com

**Type of Article:** Research Article
**Submission Date:** 30-11-2025
**Publication Date:** 14-01-2026

**ABSTRACT ॥ ସଂକ୍ଷିପ୍ତ ସାର**

ରାଧା ଶବ୍ଦଟି 'ରାଧ୍' ଧାତୁରୁ ସୃଷ୍ଟ। ଏହାର ଅର୍ଥ ଆରାଧାନା କରିବା। ଏଣୁ ଆରାଧାନା କରେ ଯେ ସେ 'ରାଧା' ଅର୍ଥାତ୍ ରାଧା ଶବ୍ଦର ଅର୍ଥ 'ଆରାଧାନା କରେ ଯେ'। ରାଧାଙ୍କର ଆରାଧ୍ୟ ଥିଲେ କୃଷ୍ଣ। ସେ ଜୀବନ ବ୍ୟାପୀ ଭଲ ପାଇବା ମଧ୍ୟରେ କୃଷ୍ଣଙ୍କୁ ଆରାଧନା କରୁଥିଲେ। ରାଧାଙ୍କୁ ନାୟିକା ଭାବେ ନେଇ ଅନେକ ଗ୍ରନ୍ଥ ରଚିତ ହୋଇଛି। ତଥାପି ସମସ୍ତେ ଶେଷରେ ରାଧାଙ୍କ ପ୍ରେମଭକ୍ତି ନିକଟରେ ନିଜର ଅସମର୍ଥତାକୁ ପ୍ରକାଶ କରିଛନ୍ତି।

**ମୂଳ ଶବ୍ଦ:** ବହୁସ୍ରାବୀ, ଶାଣିତ, ଝଡ, ପଦସ୍ଥ, ପ୍ରବହମାନ, ଯୁଗୋପଯୋଗୀ, ବହିର୍ଦ୍ୱନ୍ଦ୍ୱ, ଅଭିଚ୍ଛିନ୍ନ, ଜଡସଡ, କାଳିମା।

ରାଧା ଶବ୍ଦଟି ଏକ ଦିବ୍ୟ ଭାବନା ବା ଚେତନା। ଯେଉଁଥିରେ ସମର୍ପଣ ଥାଏ, ନିଜତ୍ୱ ନଥାଏ, କାମ ନଥାଏ କିନ୍ତୁ ପ୍ରେମ ଥାଏ। ସେହି ଅଲୌକିକ ଅପ୍ରାକୃତିକ ଚିନ୍ତାଧାରା ହିଁ ରାଧା ଶବ୍ଦର ଯଥାର୍ଥତା। କେହି କେହି ରାଧା ଶବ୍ଦର ଅର୍ଥକୁ ତୀବ୍ର ଅନୁଭୂତି ବୋଲି ଗ୍ରହଣ କରନ୍ତି। ମନର ଗଭୀର ଅନ୍ତଃସ୍ଥଳରେ ଚେତନାର ଗହନରେ ଯେଉଁ ପ୍ରେମ ବୋଧ ଏବଂ ମାଧୁର୍ଯ୍ୟ ପ୍ରସୁପ୍ତ ଥାଏ - ରାଧା ସେହି ଅନୁଭୂତିକୁ ପ୍ରକାଶ କରେ।

ବ୍ରହ୍ମବୈବର୍ତ୍ତ ପୁରାଣର ବ୍ରହ୍ମଖଣ୍ଡ ପଞ୍ଚମ ଅଧ୍ୟାୟରୁ ଜଣାଯାଏ ରାଧା ଶବ୍ଦର 'ରା' ଅକ୍ଷର ଉଚ୍ଚାରଣ କରି ଭକ୍ତମାନେ ମୁକ୍ତିମାର୍ଗ ଦର୍ଶନ କରନ୍ତି ଏବଂ 'ଧା' ଅକ୍ଷର ଉଚ୍ଚାରଣ କରି ବିଷ୍ଣୁପୁର ଗୋଲୋକ ବୈକୁଣ୍ଠକୁ ନିରନ୍ତର ଧାବମାନ ହୁଅନ୍ତି।

ହାଲଙ୍କ ଗାହାସତ୍ତସଈ(ଗାଥାସପ୍ତଶତୀ) ପ୍ରାକୃତ ଗ୍ରନ୍ଥରେ ପ୍ରଥମେ ରାଧାକୃଷ୍ଣ ଲୀଳାର ପ୍ରଥମ ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ।(୧)

ଅଷ୍ଟମ ଶତାବ୍ଦୀର ଭଟ୍ଟନାରାୟଣଙ୍କ 'ବେଣୀସଂହାର' ନାଟକର ନାନ୍ଦୀଶ୍ଳୋକରେ କେଳୀକୁପିତା ରାଧା ଏବଂ ତାଙ୍କ ଉଦ୍ଦେଶ୍ୟରେ କୃଷ୍ଣ ଅନୁନୟ କଥା ବର୍ଣ୍ଣନା କରାଯାଇଛି। (୨)

ପରବର୍ତ୍ତୀ ସମୟରେ ଜୟଦେବ ରାଧାକୃଷ୍ଣଙ୍କୁ ନେଇ 'ଗୀତଗୋବିନ୍ଦ' କାବ୍ୟ ରଚନା କରିଛନ୍ତି। ଏହା ରାଧାପ୍ରେମର ପୂର୍ଣ୍ଣାଙ୍ଗ କାବ୍ୟ। ଜୟଦେବଙ୍କ କାବ୍ୟରେ ରାଧାପୂର୍ଣ୍ଣ ମର୍ଯ୍ୟାଦା ସହ ପ୍ରତିଷ୍ଠିତା।

ଚୈତନ୍ୟ ଦେବ, ରାୟ ରାମାନନ୍ଦଙ୍କଠାରୁ 'ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ' ତତ୍ତ୍ୱକୁ ଶୁଣି ଉପଲବ୍ଧି କରିଥିଲେ। (୩) କୃଷ୍ଣଙ୍କୁ ପ୍ରାପ୍ତ କରିବାର ପ୍ରଧାନ ମାର୍ଗ ରାଗମାର୍ଗ। ଶ୍ରୀରାଧା ଏହି ରାଗମାର୍ଗ ଆଶ୍ରୟରେ ରାଧାଙ୍କୁ ପାଇଥିଲେ। ଏଣୁ ରାଗମାର୍ଗର ପ୍ରେମଭକ୍ତି ଶ୍ରେଷ୍ଠ। ପ୍ରେମଭକ୍ତି ଦୁଇପ୍ରକାରର ଯଥା:- ଐଶ୍ୱର୍ଯ୍ୟଜ୍ଞାନ ଯୁକ୍ତ ଓ କେବଳା। କେବଳା ପ୍ରେମ ଭକ୍ତି ଦ୍ୱାରା ରାଧା ଏବଂ ଗୋପୀମାନେ କୃଷ୍ଣପ୍ରାପ୍ତି କରିଥିଲେ।

ଐଶ୍ୱର୍ଯ୍ୟ ପ୍ରେମ ଭକ୍ତି ଭାବେ ଉଦ୍ଧବ ପ୍ରସିଦ୍ଧ କିନ୍ତୁ ସେହି ଉଦ୍ଧବ କେବଳା ପ୍ରେମଭକ୍ତିର ପୂଜାରିଣୀ ଗୋପୀମାନଙ୍କ ପାଦ ଧୂଳି ନେଇ କେବଳା ପ୍ରେମ ଭକ୍ତିକୁ ଐଶ୍ୱର୍ଯ୍ୟ ଭକ୍ତିଠାରୁ ଶ୍ରେଷ୍ଠ ବୋଲି ଗ୍ରହଣ କରିଛନ୍ତି। ଏଣୁ ରାଧାଭାବ ଭକ୍ତି ଯେ ଶ୍ରେଷ୍ଠ ଏହା ଚୈତନ୍ୟ ଚରିତାମୃତ ଗ୍ରନ୍ଥର ଅନ୍ତ୍ୟ ସପ୍ତମ ଭାଗରେ ଉଲ୍ଲେଖ ରହିଛି। (୪)

ପ୍ରାୟତଃ ସମସ୍ତ ଶାସ୍ତ୍ରରେ ଭଗବାନଙ୍କୁ ସତ୍, ଚିତ୍ ଏବଂ ଆନନ୍ଦ ଏହି ତିନି ଭାଗରେ ବିଭକ୍ତ କରାଯାଇଛି। ଏହି ତିନି ଗୁଣକୁ ଆଶ୍ରୟ କରି

ରହିଛି ସନ୍ଧିନୀ, ସଂବିତ୍ ଓ ହ୍ଲାଦିନୀ ଆଦି ତିନି ସ୍ୱକୀୟ ଶକ୍ତି। ସତ୍ ଅବଲମ୍ବନରେ ସନ୍ଧିନୀ ଯେଉଁଥିରେ ରହିଛି କୃଷ୍ଣଙ୍କ ଈଶ୍ୱର ସତ୍ତାର ପ୍ରକାଶ। ସଂବିତରେ କୃଷ୍ଣଙ୍କ ଜ୍ଞାନର ପ୍ରକାଶ ଏବଂ ହ୍ଲାଦିନୀରେ ଆନନ୍ଦାତ୍ମକ ସତ୍ତାର ପ୍ରକାଶ ହୋଇଥାଏ। ବୃନ୍ଦାବନର ଗୋପୀଗଣ ଏବଂ ଶ୍ରେଷ୍ଠାଗୋପୀ ରାଧା ହେଉଛନ୍ତି ହ୍ଲାଦିନୀ ସତ୍ତାର ଶ୍ରେଷ୍ଠ ଅଂଶ।

ହ୍ଲାଦିନୀ ହେଉଛି ଭଗବାନଙ୍କ ସେହି ସତ୍ତା ଯାହାକୁ ନେଇ ସେ ଭକ୍ତ ସଙ୍ଗେ ଲୀଳା କରନ୍ତି। ତାଙ୍କର କେବଳ ନିଜ ଲୀଳାରେ ଆନନ୍ଦ ନଥାଏ, ସେ ସୃଷ୍ଟିର ସମସ୍ତ ଜୀବକୁ ଲୀଳା ମଧ୍ୟରେ ଏକାତ୍ମ କରିବାକୁ ଚାହାଁନ୍ତି। କୃଷ୍ଣ ଦାସ କବିରାଜ 'ଚୈତନ୍ୟ ଚରିତାମୃତ'ରେ ଏହାର ଉଲ୍ଲେଖ କରିଛନ୍ତି।(୫)

ଭଗବାନଙ୍କ ପ୍ରତି ଜୀବର ବିଶୁଦ୍ଧ ଆନନ୍ଦ ହିଁ ଭକ୍ତ-ଭକ୍ତର ଯେ ଭକ୍ତି ଜନିତ ଆନନ୍ଦ ଏବଂ ଭଗବାନଙ୍କ ଲୀଳା ଜନିତ ଆନନ୍ଦ-ଏଇ ଦୁଇ ହ୍ଲାଦିନୀ ଶକ୍ତିର ଦୁଇଟି ରୂପ। ଏହି ସ୍ୱରୂପ ଶକ୍ତିର ଶ୍ରେଷ୍ଠ ହ୍ଲାଦିନୀ ଶକ୍ତି, ତଥା ତାହାର ଶ୍ରେଷ୍ଠ ମୂର୍ତ୍ତି ହେଉଛି ରାଧା। ତେଣୁ କୃଷ୍ଣଦାସ କବିରାଜ 'ଚେତନ୍ୟ ଚରିତାମୃତ' ଗ୍ରନ୍ଥରେ ରାଧାଙ୍କୁ ପ୍ରେମ ସ୍ୱରୂପା, ନିତ୍ୟ ପ୍ରେମଦାତ୍ରୀ, ନିତ୍ୟ ପ୍ରେମସ୍ୱରୂପା ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀରାଧା ହେଉଛନ୍ତି ସର୍ବଗୁଣ ସମ୍ପନ୍ନା କୃଷ୍ଣକାନ୍ତା ଶିରୋମଣି।(୬)

ଭଗବାନଙ୍କ ସବୁ ଶକ୍ତି ମଧ୍ୟରେ ଶ୍ରେଷ୍ଠ ହ୍ଲାଦିନୀ। କୃଷ୍ଣଙ୍କ ସବୁ ଶକ୍ତି ମଧ୍ୟରୁ ରାଧା ଶ୍ରେଷ୍ଠା। କାରଣ ହ୍ଲାଦିନୀ ଶକ୍ତି କୃଷ୍ଣଙ୍କର ଶ୍ରେଷ୍ଠ ଶକ୍ତି ଏବଂ ରାଧା ହେଉଛନ୍ତି ତାହାର ଘନୀଭୂତ ରୂପ। ରାଧା ପ୍ରେମୋତ୍କର୍ଷ ପରାକାଷ୍ଠା। ବୃନ୍ଦାବନରେ ରାଧା କେବଳ ତତ୍ତ୍ୱ ନୁହଁନ୍ତି ସେ ନିତ୍ୟ ଏବଂ ସତ୍ୟ, ଯାହା ମଧ୍ୟରେ ଯେତେ ପରିମାଣରେ ହ୍ଲାଦିନୀ ଶକ୍ତି ରହିଛି ସେ ସେତେ ବଡ଼ ଭକ୍ତ। ଏହି ଦୃଷ୍ଟିରୁ ବିଚାର କଲେ ରାଧା ସ୍ୱୟଂ ପୂର୍ଣ୍ଣ ହ୍ଲାଦିନୀ ରୂପା, ତେଣୁ ସେ ଶ୍ରେଷ୍ଠା।

ରାଧାଙ୍କ ସହ କୃଷ୍ଣଙ୍କ ପ୍ରେମକୁ ପରକୀୟା ପ୍ରେମ କୁହାଯାଏ। 'ଉଜ୍ଜ୍ୱଳନୀଳମଣି' ଗ୍ରନ୍ଥରେ କୃଷ୍ଣବଲ୍ଲଭା ଅଧ୍ୟାୟରେ ରୂପଗୋ ସ୍ୱାମୀ ଉଲ୍ଲେଖ କରିଛନ୍ତି ଯେ, କୃଷ୍ଣ ବଲ୍ଲଭାମାନଙ୍କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଯଥା:- ସ୍ୱକୀୟା ଏବଂ ପରକୀୟା। କୃଷ୍ଣଙ୍କର ବିବାହିତା ପତ୍ନୀମାନେ ହେଉଛନ୍ତି ସ୍ୱକୀୟା ଏବଂ ଅନ୍ୟମାନେ ପରକୀୟା। କିନ୍ତୁ ଗୋଟିଏ ଦୃଷ୍ଟିରୁ ବିଚାର କଲେ କୃଷ୍ଣଙ୍କର ସମସ୍ତ ପ୍ରେମିକା ସ୍ୱକୀୟା ଅଟନ୍ତି। ପ୍ରେମ ମଧ୍ୟରେ ଶ୍ରେଷ୍ଠ କାନ୍ତାପ୍ରେମ ଏବଂ ତା' ମଧ୍ୟରେ ଶ୍ରେଷ୍ଠ ପରକୀୟା ପ୍ରେମ। ଜୀବଗୋସ୍ୱାମୀ ଶ୍ରୀକୃଷ୍ଣ ସନ୍ଦର୍ଭରେ କହିଛନ୍ତି ଗୋପୀମାନେ ଶ୍ରୀକୃଷ୍ଣଙ୍କର ସ୍ୱକୀୟା ନାୟିକା। ତାଙ୍କ ମତରେ ଗୋପୀମାନେ ବିବାହିତା ହୋଇଥିଲେ ମଧ୍ୟ ଗୋପ ଯୁବକଙ୍କ ସହିତ ସେମାନଙ୍କ ଶାରୀରିକ ସଂପର୍କ ନଥିଲା। ଶ୍ରୀକୃଷ୍ଣ ମାୟା ବଳରେ ଗୋପ ଯୁବକଙ୍କ ନିକଟରେ ଗୋଟିଏ ଗୋଟିଏ ମାୟା ଗୋପୀ ସୃଷ୍ଟି କରିଥିଲେ। ଅତଃ କୃଷ୍ଣ ଗୋପୀମାନଙ୍କ ପତି, ଗୋପନାରୀମାନେ ପରସ୍ତ୍ରୀ ନୁହଁନ୍ତି। ପରବର୍ତ୍ତୀ ସମୟରେ ପରକୀୟା ପ୍ରାଧାନ୍ୟ ଲାଭ କରିଛି। ଏହି ପରକୀୟା ପ୍ରେମରେ ଶ୍ରୀରାଧା ଶ୍ରେଷ୍ଠ ବୋଲି ଚୈତନ୍ୟ ଚରିତାମୃତରେ ଉଲ୍ଲେଖ ରହିଛି।(୭)

ଶ୍ରୀରାଧା ସଂପର୍କରେ 'ଚୈତନ୍ୟ ଚରିତାମୃତ' ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି ଯେ, ଶ୍ରୀରାଧା ହେଉଛନ୍ତି ମଧୁରା, ନିତ୍ୟ କିଶୋରୀ, ଚଞ୍ଚଳ ନେତ୍ରା, ଉଜ୍ଜ୍ୱଳସ୍ମିତା, ଚାରୁସୌଭାଗ୍ୟ ରେଖାଯୁକ୍ତା, ଗନ୍ଧୋନ୍ମାଦିତ ମାଧବା, ବିଦ୍ୟାସୁ-ନିପୁଣା, ରମ୍ୟବାକ, ପରିହାସ ନିପୁଣା, ବିନୀତା, କରୁଣାପୂର୍ଣ୍ଣା, ବିଦଗ୍ଧା, ଚତୁରା, ତଜ୍ଜାଶୀଳା, ସୁମର୍ଯ୍ୟାଦା, ଧୌର୍ଯ୍ୟଶୀଳା, ଗାମ୍ଭୀର୍ଯ୍ୟମୟୀ, ସୁବିଳାସଯୁକ୍ତା, ପରମୋତ୍କର୍ଷ ମହାଭାବମୟୀ, ଗୋକୁଳ ପ୍ରେମ ବସତି, ଜଗଦ୍-ସୋଷିତ ଯଶା, ସଖୀ ପ୍ରଣୟଧିନା, ଶ୍ରୀକୃଷ୍ଣ ପ୍ରେଣସୀଗଣ ମଧ୍ୟରେ ପ୍ରଧାନ୍ୟ ଏବଂ ଶ୍ରୀକୃଷ୍ଣ ସର୍ବଦା ଶ୍ରୀରାଧାଙ୍କର ବାକ୍ୟାଧିନା।

ବୈଷ୍ଣବ ମତରେ କୃଷ୍ଣଙ୍କ ପ୍ରୀତି ଇଚ୍ଛା ହିଁ ପ୍ରେମ। (୮) ରାଧା କାୟା ତଥା ମନର କୋଣ ଅନୁକୋଣରୁ କୃଷ୍ଣଙ୍କ ନିକଟରେ ସମର୍ପିତା। କୃଷ୍ଣଙ୍କୁ ସବୁଠାରୁ ଅଧିକ ପ୍ରେମ ରାଧା ହିଁ କରନ୍ତି।

କୃଷ୍ଣଙ୍କଠାରେ ନିଷ୍ଠା ରଖିବାରେ, ସେବା, ସ୍ୱଜନ ଭାବ ଓ ସ୍ୱଭାବ ତଥା କୃଷ୍ଣପ୍ରେମରେ ପାଗଳିନୀ ଆଦି ସୀମାର ଶେଷ ଅବସ୍ଥାର ପୂର୍ଣ୍ଣାଙ୍ଗ ରୂପ ଶ୍ରୀରାଧା। ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ରସମୟତାର ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀରାଧା।

ଚୈତନ୍ୟ ଚରିତାମୃତ ମତରେ ରାଧା ପ୍ରେମର ପୂର୍ଣ୍ଣାଙ୍ଗ ରୂପ ଏବଂ କୃଷ୍ଣ ମଧ୍ୟ ପୂର୍ଣ୍ଣ ଶକ୍ତିମାନ। ଏ ଦୁହେଁ ଭିନ୍ନ ନୁହଁନ୍ତି, ଏକ ଏବଂ ଅଭିନ୍ନ।(୯)

ପ୍ରେମର ବର୍ଣ୍ଣନାରେ ରାଧାକୃଷ୍ଣଙ୍କୁ ପୃଥକ କରି ହେବ ନାହିଁ କାରଣ ସେ ଦୁହେଁ ଅଲୌକିକ ଅପ୍ରାକୃତିକ ପ୍ରେମର ପରମ ନିର୍ଦ୍ଦଶନ।

ହ୍ଲାଦିନୀ ମଧ୍ୟରେ ଶ୍ରେଷ୍ଠ 'ପ୍ରେମ', ପ୍ରେମ ମଧ୍ୟରେ ଶ୍ରେଷ୍ଠ 'ଭାବ', ଭାବ ମଧ୍ୟରେ ଶ୍ରେଷ୍ଠ 'ମହାଭାବ'। ଏହି ମହାଭାବର ପୂର୍ଣ୍ଣସ୍ୱରୂପା 'ଶ୍ରୀରାଧା'।

ତାରତମ୍ୟ ଭେଦରେ ରତି ତ୍ରିବିଧ। ଯଥା- ସାଧାରଣୀ, ସମଞ୍ଜସା ଓ ସମର୍ଥା। କୃଷ୍ଣଙ୍କୁ ଦେଖିଲାପରେ କୁବୁଜାଠାରେ ଯେଉଁ ରତି ଭାବ ଜାଗ୍ରତ ହୋଇଥିଲା ତାହା ସାଧାରଣୀ। ସମଞ୍ଜସା ରତିରେ ପତ୍ନିଭାବର ଅଭିମାନ ରହିଥାଏ। ଏଣୁ ରୁକ୍ମଣୀ, ସତ୍ୟଭାମା ଆଦିଙ୍କ ରତି ଏହି ଶ୍ରେଣୀର। ଯେଉଁ ରତି କୁଳ ବିରୋଧି; ଯେଉଁଥିରେ ଧର୍ମ, ଧୈର୍ଯ୍ୟ, ଲଜ୍ଜା ବାଧାଠାରୁ ଦୂରକୁ ଯିବାକୁ ହୁଏ ତାହା ସମର୍ଥା ରତି। ମହାଭାବ ଦଶା ଲାଭ କଲେ ଏହି ରତି ପରିଣତି ଲାଭ କରେ। ଏକମାତ୍ର ରାଧାଙ୍କ ବ୍ୟତୀତ ଅନ୍ୟ କାହାଠାରେ ଏହି ମହାଭାବ ପ୍ରକାଶ ପାଇନି। ଏଣୁ ସେ କାନ୍ତାଶିରୋମଣି। ଚୈତନ୍ୟ ରଚିତାମୃତରେ କୃଷ୍ଣଦାସ କବିରାଜ ଏହା

BINDU BIMARSHA

ଉଲ୍ଲେଖ କରିଛନ୍ତି।(୧୦)

ସମଗ୍ର ଶକ୍ତି, ପ୍ରେମ, ସୌନ୍ଦର୍ଯ୍ୟ, ଐଶ୍ୱର୍ଯ୍ୟ ତଥା ମାଧୁର୍ଯ୍ୟର ପ୍ରତୀକ ପୂର୍ଣ୍ଣବ୍ରହ୍ମ ଶ୍ରୀକୃଷ୍ଣ।। କିନ୍ତୁ ସେ ରାଧାଙ୍କ ପ୍ରେମ ନିକଟରେ କ୍ରୀଡ଼ନକ। ରାଧାଙ୍କ ପ୍ରେମରେ ଏପରି କି ଶକ୍ତି ରହିଛି ଯେ ସ୍ୱୟଂ କୃଷ୍ଣ ଅସହାୟ ହୋଇ ପଡ଼ନ୍ତି; ଭାବ ବିହ୍ୱଳ ହୋଇ ପଡ଼ନ୍ତି ତଥା ନିଜ ସତ୍ତାକୁ ତ୍ୟାଗ କରନ୍ତି।

'ଚୈତନ୍ୟଚରିତାମୃତ'ରେ କୃଷ୍ଣଦାସ କବିରାଜ କୁହନ୍ତି, କୃଷ୍ଣ ମଧ୍ୟ ନିଜେ ଜାଣନ୍ତି ନାହିଁ ରାଧାଙ୍କ ପ୍ରେମରେ କେତେ ଶକ୍ତି ରହିଛି। ସେ ରାଧାଙ୍କୁ ପ୍ରେମର ଗୁରୁ ଏବଂ ନିଜକୁ ପ୍ରେମର ଶିଷ୍ୟ ନଟ ବୋଲି କହିଛନ୍ତି। (୧୧)

ଚୈତନ୍ୟ ଦେବଙ୍କୁ ରାୟରାମାନନ୍ଦ ବୁଝାଇଛନ୍ତି ସଂସାରରେ କୃଷ୍ଣ ପ୍ରେମ ଭକ୍ତି ହିଁ ସାର। କୃଷ୍ଣଙ୍କୁ ଦେହ ପ୍ରାଣ ମନରେ ପ୍ରେମ କରିବା, ଭଲପାଇବା, ତା'ରିଠାରେ ନିଜକୁ ସମର୍ପଣ କରିଦେବା ଭକ୍ତିର ଶ୍ରେଷ୍ଠ ନିଦର୍ଶନ। ଯାହା ରାଧାଙ୍କଠାରେ ହିଁ ଥିଲା।

ଚୈତନ୍ୟ ନିଜକୁ ରାଧାମନେ କରି କୃଷ୍ଣ ପ୍ରେମରେ ବିଭୋର ହୋଇପଡ଼ିଛନ୍ତି। କୃଷ୍ଣ ନାମ ନ ଶୁଣିଲେ ସେ ବିରହ ବେଦନା ପାଉଛନ୍ତି। ଭକ୍ତଗଣ ସାଥିରେ କୃଷ୍ଣ ପ୍ରେମର ଚର୍ଚ୍ଚା କରୁଛନ୍ତି। ବଂଶୀ ପ୍ରସଙ୍ଗ ଆସିଲେ ସେ ରାଧାଙ୍କ ପରି ବଂଶୀକୁ ଇର୍ଷା କରୁଛନ୍ତି। ରେ ବଂଶୀ, ତୁ କେଉଁଠାରେ କେଉଁ ତୀର୍ଥରେ କେଉଁ ସିଦ୍ଧିମନ୍ତ୍ର ଧରି କେଉଁ ତପ କରିଲୁ ବୋଲି ପ୍ରଶ୍ନ କରୁଛନ୍ତି। ସତରେ ବଂଶୀ ତୋର ସେହି ପୁଣ୍ୟ ବଳରୁ ତୁ ପ୍ରତ୍ୟେହ କୃଷ୍ଣଙ୍କର ଅଧାରାମୃତ ପାନ କରୁଛୁ। କାଳନ୍ଦୀ ନଦୀକୁ ମଧ୍ୟ ଇର୍ଷା କରି କୁହନ୍ତି ସତରେ ତୁ କେତେ ପବିତ୍ରା କାରଣ ତୋର ଜଳରାଶିରେ ଶ୍ରୀକୃଷ୍ଣ ସ୍ନାନ କରୁଥିଲେ। ଏହି ଭାଗ୍ୟ ତାଙ୍କର ନାହିଁ ବୋଲି ସେ ମନଦୁଃଖରେ କାନ୍ଦି ପକଉଥିଲେ।

ନୀଳାଚଳ ଧାମରେ ରହି ମଧ୍ୟ ଚୈତନ୍ୟ ଦେବ ସମୟେ ସମୟେ ରାଧାଭାବରେ ପଡ଼ି କୃଷ୍ଣ ବିରହ ଦଶା ଭୋଗ କରୁଥିଲେ।(୧୨) ସେ ଭକ୍ତଗଣଙ୍କୁ ସଖୀ ବୋଲି ସମ୍ବୋଧନ କରି ତାଙ୍କୁ ନେଇ କୃଷ୍ଣଙ୍କୁ ଦର୍ଶନ କରାଅ ବୋଲି ଅଡ଼ି ବସୁଥିଲେ। କ୍ଷଣଟିଏ ମଧ୍ୟ କୃଷ୍ଣ ମୋ ନିକଟକୁ ଅନ୍ତର ହେଲେ ମୋର ଛାତି ଫାଟି ଯାଏ, ଶରୀର ଛାଡ଼ି ଜୀବନ ଚାଲିଯାଏ ବୋଲି ଚୈତନ୍ୟ ପ୍ରକାଶ କରନ୍ତି।

କୃଷ୍ଣଙ୍କ ଶରୀରରେ ଲେପନ ହେଉଥିବା କସ୍ତୁରୀର ଗନ୍ଧ କୃଷ୍ଣ ଅଙ୍ଗସଙ୍ଗ ପାଇ ଦ୍ୱିଗୁଣିତ ହୋଇଥାଏ। ସେହି ଗନ୍ଧ ପାଇଁ ନାରୀମାନେ ମତୁଆଲା ହୋଇ ଧାଉଁ ଥିଲେ। ରାସ୍ତାଘାଟ ମଧ୍ୟ ଦେଖି ପାରୁନଥିଲେ। କୃଷ୍ଣ ବିନାମୂଲ୍ୟରେ ନାରୀ-ମାନଙ୍କୁ ସେହି ଦିବ୍ୟଗନ୍ଧ ପ୍ରଦାନ କରନ୍ତି ଯେ ସେମାନେ ଘରକୁ ଯିବାକୁ ପଥ ପ୍ରାପ୍ତ ହୁଅନ୍ତି ନାହିଁ। ସେହି କୃଷ୍ଣଙ୍କୁ ପ୍ରାପ୍ତ କରିବା ପାଇଁ ରାଧା ଭାବରେ ଚୈତନ୍ୟ ମନକୁ ଭ୍ରମର କରି ଏଣେତେଣେ ଧାବମାନ ହୁଅନ୍ତି କିନ୍ତୁ କୃଷ୍ଣଙ୍କୁ ନ ପାଇ କେବଳ ଗନ୍ଧ ପାଇଥାନ୍ତି। ସେହି ଗନ୍ଧ ପାଇ ମତୁଆଲା ହୋଇ ନୃତ୍ୟ କରନ୍ତି। ରାୟ ରାମାନନ୍ଦଙ୍କଠାରୁ କୃଷ୍ଣ ଗୀତ ଶୁଣି ଚୈତନ୍ୟ ନାଚିନାଚି ରାତି ପାହି ଦିଅନ୍ତି।

ଚୈତନ୍ୟ, ରାୟଙ୍କୁ ପଚାରୁଛନ୍ତି, ତୁମେ କହିଲ ରାଧାର ପ୍ରେମ ସାଧ୍ୟଶିରୋମଣି? କିନ୍ତୁ ଏହା ବୁଝି ହେଉନାହିଁ। ଯଦି ତୁମେ କହିବାନୁସାରେ ଏହା ସତ୍ୟ ଯେ ରାଧା ସାଧ୍ୟଶିରୋମଣି ତେବେ ଭାଗବତର ବର୍ଣ୍ଣନାନୁସାରେ ଶ୍ରୀକୃଷ୍ଣ କାହିଁକି ଗୋପୀମାନଙ୍କଠାରୁ ଲୁଚି ଶ୍ରୀମତୀ ନାମକ ଗୋପୀ ସହିତ ରାସ ମଣ୍ଡଳ ତ୍ୟାଗ କରିଥିଲେ? ଯଦି ଭଗବାନ କୃଷ୍ଣ ରାଧାଙ୍କ ପାଇଁ ଗୋପୀମାନଙ୍କୁ ତ୍ୟାଗ କରି ଚାଲିଯାଇଥାନ୍ତେ ତେବେ ରାଧାଙ୍କୁ ସାଧ୍ୟଶିରୋମଣୀ କହିଥିଲେ ଠିକ୍ ହୋଇଥାନ୍ତା। ରାୟରାମାନନ୍ଦ ଏହାର ଉତ୍ତର ଦେବାକୁ ଯାଇ କହନ୍ତି, ଯେ କୃଷ୍ଣ ରାଧାଙ୍କ ପାଇଁ ହିଁ ସେ ସ୍ଥାନ ତ୍ୟାଗ କରିଥିଲେ। ଏହାକୁ ବୁଝାଇବାକୁ ଯାଇ ସେ ଗୀତଗୋବିନ୍ଦର ପଦ ଗାନ କରି ଚୈତନ୍ୟଙ୍କ ଭ୍ରମ ଦୂର କରିଛନ୍ତି।

ନିଜକୁ ସଂସାର ବାସନାରେ ବାନ୍ଧିବାର ଶୃଙ୍ଖଳା ଯେ ଶ୍ରୀରାଧା ଶ୍ରୀକୃଷ୍ଣ ତାହାକୁ ହୃଦୟରେ ରଖି ବ୍ରଜସୁନ୍ଦରୀମାନଙ୍କୁ ତ୍ୟାଗ କରିଥିଲେ।

ମାନ ଯେତେବେଳେ ବିଶ୍ରମ୍ଭ ଦାନ କରେ ତାହା ପ୍ରଣୟରେ ପରିଣତ ହୁଏ। ସମ୍ଭ୍ରମହୀନତା ଏବଂ ବିଶ୍ୱାସ ଏହାର ପ୍ରାଣ ସ୍ୱରୂପ। ବିନୟ ଯୁକ୍ତ ବିଶ୍ରମ୍ଭ(ପ୍ରଣୟ) ମୈତ୍ର ଏବଂ ଭୟହୀନ ବିଶ୍ରମ୍ଭ(ପ୍ରଣୟ)କୁ ସଖ୍ୟ ନାମରେ ଅଭିହିତ କରାଯାଇଛି। ଯେତେବେଳେ ଏହି ପ୍ରଣୟ ପ୍ରିୟତମ ନିମନ୍ତେ ନିଜର ସମସ୍ତ ଦୁଃଖକୁ ସୁଖ ବୋଲି ଗ୍ରହଣ କରେ, ସେତେବେଳେ ତାକୁ ରାଗ କୁହାଯାଏ। ବ୍ରଜଗୋପାଙ୍ଗନାଙ୍କ ପ୍ରେମ ରାଗାତ୍ମକ ପ୍ରେମ। ଯେତେବେଳେ ରାଗ ନିତ୍ୟ ନୂତନ ହୁଏ, ଏଇ ରାଗ ପଥରେ ପ୍ରିୟତମ ଯେତେବେଳେ ନୂତନ ନିତ୍ୟ ରୂପ ଅନୁଭୂତ କରେ, ସେତେବେଳେ ରସ ଶାସ୍ତ୍ରକାରମାନେ ତାହାକୁ ଅନୁରାଗ କହିଥାନ୍ତି। ଭାବର ଚରମ ଅବସ୍ଥା ଅନୁରାଗ।

ଅନୁରାଗ ଯେତେବେଳେ ବୃତ୍ତିର ଆଶ୍ରୟ ରୂପେ ସୁବିକଶିତ ହୋଇ ନିଜ ମଧ୍ୟରେ ନିଜର ସାର୍ଥକତାକୁ ପ୍ରାପ୍ତ କରେ ତାହାକୁ ଭାବ କୁହାଯାଏ। ଏହି ଭାବର ପରମ ଏବଂ ଚରମ ରୂପ ମହାଭାବ। କୃଷ୍ଣଦାସ କବିରାଜ ଗୋସ୍ୱାମୀ ଏହାର ଚମତ୍କାର ବର୍ଣ୍ଣନା ଦେଇଛନ୍ତି।

ମହାଭାବର ଦୁଇଟି ରୂପ ରହିଛି। ଯଥା-ରୂଢ଼ ଏବଂ ଅଧିରୂଢ଼। ମହାଭାବର ଅଭିବ୍ୟକ୍ତି ଗୋପୀମାନଙ୍କ ଭିନ୍ନ ଅନ୍ୟତ୍ର ଦୃଷ୍ଟିଗୋଚର ହୁଏ ନାହିଁ। ରାଧିକାଙ୍କ ସଖିମାନେ ରୂଢ଼ ମହାଭାବର ଅଧିଷ୍ଠାତ୍ରୀ। ଏକମାତ୍ର ଶ୍ରୀରାଧା ହେଉଛନ୍ତି ଅଧିରୂଢ଼ ମହାଭାବର ପ୍ରତୀକ ଏବଂ ସେ ହିଁ ହେଉଛନ୍ତି ଏଇ ମହାଭାବର ଏକଧିଶ୍ୱରୀ।

କୃଷ୍ଣଦାସ କବିରାଜ ଗୋସ୍ୱାମୀ ଶ୍ରୀରାଧାର ସ୍ୱରୂପ ବ୍ୟାଖ୍ୟା କରିବା

CC BY NC

ସଙ୍ଗେ ସଙ୍ଗେ ମଣିଷକୁ ତାହା ଜୀବନର ଏକ କ୍ରମବିକାଶର ପଥ ଦେଖାଇ ଯାଇଛନ୍ତି। ରାୟ ରାମାନନ୍ଦ ଯେପରି ସାଧ୍ୟସାଧନ ନିର୍ଣ୍ଣୟ କରି ମଣିଷକୁ ରାଧାର ପ୍ରେମ ସାଧ୍ୟଶିରୋମଣି କରି ଉପଦେଶ କରିଯାଇଛନ୍ତି ସେହିପରି କବିରାଜ ଗୋସ୍ୱାମୀ ସେହି ପ୍ରେମର ଏକ ଧାରାବାହିକତା ନିର୍ଦ୍ଦେଶ କରି ଯାଇଛନ୍ତି। ଏହା ସତ୍ୟ ଯେ, ମଣିଷ ପକ୍ଷରେ ମହାଭାବ ପ୍ରକାଶ ଅସମ୍ଭବ ବ୍ୟାପାର। ବୈଷ୍ଣବ ସାଧକଗଣ ଭାବ ପର୍ଯ୍ୟନ୍ତ ଆସ୍ୱାଦନର ପ୍ରଣାଳୀକୁ ନିର୍ଦ୍ଦେଶ କରି ଯାଇଛନ୍ତି। 'ଚୈତନ୍ୟ ଚରିତାମୃତ'ରୁ ଏହାର ସନ୍ଧାନ ମିଳିଥାଏ।

ସତରେ ରାଧା ଭାବରେ କୃଷ୍ଣଙ୍କୁ ପ୍ରେମ କରିବାର ନିଆରା ସ୍ୱାଦ ଥାଏ, ଯାହାକୁ ଚୈତନ୍ୟ ପ୍ରାପ୍ତ କରିବାକୁ ଚାହିଁଥିଲେ। 'ଚୈତନ୍ୟ ଚରିତାମୃତମ୍' ଗ୍ରନ୍ଥରେ କୃଷ୍ଣଦାସ କବିରାଜ ଏହି ରାଧା/ପ୍ରେମର ଚିତ୍ରକୁ ଚିତ୍ରିତ କରିବାରେ ସଫଳ ହୋଇଛନ୍ତି। ଶେଷକୁ ଚୈତନ୍ୟଚରିତାମୃତମ୍ ଗ୍ରନ୍ଥରେ ରାଧାଙ୍କ ସଂପର୍କରେ ଉଲ୍ଲିଖିତ ପଦଟିଏ ଉଦ୍ଧାର କରି ଏହି ପ୍ରବନ୍ଧକୁ ଶେଷ କରାଯାଇପାରେ ଯଦିଓ ରାଧାପ୍ରେମ ଆଲୋଚନାର ଅନ୍ତ ନାହିଁ।

କାମଗନ୍ଧହୀନ ସ୍ୱାଭାବିକ ଗୋପୀ ପ୍ରେମ
ନିର୍ମଳ ଉଜ୍ଜ୍ୱଳ ଶୁଦ୍ଧ ଯେନ ଦଗ୍ଧହେମ
ସେହ ଗୋପୀଗଣ ମଧ୍ୟେ ଉତ୍ତମା ରାଧିକା
ରୂପେ ଗୁଣେ ସୌଭାଗ୍ୟେ ପ୍ରେମେ ସର୍ବାଧିକା।।

**ପାଦଟୀକା:**

୧-ମହୁ-ମାରୁ ଏଣେ ତଂ କଣହ ଗୋର ଅଂ ରହିଆ ଏଁ ଅବଣେତ୍ତୋ
ଏ ଆଁଣ ବଲ୍ଲବୀଣ; ଅନ୍ନାଣ ବି ଗୋର ଅଂ ହରସି।। (ଗାହାସତ୍ତସଈ)

୨-ତେଷାଂ ଗୋପବଧୂ ବିଳାସ ସୁହୃଦା ରାଧାରହଃ ସାକ୍ଷିଣାଂ
ଯେମଂ ଭଦ୍ର କଳିନ୍ଦ ରାଜ ତମୟାତୀରେ ଲତାବେଶ୍ମନାମ୍
ବିଚ୍ଛିନ୍ନେ ସ୍ମରତଳ୍ପକଳ୍ପ ନବିଧିଚ୍ଛେଦୋ ଯୋଗେହଧୁଣା
ତେ ଜାନେ କରଣୀ ଭବନ୍ତି ବିଗଳନ୍ନୀ ଲତ୍ୱିଷଃ-ପଲ୍ଲବା।।

୩-ରାମାନନ୍ଦ ରାୟ ମହାଭାଗବତ ପ୍ରଧାନ
ତେଁ ହୋ ଜାନାଇଲ-କୃଷ୍ଣ ସ୍ୱୟଂ ଭଗବାନ।।
ତାତେ ପ୍ରେମ ଭକ୍ତି ପୁରୁଷାର୍ଥ ଶିରୋମଣି
ରାଗମାର୍ଗେ ପ୍ରେମମାର୍ଗ ସର୍ବାଧିକ ଜାନି।।
ଦାସ୍ୟ ସଖ୍ୟ ବାତ୍ସଲ୍ୟ ମଧୁର ଭାବ ଆର
ଦାସ ସଖା ଗୁରୁ କାନ୍ତା ଆଶ୍ରୟ ଯାହାର।।
ଐଶ୍ୱର୍ଯ୍ୟ ଜ୍ଞାନ ଯୁକ୍ତ କେବଳା ଭାବ ଆର
ଐଶ୍ୱର୍ଯ୍ୟଜ୍ଞାନେ ନା ପାଇ ବ୍ରଜେନ୍ଦ୍ର କୁମାର।। (ଚୈତନ୍ୟ ଚରିତ୍ରାମୃତ, ଅନ୍ତ୍ୟଲୀଳା, ସପ୍ତମ)

୪- ଶୁଦ୍ଧପ୍ରେମ ବ୍ରଜ ଦେବୀର କାମ ଗନ୍ଧହୀନ
କୃଷ୍ଣସୁଖ ତାତ୍ପର୍ଯ୍ୟ ଏହି ତାର ଚିହ୍ନ।
ଗୋପୀଗଣେର ଶୁଦ୍ଧ ପ୍ରେମ ଐଶ୍ୱର୍ଯ୍ୟଜ୍ଞାନ ହୀନ
ପ୍ରେମେତେ ଭର୍ତ୍ସନା କରେ ଏଇ ତାର ଚିହ୍ନ।
ସର୍ବୋତ୍ତମ ଭଜନ ଏଇ ସର୍ବ ଭକ୍ତି ଜିନି
ଅତଏବ କୃଷ୍ଣ କହେ ଆମି ତୋମାର ଋଣୀ।।
ଐଶ୍ୱର୍ଯ୍ୟଜ୍ଞାନ ହୈତେ କେବଳା ଭାବ ପରମ ପ୍ରଧାନ
ଐଶ୍ୱର୍ଯ୍ୟଜ୍ଞାନେ ଭକ୍ତ ନାହିଁ ଉଦ୍ଧବ ସମାନ
ତୋହୋ ଯାର ପଦଧୂଳି କରେନ ପ୍ରାର୍ଥନ
ସ୍ୱରୂପେର ସଙ୍ଗେ ପାଇଲ ଏସବ ଶିକ୍ଷଣ।। (ଚୈତନ୍ୟ ଚରିତାମୃତ, ଅନ୍ତ୍ୟଲୀଳା, ସପ୍ତମ)

୫. ସୁଖରୂପ କୃଷ୍ଣକରେ ସୁଖ ଆସ୍ୱାଦନ
ଭକ୍ତଗଣେ ସୁଖ ଦିତେ ହ୍ଲାଦିନୀ କାରଣ।। (ଚୈତନ୍ୟ ଚରିତାମୃତ)

୬. କୃଷ୍ଣ ଭଗବତ୍ତାଜ୍ଞାନ ସଂବିତେର୍ ସାର
ବ୍ରହ୍ମଜ୍ଞାନଦିକ ସବ ତାର ପରିବାର।
ହ୍ଲାଦିନୀର ସାର ପ୍ରେମ ପ୍ରେମ ସାର ଭାବ
ଭାବେର ପରମ କାଷ୍ଠା ନାମ ମହାଭାବ।
ମହାଭାବ ସ୍ୱରୂପା ଶ୍ରୀରାଧା ଠାକୁରାଣୀ
ସର୍ବଗୁଣ ଖନି କୃଷ୍ଣକାନ୍ତା ଶିରୋମଣି।। (ଆଦିଲୀଳା, ଚତୁର୍ଥ ପରିଚ୍ଛେଦ)

୭-ପରକୀୟା ଭାବେ ଅତି ରସେର ଉଲ୍ଲାସ
ବ୍ରଜବିନା ଇହାର ଅନ୍ୟତ୍ର ନାହି ବାସ
ବ୍ରଜବଧୂଗଣେର ଏଇ ଭାବ ନିରବଧି
ତାର ମଧ୍ୟେ ଶ୍ରୀରାଧାର ଭାବେର ଅବଧି।।

୮. ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାରେ ବଲି କାମ
କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ଧରେ ପ୍ରେମ ନାମ।
କାମେର ତାତ୍ପର୍ଯ୍ୟ ନିଜ ସମ୍ଭୋଗ କେବଲ
କୃଷ୍ଣ ସୁଖ ତାତ୍ପର୍ଯ୍ୟ ପ୍ରେମ ହୟ ମହାବଲ।।

୯-ରାଧାପୂର୍ଣ୍ଣ ଶକ୍ତି କୃଷ୍ଣ ଶକ୍ତିମାନ
ଦୁଇ ବସ୍ତୁ ଭେଦ ନାହି ଶାସ୍ତ୍ର ପରମାଣ।।

୧୦-କୃଷ୍ଣକେ ଆହ୍ଲାଦ ତାତେ ନାମ ହ୍ଲାଦିନୀ
ସେଇ ଶକ୍ତିଦ୍ୱାରେ ସୁଖ ଆସ୍ୱାଦେ ଆପନି।
ପ୍ରେମେର ପରମ ସାର ମହାଭାବ ଜାନି
ସେଇ ମହାଭାବରୂପା ରାଧା ଠାକୁରାଣୀ।
ପ୍ରେମର ସ୍ୱରୂପ ଦେହ ପ୍ରେମ ବିଭାବିତ
କୃଷ୍ଣେର ପ୍ରେୟସୀ ଶ୍ରେଷ୍ଠା ଜଗତେ ବିଦିତ। (ଚୈ.ଚ, ମଧ୍ୟଲୀଳା, ଅଷ୍ଟମ ପରିଚ୍ଛେଦ)

୧୧. ପୂର୍ଣ୍ଣାନନ୍ଦମୟ ଆମି ଚିନ୍ମୟ ପୂର୍ଣ୍ଣତତ୍ତ୍ୱ
ରାଧିକାର ପ୍ରେମେ ଆମାର କରାୟ ଉନ୍ମତ୍ତ।
ନା ଜାନି ରାଧାର ପ୍ରେମେ କତ ଆଛେ ବଲ
ଯେ ବଲେ ଆମାରେ କରେ ସର୍ବଦା ବିହ୍ୱଳ।

ରାଧିକାର ପ୍ରେମ ଗୁରୁ ଆମି ଶିଷ୍ୟ ନଟ
ସଦା ଆମାର ନାନା ନୃତ୍ୟେ ନାଚାୟ ଉଦ୍ଭଟ।
୧୨. ସେଇଦିନ ହୈତେ ପ୍ରଭୁର ଆର ଦଶା ହୈଲ
କୃଷ୍ଣେର ବିରହ ଦଶା ଦ୍ୱିଗୁଣ ବାଢ଼ିଲ।।
ଉନ୍ମାଦ ପ୍ରଲାପ ଚେଷ୍ଟା କରେ ରାତ୍ରିଦିନେ
ରାଧା ଭାବା ବେଶେ ବିରହ ବାଢ଼େ ଅନୁକ୍ଷଣେ।।

**ଗ୍ରନ୍ଥସୂଚୀ:**


୧. ଗୋସ୍ୱାମୀ, ନାରାୟଣ(ସଂ)। ଶ୍ରୀଜୟଦାବ ଗୋସ୍ୱାମୀ ବିରଚିତ ଶ୍ରୀଗୀତଗୋବିନ୍ଦମ୍, ଶ୍ରୀକେଶବଜୀ ଗୌଡ଼ୀୟମଠ, ମଥୁରା, ପ୍ରଥମ ସଂସ୍କରଣ, ୨୦୦୩ ।

୨. ଶାସ୍ତ୍ରୀ, ଭଟ୍ଟ ମଥୁରା ନାଥ(ସଂ)। ସାତବାହନ ହାଲଙ୍କ ଗାଥା ସପ୍ତଶତୀ, ମୋତିଲାଲ ବନାରସ, ନୂଆଦିଲ୍ଲୀ, ପୁନଃ ମୁଦ୍ରଣ, ୧୯୮୩।

୩. ଶାସ୍ତ୍ରୀ, ଶିବରାଜ(ସଂ)। ଶ୍ରୀଭଟ୍ଟନାରାୟଣ ବିରଚିତ ବେଣୀସଂହାର, ସାହିତ୍ୟ ଭଣ୍ଡାର, ମେରଠ, ପଞ୍ଚମ ସଂସ୍କରଣ, ୧୯୭୯।

୪. ସ୍ୱାମୀ, ଭକ୍ତିଚାରୁ(ଅ)। ଶ୍ରୀଲ କୃଷ୍ଣଦାସ କବିରାଜ ଗୋସ୍ୱାମୀ କୃତ ଶ୍ରୀଚୈତନ୍ୟ-ଚରିତାମୃତ, ଭକ୍ତିବେଦାନ୍ତ ବୁକ୍ ଟ୍ରଷ୍ଟ, ପଶ୍ଚିମବଙ୍ଗ, ସପ୍ତମ ସଂସ୍କରଣ, ୨୦୦୨।


«««

BINDU BIMARSHA...


| Field | Details |
|---|---|
| Funding Statement | This research received no external funding |
| Conflict of Interest | No |
| Plagiarism Test | Yes (Drillbit) |
| Similarity Index | 0 % |
| Ethical Approval | Not applicable |
| Cite: | Nayak, Dr. Kalpataru. “Chaitanya Charitamruta : Shreerādhaa.” Bindu Bimarsha, vol. 2, no. 1, Jan. 2026, pp. 53–57. Crossref, https://doi.org/10.64647/bb.vol.2.issue.1.2026.10. |


CC BY NC

"କୌଣସି ସାଧୁ କାର୍ଯ୍ୟରେ ନିଃସ୍ୱାର୍ଥ ଭାବରେ ପ୍ରାଣପଣେ ଲାଗି ପଡ଼ିଲେ
ଦୟାମୟ ପ୍ରଭୁ ସହାୟ ହୁଅନ୍ତି"

-ବ୍ୟାସକବି ଫକୀରମୋହନ ସେନାପତି
ବାଲେଶ୍ୱରରେ ପ୍ରଥମ ଛାପାଖାନା, ଆତ୍ମଜୀବନୀଚରିତ


ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।

ଇ-ମେଲ୍- bindubimarsha@gmail.com

ଦୂରଭାଷ- ୯୪୩୯୫୧୫୫୭୯

www.bindubimarsha.in



3049-2807

9 773049 280009

Price - ₹200/-